ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୬/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, January 16/2026 | Page 14 | ₹ 7.00 | DHENKANAL
୫୨ଶ ଭାଗ ୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 54 | ମୂଲ୍ୟ ₹୭/-



**ହେମିଲ ପଟେଲ ପ୍ଲେୟର ଅଫ୍ ଦି ମ୍ୟାଚ**
ୟୁଏସ୍ଏ ବିପକ୍ଷ ଆଇସିସି ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଭାରତୀୟ ବୋଲର ହେମିଲ ପଟେଲ।
୧୪

୦୨
**ଗୁଜବକୁ ଗୁରୁତ୍ୱ ଦିଏନି: ମଲାଇକା**
ବ୍ୟକ୍ତିଗତ ଜୀବନକୁ ନେଇ ହେଉଥିବା ଗୁଜବକୁ ଗୁରୁତ୍ୱ ଦିଅନ୍ତି ନାହିଁ ବୋଲି ଅଭିନେତ୍ରୀ ମଲାଇକା ଆରୋରାଙ୍କ କହିଛନ୍ତି।



# ଗୋମାଂସକୁ ନେଇ ସୁନ୍ଦରଗଡ଼ରେ ଗୋଷ୍ଠୀ ସଂଘର୍ଷ

- ୧୨ ଆହତ, ୧୬୩ ଧାରା ଲାଗୁ
- ୨୪ ଘଣ୍ଟା ଇଣ୍ଟରନେଟ୍ ସେବା ବନ୍ଦ
- ଆଜି ସହରର ସ୍କୁଲ, କଲେଜ ବନ୍ଦ

ସୁନ୍ଦରଗଡ଼ ସହରରେ ଗୋମାଂସ ବିକ୍ରିକୁ କେନ୍ଦ୍ର କରି ଗୁରୁବାର ପୂର୍ବାହ୍ନରେ କିଛି ଲୋକ ବିରୋଧ କରିଥିଲେ । ଏହାକୁ ନେଇ ଅପରାହ୍ନରେ ୨ଗୋଷ୍ଠୀ ମଧ୍ୟରେ ସ୍ଥାନୀୟ ରିଜେଣ୍ଟ ମାର୍କେଟଠାରେ ସଂଘର୍ଷ ଘଟିଛି। ପଥର ଏବଂ ଲାଠି ମାଡ଼ରେ ୪ ପୋଲିସ ସମେତ ୧୨ ଜଣ ଆହତ ହୋଇଛନ୍ତି । ସ୍ଥିତି ଅତ୍ୟନ୍ତ ଗମ୍ଭୀର ଥିବାରୁ ଜିଲା ପ୍ରଶାସନ ପକ୍ଷରୁ ବିଏନ୍ଏସ୍ ୧୬୩ ଧାରା ଲାଗୁ କରାଯିବା ସହ କୌଣସି ପ୍ରକାର ଉତ୍ତେଜନାମୂଳକ ସନ୍ଦେଶ ପ୍ରଚାର ନ କରାଯିବା ଉଦ୍ଦେଶ୍ୟରେ ସନ୍ଧ୍ୟା ୬ଟାରୁ ୨୪ଘଣ୍ଟା ପାଇଁ ଇଣ୍ଟରନେଟ ସେବାକୁ ବନ୍ଦ ରଖାଯାଇଛି । ପ୍ରଶାସନ ପକ୍ଷରୁ ଶାନ୍ତି ବୈଠକ କରାଯାଇ ଉଭୟ ପକ୍ଷକୁ ବୁଝାଶୁଝା କରାଯାଇଛି । ସ୍ଥିତିକୁ ଦେଖି ଶୁକ୍ରବାର ସହରର ସମସ୍ତ ସ୍କୁଲ ଏବଂ କଲେଜ ବନ୍ଦ ରଖିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି ।



ସୁନ୍ଦରଗଡ଼ର ରିଜେଣ୍ଟ ମାର୍କେଟଠାରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ପରେ ସ୍ଥିତି ନିୟନ୍ତ୍ରଣାଧୀନ କରିବାକୁ ପୋଲିସର ଉଦ୍ୟମ।

**ସୁନ୍ଦରଗଡ଼,୧୫।୧(ଜୟନାରାୟଣ ମେଣ୍ଡୁଲି)** ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ରିଜେଣ୍ଟ ମାର୍କେଟରେ ଗୁରୁବାର ପୂର୍ବାହ୍ନରେ ଗୋମାଂସ ବିକ୍ରିହେଉଥିବା ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଏହାକୁ ବିରୋଧ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିଥିଲା। ହେଲେ ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ସ୍ଥିତି ଗମ୍ଭୀର ହୋଇଥିଲା। ଉଭୟ ଗୋଷ୍ଠୀର ବହୁ ଲୋକ ଏକାଠି ହୋଇ ପାଟିତୁଣ୍ଡ ☞ପୃଷ୍ଠା-୪

# ନିର୍ମାଣାଧୀନ ଡ୍ରେନ୍‌ରେ ପଡ଼ି ଯୁବକ ମୃତ

**ଭୁବନେଶ୍ୱର,୧୫।୧(ସତ୍ୟଜିତ ରାଉତ)** ଭୁବନେଶ୍ୱର ସାଲିଆ ସାହି ଦେଇ ଯାଇଥିବା ସହରରର ବାମ ସମାନ୍ତରାଳ ୨୦୦ ଫୁଟିଆ ରାସ୍ତାପାର୍ଶ୍ୱରେ ନିର୍ମାଣାଧୀନ ଡ୍ରେନ୍‌ରେ ପଡ଼ି ସାଲିଆସାହି ଆଦିବାସୀ ଗାଁର ସିନୁ ଗାଗରାଇ(୪୫)ଙ୍କ ମୃତ୍ୟୁ ଘଟିଛି। ବୁଧବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବା ବେଳେ ଗୁରୁବାର ଖବର ସାମ୍ନାକୁ ଆସିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ଅବହେଳା ପାଇଁ ଏକ ନିରୀହ ଜୀବନ ଚାଲିଗଲା ବୋଲି ଅଭିଯୋଗ ହୋଇଛି। ତେବେ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପକ୍ଷରୁ ପରିବାର ଲୋକଙ୍କୁ ସିନୁଙ୍କ ମୃତଦେହ ହସ୍ତାନ୍ତର କରାଯାଇଛି। ପରିବାର ଲୋକମାନେ ସିନୁଙ୍କ ଅନ୍ତିମ ସତ୍କାର କରିଛନ୍ତି। ଏନେଇ ସିନୁଙ୍କ ପୁଅ ରାମ୍‌ସିଂ ଗାଗରାଇଙ୍କ ରିପୋର୍ଟ ଆଧାରରେ ମୈତ୍ରୀବିହାର ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ସିନୁ ଆଦିବାସୀ ଗାଁରେ ପରିବାର ସହ ରହୁଛନ୍ତି। ତାଙ୍କର ଦୁଇ ପୁଅ ଥିବା ବେଳେ ବହୁଦିନ ହେବ ସ୍ତ୍ରୀ ଛାଡି ଅନ୍ୟତ୍ର ପଳାଇଯାଇଛନ୍ତି। ବୁଧବାର ସିନୁ ପରିବାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଆମେରିକାର ସାମ୍ରାଜ୍ୟବାଦ**

# ଅରବିନ୍ଦ, ସନାତନ ବିଜେଡିରୁ ବିଦା

**ଭୁବନେଶ୍ୱର,୧୫।୧(ସୁନିତ୍ ମିଶ୍ର)** ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କୁ ଗୁରୁବାର ବିଜେଡିରୁ ନିଲମ୍ବନ କରାଯାଇଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ବିଜେଡି ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ଜାରି କରାଯାଇଛି। ଦଳ ବିରୋଧୀ କାର୍ଯ୍ୟରେ ଉଭୟେ ଜଡ଼ିତଥିବା ଦର୍ଶାଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଭଳି ଏକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ କେତେଜଣ ବରିଷ୍ଠ ନେତା ଆଗକୁ ଆସି ଉଭୟ ନେତା ବିଶ୍ୱାସଘାତକ ଥିଲେ, ଦଳରେ ସେଭଳି ବ୍ୟକ୍ତିଙ୍କ ପାଇଁ ଜାଗା ନାହିଁ ବୋଲି କହିଛନ୍ତି। ନିଲମ୍ବନ ଆଦେଶ ଘୋଷଣା ହେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅରବିନ୍ଦ କହିଛନ୍ତି, ଆଜି ପର୍ଯ୍ୟନ୍ତ ସେ କୌଣସି ମେଳିକୁ ଯାଇନାହାନ୍ତି। ସବୁବେଳେ ସେ ତାଙ୍କ ନିର୍ବାଚନମଣ୍ଡଳୀ ଭିତରେ ରହିଛନ୍ତି। କେଉଁ ଭୋଜିଭାତକୁ ବି ଯାଇନାହାନ୍ତି। ଦଳର ହ୍ୱିପ୍‌କୁ ମଧ୍ୟ ସେ କେବେ ଅମାନ୍ୟ କରିନାହାନ୍ତି। ସେପରି କିଛି ବିବାଦୀୟ ମନ୍ତବ୍ୟ ଦେଇନାହାନ୍ତି। ସେ କାହିଁକି ଦଳରୁ ନିଲମ୍ବନ ହୋଇଛନ୍ତି ସେକଥା ଜାଣିବା ପରେ ହିଁ ଯାହାକିଛି କହିବେ ବୋଲି ଅରବିନ୍ଦ କହିଛନ୍ତି। ସନାତନ ମହାକୁଡ଼ ପ୍ରତିକ୍ରିୟା ଦେଇ କହିଛନ୍ତି, ଦଳର ପ୍ରତିଷ୍ଠା ☞ପୃଷ୍ଠା-୪


ଅରବିନ୍ଦ ମହାପାତ୍ର


ସନାତନ ମହାକୁଡ଼






ନୂଆଦିଲ୍ଲୀସ୍ଥିତ ସମ୍ବିଧାନ ସଦନରେ ଗୁରୁବାର ରାଜ୍ୟଗୋଷ୍ଠୀ ଦେଶଗୁଡ଼ିକର ବାଚସ୍ପତି ଏବଂ ପ୍ରିଜାଇଡିଂ ଅଫିସରମାନଙ୍କ ୨୮ତମ ସମ୍ମିଳନୀ ଉଦ୍‌ଘାଟନ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଓ ଅନ୍ୟମାନେ ଯୋଗ ଦେଇଛନ୍ତି।

# ମମତାଙ୍କୁ ସୁପ୍ରିମକୋର୍ଟ ଝଟକା

**ନୂଆଦିଲ୍ଲୀ,୧୫।୧(ପି.ଟି.)**

## କେନ୍ଦ୍ରୀୟ ତଦନ୍ତରେ ବାଧାଦେବା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ



ମମତା ବାନାର୍ଜୀ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଧା ସୃଷ୍ଟି କରିବା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଫଳରେ ତୃଣମୂଳ କଂଗ୍ରେସ ନେତ୍ରୀଙ୍କୁ ବଡ଼ ଝଟକା ଲାଗିଛି। କୌଣସି ଗୁରୁତର ଅପରାଧ ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ତଦନ୍ତରେ ରାଜ୍ୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ହସ୍ତକ୍ଷେପ କରିପାରିବ କି ନାହିଁ, ତାହାର ଅନୁଧ୍ୟାନ କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ରାଜନୈତିକ ପରାମର୍ଶଦାତା ସଂସ୍ଥା ଆଇ-ପିଏସି କାର୍ଯ୍ୟାଳୟ ଓ ଏହାର ମୁଖ୍ୟଙ୍କ ଘର ଉପରେ ଚଢ଼ାଉ କରିଥିବା ଇଡି ଅଧିକାରୀଙ୍କ ବିରୋଧରେ ରାଜ୍ୟ ସରକାର ଦାଏର କରିଥିବା ଏତଲା ଉପରେ ଅଦାଲତ ସ୍ଥଗିତାଦେଶ ଲଗାଇଛନ୍ତି। ଏଥିସହିତ ଚଢ଼ାଉ ସମୟର ସିସିଟିଭି ଫୁଟେଜ୍‌କୁ ସୁରକ୍ଷିତ ରଖିବା ପାଇଁ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରା ଏବଂ ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ରାଜ୍ୟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଚଢ଼ାଉରେ ବାଧାଦେବା ଘଟଣାର ସିବିଆଇ ତଦନ୍ତ ନିମନ୍ତେ ଇଡି ପିଟିଶନ୍‌ରେ ନିବେଦନ କରିଥିବାରୁ ଖଣ୍ଡପୀଠ ମମତାଙ୍କ ସମେତ ପଶ୍ଚିମବଙ୍ଗ ସରକାର, ପୋଲିସ ଡିଜି ରାଜୀବ କୁମାର ଏବଂ ଶୀର୍ଷ ପୋଲିସ ଅଧିକାରୀମାନଙ୍କୁ ନୋଟିସ ଜାରି କରିଛନ୍ତି। କୋଇଲା ଦୁର୍ନୀତି ସହ ଜଡ଼ିତ ଇଣ୍ଡିଆନ ପଲିଟିକାଲ ଆକ୍ସନ କମିଟି (ଆଇ-ପିଏସି) କାର୍ଯ୍ୟାଳୟ ଏବଂ ଏହାର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ବାସଭବନ ଉପରେ ଚଢ଼ାଉ ବେଳେ ପଶ୍ଚିମବଙ୍ଗ ସରକାର ଏବଂ ନିଜେ ମୁଖ୍ୟମନ୍ତ୍ରୀ ମମତା ହସ୍ତକ୍ଷେପ କରିବା ସହ ବାଧା ସୃଷ୍ଟି କରିଥିଲେ ବୋଲି ଇଡି ଅଭିଯୋଗ କରିଥିଲା।

# ଲିଭିଯାଉଛି ଅଙ୍ଗୁଳି କାଳି

**ମୁମ୍ବାଇ,୧୫।୧**

## ବିଏମ୍‌ସି ନିର୍ବାଚନରେ ଅନିୟମିତତା ଅଭିଯୋଗ ଆଣିଲେ ଠାକ୍‌ରେ ଭ୍ରାତା

ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ସମେତ ମହାରାଷ୍ଟ୍ରର ୨୯ ମହାନଗର ନିଗମ ପାଇଁ ଗୁରୁବାର ସନ୍ଧ୍ୟାରେ ଭୋଟ ଗ୍ରହଣ ଶେଷ ହୋଇଛି। କିନ୍ତୁ ପ୍ରାୟ ୩ ବର୍ଷ ବିଳମ୍ବରେ ଅନୁଷ୍ଠିତ ଏହି ନିର୍ବାଚନ ବେଳେ ମତଦାନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ୍ ଠାକ୍‌ରେ ଅଭିଯୋଗ ଆଣିଛନ୍ତି। ଏହାବ୍ୟତୀତ ରାଜ୍ୟର ଅନ୍ୟ କେତେକ ମହାନଗର ନିଗମ ନିର୍ବାଚନ ବେଳେ ମଧ୍ୟ କାଳି ପରିବର୍ତ୍ତେ ମାର୍କର ପେନ୍ ବ୍ୟବହାର ହୋଇଥିବା ଏବଂ ଅଙ୍ଗୁଳିରୁ ଅଲିଭା କାଳି ସହଜରେ ଲିଭିଯାଇଥିବା ଅଭିଯୋଗ ଆସିଛି।

ବାର୍ଷିକ ୭୪,୪୦୦ କୋଟି ଟଙ୍କାର ବଜେଟ୍ ଥିବା ବିଏମ୍‌ସି ନିର୍ବାଚନ ପାଇଁ ଗୁରୁବାର ସକାଳ ୭ଟା ୩୦ରେ ମତଦାନ ଆରମ୍ଭ ହୋଇଥିଲା। ସୁରୁଖୁରୁରେ ଭୋଟ ଗ୍ରହଣ ଲାଗି ମୋଟ ୧୦,୨୩୧ ବୁଥ୍ କରାଯାଇଥିଲା। ଏଥିରେ ୬୪,୩୭୫ ଅଫିସର ଓ କର୍ମଚାରୀ ନିୟୋଜିତ ହୋଇଥିଲେ। ନିର୍ବାଚନ ଦାୟିତ୍ୱରେ ନିୟୋଜିତ ଗାଡ଼ିଗୁଡ଼ିକର ଗତିବିଧି ଅନୁଧ୍ୟାନ ପାଇଁ ମହାନଗର ନିଗମ ନିର୍ବାଚନରେ ପ୍ରଥମ ଥର ଜିଓ-ଫେନ୍ସି ଓ ଲାଇଭ୍ ଭେହିକିଲ ଟ୍ରାକିଂ ସିଷ୍ଟମ୍ ଆରମ୍ଭ କରାଯାଇଥିଲା। ନିର୍ବାଚନ ପରିଚାଳନା ପାଇଁ ୧,୦୨୩ ବିଇଏସ୍‌ଟି ବସ୍, ୧୦୧ ରାଜ୍ୟ ପରିବହନ ନିଗମ ବସ୍, ୧,୧୬୦ ଘରୋଇ ବସ୍ ଏବଂ ୫୮୧ ଟ୍ୟାକ୍ସି ସମେତ ୨,୮୬୫ ଯାନବାହନ ନିୟୋଜିତ ହୋଇଥିଲା। ୨୨୭ ଆସନ ପାଇଁ ୧,୭୦୦ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିଲେ। ଅପରାହ୍ଣ ୫ଟା ୩୦ ସୁଦ୍ଧା ୪୬-୫୦% ମତଦାନ ହୋଇଥିବା ରାଜ୍ୟ ନିର୍ବାଚନ ଆୟୋଗ (ଏସ୍‌ଇସି) ଦୀନେଶ ୱାଘମରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଏତେ ବନ୍ଦୋବସ୍ତ ସତ୍ତ୍ୱେ କେତେକ ସ୍ଥାନରେ ଅଙ୍ଗୁଳିର ଅଲିଭା କାଳି ଲିଭିଯାଇଥିବା ଅଭିଯୋଗ ଆଣି ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜ୍ ଠାକ୍‌ରେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ କହିଛନ୍ତି, ଶାସକ ମହାୟୁତିକୁ ସୁହାଇଲା ଭଳି ଅସାଧୁ ଉପାୟ ଅବଲମ୍ବନ କରାଯାଇଛି। ପୂରା ପ୍ରଶାସନ ସରକାରଙ୍କୁ ଜିତାଇବା ପାଇଁ ଲାଗିପଡ଼ିଛି। କ୍ଷମତା ଦୁରୁପଯୋଗର ବି ସୀମା ଥାଏ। ତେବେ ପ୍ରତିଦ୍ୱନ୍ଦ୍ୱୀ ଦଳଗୁଡ଼ିକ ଏପରି କାର୍ଯ୍ୟ କରୁଥିଲେ ଏମ୍‌ଏନ୍‌ଏସ୍ କର୍ମୀମାନେ ସତର୍କ ହୁଅନ୍ତୁ ବୋଲି ରାଜ୍ ଆହ୍ୱାନ ଦେଇଥିଲେ। ସେହିପରି ଶିବସେନା ମୁଖ୍ୟ ଉଦ୍ଧବ କହିଛନ୍ତି, ରାଜ୍ୟରେ ମହାନଗର ନିଗମ ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି। ସାନିଟାଇଜର ଲଗାଇଲେ ଭୋଟରଙ୍କ ଅଙ୍ଗୁଳିରୁ ସହଜରେ କାଳି ଲିଭିଯାଉଛି। ଏହା ଗଣତନ୍ତ୍ରର ହତ୍ୟା ଉଦ୍ୟମ ସଦୃଶ। ଭାଜପାର ବର୍ବର, ଠକ, ଦୁର୍ନୀତିଗ୍ରସ୍ତ ଓ ଏକଚ୍ଛତ୍ରବାଦୀ ଶାସନକୁ ହଟାଇବା ପାଇଁ ଉଦ୍ଧବ ଆହ୍ୱାନ ଦେଇଥିଲେ। ଏସ୍‌ଇସି ୱାଘମରେ ସରକାରଙ୍କୁ ସୁହାଇଲା ଭଳି କାର୍ଯ୍ୟ କରିଥିବାରୁ ତାଙ୍କୁ ତୁରନ୍ତ ନିଲମ୍ବନ କରାଯାଉ ବୋଲି ଉଦ୍ଧବ ଦାବି କରିଛନ୍ତି।

ସେପଟେ ଭୋଟିଂ ବେଳେ ପୁଣେସ୍ଥିତ ଭାଜପାର କେତେକ ଅଫିସରେ କାଳି ଲିଭା ମାର୍କର ଠାବ ହୋଇଥିଲା। ଏହି ଅଭିଯୋଗ ଆସିବା ପରେ ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) କର୍ମୀମାନେ ଭାଜପା ଅଫିସକୁ ଧସେଇ ପଶି କାଳି ଲିଭାଇବା ପାଇଁ ଉଦ୍ଦିଷ୍ଟ କ୍ଲିନର୍ ବୋତଲ ଠାବ କରିଥିଲେ। ଏପରି କି ଭାଜପା କର୍ମୀମାନେ କେତେଜଣ ମହିଳା ଭୋଟରଙ୍କ ଅଙ୍ଗୁଳିର କାଳି ହଟାଇ ପୁଣି ମତଦାନ କରିବାକୁ ପ୍ରବର୍ତ୍ତାଉଥିଲେ ବୋଲି ଏନ୍‌ସିପି ନେତା ରୂପାଲୀ ଚକନକାର କହିଛନ୍ତି। ଏନେଇ ଏନ୍‌ସିପି ପକ୍ଷରୁ ଭାଜପା ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି। ଏହାବାଦ୍ ଅନେକ ବୁଥ୍‌ରେ ମତଦାତାମାନେ ଭୋଟର ଲିଷ୍ଟରେ ସେମାନଙ୍କ ନାମ ନ ଥିବା ଅଭିଯୋଗ ଆଣିଥିଲେ। ୨୦୨୪ ଲୋକ ସଭା ନିର୍ବାଚନ ବେଳେ ଭୋଟ ଦେଇଥିବା ମତଦାତା ମହାନଗର ନିଗମ ନିର୍ବାଚନ ବେଳେ ତାଲିକାରେ ସେମାନଙ୍କ ନାମ ନ ପାଇ ଘରକୁ ଫେରିଯାଇଥିବା ଅଭିଯୋଗ ହୋଇଛି। ବିଏମ୍‌ସି କମିଶନର ଭୂଷଣ ଗଗରାନି କହିଛନ୍ତି, କାଳିକୁ ନେଇ ଆସିଥିବା ଅଭିଯୋଗ ଉପରେ ଆମେ ତଦନ୍ତ କରିବୁ। ନଖରେ ଲାଗିଥିବା କାଳିକୁ ଲିଭାଯାଇପାରିବ କିନ୍ତୁ ସ୍କିନ୍‌ରୁ କାଳି ହଟାଯାଇପାରିବ ନାହିଁ ବୋଲି ପ୍ରାରମ୍ଭିକ ଅନୁଧ୍ୟାନରୁ ଜଣାପଡ଼ିଛି। ଭୋଟରଙ୍କ ହାତରୁ ଯେପରି କାଳି ନ ଲିଭିବ ତାହା ରିଟର୍ନିଂ ଅଫିସରମାନେ ସୁନିଶ୍ଚିତ କରନ୍ତୁ ବୋଲି ଏସ୍‌ଇସି ୱାଘମରେ କହିଥିଲେ। ଏପରି କି ଯେଉଁ ଭୋଟରମାନେ ନିଜ ଅଙ୍ଗୁଳିରୁ କାଳି ଲିଭାଉଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କାରଣ ୨ ଥର ଭୋଟ ଦେବା ଏକ ଅପରାଧ।

ପ୍ରକାଶ ଯେ, ଏହା ପୂର୍ବରୁ ୨୦୧୭ ଫେବୃଆରୀରେ ବିଏମ୍‌ସି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୨୦୨୨ରେ ୫ ବର୍ଷିଆ ଅବଧି ପୂରଣ ହୋଇଥିଲା। କିନ୍ତୁ ଓବିସି ସଂରକ୍ଷଣ ବିବାଦ, ୱାର୍ଡ ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗ ଓ କୋଭିଡ୍-୧୯ ମହାମାରୀ ଯୋଗୁ ନିର୍ବାଚନକୁ ବାରମ୍ବାର ସ୍ଥଗିତ ରଖାଯାଇଥିଲା। ଗତ ୪ ବର୍ଷ ହେଲା ସରକାର-ନିଯୁକ୍ତ ପ୍ରଶାସକଙ୍କ ଦ୍ୱାରା ବିଏମ୍‌ସି ପରିଚାଳିତ ହେଉଥିଲା। ମୁମ୍ବାଇ ସହ ଛତ୍ରପତି ସମ୍ଭାଜୀନଗର, ନଭି ମୁମ୍ବାଇ, ଭସାଇ-ଭିରାର, କଲ୍ୟାଣ-ଦୋମ୍ବିଭ୍ଲି, କୋହ୍ଲାପୁର, ନାଗପୁର, ସୋଲାପୁର, ଅମରାବତୀ, ଅକୋଲା, ନାଶିକ, ପିମ୍ପରି-ଚିଞ୍ଚୱାଡ୍, ପୁଣେ, ଉହ୍ଲାସନଗର, ଠାଣେ, ଚନ୍ଦ୍ରପୁର, ପରଭାନି, ମୀରା-ଭୟଣ୍ଡର, ନାନ୍ଦେଡ-ୱାଘଲା, ପନ୍‌ଭେଲ, ଭିୱଣ୍ଡି-ନିଜାମପୁର, ଲାତୁର, ମାଲେଗାଓଁ, ସାଙ୍ଗ୍ଲି-ମିରାଜ-କୁପୱାଡ୍, ଜଲଗାଓଁ, ଅହିଲ୍ୟାନଗର, ଧୁଲେ, ଜଲ୍‌ନା ଓ ଇଚାଲକରଞ୍ଜି ମହାନଗର ନିଗମ ପାଇଁ ମଧ୍ୟ ଭୋଟ ଗ୍ରହଣ ହୋଇଛି। ତେବେ ବିଏମ୍‌ସି ସମେତ ୨୯ ମହାନଗର ନିଗମ ମଧ୍ୟରୁ କାହା ଦଖଲକୁ କେଉଁଟା ଯାଉଛି ତାହା ଶୁକ୍ରବାର ଭୋଟ ଗଣତି ପରେ ସ୍ପଷ୍ଟ ହେବ।



ଉଦ୍ଧବ ଠାକ୍‌ରେଙ୍କ ସହ ସ୍ତ୍ରୀ ରଶ୍ମୀ, ୨ ପୁଅ ଆଦିତ୍ୟ ଓ ତେଜସ୍ ଠାକ୍‌ରେ ମତଦାନ ପରେ ଅଙ୍ଗୁଳି ଦେଖାଉଛନ୍ତି।



ରାଜ୍ ଠାକ୍‌ରେଙ୍କ ସହ ପୁଅ ଅମିତ୍ ଠାକ୍‌ରେ।

## ଅପରେଶନ ସିନ୍ଦୂରରେ ଆତଙ୍କବାଦୀ ଭିତ୍ତିଭୂମି ଧ୍ୱଂସ ହୋଇଥିଲା: ଲଶ୍କର କମାଣ୍ଡର

**ନୂଆଦିଲ୍ଲୀ,୧୫।୧**

ଭାରତର ଅପରେଶନ ସିନ୍ଦୂର ପାକିସ୍ତାନର ମୁରିଦକେସ୍ଥିତ ଆତଙ୍କବାଦୀ ସଂଗଠନର ମୁଖ୍ୟ କେନ୍ଦ୍ର ଧ୍ୱଂସ ହୋଇଯାଇଥିଲା ବୋଲି ପାକ୍ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା କମାଣ୍ଡର ହାଫିଜ୍ ଅବଦୁଲ ରୌଫ୍ ସର୍ବସାଧାରଣରେ ସ୍ୱୀକାର କରିଛନ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଗତବର୍ଷ ମେ' ୬-୭ ରାତିରେ ମୁରିଦ୍‌କେସ୍ଥିତ ମର୍କଜ-ଇ-ତୋଇବା ମୁଖ୍ୟାଳୟ ଉପରେ ଭାରତୀୟ ସେନା ଆକ୍ରମଣ କରିବାରୁ ଏହା ନିଶ୍ଚିହ୍ନ ହୋଇଯାଇଥିଲା ବୋଲି ରୌଫ ଏକ ଜନସମାବେଶରେ କହିଛନ୍ତି। ଉକ୍ତ ଆକ୍ରମଣ ଏତେ ବଡ଼ ଥିଲା ଯେ ସମ୍ପୂର୍ଣ୍ଣ ବିଲ୍ଡିଂଟି ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା। ଭାରତର ସାମରିକ ଅଭିଯାନର ସଫଳତା ସମ୍ପର୍କରେ ଲଶ୍କର ସଂଗଠନ ପ୍ରଥମ ଥର ପାଇଁ ସ୍ପଷ୍ଟ କରିଛି।

## ସିଙ୍ଗାପୁର ବିରୋଧୀ ଦଳ ନେତା ପ୍ରିତମ୍ ସିଂ ବିଦା

**ସିଙ୍ଗାପୁର,୧୫।୧(ପି.ଟି.)**



ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍ ଭାରତୀୟ ବଂଶୋଦ୍ଭବ ୱାର୍କର୍ସ ପାର୍ଟି ମୁଖ୍ୟ ପ୍ରିତମ୍ ସିଂଙ୍କୁ ବିରୋଧୀ ଦଳ ନେତା ପଦରୁ ହଟାଇ ଦେଇଛନ୍ତି। ଉକ୍ତ ପଦବୀ ପୂରଣ ପାଇଁ ବିରୋଧୀ ଦଳ ଅନ୍ୟ ଜଣେ ଏମ୍‌ପିଙ୍କୁ ମନୋନୀତ କରିବା ପାଇଁ କୁହାଯାଇଛି। ସିଂ ଆପରାଧିକ ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବାରୁ ତାଙ୍କୁ ବିରୋଧୀ ଦଳ ନେତା ପଦରୁ ହଟାଯାଇଛି। ପାର୍ଲାମେଣ୍ଟ ସିଂଙ୍କୁ ଅନୁପଯୁକ୍ତ ବିବେଚନା କରିଥିବାରୁ ସେ ପଦବୀରେ ରହିବା ତର୍କସଙ୍ଗତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## କାର୍ଗୋ କଣ୍ଟେନରକୁ ଟାଣିନେଲା ଏୟାର ଇଣ୍ଡିଆ ବିମାନ ଇଞ୍ଜିନ

**ନୂଆଦିଲ୍ଲୀ,୧୫।୧**

ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ପାର୍କିଂ ବେ'ରେ ଗୁରୁବାର ସକାଳେ ନ୍ୟୁୟର୍କ ଯିବାକୁ ଥିବା ଏୟାରଇଣ୍ଡିଆର ଏୟାରବସ୍ ଏ୩୫୦(ଭିଟି-ଜେଆର୍‌ବି) ଇଞ୍ଜିନ୍ ଗୋଟିଏ ଲଗେଜ୍ କଣ୍ଟେନରକୁ ଟାଣି ନେଇଥିଲା। ଫଳରେ ଏହାର ଡାହାଣ ପାର୍ଶ୍ୱ ଇଞ୍ଜିନ୍‌ଟି ନଷ୍ଟ ହୋଇଯାଇଛି। ବିମାନ ଉଡ଼ାଣକୁ ବାତିଲ କରାଯାଇଛି। ବିମାନଟି ଦିଲ୍ଲୀରୁ ନ୍ୟୁୟର୍କ ଉଡ଼ାଣ ଆରମ୍ଭ କରିଥିଲା। ତେବେ ଇରାନ ଆକାଶମାର୍ଗ ଅବାଞ୍ଛିତ ଭାବେ ବନ୍ଦ କରିଦିଆଯିବାରୁ ଉକ୍ତ ବିମାନକୁ ଦିଲ୍ଲୀ ଫେରିବାକୁ ହୋଇଥିଲା। ଏହି ସମୟରେ ବିମାନଟି ଘନ କୁହୁଡ଼ି ମଧ୍ୟରେ ପାର୍କିଂ କରୁଥିବାବେଳେ ଏକ ବିଦେଶୀ ବସ୍ତୁ ସହ ଲାଗିଯିବାରୁ ଡାହାଣ ପାର୍ଶ୍ୱ ଇଞ୍ଜିନ୍ ଏହାକୁ ଭିତରକୁ ଟାଣିନେଇଥିଲା। ଫଳରେ ଇଞ୍ଜିନ୍ କ୍ଷତିଗ୍ରସ୍ତ ହୋଇଛି।

## ରାକେଶ ଅଗ୍ରୱାଲ ଏନ୍‌ଆଇଏ ଡିଜି

**ନୂଆଦିଲ୍ଲୀ,୧୫।୧**

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୧୯୯୪ ବ୍ୟାଚ୍‌ର ହିମାଚଳପ୍ରଦେଶ କ୍ୟାଡରର ଆଇପିଏସ୍ ଅଫିସର ରାକେଶ ଅଗ୍ରୱାଲଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର



ମହାନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତି ପ୍ରଦାନ କରିଛି। ସେ ୨୦୨୮ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ରାକେଶଙ୍କୁ ଗତବର୍ଷ ଡିସେମ୍ବରରେ ଏନ୍‌ଆଇଏର ଅନ୍ତରୀଣ ମୁଖ୍ୟ ନିଯୁକ୍ତି ଦିଆଯାଇଥିଲା। ଏବେ ତାଙ୍କୁ ଡିଜି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଏହା ପୂର୍ବରୁ ସେ ୨୦୨୫ ସେପ୍ଟେମ୍ବରରୁ ଉକ୍ତ ତଦନ୍ତକାରୀ ସଂସ୍ଥାର ସ୍ପେଶାଲ ଡିଜି ଭାବେ କାର୍ଯ୍ୟ କରୁଥିଲେ।

# ତେହରାନ ରାସ୍ତାରୁ ମୃତଦେହ ହଟାଉଛି ବୁଲ୍‌ଡୋଜର

**ନୂଆଦିଲ୍ଲୀ,୧୫।୧**

- ମୃତଦେହ ପାଇବାକୁ ଅର୍ଥ ପୈଠ କରିବାକୁ ପଡ଼ୁଛି
- ଭାରତରେ ଥିବା ଇରାନୀୟଙ୍କ ସୂଚନା

ଇରାନରେ ମାତ୍ରାଧିକ ମୁଦ୍ରାସ୍ଫୀତି ଓ ଆର୍ଥିକ ସଙ୍କଟକୁ ନେଇ ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ହେଲା ସରକାର ବିରୋଧୀ ବିକ୍ଷୋଭ ଲାଗି ରହିଥିବାବେଳେ ଏହାକୁ ଦମନ କରିବା ପାଇଁ ସରକାର ବଳ ପ୍ରୟୋଗ କରୁଛନ୍ତି। ପ୍ରତିବାଦକାରୀଙ୍କୁ ଗୁଳି କରିଦିଆଯାଉଛି। ଇରାନ ରାଜଧାନୀ ତେହରାନ୍‌ର ହସ୍ପିଟାଲଗୁଡ଼ିକ ମୃତଦେହରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ତେହରାନ ରାସ୍ତାରୁ ବୁଲ୍‌ଡୋଜର ସହାୟତାରେ ମୃତଦେହକୁ ହଟାଯାଉଥିବା ନେଇ ଭାରତରେ ଥିବା ଜଣେ ଇରାନୀୟ ଯୁବକ କହିଛନ୍ତି। ସେ ତାଙ୍କ ବାପାଙ୍କ ସହ ଟେଲିଫୋନ୍ ଯୋଗେ କଥା ହେଲାବେଳେ ଉପରୋକ୍ତ ସୂଚନା ପାଇଛନ୍ତି। ଗୁଳିମାଡ଼ରେ ପିଲା ମରୁଥିବାବେଳେ ଏଥିପାଇଁ ପରିବାରକୁ ପୈଠ କରିବାକୁ ପଡ଼ୁଛି। ଭାରତରେ ରହିଥିବା ଇରାନୀୟମାନେ ସେଠାର କରୁଣ ସ୍ଥିତି ସମ୍ପର୍କରେ ସେମାନଙ୍କ ସମ୍ପର୍କୀୟଙ୍କଠାରୁ ଜାଣିବାକୁ ପାଇଛନ୍ତି।

ଦକ୍ଷିଣ ଭାରତର ଏକ ସହରରେ ରହୁଥିବା ଅବଗିନେ ଖାକି ତେହରାନ ବାସିନ୍ଦା। ମଙ୍ଗଳବାର ସନ୍ଧ୍ୟାରେ ସେ ତାଙ୍କ ମା'ବାପାଙ୍କ ସହ ଟେଲିଫୋନ୍‌ରେ କଥା ହୋଇଥିଲେ। ସେମାନେ ସୁରକ୍ଷିତ ଥିଲେ ମଧ୍ୟ ଚାରିଆଡ଼େ ମୃତଦେହ ପଡ଼ିରହିଛି। ହସ୍ପିଟାଲଗୁଡ଼ିକ ମୃତଦେହରେ ଭର୍ତ୍ତି ହୋଇଥିବାବେଳେ ବୁଲ୍‌ଡୋଜରରେ ରାସ୍ତାରୁ ମୃତଦେହ ହଟାଯାଉଥିବା ଖାକିଙ୍କୁ ତାଙ୍କ ବାପା କହିଥିବା ନେଇ ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୫୦୦ ନିୟୁତ ଟୋମାନ (୩,୬୦୦୦୦ ଟଙ୍କା) ପୈଠ ନ କଲେ ପରିବାର ଲୋକେ ମୃତଦେହ ପାଇପାରୁ ନାହାନ୍ତି। କେତେଜଣ ଅଫିସର ଗୁଳିର ମୂଲ୍ୟ ମଧ୍ୟ ଦାବି କରୁଛନ୍ତି। ନିଜ ଲୋକମାନଙ୍କ ପାଇଁ ତାହା କିପରି ରାଷ୍ଟ୍ର ବୋଲି ଖାକି କହିଛନ୍ତି।

ଇରାନରେ ଆର୍ଥିକ ସ୍ଥିତି ଏଭଳି ସ୍ତରରେ ପହଞ୍ଚିଛି ଯେ ଲୋକେ ବଞ୍ଚିରହିବା ପାଇଁ ସଂଘର୍ଷ କରୁଛନ୍ତି। ରୁଟି ଓ ଅଣ୍ଡା କିଣିବାକୁ ଲୋକେ ସକ୍ଷମ ନୁହନ୍ତି। ତେଣୁ ଶାସନ ବଦଳାଇବା ପାଇଁ ଦେଶବାସୀ ରାସ୍ତାକୁ ଓହ୍ଲାଇଛନ୍ତି। ଠିକ୍ ସମୟରେ ପ୍ରତିବାଦର ସ୍ୱର ଉଠାଇ ନ ଥିବାରୁ ବରିଷ୍ଠ ପିଢ଼ି ଏବେ ଅନୁତାପ କରୁଛନ୍ତି। ଏବେ ସେମାନେ ଯୁବବର୍ଗଙ୍କୁ ସମର୍ଥନ କରିବା ସହ ଯେକୌଣସି ପରିସ୍ଥିତିରେ ସରକାର ହଟିବା ଚାହାନ୍ତି।

ନିକଟରେ ଭାରତରୁ ଫିନ୍‌ଲାଣ୍ଡ ଯାଇଥିବା ବହାର ଘୋରବାନି ନାମକ ଇରାନୀୟ ତାଙ୍କ ସମ୍ପର୍କୀୟଙ୍କ ସହ ୩୦ ସେକେଣ୍ଡ କଥା ହେବାର ସୁଯୋଗ ପାଇଥିଲେ। ପ୍ରତିଦିନ ଅପରାହ୍ଣ ୩ଟାରୁ ତା' ପରଦିନ ସକାଳ ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ରହୁଛି। ରାସ୍ତାରେ ରିଭଲ୍ୟୁଶନାରି ଗାର୍ଡ ପଇଁତରା ମାରୁଛନ୍ତି। ଲୋକେ ମରିବା ଜାଣି ମଧ୍ୟ ପ୍ରତିବାଦ ପାଇଁ ରାସ୍ତାକୁ ଓହ୍ଲାଉଛନ୍ତି। ସେମାନଙ୍କୁ ଗୁଳି କରାଯାଉଛି। ମହିଳା ଓ ପିଲାମାନଙ୍କୁ ମଧ୍ୟ ସୈନ୍ୟମାନେ ଛାଡ଼ୁ ନ ଥିବା ବହାର କହିଛନ୍ତି। ଇରାନରେ ଥିବା ଭାରତୀୟ ଦୂତାବାସ ଏହାର ନାଗରିକମାନଙ୍କ ପାଇଁ ବୁଧବାର ଆଡଭାଇଜରି ଜାରି କରିଥିଲା। ସେମାନଙ୍କୁ ତୁରନ୍ତ ଇରାନ ଛାଡ଼ି ପଳାଇଆସିବାକୁ ପରାମର୍ଶ ଦିଆଯାଇଛି। ଇରାନରେ ସମ୍ପ୍ରତି ୩,୦୦୦ ଭାରତୀୟ ଛାତ୍ରୀଛାତ୍ର ଥିବାବେଳେ ସେମାନଙ୍କ ମଧ୍ୟରୁ ୨,୩୦୦ ହେଉଛନ୍ତି କଶ୍ମୀରର। ସେମାନେ ହଷ୍ଟେଲରେ ଆବଦ୍ଧ ରହିଥିବାବେଳେ ସେଠାରୁ ବାହାରି ପାରୁ ନ ଥିବା ପରିବାରକୁ ଫୋନ୍ ଯୋଗେ ଜଣାଇଛନ୍ତି। ବିମାନ ଯାତ୍ରା ମହଙ୍ଗା ହୋଇଥିବାବେଳେ ଇଣ୍ଟରନେଟ୍ ବନ୍ଦ ଥିବାରୁ ଭାରତରୁ ସେମାନଙ୍କ ପାଇଁ ଟିକେଟ ପଠାଯାଇ ପାରୁ ନ ଥିବା ଜଣେ ଛାତ୍ରୀଙ୍କ ବାପା କହିଛନ୍ତି।

## ଗୁଜବକୁ ଗୁରୁତ୍ୱ ଦିଏନି: ମଲାଇକା

**ମୁମ୍ବାଇ**

ଅଭିନେତ୍ରୀ ମଲାଇକା ଆରୋରା ନିଜ ଆଇଟମ୍ ନମ୍ବର ପାଇଁ ଯେତିକି ଚର୍ଚ୍ଚାରେ ନ ଥାନ୍ତି ବ୍ୟକ୍ତିଗତ ଜୀବନକୁ ନେଇ ସେ ସବୁବେଳେ ଆଲୋଚନାରେ ଥାନ୍ତି। ୨୦୧୭ରେ ଅରବାଜ୍ ଖାନଙ୍କ ସହ ଛାଡ଼ପତ୍ର ପରେ ମଲାଇକା ଏକଦା ଅଭିନେତା ଅର୍ଜୁନ କପୁରଙ୍କ ପ୍ରେମରେ ପଡ଼ିଥିଲେ। କ'ଣ ହେଲା କେଜାଣି ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଥିଲା। ଏବେ ମଲାଇକା ସବୁକିଛି ଭୁଲି ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ପ୍ରେମରେ ଉବୁଟୁବୁ ଥିବା ଚର୍ଚ୍ଚା ହେଉଛି। ମଲାଇକା ଏନେଇ ମୁହଁ ଖୋଲିଛନ୍ତି। ଆମେ ସମସ୍ତେ ବେଳେବେଳେ ନିରାଶାର ସମୟ ଦେଇ ଗତିକରୁ। ସେ କୁହନ୍ତି, ଅର୍ଜୁନ ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ମୋ ଜୀବନର ଏକ ଅତ୍ୟାବଶ୍ୟକ ଅଂଶ। ଏ ବିଷୟରେ ବହୁ କିଛି ମିଛସତ ଲେଖାଯାଇଛି। ମୋତେ ଏପରି କାମ କରିବାକୁ ପଡ଼ିବ ଯାହା ମୋତେ ଖୁସିକରେ ଏବଂ ମୁଁ ଚାହେଁ ଯେ ଲୋକମାନେ ତାହା ଦେଖନ୍ତୁ। ମିଷ୍ଟ୍ରି ମ୍ୟାନ୍‌ଙ୍କୁ ନେଇ ମଲାଇକା କୁହନ୍ତି, ଲୋକମାନେ କଥା ହେବାକୁ ଭଲ ପାଆନ୍ତି। ଗୁଜବକୁ ଅଯଥାରେ ଗୁରୁତ୍ୱ ଦେବାକୁ ଚାହୁଁନାହିଁ। ଏହା ମୋ ପାଇଁ ନିତିଦିନିଆ ଘଟଣା। କିନ୍ତୁ ଏଥିରେ ମୋତେ କିଛି ଫରକ ପଡ଼େ ନାହିଁ ବୋଲି ମଲାଇକା କହିଛନ୍ତି।



ମଲାଇକା ଆରୋରା

# ବୋମା ଚୋବାଇ ହାତୀ ଗୁରୁତର

ବନ୍ତଳା,୧୫।୧(ସୁଶିତ ସାହୁ)



ବାଲୁଅକଟା ଗାଁ ପଥରଗଡ଼ ସାହି ନିକଟରେ ଅସୁସ୍ଥ ହାତୀର ଚିକିତ୍ସା କରାଯାଉଛି।

ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ବାଲୁଅକଟା ଗାଁ ପଥରଗଡ଼ ସାହି ନିକଟରୁ ବୁଧବାର ବିଳମ୍ବିତ ରାତିରେ ଏକ ଅସୁସ୍ଥ ଅଣ୍ଡିରା ହାତୀକୁ ଠାବ କରାଯାଇ ବନ ବିଭାଗ ପକ୍ଷରୁ ଚିକିତ୍ସା କରାଯାଉଛି। ହାତୀଟିର ବୟସ ପ୍ରାୟ ୬ରୁ ୭ବର୍ଷ। ଶିକାରୀମାନେ ବାର୍‌ହା ଶିକାର ପାଇଁ ରଖିଥିବା ବୋମାକୁ ହାତୀଟି ଚୋବାଇ ଦେଇ ଗୁରୁତର ହୋଇଥିବା ଅନୁମାନ କରାଯାଉଛି।

ସୂଚନା ଅନୁଯାୟୀ, ତାଳଚେର ବନାଞ୍ଚଳରୁ ଚାଲିଆସିଥିବା ଉକ୍ତ ଅଣ୍ଡିରା ହାତୀକୁ ବନ୍ତଳା ବନାଞ୍ଚଳ ପଥରଗଡ଼ ସାହି ନିକଟରେ ଅସୁସ୍ଥ ଅବସ୍ଥାରେ ଠାବ କରାଯାଇଥିଲା। ପରେ ବନ୍ତଳା ରେଞ୍ଜର ପ୍ରସନ୍ନ କୁମାର ସାହୁ, ଫରେଷ୍ଟର ଶ୍ରୀନିବାସ ସାହୁଙ୍କ ସମେତ ଏକ ଟିମ୍ ହାତୀ ଉପରେ ନଜର ରଖିଥିଲେ। ଗୁରୁବାର ସକାଳୁ ଅନୁଗୋଳ ବନଖଣ୍ଡ ପ୍ରାଣୀଧନ ଚିକିତ୍ସକ ଡା. ପ୍ରଦୀପ୍ତ କୁମାର ସିଂ, ସାତକୋଶିଆ ପ୍ରାଣୀଧନ ଚିକିତ୍ସକ ଡା. କିଶୋର ଚନ୍ଦ୍ର ସାହୁ, କପିଳାସ ପ୍ରାଣୀଧନ ଚିକିତ୍ସକ ଅସିତ୍ ଚକ୍ରବର୍ତ୍ତୀ ପହଞ୍ଚି ଅସୁସ୍ଥ ହାତୀର ଚିକିତ୍ସା ଆରମ୍ଭ କରିଥିଲେ। ବନ୍ୟଜନ୍ତୁ ଶିକାର ପାଇଁ ରଖାଯାଇଥିବା ବୋମା ଚୋବାଇ ପ୍ରାୟ ୫ରୁ ୬ଦିନ ତଳୁ ହାତୀଟି ଗୁରୁତର ହୋଇଥିବା ଚିକିତ୍ସା କରୁଥିବା ଡାକ୍ତରୀଟିମ୍ ସନ୍ଦେହ କରିଛନ୍ତି। ଅନୁଗୋଳ ଡିଏଫ୍‌ଓ ନୀତୀଶ କୁମାର କହିଛନ୍ତି, ଗୁରୁତର ହାତୀଟି ପୂର୍ବରୁ ୫୨ ଟିକିଆ ହାତୀପଲ ସହ ବୁଲାବୁଲି କରୁଥିଲା। ଗତ ୧୩ ତାରିଖରୁ ଢେଙ୍କାନାଳ, ଅନୁଗୋଳ, ତାଳଚେର ବନାଞ୍ଚଳରେ ବୁଲାବୁଲି କରିବା ସମୟରେ କୌଣସି ସ୍ଥାନରେ ବିସ୍ଫୋରକ ଦ୍ରବ୍ୟ ଖାଇଥିବା ଅନୁମାନ କରାଯାଉଛି। ଅଧିକ ଚିକିତ୍ସା ପାଇଁ ତାକୁ ଗୁରୁବାର ରାତିରେ କପିଳାସସ୍ଥିତ ହାତୀ ଉଦ୍ଧାର କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ବନ୍ୟପ୍ରାଣୀ ଶିକାର ପାଇଁ ବିସ୍ଫୋରକ ଦ୍ରବ୍ୟ ବ୍ୟବହାର କରୁଥିବା ଶିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଏଫ୍‌ଓ ପ୍ରକାଶ କରିଛନ୍ତି।




# ପ୍ରାୟୋଜିତ ଭୟ

ଭୁବନେଶ୍ୱର, ୧୫।୧(ସୁନିତ୍ ମିଶ୍ର)



ନବୀନ ନିବାସରେ ନବୀନ ପଟ୍ଟନାୟକଙ୍କ ସହ ବିଜେଡିର ବିଧାୟକମାନେ।

ବିଜେଡି ବିରୋଧରେ ଲଗାତର ତାଙ୍କ ଦଳର କେତେଜଣ ବରିଷ୍ଠ ନେତା ଗଣମାଧ୍ୟମ ଆଗରେ ବିବୃତି ରଖୁଥିବା ବେଳେ ଆଉ କେତେଜଣ ଯୁବଗୋଷ୍ଠୀ ଭିନ୍ନ ଭିନ୍ନ ଜାଗାରେ ଭୋଜିଭାତ କରିବାରେ ଲାଗିଛନ୍ତି। ଏଭଳି ଘଟଣା ଭିତରେ ଗତ ୩ ଦିନ ହେଲା ବିଜେଡି ସଭାପତି ନବୀନ ପଟ୍ଟନାୟକ ୧୦ ଜଣ ଲେଖା ବିଧାୟକଙ୍କୁ ନବୀନ ନିବାସ ଡାକି ଆଲୋଚନା କରିବା ସହ ଗଣମାଧ୍ୟମକୁ ଉକ୍ତ ଖବର ବିଧିବଦ୍ଧ ଭାବେ ପ୍ରସାରଣ ପାଇଁ ଦେଉଛନ୍ତି। ଏହାରି ଭିତରେ ଦଳରେ ନବୀନଙ୍କ ପାଇଁ ଆଉ ନେତାମାନଙ୍କର ପୂର୍ବଭଳି ଡର ନ ଥିବା ଦେଖି ଏକ ପ୍ରାୟୋଜିତ ନିଲମ୍ବନ ଆଦେଶ ଜାରିକରି ଭୟର ବାତାବରଣ ସୃଷ୍ଟିକରିବାର ଉଦ୍ୟମ କରାଯାଇଛି। ଏକଥା ନବୀନ ନିବାସ ବୈଠକରେ ଗୁରୁବାର ଯୋଗ ଦେଇଥିବା ୧୦ ଜଣ ବିଧାୟକଙ୍କ ଭିତରୁ ଜଣେ ନିଜ ନାମ ଗୋପନ ରଖିବା ସର୍ତ୍ତରେ ସୂଚନା ଦେଇଛନ୍ତି।

ତାଙ୍କ କହିବା ମୁତାବକ, ନବୀନ ବିଧାୟକମାନଙ୍କ ସହ ଆଲୋଚନା କରିବା ସମୟରେ ପ୍ରଥମେ ସମସ୍ତଙ୍କୁ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଯାହା ଶୁଣିବାକୁ ମିଳିଛି, ଆଲୋଚନା ମଝିରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ଯେଉଁ ନେତାମାନେ ଦଳ ବିରୋଧରେ ଗଣମାଧ୍ୟମରେ ମତ ରଖୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ। ଏହାପରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ମଧ୍ୟ ସମାନ କଥା ଉଠାଇ କହିଥିଲେ, ଯଦି ଦଳର କ୍ଷତି କରିବା ଭଳି ମତ ରଖୁଥିବା ନେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହୁଏ, ଭବିଷ୍ୟତରେ କ୍ଷତି ସହିବାକୁ ପଡ଼ିବ। ଏକଥା ଶୁଣି ନବୀନ ସଙ୍ଗେ ସଙ୍ଗେ ପ୍ରଶ୍ନ କରିଥିଲେ, କେଉଁମାନେ ଦଳ ବିରୋଧୀ କାମ କରୁଛନ୍ତି ବା ମତ ରଖୁଛନ୍ତି ସେମାନଙ୍କ ନାଁ କୁହ, ସେମାନେ ବିଧାୟକ ସନାତନ ମହାକୁଡ, ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ବିଧାୟକ ବଦ୍ରିନାରାୟଣ ପାତ୍ର ଏବଂ ବରିଷ୍ଠ ନେତା ଭୂପିନ୍ଦର ସିଂଙ୍କ କଥା କହିଥିଲେ। ସଙ୍ଗେସଙ୍ଗେ ନବୀନ ତାଙ୍କ ଉତ୍ତରରେ କହିଥିଲେ, ଦେଖନ୍ତୁ ନିଲମ୍ବନ ହୋଇଗଲେ। ଜଣେ ସନାତନ ମହାକୁଡ଼ ଏବଂ ଅନ୍ୟ ଜଣେ ବିଧାୟକ ଅରବିନ୍ଦ ମହାପାତ୍ର। ସମସ୍ତେ ହଠାତ୍ ଅରବିନ୍ଦ ମହାପାତ୍ରଙ୍କ ନାଁ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ। କାହିଁକି ଅରବିନ୍ଦଙ୍କ ନାମ କୁହାଗଲା ଏବଂ ନିଲମ୍ବନ କଥା ଉଠୁ ଉଠୁ କିପରି ନବୀନ କାର୍ଯ୍ୟାନୁଷ୍ଠାନ ନେଇଗଲେ, ସେକଥା ସେଠାରେ ଉପସ୍ଥିତ ଥିବା କେତେଜଣ ବିଧାୟକଙ୍କୁ ଆଶ୍ଚର୍ଯ୍ୟ କରିଥିଲା।

ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ବିଧାୟକ ଗଣେଶ୍ୱର ବେହେରା ବୈଠକରେ କହିଥିଲେ, ଅରବନ୍ଦ ମହାପାତ୍ର ନିଲମ୍ବନ ହେବା କଥା କାହିଁକି ଠିକ୍ ଲାଗୁନାହିଁ। ଗଣେଶ୍ୱରଙ୍କ ଏଭଳି କଥାରେ ହଠାତ୍ ନବୀନ ଚିହିଁକି ଉଠି କହିଥିଲେ, ତା' ବାପା ବିଜୟ ମହାପାତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଶେଷ ନିର୍ବାଚନରେ ପରାଜିତ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ହରାଇବାକୁ ଚାହୁଁଥିଲେ ; ଯେଉଁଥିଲାଗି ସେହି ସମୟରେ ତାଙ୍କୁ ଦଳରୁ କଢ଼ାଯାଇଥିଲା। ନବୀନଙ୍କ ଏଭଳି ମତ ଦେଖିବା ପରେ ଅରବିନ୍ଦଙ୍କୁ କାଢ଼ିବା ପଛରେ ଏହା ଏକ କାରଣ ହୋଇପାରେ ସେକଥା ସମସ୍ତେ ଚିନ୍ତା କରିଥିଲେ। ହେଲେ ଦିବ୍ୟଶଙ୍କର ଓ ଧ୍ରୁବଙ୍କ ସମାନ ପ୍ରସଙ୍ଗ ବୈଠକରେ ଉତ୍ଥାପନ ଏବଂ ସଙ୍ଗେସଙ୍ଗେ ନବୀନଙ୍କ କାର୍ଯ୍ୟାନୁଷ୍ଠାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଦଳ ପଛରେ ରହି ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ପାଣ୍ଡିଆନ୍‌ଙ୍କୁ ଏକ ପ୍ରକାର ସ୍ୱୀକୃତି ଏବଂ ନବୀନଙ୍କ ପ୍ରତି ଭୟ ସୃଷ୍ଟି କରାଇବାକୁ ଏହା ଏକ ସୁଚିନ୍ତିତ ଉଦ୍ୟମ ବୋଲି ନବୀନ ନିବାସରୁ ଫେରିବା ପରେ କେତେଜଣ ବିଧାୟକ କୁହାକୁହି ହୋଇଥିବା ଶୁଣିବାକୁ ମିଳିଛି।

ଆଗକୁ ୪ ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ଥିବାବେଳେ ବିଜେଡି ପକ୍ଷରୁ ନବୀନଙ୍କ ଏପରି ବିଧାୟକଙ୍କୁ ଭେଟିବା ଏବଂ ବୈଠକର ୩ୟ ଦିନ ହଠାତ୍ ୨ ଜଣ ବିଧାୟକଙ୍କୁ ନିଲମ୍ବନ କରିବା ଉଦ୍ଦେଶ୍ୟ ଯଦିଓ ଏବେଠାରୁ ସବୁ କଥାକୁ ସ୍ପଷ୍ଟ କରିବ ନାହିଁ, କିନ୍ତୁ ଆଗକୁ ବହୁ କିଛି ସ୍ପଷ୍ଟ ହୋଇଯିବ। କାରଣ ୪ର୍ଥ ରାଜ୍ୟ ସଭା ଆସନ ଲାଗି ମୁଖ୍ୟତଃ ରାଜନୀତି ହେବାକୁ ଥିବାବେଳେ ବିଜେଡି ପାଖରେ ସଂଖ୍ୟା ୨୦ ହେଉଥିବା ବେଳେ ଭାଜପା ପାଖରେ ୨୨ ଜଣ ବିଧାୟକ ରହୁଛନ୍ତି। ତେଣୁ ଏଭଳି ସ୍ଥିତିରେ ନବୀନ ଆଗୁଆ ଦଳରୁ ୨ ଜଣଙ୍କୁ ନିଲମ୍ବନ କରିବା ଦ୍ୱାରା ବିଜେଡି ପାଖରେ ବର୍ତ୍ତମାନ ହିସାବକଲେ ଶେଷ ରାଜ୍ୟ ସଭା ଆସନକୁ ଭୋଟ ଦେବା ଲାଗି ସଂଖ୍ୟା ୧୮ରେ ପହଞ୍ଚିଯାଇଛି। ତେଣୁ ଶେଷକୁ ନବୀନଙ୍କ ରାଜ୍ୟ ସଭା ସମ୍ପର୍କିତ ନିଷ୍ପତ୍ତି ଅନେକ କିଛି ରହସ୍ୟର କାରଣକୁ ସ୍ପଷ୍ଟ କରିଦେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

# ମହାକାଶରେ ଅସୁସ୍ଥ, ଫେରାଇଆଣିଲା ନାସା

ୱାଶିଂଟନ,୧୫।୧



ସ୍ପେସ୍ ଷ୍ଟେଶନରେ ଅସୁସ୍ଥ ହୋଇପଡ଼ିଥିବା ଜଣେ ମହାକାଶଚାରୀଙ୍କ ସମେତ ଅନ୍ୟ ୩ ଜଣଙ୍କୁ ଗୁରୁବାର ପୃଥିବୀକୁ ଫେରାଇ ଅଣାଯାଇଛି। ସେମାନେ ମହାକାଶ କେନ୍ଦ୍ର ମିଶନ ଅବଧିର ମାସେ ପୂର୍ବରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅସୁସ୍ଥ ମହାକାଶଚାରୀଙ୍କୁ ଚିକିତ୍ସା ପାଇଁ ଫେରାଇ ଅଣାଯିବା ନାସା ପାଇଁ ଏହା ପ୍ରଥମ ଘଟଣା। ସେମାନଙ୍କୁ ଆଣି ଫେରୁଥିବା ମହାକାଶ ଯାନକୁ ସ୍ପେସ୍‌ଏକ୍ସ ଗାଇଡ କରୁଥିଲା। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ଛାଡ଼ିବାର ୧୧ ଘଣ୍ଟାରୁ କମ୍ ସମୟ ପରେ ଉକ୍ତ କ୍ୟାପ୍‌ସୁଲ ସାନ୍ ଡିଏଗୋ ନିକଟ ପ୍ରଶାନ୍ତ ମହାସାଗରରେ ଖସିଥିଲା। ଘରେ ପହଞ୍ଚିବା ବହୁତ ଭଲ ବୋଲି ନାସା ମହାକାଶଚାରୀ ତଥା କ୍ୟାପ୍‌ସୁଲ୍‌ର କମାଣ୍ଡର ଜେନା କାର୍ଡମାନ୍ କହିଛନ୍ତି।

ଗତ ଅଗଷ୍ଟରେ ଏହି ମିଶନ ଆରମ୍ଭ ହୋଇଥିବାବେଳେ ଅପ୍ରତ୍ୟାଶିତ ଭାବେ ଶେଷ ହୋଇଛି। ଏବେ ମହାକାଶ କେନ୍ଦ୍ରରେ ମାତ୍ର ଜଣେ ଆମେରିକୀୟ ଏବଂ ୨ ଜଣ ରୁଷୀୟ ରହିଛନ୍ତି। ପୁନର୍ବାର ୪ ଜଣ କ୍ରିଉଙ୍କୁ ଫେବୃଆରୀ ମଧ୍ୟଭାଗ ସୁଦ୍ଧା ସେଠାକୁ ପଠାଇବାକୁ ନାସା ଏବଂ ସ୍ପେସ୍‌ଏକ୍ସ ଉଦ୍ୟମ କରିବେ ବୋଲି କହିଛନ୍ତି। ଗତ ସପ୍ତାହରେ ସ୍ପେସ୍ ଷ୍ଟେଶନରେ ଅସୁସ୍ଥ ହୋଇପଡ଼ିଥିବା ମହାକାଶଚାରୀଙ୍କ ନାମ ପ୍ରକାଶ କରିବାକୁ ଅଧିକାରୀମାନେ ମନା କରିଦେଇଛନ୍ତି। ମେଡିକାଲ ପ୍ରିଭେସି ଦର୍ଶାଇ ତାଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ମଧ୍ୟ ସେମାନେ ଜଣାଇନାହାନ୍ତି। ମହାକାଶଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାବେଳେ ପରୀକ୍ଷାନିରୀକ୍ଷା ଏବଂ ଉପଯୁକ୍ତ ଯତ୍ନ ପାଇଁ ଯଥାଶୀଘ୍ର ସମ୍ଭବ ତାଙ୍କୁ ପୃଥିବୀକୁ ଫେରାଇ ଆଣିବା ନିମନ୍ତେ ନାସା ଚାହିଁଥିଲା।

# ଆଉ ଦୁଇଦିନ ପ୍ରବଳ ଥଣ୍ଡା

ଭୁବନେଶ୍ୱର,୧୫।୧(ବନ୍ଦନା ସେଠୀ)

ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି। ପ୍ରବଳ ଥଣ୍ଡାରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବାବେଳେ ଆହୁରି ୨ଦିନ ଏଭଳି ସ୍ଥିତି ଲାଗି ରହିବ। ଏହାପରେ ସର୍ବନିମ୍ନ ତାପମାତ୍ରାରେ ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ଓ ଶନିବାର ଦୁଇଦିନ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡା, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡା ଜିଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ଆସନ୍ତା ୫ ଦିନ ୨୦ ତାରିଖ ପର୍ଯ୍ୟନ୍ତ ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, କଟକ, ବାଲେଶ୍ୱର, କଳାହାଣ୍ଡି, ସୁନ୍ଦରଗଡ଼, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କେନ୍ଦୁଝର ଓ କନ୍ଧମାଳ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଅନୁଭୂତ ହେବ ବୋଲି ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୯ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ଜି. ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୫.୨ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ରାଉରକେଲାରେ ୬.୬ ଡିଗ୍ରୀ, ଫୁଲବାଣୀ ୭.୩ ଡିଗ୍ରୀ, ସେମିଳିଗୁଡା ୭.୮ ଡିଗ୍ରୀ, ଅନୁଗୋଳ ୮.୬ ଡିଗ୍ରୀ, ଢେଙ୍କାନାଳ ୮.୬ ଡିଗ୍ରୀ, କିରେଇ ୯.୩ ଡିଗ୍ରୀ ଏବଂ କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୯.୪ ଡିଗ୍ରୀ ରହିଥିଲା।

**ଧାନକିଣା ଅବ୍ୟବସ୍ଥା**

# ଆନ୍ଦୋଳନ ଜୋର୍‌ଦାର ହେବ: ଭକ୍ତ

ଭୁବନେଶ୍ୱର,୧୫।୧ (ରବିନାରାୟଣ ଜେନା)

ପଶ୍ଚିମଓଡ଼ିଶାରେ କଂଗ୍ରେସର କାୟା ବିସ୍ତାର କରିବା ଲାଗି ପିସିସି ସଭାପତି ଭକ୍ତ ଚରଣ ଦାସ ଗୁରୁତ୍ୱ ଦେଇଛନ୍ତି। ଏହିକ୍ରମରେ ଆସନ୍ତା ୧୭ ତାରିଖରୁ ୪ ଦିନିଆ ପଶ୍ଚିମ ଓଡ଼ିଶା ଗସ୍ତକରି ଚାଷୀଙ୍କ ଧାନ କିଣାରେ ଅବ୍ୟବସ୍ଥା ସାଙ୍ଗକୁ କେନ୍ଦ୍ରୀୟ ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍ ଦିଆଯିବା ଏବଂ ବିଜୁଳି ପ୍ରସଙ୍ଗରେ ବିଭିନ୍ନ କାର୍ଯ୍ୟକ୍ରମରେ ସରକାରଙ୍କ ବିଫଳତା ନେଇ ଜନସାଧାରଣଙ୍କୁ ଅବଗତ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଭକ୍ତ ୧୭ ତାରିଖ ଅପରାହ୍ନ ୪ଟାରେ ଝାରସୁଗୁଡ଼ା ତଳପଟିଆ ଗ୍ରାମ ପାଖ ଜାତୀୟ ରାଜପଥ ୪୯ କଡ଼ରେ ପ୍ରଦୂଷିତ ପାଉଁଶ ପୋଖରୀ ପରିଦର୍ଶନ କରିବେ। ୧୮ରେ ସୁନ୍ଦରଗଡ଼,ତଳସରା ନିର୍ବାଚନମଣ୍ଡଳୀରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ପଥପ୍ରାନ୍ତ ସଭା। ରାଉରକେଲା କଂଗ୍ରେସ ଭବନଠାରେ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ ରହିଛି। ପରେ ରାଉରକେଲା ବାଣିଜ୍ୟ ସଙ୍ଗଠନ ପକ୍ଷରୁ ଆୟୋଜିତ ସଭାରେ ବକ୍ତବ୍ୟ ଦେବେ । ୧୯ରେ ରାଜଗାଙ୍ଗପୁର କରମଡିହୀ, ସବଡେଗା ଓ ସୁନ୍ଦରଗଡ଼ରେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ୨୦ରେ ବରଗଡ଼ରେ ଏକ ବିଶାଳ ଚାଷୀ ସମାବେଶରେ ଯୋଗଦେବେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ

ପୁରୀ,୧୫।୧(ଅଜିତ୍ କୁମାର ମହାନ୍ତି)



ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଗୁରୁବାର ପୂର୍ବାହ୍ନରେ ପରିବାର ସହ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ସେ ସିଂହଦ୍ୱାର ଠାରେ ପହଞ୍ଚିବା ପରେ କୌଳିକ ପଣ୍ଡାଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରି ଶ୍ରୀମନ୍ଦିର ମଧ୍ୟକୁ ପାଛୋଟି ନିଆଯାଇଥିଲା। ଶିଳ୍ପା ତାଙ୍କ ମା' ସୁନନ୍ଦା ସେଟ୍ଟୀ, ପରିବାରର ସଦସ୍ୟ ଆକାଂକ୍ଷା ଅଗ୍ରୱାଲ, ରବି କୁମାର ଓ ଅନ୍ୟମାନଙ୍କ ସହ ବାଇଶ ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇଥିଲେ। ରତ୍ନସିଂହାସନ ରୂଢ଼ ଶ୍ରୀବିଗ୍ରହଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହ ବେଶ ଭାବବିହ୍ୱଳ ହୋଇପଡ଼ିଥିଲେ। ଶିଳ୍ପା ଓ ତାଙ୍କ ପରିବାର ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିଥିଲେ। ଏଥିସହ କୌଳିକ ପଣ୍ଡାଙ୍କ ଖାତାରେ ସ୍ୱାକ୍ଷର କରିଥିଲେ। ଶିଳ୍ପା ଶ୍ରୀମନ୍ଦିର ପରିସରରେ ପ୍ରାୟ ୧ଘଣ୍ଟାରୁ ଅଧିକ ସମୟ ରହି ଫେରିଥିଲେ। କୌଳିକ ପଣ୍ଡା ଇପ୍‌ସିତ ପ୍ରତିହାରୀ ସୂଚନା ଦେଇ କହିଛନ୍ତି, ସକାଳ ଧୂପରେ ବାହାରିଥିବା ମହାପ୍ରଭୁଙ୍କ ଖେଚୁଡ଼ି ଭୋଗ ଶିଳ୍ପାଙ୍କୁ ଦେଇଥିଲେ। ଶିଳ୍ପାଙ୍କ ମା' ପୂର୍ବରୁ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଚାରିଧାମ ଯାତ୍ରା ମଧ୍ୟରୁ ଏହା ଶ୍ରେଷ୍ଠ ଧାମ ବୋଲି ଶିଳ୍ପାଙ୍କ ମା' ସୁନନ୍ଦା ସେଟ୍ଟୀ କହିଛନ୍ତି।

# ଗ୍ରାମ୍ୟ ଜୀବନରେ 'ମିଶନ ପାୱାର' ଅପରିହାର୍ଯ୍ୟ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୫।୧
(ରବିନାରାୟଣ ଜେନା)

- **ରାଜସ୍ୱ ୭.୮୨% ଓ ଖର୍ଚ୍ଚ ୧୫% ବୃଦ୍ଧି**
- **ଉଚ୍ଛେଦ ହେବ ପୁରୁଣା ଆଇନ**

ଗ୍ରାମାଞ୍ଚଳରେ ପାନୀୟଜଳ, ବିଦ୍ୟୁତ୍ ଓ ରାସ୍ତାର ସର୍ବାଧିକ ପ୍ରାଥମିକତା ରହିଛି। ମୁଖ୍ୟମନ୍ତ୍ରୀ ଏସବୁରେ ଦେଖାଦେଉଥିବା ସମସ୍ୟାକୁ ଉପଲବ୍ଧି କରି ମିଶନ 'ପାୱାର'କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ ଦେଇଛନ୍ତି। ଏହି ଦୃଷ୍ଟିରୁ ସଚିବମାନେ ଏଣିକି ଯେତେବେଳେ ଜିଲାଗସ୍ତରେ ଯିବେ ସେମାନେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନୁଧ୍ୟାନ କରିବା ସହିତ ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପର କାର୍ଯ୍ୟକାରିତା ସ୍ଥିତି ସମୀକ୍ଷା କରିବାକୁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ସଚିବମାନଙ୍କୁ କହିଛନ୍ତି।

ଖାରବେଳଭବନରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ସଚିବସ୍ତରୀୟ ବୈଠକ ପରେ ମୁଖ୍ୟଶାସନ ସଚିବ ଗଣମାଧ୍ୟମକୁ କହିଛନ୍ତି, ଯଦି ପାନୀୟଜଳ ପ୍ରକଳ୍ପ ସହିତ ଅନ୍ୟ ପ୍ରକଳ୍ପ ବିଳମ୍ବ ହେଉଛି, ସେସବୁ କେଉଁ କାରଣରୁ ଘଟୁଛି ତାହା ବୁଝି ସମାଧାନ କରିବା ଦିଗରେ ତତ୍ପରତା ଦେଖାଇବାକୁ ପଡ଼ିବ। ସେ କହିଛନ୍ତି, ପାନୀୟଜଳ ହେଉଛି ଲୋକଙ୍କ ଏକ ପ୍ରମୁଖ ଆବଶ୍ୟକତା ଓ ବିଭିନ୍ନ ଜିଲାରେ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଶୀଘ୍ର ଶେଷ ହେଲେ ସଂପୃକ୍ତ ଗ୍ରାମବାସୀ ଉପକୃତ ହେବେ।

ଗର୍ଗ କହିଛନ୍ତି, ଏଣିକି ପ୍ରତି ଶନିବାର ଭିଡିଭୂମି ସମୀକ୍ଷା ବୈଠକ କରାଯିବ। ବର୍ତ୍ତମାନ ସୁଦ୍ଧା ୨୦୨୫-୨୬ ଆର୍ଥିକବର୍ଷର ବଜେଟ ମଧ୍ୟରୁ ୫୦ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ଜାନୁଆରୀ ଶେଷସୁଦ୍ଧା ୬୦ ପ୍ରତିଶତ ବଜେଟ ଖର୍ଚ୍ଚ କରିବାକୁ ସଚିବଙ୍କୁ କୁହାଯାଇଛି। ଏହାସହିତ ଆସନ୍ତା ୨୦୨୬-୨୭ବର୍ଷ ଲାଗି ପ୍ରସ୍ତୁତ ହେଉଥିବା ପୂର୍ଣ୍ଣାଙ୍ଗ ବଜେଟ ଉପରେ ବିଭାଗଗୁଡ଼ିକ ଦେଇଥିବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହୋଇଛି। ସେହିପରି ଆଗାମୀ ଦିନରେ ରାଜ୍ୟର ରାଜସ୍ୱ ଆଦାୟ କିଭଳି ବୃଦ୍ଧି ପାଇବ ସେ ନେଇ ପଦକ୍ଷେପ ନେବାକୁ ସଚିବମାନଙ୍କୁ କୁହାଯାଇଛି। ଏନେଇ ପ୍ରତି ମାସ ୧୬ ତାରିଖରେ ଜିଲାପାଳମାନଙ୍କ ସହ ଆଲୋଚନା କରାଯିବ ବୋଲି ଗର୍ଗ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ୧୫ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସୂଚୀକୁ ବିଭିନ୍ନ ବିଭାଗ କିପରି କାର୍ଯ୍ୟକାରୀ କରୁଛନ୍ତି ଓ ପଦକ୍ଷେପ ନେଇଛନ୍ତି, ସେ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ୨୦୨୫-୨୬ ବର୍ଷରେ ବିତ୍ତୀୟ ସ୍ଥିତି ସମୀକ୍ଷା କରାଯାଇଥିଲା। ବଜେଟ୍ ଅନୁମୋଦନ ଅନୁସାରେ ଗତ ଡିସେମ୍ବର ୨୦୨୫ ସୁଦ୍ଧା ବିଭିନ୍ନ ବିଭାଗର ଖର୍ଚ୍ଚ ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ବିଭିନ୍ନ ବିଭାଗର ସାମଗ୍ରିକ ଖର୍ଚ୍ଚରେ ଗତବର୍ଷ ଅପେକ୍ଷା ୧୦% ବୃଦ୍ଧି ଘଟିଥିବା ବେଳେ କାର୍ଯ୍ୟକ୍ରମ ବାବଦକୁ ୧୫% ବଢ଼ିଥିବା ଜଣାଯାଇଛି। ସେହିପରି ବିଭିନ୍ନ ଉତ୍ସରୁ ରାଜସ୍ୱ ସଂଗ୍ରହ ଗତ ଆର୍ଥିକବର୍ଷ ତୁଳନାରେ ୭.୮୨ ପ୍ରତିଶତ ବୃଦ୍ଧି ପାଇଥିବା ବୈଠକରୁ ଜଣାଯାଇଛି। ବୈଠକରେ ମୁଖ୍ୟସଚିବ ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ପାଣ୍ଠିର ଉପଯୋଗ ନେଇ ସ୍ୱତନ୍ତ୍ର ସମୀକ୍ଷା ଓ ଆଲୋଚନା କରିବାକୁ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ରାଜ୍ୟରେ ବହୁ ପୁରୁଣା ଆଇନ ରହିଛି। ଯେଉଁ ଆଇନଗୁଡ଼ିକର ସଂପ୍ରତି ଆବଶ୍ୟକତା ରହୁନାହିଁ, ସେସବୁକୁ ପ୍ରତ୍ୟାହାର କରିବା ପାଇଁ ସଚିବଙ୍କୁ ତର୍ଜମାକରି ପ୍ରସ୍ତାବ ଦେବାକୁ ଆଇନ ବିଭାଗ ପକ୍ଷରୁ କୁହାଯାଇଛି । ମାସର ପ୍ରତି ତୃତୀୟ ମଙ୍ଗଳବାର ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ତଥା ବୁଝାମଣାପତ୍ର ସ୍ୱାକ୍ଷରିତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କିତ ବୈଠକ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉନ୍ନୟନ ଆୟୁକ୍ତ ଦେଓରଞ୍ଜନ କୁମାର ସିଂହଙ୍କ ସହିତ ସବୁ ବିଭାଗର ସଚିବ ଉପସ୍ଥିତ ଥିଲେ।



# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତୀୟ ମଜଦୂର ସଂଘ ଓଡ଼ିଶା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା, ମାଷ୍ଟର କ୍ୟାଣ୍ଟିନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସଂଭାବନା ପକ୍ଷରୁ ପ୍ରଣବ ପ୍ରଣାମ ଓ ପ୍ରଣବ ପରମ୍ପରା ସମ୍ମାନ ପ୍ରଦାନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଓ' କରିମ୍ସ, ମାଷ୍ଟର କ୍ୟାଣ୍ଟିନ ଛକ, ସମୟ: ଅପରାହ୍ନ ୪ଟା ୩୦।
- ରାଜାରାଣୀ ସଙ୍ଗୀତ ଉତ୍ସବ, ସ୍ଥାନ: ରାଜାରାଣୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

### କଟକ

- କଟକ ଶାନ୍ତି ସଦଭାବନା ସମିତି ଓ ଉତ୍କଳ ଗାନ୍ଧୀ ସ୍ମାରକନିଧି ପକ୍ଷରୁ ରାଜ୍ୟସ୍ତରୀୟ ଶାନ୍ତି ସଦଭାବନା ସମ୍ମିଳନୀ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶୈଳବାଳା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୭ତମ ସାଂସ୍କୃତିକ ଓ ସାରସ୍ୱତ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟନ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ପୋଲିସ ହାଇସ୍କୁଲ ପକ୍ଷରୁ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ତୁଳସୀପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସାଲେପୁରସ୍ଥିତ କଳାବିଲା ସାଂସ୍କୃତିକ ପରିଷଦ ପକ୍ଷରୁ ସାରସ୍ୱତ ସମାରୋହ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ନାଟସୂତ୍ର ପକ୍ଷରୁ ଶାସ୍ତ୍ରୀୟସନ୍ଧ୍ୟାର ଉଦ୍‌ଯାପନୀ ଦିବସ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା।

### ଖୋର୍ଦ୍ଧା

- ଜିଲାସ୍ତରୀୟ ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ, ସମୟ: ସକାଳ ୯ଟା।
- ଆଶା, ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

### ବାଲେଶ୍ୱର

- ମା' ବଗଳାମୁଖୀଙ୍କ ଜନ୍ମୋତ୍ସବ ଓ ଶକ୍ତି ପୀଠର ବାର୍ଷିକୋତ୍ସବ, ସ୍ଥାନ: ପୀତାମ୍ବରା ସିଦ୍ଧ ମହାଶକ୍ତି ପୀଠ, କୁରୁଡ଼ା, ବାଲେଶ୍ୱର, ସମୟ: ସକାଳ ୮ଟା।
- ୩୫ତମ ଆନ୍ତଃଜିଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ:ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଡା. ନଗେନ୍ଦ୍ର ନାଥ ମହାନ୍ତିଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ, ସ୍ଥାନ:ଦୁର୍ଗାମଣ୍ଡପ, ଖଇରା, ସମୟ:ପୂର୍ବାହ୍ନ ୧୦ଟା ୩୦।
- କାଞ୍ଚନ କମଳା ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ରାମକୃଷ୍ଣପୁର, ସିମୁଳିଆ , ସମୟ: ପୂର୍ବାହ୍ନ ୧୧ଟା।
- କୃଷକ ସମ୍ପର୍କ ଆଲୋଚନା ଚକ୍ର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ରାଣିତାଲ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ହିନ୍ଦୁସ୍ଥାନ ଡେଭେଲପ୍‌ମେଣ୍ଟ ଫାଉଣ୍ଡେସନ୍‌ର ବାର୍ଷିକ ଉତ୍ସବ, ସ୍ଥାନ:ପନ୍ତା ପ୍ରାଇମେରୀ ସ୍କୁଲ, ପରିକ୍ଷୀ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଏକ୍ସପୋ ଓଡ଼ିଶା-୨୦୨୬ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଉଦ୍ୟୋଗ ଭବନ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

### ଗଞ୍ଜାମ

- ଟେକ୍ନିକାଲ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଆସିକା କଲେଜ ଛକ ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଆସିକା ବନାଞ୍ଚଳ ପକ୍ଷରୁ ପକ୍ଷୀ ଗଣନା କର୍ମଶାଳା, ସ୍ଥାନ: ଆସିକା ବିଜ୍ଞାନ ମହାବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

### କନ୍ଧମାଳ

- ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ, ସ୍ଥାନ: ଦାରିଙ୍ଗବାଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ସକାଳ ୧୦ ଟା।
- ଜିଲାସ୍ତରୀୟ ପିଏମ ଶ୍ରୀ ଉତ୍ସବ, ସ୍ଥାନ: କରୋନେସନ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

### ଢେଙ୍କାନାଳ

- ନାଟକ ମହୋତ୍ସବ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

### ଅନୁଗୋଳ

- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ଏଲିମେଣ୍ଟାରି କୁଇଜ ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁଭଦ୍ରା ଶକ୍ତି ମେଳା ୨୦୨୬, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱଦେଶୀ ସଂକଳ୍ପ ଯାତ୍ରା, ସ୍ଥାନ: ଅନୁଗୋଳ ପୌରପାଳିକା ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।

### ଜଗତସିଂହପୁର

- ଜଗନ୍ନାଥ ଟ୍ରକ୍ ମାଲିକ ସଂଘ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ସଂଘ କାର୍ଯ୍ୟାଳୟ, ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୯ଟା।

### କେନ୍ଦ୍ରାପଡ଼ା

- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନୀତି, ମହାକାଳପଡ଼ା, ସମୟ: ସକାଳ ୯ଟା।
- ପଟ୍ଟାମୁଣ୍ଡାଇ ଟେନିସ କ୍ରିକେଟ ଆସୋସିଏଶନ ପକ୍ଷରୁ ପଟ୍ଟାମୁଣ୍ଡାଇ ପ୍ରିମିୟର ଲିଗ, ସ୍ଥାନ: ଏମ୍‌ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ତହସିଲସ୍ତରୀୟ ରାଜସ୍ୱ ଅଭିଯୋଗ ସଂକ୍ରାନ୍ତୀୟ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ପଳସୁଧା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲା ମହୋତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ମକର ମହୋତ୍ସବ, ସ୍ଥାନ: ବିଲେଇଶୁଣୀ ମକର ପଡିଆ, ପଳସୁଧା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

### ଯାଜପୁର

- ଚିବିଶ ପ୍ରହର ନାମ ସଙ୍କୀର୍ତ୍ତନ, ସ୍ଥାନ: ଯାଜପୁର ରୋଡର ସନ୍ତରା ଗ୍ରାମ, ସମୟ: ସକାଳ ୬ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ: ଯାଜପୁର ରୋଡ ଉମାପଦା ହାଉସିଂବୋର୍ଡ କଲୋନୀ, ସମୟ: ସକାଳ ୬ଟା।
- କୋରେଇ ବିଧାୟକଙ୍କ ଦ୍ୱାରା ଚାନ୍ଦମା କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଯାଜପୁର ରୋଡ ଚାନ୍ଦାମା ଖେଳପଡିଆ ନିକଟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଓଡିନ୍ଦା ହରିହାଟ ମକର ମେଳା, ସ୍ଥାନ: ମକର ମେଳା ପଡ଼ିଆ ପରିସର, ସମୟ: ସନ୍ଧ୍ୟା ୬ଟା।

### ନୟାଗଡ଼

- ଶ୍ରୀରଘୁନାଥଙ୍କର ବିଷ୍ଣୁ ସହସ୍ର ନାମ, ଗୀତା ପାଠ, ମହା ରୁଦ୍ରାଭିଷେକ, ମହାରୁଦ୍ର ଓ ପାବମାନ ଯଜ୍ଞ, ସୁନ୍ଦରାକାଣ୍ଡ ପାଠ, ସ୍ଥାନ: ଦଶପଲ୍ଲାର ମହାବୀର କ୍ଷେତ୍ର, ସମୟ: ପ୍ରାତଃ ୫ଟାରୁ ସନ୍ଧ୍ୟା ୭ଟା।
- ରାମ ଚରିତ ମାନସ ପାରାୟଣର ସପ୍ତମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ:ସକାଳ ୭ଟା।
- ରାମ ଚରିତ ମାନସ ପାରାୟଣର ୩ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବାଣପୁର ପଞ୍ଚାୟତ ଚୈତନ୍ୟପୁର, ସମୟ:ସକାଳ ୭ଟା।
- ମକର ମେଳାର ୩ୟ ଦିବସ, ସ୍ଥାନ: ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମନ୍ଦିର, ସମୟ: ସକାଳ ୮ଟା।
- ମକର ମେଳାର ଉଦ୍‌ଯାପନ ସ୍ଥାନ: ଖଣ୍ଡପଡା ବାଉରୀ ଠାକୁରାଣୀ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ମ୍ୟାଚର ସପ୍ତମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କୁମ୍ଭାରପଡା କୁଆଁରିଆ ପଡିଆ , ସମୟ: ମଧ୍ୟାହ୍ନ ୧୨ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟର ଷଷ୍ଠ ଦିବସ ମ୍ୟାଚରେ ଆୟୋଜକ ଗୋକୁଳାନନ୍ଦ ସ୍ପୋଟସ୍ ଆସୋସିଏଶନ ବାନମ ବାହାଡା, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମ୍‌ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ଦଶମ ଦିବସର ମ୍ୟାଚ କେରଳ ବନାମ ବରଗଡ, ସ୍ଥାନ:ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ:ଅପରାହ୍ନ ୩ଟା।
- ସୁଭଦ୍ରା ଶକ୍ତି ମେଳାର ୫ମ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ୍, ସମୟ: ଅପରାହ୍ନ ୫ଟାରୁ ରାତ୍ର ୯.୩୦।
- ମକର ଯାତ୍ରା ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ତେନ୍ତୁଳିଆପଲ୍ଲୀ, ସମୟ: ସନ୍ଧ୍ୟା ୬ଟା।

### ରାୟଗଡ଼ା

- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସର, ମୁନିଗୁଡା, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା, ସ୍ଥାନ: ରାୟଗଡା ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ ପଞ୍ଚାୟତସ୍ତରରେ ଇକୋ ଟୁରିଜିମ ଓ ପରିସ୍ଥିତି ମିତ୍ର ପର୍ଯ୍ୟଟନ ନେତୃତ୍ୱ ସୃଷ୍ଟି ସମ୍ପର୍କିତ କର୍ମଶାଳା, ସ୍ଥାନ: ରାୟଗଡା ବ୍ଲକ ସଦ୍‌ଭାବନା ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ମା' ମାଣିକେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଗୋବର୍ଦ୍ଧନ ଖେଳ ପଡିଆ, ମୁନିଗୁଡା,ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ହାଇସ୍କୁଲ ପଡିଆ, ଗୁଡାରି, ସମୟ: ପୂର୍ବାହ୍ନ ୧୧ଟା।

### ନବରଙ୍ଗପୁର

- ଡାବୁଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ସନ୍ଧ୍ୟା ୬ଟା।

### କୋରାପୁଟ

- ଜିଲାସ୍ତରୀୟ ପିଏମ ଶ୍ରୀ ଉତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: କୋରାପୁଟ ପରବ ପଡ଼ିଆ, ସମୟ: ଅପରାହ୍ନ ୩ ଟା।

### ମାଲକାନଗିରି

- ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିଏମ୍‌ଶ୍ରୀ ମେଳା, ସ୍ଥାନ: ଚିତ୍ରକୋଣ୍ଡା ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ ଟା।
- ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: କାମ୍ବେଡା ଉଚ୍ଚ ବିଦ୍ୟାଳୟ, କୋରୁକୋଣ୍ଡା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଭିନ୍ନକ୍ଷମ ପିଲାଙ୍କୁ ନେଇ ଏକ୍ସପୋଜର ଭିଜିଟ କାର୍ଯ୍ୟକ୍ରମ, ସ୍ଥାନ: ସୋର୍ଲକୋଣ୍ଡା ବ୍ୟାରେଜ୍, ସମୟ: ପୂର୍ବାହ୍ନ ୧୦ ଟା।

### ସମ୍ବଲପୁର

- ଗଣିତ ଲ୍ୟାବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଲଆଇସି ଏଜେଣ୍ଟଙ୍କ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଉଲ୍ଲାସ-୨୦୨୬ର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ବିଦ୍ୟାଳୟ ପରିସରସ୍ଥ ମଞ୍ଚ, ସମୟ : ମଧ୍ୟାହ୍ନ ୧୨ଟା।
- ଭାଜପା ଗଣମାଧ୍ୟମ ବିଭାଗର ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ଅପରାହ୍ନ ୧ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବର ସମସ୍ତ କଳାକାରଙ୍କ ମଞ୍ଚ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମୁକ୍ତ ମଞ୍ଚ, ସମୟ: ଅପରାହ୍ନ ୫ଟାରୁ ରାତି ୯ଟା।

### ବଲାଙ୍ଗୀର

- ଓଡ଼ିଶା ରାଜ୍ୟ ଲନ୍‌ବଲ ଚାମ୍ପିୟନଶିପ୍ ଉଦ୍‌ଘାଟନୀ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟ୍ସକମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

### ରାଉରକେଲା

- ଓଡ଼ିଆ ଭାଷା ରହସ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର--୬, ସମୟ: ପୂର୍ବାହ୍ନ ୧୧ଟା।
- ଡା. ଏସ୍. ଏସ୍. ଦାସ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ମାଁ ବାଟ ମଙ୍ଗଳା ଶକ୍ତିପୀଠ, ସମୟ: ସନ୍ଧ୍ୟା ୬ଟା ୩୦।

### ବରଗଡ଼

- ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ଉପଲକ୍ଷେ ଆଲୋଚନାଚକ୍ର ଓ ପ୍ରତିଯୋଗିତା, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ, ସମୟ: ପୂର୍ବାହ୍ନ ୧୦ଟା।
- ବିରାଟ ରାମଲୀଳା ମହୋତ୍ସବ, ସ୍ଥାନ: ଭେଡେନ, ସମୟ: ସନ୍ଧ୍ୟା ୭ଟା।

### କଳାହାଣ୍ଡି

- ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ସମୟ: ଅପରାହ୍ନ ୩ଟା।
- କଳାହାଣ୍ଡି ଉତ୍ସବ 'ଘୁମୁରା' ୩ୟ ସନ୍ଧ୍ୟା, ସ୍ଥାନ: ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଭବାନୀପାଟଣା, ସମୟ: ସନ୍ଧ୍ୟା ୭ଟା।

### ବୌଦ୍ଧ

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଡୁକୁଲୁଣ୍ଡା ଗ୍ରାମରେ ମକର ସଂକ୍ରାନ୍ତି ଉତ୍ସବର ପୂର୍ଣ୍ଣାହୁତି: ସ୍ଥାନ: ଡୁକୁଲୁଣ୍ଡା, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

### ଦେବଗଡ଼

- ଉତ୍ସବ ପ୍ରଧାନପାଟ-୨୦୨୬ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: କଲେକ୍ଟୋରେଟ୍ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ୬ଟା ୩୦।

### ସୁବର୍ଣ୍ଣପୁର

- ସଡ଼କ ସୁରକ୍ଷା ମାସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା ୩୦।
- ମକର ମେଳା ପାଇଁ ୨୪ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ: ପୁଲେଶ୍ୱର, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ୩ୟ ଦଧିବାମନ କ୍ରିକେଟ କପ୍‌ର ଚତୁର୍ଥ ଦିବସ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ବୀରମହାରାଜପୁର ବାଳକ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ, ସ୍ଥାନ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୩ଟା।
- ବୀରମହାରାଜପୁର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ସମାରୋହ, ସ୍ଥାନ: କଲେଜ ଖେଳ ପଡିଆ, ସମୟ: ଅପରାହ୍ନ ୪ଟା।

### ନୂଆପଡ଼ା

- ଜିଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନ, ସ୍ଥାନ: ପୋଲିସ ପଡିଆ ନୂଆପଡା, ସମୟ: ସକାଳ ୯ଟା ୩୦।
- ୧୯ତମ ରୟାଲ କପ୍ କ୍ରିକେଟ ଚାମ୍ପିୟନଶିପ ଚତୁର୍ଥ ଦିବସ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ୧୬ତମ ବାଗମୁଣ୍ଡେନ କପ୍ କ୍ରିକେଟ ସେମିଫାଇନାଲ ଖେଳ, ସ୍ଥାନ: କୋମନା ବ୍ଲକ ସିଆଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାଜା ଆର୍ତ୍ତତ୍ରାଣ ଐତିହ୍ୟ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଖଡିଆଳସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଋଣ ଶେଷ, ଅଗ୍ନି ଶେଷ, ବ୍ୟାଧି ଶେଷ**
**ଯାଙ୍କର କେଭେ ନ ରହିବ ଲେଶ।**

ଋଣ ଠିକ୍ ସମୟରେ ଶୁଝା ନ ଗଲେ ସୁଧମୂଳ ବଢ଼ିଯାଏ। ଅଗ୍ନି ସବୁକିଛି ଜାଳିପୋଡ଼ି ଭସ୍ମ କରିଦେଇଥାଏ। ସେହିପରି ବ୍ୟାଧି ବା ରୋଗ ପୁରୁଣା ହୋଇଗଲେ ଭଲ ହେବା କଷ୍ଟକର ହୋଇଯାଏ। ଚାଣକ୍ୟଙ୍କ ମତରେ ଋଣ, ଅଗ୍ନି ଓ ବ୍ୟାଧିର ଶେଷ ରଖିବ ନାହିଁ। କାରଣ ଏଗୁଡ଼ିକ ପରେ ବଢ଼ି ବଢ଼ି ମଣିଷର ସର୍ବନାଶର କାରଣ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ରଣ୍ଡୁଝୁଣ୍ଡୁ ହୋଇ ଯାଉଛି ଚାଲି**
**ଦେଖିଲା ବେଳକୁ କାଳି କୋତରି।**

ମହିଳାମାନେ ସାଧାରଣତଃ ଫେଶନ ପ୍ରିୟ ହୋଇଥାନ୍ତି। ନିଜ ରୂପ ବର୍ଣ୍ଣକୁ ଦେଖି ପ୍ରସାଧାନ ପ୍ରତି ମନ ବଳେଇଥାନ୍ତି। ତେବେ ଶ୍ୟାମଳ ବର୍ଣ୍ଣା ଯୁବତୀଙ୍କ କ୍ଷେତ୍ରରେ ନିଜ ରୂପକୁ ନେଇ ସଜେଇହେବା ଅନେକଙ୍କ ପକ୍ଷେ ଚକ୍ଷୁଶୀଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଗୋମାଂସକୁ ନେଇ...

କରିଥିଲେ। ଏପରି କି ପରସ୍ପରକୁ ପଥର ଓ ଢେଲା ମାଡ଼ ମଧ୍ୟ କରିଥିଲେ। ସଂଘର୍ଷ ବେଳେ ଏକ କାର୍, ସ୍କୁଟି ଏବଂ ପିକ୍‌ଅପ୍ ଭ୍ୟାନ, ଦୋକାନ ଭଙ୍ଗା ରୁଜା ସହ ପୋଡ଼ି ଦେଇଥିବା ଜଣାପଡ଼ିଛି। ପୋଲିସ ଉପସ୍ଥିତ ରହି ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିବାବେଳେ ତାହା ସମ୍ଭବ ହୋଇ ନ ଥିଲା। ଫଳରେ ପୋଲିସ ସମେତ ଉଭୟ ଗୋଷ୍ଠୀର ୧୨ଜଣ ଆହତ ହୋଇଥିଲେ। ପରେ ୧୦ପ୍ଲାଟୁନ୍ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଘଟଣା ଘଟିଥିବା ରିଜେଣ୍ଟ ମାର୍କେଟ ସମେତ ସହର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ, ବସ୍‌ଷ୍ଟାଣ୍ଡ, ମାର୍କେଟ ଓ ବିଭିନ୍ନ ଛକରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ପରିସ୍ଥିତି ଉପରେ ପ୍ରଶାସନ ନଜର ରଖିଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଡିଆଇଜି ରାୟ ଗଣମାଧ୍ୟମକୁ କହିବା ସହ ସୁନ୍ଦରଗଡ ସହରରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବାକୁ ସମସ୍ତଙ୍କୁ ନିବେଦନ କରିଛନ୍ତି। ସହରରେ ଅପରାହ୍ନ ୫ଟାରୁ ସମସ୍ତ ଦୋକାନବଜାରଗୁଡ଼ିକୁ ବନ୍ଦ କରିବାକୁ ଡାକବାଜି ଯନ୍ତ୍ର ଜରିଆରେ ନିବେଦନ କରାଯାଇଛି। କୌଣସି ସ୍ଥାନରେ ୫ଜଣରୁ ଅଧିକ ଏକାଠି ନ ହେବାକୁ ଅନୁରୋଧ କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ୧୬୩ ଧାରା ଜାରି କରାଯିବା ସହ ଗୁରୁବାର ସନ୍ଧ୍ୟା ୬ଟାରୁ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍‌ସେବାକୁ ବନ୍ଦ କରାଯାଇଛି। ସ୍ଥିତିଉପରେ ଡିଆଇଜି ବ୍ରିଜେଶ ରାୟ, ଜିଲାପାଳ ଶୁଭଙ୍କର ମହାପାତ୍ର, ଏସ୍‌ପି ଅମ୍ରିତ ପାଲ୍ କୌର, ଅତିରିକ୍ତ ଏସ୍‌ପି ନୂତନ ସାମଦ, ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଥାନା ଅଧିକାରୀ, ଅତିରିକ୍ତ ଜିଲାପାଳ( ସାଧାରଣ) ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲାପାଳ(ରାଜସ୍ୱ)ଅଭିମନ୍ୟୁ ମାଝୀ, ସଦର ଉପଜିଲାପାଳ ତେଜସ୍ୱିନୀ ବେହେରାଙ୍କ ସମେତ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ତୀକ୍ଷ୍ଣ ନଜର ରଖିଛନ୍ତି। ଏପରି କି ଗୋଷ୍ଠୀ ସଂଘର୍ଷ ଘଟଣାକୁ ନେଇ ହୋଇଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଯୋଗୁ ଶୁକ୍ରବାର ସହରର ସମସ୍ତ ସ୍କୁଲ କଲେଜ ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ ପାଇଛି।

### ନିର୍ମାଣାଧୀନ ଡ୍ରେନ୍‌ରେ...

ଓ ସମ୍ପର୍କୀୟଙ୍କ ସହ ମକର ପର୍ବ ପାଳନ କରିଥିଲେ। ସନ୍ଧ୍ୟାରେ ସେ ନିଜ ଘର ସମ୍ମୁଖରେ ଏକ ଚୌକିରେ ବସିଥିଲେ। ତେବେ କୌଣସି କାରଣବଶତଃ ଘର ପାର୍ଶ୍ୱରେ ନିର୍ମାଣ କରାଯାଉଥିବା ଡ୍ରେନ୍‌ରେ ସିନୁ ପଡିଯାଇଥିଲେ। ଡ୍ରେନ୍ କଂକ୍ରିଟରେ ତାଙ୍କ ମୁଣ୍ଡ ମାଡ଼ ହୋଇଯିବାରୁ ସେ ଅଚେତ ହୋଇଯାଇଥିଲେ। ମୁଣ୍ଡ ଭିତରେ ରକ୍ତସ୍ରାବ ହୋଇଥିଲା। ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ସିନୁଙ୍କୁ ମୃତ ଘୋଷଣା କରିଥିଲେ। ତେବେ ନିର୍ମାଣାଧୀନ ଡ୍ରେନ୍‌ରେ ସମ୍ଭାବ୍ୟ ଅଘଟଣକୁ ଏଡାଇବାକୁ ଠିକାଦାର କୌଣସି ପଦକ୍ଷେପ ନେଇ ନ ଥିଲେ। ୩ ଫୁଟରୁ ଉର୍ଦ୍ଧ୍ୱ ଗଭୀର ଡ୍ରେନ୍ ନିର୍ମାଣ କରାଯାଉଥିଲେ ମଧ୍ୟ ଅତି ବିପଦପୂର୍ଣ୍ଣ ଭାବେ ଫାଙ୍କା ଛାଡି ଦିଆଯାଇଥିଲା। ନବନିର୍ମିତ ମୁକୁଳା ଡ୍ରେନ ପାର୍ଶ୍ୱରେ ସୁରକ୍ଷା ବାଡ଼ ନ ଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ଚର୍ଚ୍ଚା ହେଉଛି।

ଏ ସମ୍ପର୍କରେ ମେୟର ସୁଲୋଚନା ଦାସ କହିଛନ୍ତି, ସାଲିଆସାହି ନିକଟରେ ନିର୍ମାଣ ହେଉଥିବା ୨ଶହ ଫୁଟିଆ ରୋଡ୍ ପାଇଁ ସମ୍ପୃକ୍ତ ଡ୍ରେନ୍ ନିର୍ମାଣ କରାଯାଉଛି। ଏହା ଆର୍ ଆଣ୍ଡ ବି ବିଭାଗ କରୁଛି ଏବଂ ଏଥିରେ ବିଏମ୍‌ସିର କୌଣସି ଭୂମିକା ନାହିଁ। କାମ ଚାଲିଥିବାରୁ ସମ୍ପୃକ୍ତ ଡ୍ରେନ୍ ଖୋଲା ରହିଛି। ତେବେ ଡ୍ରେନ୍‌ରେ ପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ନିହାତି ପକ୍ଷେ ଦୁଃଖଦାୟକ ଘଟଣା। ନିୟମ ଅନୁଯାୟୀ ଅଣ୍ଡର କନ୍‌ଷ୍ଟ୍ରକ୍ସନ୍ ସାଇନ୍‌ରେ ନାଲି ଫିତା ଲଗାଇବା କଥା। ମାତ୍ର ସମ୍ପୃକ୍ତ ଠିକାଦାର ସଂସ୍ଥା ପକ୍ଷରୁ ଏହାକୁ ପାଳନ କରାଯାଇ ନାହିଁ। ତେଣୁ ଆର୍ ଆଣ୍ଡ ବି ପକ୍ଷରୁ ଘଟଣାକୁ ଗମ୍ଭୀରତା ସହ ନେଇ ପଦକ୍ଷେପ ନିଆଯିବା ଆବଶ୍ୟକ। ସେହିପରି ନୈତିକତା ଦୃଷ୍ଟିରୁ ସମ୍ପୃକ୍ତ ଠିକା ସଂସ୍ଥା ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ଆବଶ୍ୟକ।

### ଅରବିନ୍ଦ, ସନାତନ...

ଦିବସଠାରୁ ସବୁ କାମ ସେ ଶୃଙ୍ଖଳିତ କରିଆସିଛନ୍ତି। କୌଣସି ଦଳ ବିରୋଧୀ କାମ କରନ୍ତି ନାହିଁ। ନିଲମ୍ବନ ପୂର୍ବରୁ ତାଙ୍କୁ ପଚାରିବାର ଥିଲା। ତାଙ୍କୁ ନ ପଚାରି ନିଲମ୍ବନ କରିଥିବାରୁ ସେ ଦୁଃଖିତ ବୋଲି କହିଛନ୍ତି। ତେବେ ସନାତନ ଗତ ୧୩ ତାରିଖରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ବିଜେଡି ଶାସନ ସମୟରେ କେନ୍ଦୁଝର ଜିଲାକୁ ଅବହେଳା କରାଯାଇଥିଲା। ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସାଙ୍ଗରେ ରହିବେ ବୋଲି କହିଥିଲେ। ଭାଜପାରେ ସାମିଲହେବା ନେଇ ପ୍ରଶ୍ନହେବାରୁ ସେ କହିଛନ୍ତି, ଜିଲାର ବିକାଶ ଲାଗି ସେ ସବୁବେଳେ ପ୍ରସ୍ତୁତ। ମୁଖ୍ୟମନ୍ତ୍ରୀ ତାଙ୍କ ଜିଲାର ହୋଇଥିବାରୁ ତାଙ୍କ ସାଙ୍ଗରେ ସବୁବେଳେ ରହିବେ କହିଥିଲେ, ଯେଉଁଥିଲାଗି ଦଳ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ସେହିପରି ମିଳିଥିବା ସୂଚନା ମୁତାବକ, ବିଧାନସଭା ଭିତରେ ଏବଂ ବାହାରେ ଅନେକ ସମୟରେ ଭାଜପା ନେତାମାନେ ପାଣ୍ଡିଆନ୍‌ଙ୍କୁ ଗିରଫ କରିବା ନେଇ ଉଠାଉଥିବା ପ୍ରସଙ୍ଗରେ ଅରବିନ୍ଦ ପରୋକ୍ଷରେ କାହିଁକି ତାଙ୍କୁ ବାନ୍ଧୁନାହଁ ବୋଲି କହିଆସୁଥିଲେ। ଏପରିକି ଭାଜପା ନେତାମାନେ ଯେପରି ପାଣ୍ଡିଆନ୍ ପ୍ରସଙ୍ଗରେ ତାତିବେ ସେଭଳି ଢଙ୍ଗରେ ନିଜର ମନ୍ତବ୍ୟ ରଖୁଥିଲେ। ଯେଉଁ କଥା ନବୀନଙ୍କ ଘନିଷ୍ଠ ପାଣ୍ଡିଆନ୍ ଏବଂ ତାଙ୍କ କୋଟେରିଙ୍କୁ ଅସନ୍ତୁଷ୍ଟ କରୁଥିଲା। କିଛିଦିନ ହେବ ରାଜ୍ୟର ବରିଷ୍ଠ ନେତା ବିଜୟ ମହାପାତ୍ର ଏକ ନୂଆ ଦଳ ଗଠନ କରିବେ ବୋଲି ଶୁଣିବାକୁ ମିଳୁଛି। ଏହାରି ଭିତରେ ସେ କୁଆଡ଼େ ଅନେକ ବିଜେଡି ବିଧାୟକଙ୍କ ସହ ଯୋଗାଯୋଗ କରୁଛନ୍ତି। ସେହି କାର୍ଯ୍ୟରେ କୁଆଡ଼େ ଅରବିନ୍ଦ ସାମିଲ ରହୁଥିବା ଆଲୋଚନା ହେଉଛି। ତେଣୁ ଅରବିନ୍ଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ସେହି ଉଦ୍ୟମରେ ବ୍ରେକ୍ ଲଗାଇବାକୁ ଉଦ୍ୟମ କରାଯାଇଥିବା କୋଟେରି ଗୋଷ୍ଠୀର ଜଣେ ନେତା ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଅନ୍ୟପଟେ ସେହି ଗୋଷ୍ଠୀର ଜଣେ ନେତାଙ୍କ ବିଶ୍ୱସ୍ତ ସୂଚନା ମୁତାବକ, ଆର୍ଥିକ କାରବାରରେ କିଛି ଦୁର୍ନୀତି ଥିବା କାରଣରୁ ଅରବିନ୍ଦଙ୍କ ବିରୋଧରେ ଏଭଳି କୁଆଡ଼େ କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି ସେ କହୁଛନ୍ତି। ଏତଦ୍ୱାରା ନବୀନ ଏକ ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି, ସେ ଦଳ ବାବଦରେ ଲୋକଦେଖାଣିଆ କିଛି କରୁନାହାନ୍ତି, ବରଂ ବହୁ ଗଭୀରତାର ସହିତ ଦଳୀୟ ବ୍ୟାପାରରେ ଅଛନ୍ତି।

ଆଗକୁ ରାଜ୍ୟର ୪ ରାଜ୍ୟ ସଭା ଆସନ ଲାଗି ଭୋଟ୍ ହେବାକୁ ଥିବାବେଳେ ପର୍ଯ୍ୟାୟକ୍ରମେ ନବୀନ ୧୦ ଜଣ ଲେଖା ବିଧାୟକଙ୍କ ସହ ଭେଟୁଛନ୍ତି। ହେଲେ ଯେଉଁମାନେ ନବୀନଙ୍କୁ ଭେଟୁଛନ୍ତି ସେମାନେ ନବୀନଙ୍କ ବୈଠକକୁ ସେତେଟା ଗୁରୁତ୍ୱପୂର୍ଣ୍ଣ ବୋଲି ନ ଭାବି ଭିତରୁ ଫେରୁଛନ୍ତି। ଏପରିକି ଆଗାମୀ ରାଜ୍ୟ ସଭା ଭୋଟ୍ ସମୟରେ ନବୀନ ପରୋକ୍ଷରେ ଭାଜପାକୁ ଗୋଟିଏ ଆସନ ଟେକିଦେବା ଲାଗି ସବୁ ବାଟ ପ୍ରସ୍ତୁତ କରୁଥିବା ମଧ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବିଗତ ଦିନରେ ଭାଜପାକୁ ବାରମ୍ବାର ସମର୍ଥନ କରିବା କାରଣରୁ ବର୍ତ୍ତମାନ ଦଳର ସ୍ଥିତି ଏଭଳି ଅବସ୍ଥାରେ ପହଞ୍ଚିଥିବା ବିଜେଡିର ସବୁସ୍ତରର କର୍ମୀ ଓ ନେତାମାନେ ଚିନ୍ତା କରୁଛନ୍ତି। ସେଥିଲାଗି ରାଜ୍ୟ ସଭା ଭୋଟ୍‌କୁ ଅନେକ ଅପେକ୍ଷା କରିଛନ୍ତି, ରାଜ୍ୟ ସଭାର ଗୋଟିଏ ଆସନ ଭାଜପା ହାତକୁ ନ ଯିବା ଲାଗି ବିଜେଡି ସବୁ ପ୍ରକାର ଉଦ୍ୟମ କରିବେ ନା ସମଦୂରତ୍ୱ କଥାରେ ପୁରୁଣା ରାସ୍ତା ବାଛିବ, ତାହା ଦ୍ୱନ୍ଦ୍ୱରେ ରହିଛି। ତେଣୁ ନବୀନଙ୍କ ବୈଠକ ଲୋକଦେଖାଣିଆ ବୋଲି ଅନେକ ଚିନ୍ତା କରୁଥିଲେ। ଏହି ନିଲମ୍ବନ ଆଦେଶ ସେହି କଥାକୁ କାଉଣ୍ଟର କରି ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପଟେ ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ଦଳ ବିରୋଧୀ କାମରେ ସେମାନେ ଲିପ୍ତଥିବା ଜଣାଗଲା। ବିଧାୟକ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ଯିଏ ଦଳ ବିରୋଧରେ ଷଡ଼ଯନ୍ତ୍ର କରିବ ଏବଂ ଦଳକୁ ଦୁର୍ବଳ କରିବାକୁ ଚେଷ୍ଟା କରିବ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ୨ ବିଧାୟକଙ୍କ ନିଲମ୍ବନ ସ୍ୱାଗତଯୋଗ୍ୟ। ଦୁର୍ନୀତିଗ୍ରସ୍ତ ଏବଂ ବିଶ୍ୱାସଘାତକଙ୍କୁ ଦଳରେ ସ୍ଥାନ ନାହିଁ। ବିଜେଡି ଶୃଙ୍ଖଳିତ ଦଳ ଓ କମ୍ପ୍ରମାଇଜ୍‌ର ପ୍ରଶ୍ନ ଏଠାରେ ନାହିଁ ବୋଲି ସେ କହିଛନ୍ତି।

ବରିଷ୍ଠ ନେତା ତଥା ଅରବିନ୍ଦଙ୍କ ବାପା ବିଜୟ ମହାପାତ୍ର କହିଛନ୍ତି, ସେ ଏଭଳି ଖବର ଶୁଣି ହତବାକ୍ ଓ ଆଶ୍ଚର୍ଯ୍ୟ। ସେ ଜାଣିବାରେ ତାଙ୍କ ପୁଅ କିଛି କରିନାହିଁ। ସେ କୌଣସି ଦଳରେ ନାହାନ୍ତି, ତାଙ୍କ ପୁଅ ନିର୍ବାଚନମଣ୍ଡଳୀର ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ବିଜୟ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମକ୍ଷେତ୍ରରେ ସାହାଯ୍ୟ, ସହଯୋଗ ପାଇ ଅଟକିଥିବା କାମକୁ ସମ୍ପୂର୍ଣ୍ଣ କରିବା ନିଷ୍ପତ୍ତି ନେବେ। ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯାଇଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗିରହିବ। ଅଭାବ ନ ଥିଲେ ମଧ୍ୟ ଋଣ ପରିଶୋଧ ଓ ବନ୍ଧୁଙ୍କ ଶତ୍ରୁତାରୁ ମନ ଭାରାକ୍ରାନ୍ତ ରହିପାରେ। ଜମିଜମା, ଜଳ, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ।

**ବୃଷ** — କର୍ମଜଞ୍ଜାଳ ବୃଦ୍ଧି ସାଙ୍ଗକୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ପିଲାଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ଷୁବ୍ଧ ହେବେ। ଆଜିର ବ୍ୟବସାୟିକ ସ୍ଥିତି, ବନ୍ଧୁଗୃହକୁ ଯାତ୍ରା ସନ୍ତୋଷଜନକ ରହିବ। ସଙ୍କଟଜନକ ପରିସ୍ଥିତିରେ ବନ୍ଧୁ ସାହାଯ୍ୟ କରିବେ।

**ମିଥୁନ** — ପାରିବାରିକ ସ୍ଥିତିରେ ସୁଧାର ଆସିବ। କଚେରି ମାମଲାରୁ ମନସ୍ତାପ ବଢ଼ିପାରେ। ଜମିଜମା ବାବଦରେ ଖର୍ଚ୍ଚ ପରିମାଣ ବୃଦ୍ଧିପାଇବ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ନୂତନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ଭ୍ରମଣଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତିତ ହେବେ।

**କର୍କଟ** — କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀ ଅଭିଯୋଗ ଆଣିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। କଳା, ସାହିତ୍ୟ, ସଂସ୍କୃତିରୁ ପ୍ରଶଂସିତ ହେବେ। ବାଣିଜ୍ୟ, ପରିବହନ, ବ୍ୟବସାୟ ଓ ସଂଗଠନ କ୍ଷେତ୍ରରେ ପ୍ରତିବନ୍ଧକର ଆଶଙ୍କା ରହିଛି। ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ରହିବ।

**ସିଂହ** — ଭୁଲ୍ ବୁଝାମଣାରୁ ପାରିବାରିକ କଳହ ମାନସିକ ଅଶାନ୍ତିର କାରଣ ହେବ। ଅର୍ଥସଙ୍କଟ ଯୋଗୁ ଧାର କରଜ ପାଇଁ ବନ୍ଧୁଙ୍କ ଦ୍ୱାରସ୍ଥ ହୋଇପାରନ୍ତି। ପଡ଼ୋଶୀଙ୍କ ଅନୁରୋଧରେ ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରଯାତ୍ରା କରିବାକୁ ପଡ଼ିପାରେ। ସନ୍ତାନଙ୍କ ବୈବାହିକ ସମ୍ପର୍କ ସକାଶେ ଆତ୍ମୀୟମାନଙ୍କ ସହ ଆଲୋଚନା କରିପାରନ୍ତି।

**କନ୍ୟା** — କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କରିପାରିବେ। ଅପରିଚିତ ଲୋକଟିଏ ମିତ୍ରତା ଛଳରେ ପାଖେଇ ଆସିପାରେ। ସରକାରୀ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଆଜି ଅର୍ଥନୈତିକ, ପାରିବାରିକ, ସାମାଜିକ କ୍ଷେତ୍ର ପ୍ରାୟତଃ ଭଲ ରହିବ। ଦୀର୍ଘଦିନାନ୍ତେ ଆରୋଗ୍ୟଲାଭଜନିତ ଆଶ୍ୱସ୍ତି ଅନୁଭବ କରିବେ।

**ତୁଳା** — କର୍ମକ୍ଷେତ୍ରରେ ବନ୍ଧୁଙ୍କ ଅଭିଯୋଗ ଆଶଙ୍କା ବୃଦ୍ଧି କରିବ। ଆର୍ଥିକ ସ୍ଥିତି, ପାରିବାରିକ ପରିସ୍ଥିତି ଓ ବାଣିଜ୍ୟିକ ଅଭିବୃଦ୍ଧିରୁ ଖୁସି ହେବେ। ବିଶେଷ ଭ୍ରମଣ ଯୋଗୁ ଅସୁସ୍ଥତା ଅନୁଭବ କରିପାରନ୍ତି। ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବୃଦ୍ଧି ପାଇବ। ଯାନବାହନକୁ ପରଖି ନ ନେଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ବିଛା** — ବନ୍ଧୁଙ୍କ ତରଫରୁ ଅର୍ଥ, ଉପହାରାଦି ପ୍ରାପ୍ତିର ଆଶା ରହିଛି। ପରିବାରରେ ଭୁଲ୍ ବୁଝାମଣାଜନିତ ସ୍ତ୍ରୀଙ୍କ ସହ ମତାନ୍ତର ଘଟିପାରେ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସଙ୍ଗୀତ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ , ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ** — ଭଙ୍ଗା ପଡିଯାଇଥିବା ବନ୍ଧୁସମ୍ପର୍କକୁ ଯୋଡ଼ିବା ପାଇଁ ଚେଷ୍ଟା କରିପାରନ୍ତି। ମୂଲ୍ୟବାନ୍ ଜିନିଷ କ୍ରୟ କ୍ଷେତ୍ରରେ ଅର୍ଥସଙ୍କଟ ଦେଖାଦେବ। ଶିଳ୍ପ, ବାଣିଜ୍ୟ ଓ ପରିବହନ ସନ୍ତୋଷଜନକ ରହିବ। ପାରିବାରିକ ସମସ୍ୟାର ସମାଧାନ ହେବାରେ ଜଣେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଅଶୌଚ ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ମକର** — ସକାଳୁ ଅଣ୍ଡାଜନିତ ସ୍ୱାସ୍ଥ୍ୟ ଭଲ ଲାଗି ନ ପାରେ। ଭ୍ରମଣାନ୍ତେ ଫେରନ୍ତା ସମୟରେ ମତାନ୍ତରଜନିତ ତିକ୍ତଅନୁଭୂତି ମନକୁ ବିଷାଦିତ କରିପାରେ। ଶିଳ୍ପ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାହିତ୍ୟ, ସଂସ୍କୃତିରେ ଆଦର କରିବା ସହ ବନ୍ଧୁମିଳନରୁ ଖୁସି ହେବେ। କରଜଦାତାଙ୍କ ଚାପରେ ଅତିଷ୍ଠ ହୋଇପାରନ୍ତି।

**କୁମ୍ଭ** — କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ଅର୍ଥ ସଙ୍କଟକୁ ଦୂରେଇଦେବ। ଉଚିତ ବୁଝାମଣା ଯୋଗୁ ପରିବାରରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଆନନ୍ଦଦାୟକ ରହିବ। ନିଜ ଲୋକଙ୍କ ବେଖାତିର ମନୋଭାବ ମନରେ ଗଭୀର ରେଖାପାତ କରିପାରେ।

**ମୀନ** — ନୂଆ ଯୋଜନାଟି ଆରମ୍ଭରେ ପାରିବାରିକ ପ୍ରତିରୋଧ ଯୋଗୁ ସ୍ଥଗିତ ରହିଯିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ଖୁସି ଅନୁଭବ କରିବେ । ଉପରିସ୍ଥ କର୍ମଚାରୀଙ୍କ ନିର୍ଦ୍ଦେଶରେ ପୂର୍ବ ନିର୍ଦ୍ଧାରିତ ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ। ଆଜି ଆର୍ଥିକ ଦୁଃସ୍ଥିତି, ପରୋକ୍ଷ ଶତ୍ରୁତା, ସମ୍ପର୍କରେ ତିକ୍ତତା ଓ ବନ୍ଧୁମତାନ୍ତରର ସୂଚନା ରହିଛି।

ଆଜି ଜାନୁଆରୀ ୧୬ ତାରିଖ, ଜାତୀୟ ଷ୍ଟାର୍ଟ-ଅପ୍ ଦିବସ, ସୋ-ବେ-ମେରାଜ, ମାଘ କୃଷ୍ଣ ତ୍ରୟୋଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ମୂଳା/ଧନୁ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୭ ଗତେ ଘ.୦୭.୧୧ ମଧ୍ୟେ, ଘ.୦୭.୫୫ ଗତେ ଘ.୦୯.୧୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୩୪ ଗତେ ଘ.୧୧.୫୬ ମଧ୍ୟେ ରାହୁ କାଳ।

# ଲୋକଗୀତ ଗାୟିକା କୁନି ଛତ୍ରିଆଙ୍କ ପରଲୋକ

**ଗୁଡଭେଲା, ୧୫।୧ (ମନୋଜ କୁମାର ଜୈନ)**



ପଶ୍ଚିମାଞ୍ଚଳ ତଥା ସାରା ରାଜ୍ୟରେ ସାନବଡ ଘୁଡୁକା ବାଦ୍ୟରେ ପ୍ରସିଦ୍ଧ ଲାଭ କରିବା ସହ ସମ୍ବଲପୁରୀ ଓ ଆଞ୍ଚଳିକ ଭାଷାର ଗୀତଗାଇ ଲୋକପ୍ରିୟ ହୋଇଥିବା କଣ୍ଠଶିଳ୍ପୀ ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ପତିତପାବନ ପଡ଼ାର କୁନି ଛତ୍ରିଆ(୩୫)ଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ଗତ ୩ ତାରିଖରେ କୃଷ୍ଣପ୍ରିୟା କଳାପରିଷଦ ପକ୍ଷରୁ ବରଗଡ଼ରେ ଅନୁଷ୍ଠିତ ଧନୁଯାତ୍ରାରେ ଷ୍ଟେଜ୍ ଶୋ ସାରି ସେ ଘରକୁ ଫେରିଥିଲେ। ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ସେଠାରୁ ତାଙ୍କୁ ସମ୍ବଲପୁର ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ତାଙ୍କର ପରଲୋକ ହୋଇଯାଇଛି। ମରଶରୀରକୁ ଗୁରୁବାର ତାଙ୍କ ବାସଭବନକୁ ନିଆଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ପ୍ରିୟବ୍ରତ ଛତ୍ରିଆ, ଦିଅର ପୂର୍ଣ୍ଣଚନ୍ଦ୍ର ଛତ୍ରିଆ, ଶମ୍ଭୁପ୍ରସାଦ ଛତ୍ରିଆ, ବିଭୁପ୍ରସାଦ ଛତ୍ରିଆ, ଶାଶୁ ହରିପ୍ରିୟା ଛତ୍ରିଆ, ପୁଅ ସାଥୀ ଓ ଝିଅ ସ୍ୱାତୀଙ୍କ ସମେତ ବନ୍ଧୁ ଓ ପରିବାର ସଦସ୍ୟ ଉପସ୍ଥିତ ରହିଥିଲେ। ତାଙ୍କ ବାସଭବନରୁ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଧାନଘରାସ୍ଥିତ ନିଜସ୍ୱ ଜମିରେ ମାଟି ଖୋଳି ପୋତି ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ଅଞ୍ଚଳର କଳାକାର ଓ ଜନସାଧାରଣଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତୁଷୁରା ଏନ୍ଏସି ଅଧ୍ୟକ୍ଷ ଅଜୟ କୁମାର ଜୟସ୍ୱାଲ, ପୃଥ୍ୱୀରାଜ ନନ୍ଦ, ସଞ୍ଜୀବ ବେହେରା, ସୁବଳ ବଗର୍ତ୍ତୀ, ରାଜେଶ ସରାଫ, ରମେଶ ସରାଫ, ଖବରଦାତା ପ୍ରକାଶ ପ୍ରଧାନ, ମନୀଷ ଅଗ୍ରୱାଲ, କଣ୍ଠଶିଳ୍ପୀ କାଳିଚରଣ ବାଗଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କୁନିଙ୍କ ଅନ୍ତିମ ସଂସ୍କାରରେ ସାମିଲ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ବିଧାୟକ ନବୀନ ଜୈନ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା, ଗୁଡ୍‌ଭେଲା ବ୍ଲକ୍ ଅଧ୍ୟକ୍ଷା ବେବୀ ଦୋରା, କଂଗ୍ରେସ ନେତା ବୀରେନ୍ଦ୍ର ବାଗ, ବରିଷ୍ଠ ଭାଜପା ନେତା ମୁକେଶ ଜୈନ, ତୋଷାଳୀ ସାମ୍ବାଦିକ ସଂଘ ସଭାପତି ଶମ୍ଭୁ ପ୍ରସାଦ ସାହୁ, ମାର୍କେଟ ଆସୋସିଏସନ ସଭାପତି ଦୀନଦୟାଲ କେଡିଆ, ବବିତା ସାହୁ, ପୂର୍ବତନ ମାରୱାଡି ଯୁବାମଞ୍ଚ ସଭାପତି ମନୋଜ କୁମାର ଜୈନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କୁନି ବଲାଙ୍ଗୀର ଜିଲା ତୁଷୁରା ଭଳି ଏକ ଛୋଟ ସହରରୁ ଯାଇ ରାଜ୍ୟ ତଥା ରାଜ୍ୟ ବାହାରେ ଘୁଡୁକା ବାଦ୍ୟ ପରିବେଷଣ କରିବା ସହ ଲୋକ ଗୀତ ଗାୟିକା ଭାବେ କୁନି ବେଶ୍ ସୁନାମ ଅର୍ଜନ କରିଛନ୍ତି। ସେ ତୁଷୁରା ଅଞ୍ଚଳର ସାନ ବଡ଼ ଘୁଡୁକା ବାଦ୍ୟକୁ ଜାତୀୟ ସ୍ତରରେ ପହଞ୍ଚାଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏଥିସହ ସେ ତୁଷୁରା ଅଞ୍ଚଳର କୃଷ୍ଣପ୍ରିୟା କଳା ପରିଷଦର ସ୍ଥାୟୀ ସଦସ୍ୟା ଥିଲେ।

# ପ୍ରଶାସନର ସମାଧାନ ପ୍ରତିଶ୍ରୁତି, ଆନ୍ଦୋଳନକାରୀ ଅସନ୍ତୁଷ୍ଟ

**ଛେଣ୍ଡିପଦା, ୧୫।୧ (ଅଜିତ ଧଳ)**



ଖଣି ସର୍ଭେ କାର୍ଯ୍ୟକୁ ବିରୋଧ କରି ଆନ୍ଦୋଳନ କରାଯାଉଛି।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବରପଦା ପଞ୍ଚାୟତ ଗୋପିବଲ୍ଲଭପୁରଠାରେ ଥିବା ନାଲ୍‌କୋର ଉତ୍କଳ-ଇ ପ୍ରସ୍ତାବିତ କୋଇଲା ଖଣି ଅଞ୍ଚଳରେ ସର୍ଭେ କାର୍ଯ୍ୟକୁ କ୍ଷତିଗ୍ରସ୍ତ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଗୁରୁବାର କ୍ଷତିଗ୍ରସ୍ତ ପ୍ରଜାମାନେ ହାତରେ ପ୍ଲାକାର୍ଡ ଧରି କୋଇଲା ଖଣିରୁ ଗାଁକୁ ଯାଇଥିବା ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଜିଲା ପ୍ରଶାସନର ଅଧିକାରୀମାନେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଆଲୋଚନା ମାଧ୍ୟମରେ ସେମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଏହାପରେ ପୋଲିସ ଆନ୍ଦୋଳନକାରୀଙ୍କୁ ଗାଡ଼ିରେ ନେଇ ଗାଁରେ ଛାଡ଼ିଦେଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ପ୍ରଶାସନ ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁ ନ ଥିବା ଆନ୍ଦୋଳନକାରୀ କହିବା ସହ ପୋଲିସ ଅଧାରାସ୍ତାରେ ଛାଡ଼ିଦେଇଥିବା ଅଭିଯୋଗ କରିଛନ୍ତି।

## ନାଲ୍‌କୋର ଖଣି କାର୍ଯ୍ୟ ସର୍ଭେକୁ ବିରୋଧ ଘଟଣା

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଛେଣ୍ଡିପଦା ବ୍ଲକର ନାଣ୍ଡିଛୋଡ଼, ଗୋପିବଲ୍ଲଭପୁର ଗାଁ ନିକଟରେ ଥିବା ଉତ୍କଳ ଡି ଓ ଇ କୋଲ ବ୍ଲକ ପାଇଁ ନାଲ୍‌କୋ ପକ୍ଷରୁ ୨୦୧୧ ମସିହାରୁ ଜମି ଅଧିଗ୍ରହଣ କରାଯାଇଥିଲେ ମଧ୍ୟ ବିସ୍ଥାପିତ ଓ ଆଂଶିକ କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ନିଯୁକ୍ତି, ଥଇଥାନ, କ୍ଷତିପୂରଣ ରାଶି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରାଯାଇ ନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏପରି ସମୟରେ ନାଲ୍‌କୋର ଠିକା ସଂସ୍ଥା ପକ୍ଷରୁ ଉତ୍କଳ-ଇ କୋଲ୍ ବ୍ଲକରେ କୋଇଲା ଖନନ ପାଇଁ ସର୍ଭେ କରାଯାଉଛି। ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ୩ ଦଫା ଦାବିକୁ କମ୍ପାନୀ କର୍ତ୍ତୃପକ୍ଷ ଏଯାଏ ପୂରଣ କରି ନ ଥିବାରୁ ଶତାଧିକ ମହିଳା ପୁରୁଷ ରାସ୍ତା ଉପରେ ବସିରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ନିଶା ଶିଳ୍ପାଞ୍ଚଳ ପୋଲିସ ଓ ମାଜିଷ୍ଟ୍ରେଟ ଭାବେ ଛେଣ୍ଡିପଦା ତହସିଲଦାର ମାନସ ରାୟ, ଉପଜିଲାପାଳ ମାୟାଧର ବେହେରା, ଏସ୍‌ଡିପିଓ ରମାକାନ୍ତ ମହାଳିକ, ନିଶା ଥାନା ଆଇଆଇସି ବିବେକାନନ୍ଦ ମହନ୍ତ ପହଞ୍ଚି ଆଲୋଚନା କରିବା ସହିତ କ୍ଷତିଗ୍ରସ୍ତ ପ୍ରଜାଙ୍କ ଦାବିଗୁଡ଼ିକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି କହିଥିଲେ। ସ୍ଥାୟୀ ନିଯୁକ୍ତି ନେଇ ଗ୍ରାମବାସୀ ଯେଉଁ ଦାବି ରଖିଛନ୍ତି, ତାହାର ବ୍ୟବସ୍ଥା ନାଲ୍‌କୋ କମ୍ପାନୀରେ ନାହିଁ। ତେବେ କିଭଳି ବିସ୍ଥାପିତ ଓ ଆଂଶିକ କ୍ଷତିଗ୍ରସ୍ତଙ୍କୁ ମାଇନ୍ସ ଡେଭଲପର ଆଣ୍ଡ ଅପରେଟର (ଏମ୍‌ଡିଓ) ମାଧ୍ୟମରେ ଅସ୍ଥାୟୀ ନିଯୁକ୍ତି ଦିଆଯିବ ସେ ନେଇ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ବିସ୍ଥାପିତଙ୍କ ପାଇଁ ବିସ୍ଥାପନ ଓ ଥଇଥାନ (ଆର୍‌ଆର୍) କଲୋନୀ ନିର୍ମାଣ ଉଦ୍ୟମ ଜାରି ରହିଛି। ଗ୍ରାମବାସୀ ଆନ୍ଦୋଳନ ନ କରି ସେମାନଙ୍କ ସମସ୍ୟାକୁ ପ୍ରଶାନିକ ସ୍ତରରେ ଆଲୋଚନା କରି ସମାଧାନ କରିବାକୁ ବୁଝାଯିବା ପରେ ଆନ୍ଦୋଳନକାରୀଙ୍କୁ ସେଠାରୁ ଗାଡ଼ିରେ ନିଆଯାଇ ଗାଁ ନିକଟରେ ଛାଡ଼ିଦିଆଯାଇଥିବା ତହସିଲଦାର ରାୟ ପ୍ରକାଶ କରିଛନ୍ତି। ଅପରପକ୍ଷରେ ପ୍ରଶାସନ ସେମାନଙ୍କ ଦାବି ପୂରଣକୁ ଗୁରୁତ୍ୱ ନ ଦେଇ ପୋଲିସ ଲଗାଇ ଅଧାରାସ୍ତାରେ ଛାଡ଼ି ଦେଇଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ଅବଧି ୨୦ ପର୍ଯ୍ୟନ୍ତ ବୃଦ୍ଧି

**ଭୁବନେଶ୍ୱର, ୧୫।୧ (ସୁଚିସ୍ମିତା ସାହୁ)**

'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପାଇଁ ଆବେଦନ ସମୟସୀମା ବୃଦ୍ଧି କରାଯାଇଛି। ମୋଟ ୧୨ଟି ବିଭାଗରେ ଏହି ପୁରସ୍କାର ପାଇଁ ଆବେଦନ ଲାଗି ଜାନୁଆରୀ ୧୦ ଶେଷ ତାରିଖ ରହିଥିଲା। ଏବେ ଏହାକୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୱେବ୍‌ସାଇଟ୍ www.msp.odisha.gov.inରେ ଆବେଦନ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ମାଧ୍ୟମିକ ବିଦ୍ୟାଳୟ ଏବଂ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର, ଗ୍ରାମପଞ୍ଚାୟତ ପୁରସ୍କାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ପୁରସ୍କାର, ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପୁରସ୍କାର, ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପୁରସ୍କାର, ଜିଲା ପୁରସ୍କାର, ବ୍ଲକ ପୁରସ୍କାର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପୁରସ୍କାର ପାଇଁ ଆବେଦନ ହେଉଛି। ମାଧ୍ୟମିକ ବିଦ୍ୟାଳୟସ୍ତରରେ ବିଦ୍ୟାଳୟ ଓ ଶିକ୍ଷକ ପୁରସ୍କାର ଏବଂ ପ୍ରାଥମିକ ବିଦ୍ୟାଳୟସ୍ତରରେ ବିଦ୍ୟାଳୟ ଓ ଶିକ୍ଷକ ପୁରସ୍କାର ପାଇଁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ ଏବଂ ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର ପାଇଁ ପ୍ରଧାନଶିକ୍ଷକ ଆବେଦନ କରିବେ।

# ଅଜାତିରେ ବାହା ହେଲା ଝିଅ, ବାପାଙ୍କ ମୃତଦେହ ଛୁଇଁଲେନି ଗ୍ରାମବାସୀ

**ଜଗନ୍ନାଥ ପ୍ରସାଦ, ୧୫।୧ (ବିଭୁ ପ୍ରସାଦ ପଟ୍ଟନାୟକ)**

ଝିଅ ଅନ୍ୟ ଜାତିରେ ବାହା ହୋଇଗଲା ବୋଲି ଜାତିପ୍ରଥାକୁ ନେଇ ଜଗନ୍ନାଥପ୍ରସାଦ ବ୍ଲକ ଅଞ୍ଚଳରେ ଦେଖାଦେଇଛି ଏକ ଭିନ୍ନ ଚିତ୍ର। ବାପାଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହକୁ ସତ୍କାର କରିବାକୁ କେହି ଗ୍ରାମବାସୀ ଆସିଲେନି। ଏପରି ଦୁଃଖଦ ଓ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଏହି ବ୍ଲକର ଅଳସୁ ଗ୍ରାମର ବନ୍ଧସାହିରେ। ଖବରରୁ ଜଣାପଡିଛି, ଗ୍ରାମର ଗୋବିନ୍ଦ ବାରିକ (୫୬) ପରିବାର ସହ ଦୀର୍ଘବର୍ଷ ଧରି ବନ୍ଧସାହିରେ ବସବାସ କରୁଥିଲେ। ତାଙ୍କର ଏକମାତ୍ର ଝିଅ ରଶ୍ମିତା ବାରିକ ୧୧ ବର୍ଷ ତଳେ ଅନ୍ୟଜାତିର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ସେହିଦିନଠାରୁ ଗୋବିନ୍ଦଙ୍କ ପରିବାରକୁ ଗ୍ରାମରୁ ବାସନ୍ଦ କରିଥିଲେ ଗ୍ରାମବାସୀ। ସେ ଗ୍ରାମରେ ସମସ୍ତଙ୍କ ସହ ମିଳିମିଶି ଚଳିବା ପାଇଁ ଅନେକ ଥର ଚେଷ୍ଟା କରି ବିଫଳ ହେଇଥିଲେ। ସ୍ୱାସ୍ଥ୍ୟଗତ ଅସୁସ୍ଥତା ହେତୁ ଗୁରୁବାର ଭୋର ୫ଟାରେ ଗୋବିନ୍ଦ ନିଜ ବାସଭବନରେ ମୃତ୍ୟୁବରଣ କରିଥିଲେ। ନିକଟରେ କେବଳ ସ୍ତ୍ରୀ କୁନି ବାରିକ (୪୪) ଓ ରଶ୍ମିତା ରହି କୋହଭରା କଣ୍ଠରେ କାନ୍ଦୁଥିଲେ ମଧ୍ୟ ଗ୍ରାମବାସୀ ଓ କୁଳ ସମାଜ ପାଖ ମାଡି ନ ଥିଲେ। ମୃତହେଦ ସତ୍କାର ପାଇଁ ଦୀର୍ଘ ୯ ଘଣ୍ଟା ଧରି ଘରେ ପଡିରହିଥିଲା। ଅଳସୁ ପଞ୍ଚାୟତ ସମିତିସଭ୍ୟା ରଶ୍ମିତା ସେଠୀ ଓ ତାଙ୍କ ସ୍ୱାମୀ ମନୋଜ ସେଠୀ ଗୋବିନ୍ଦଙ୍କ ଘର ନିକଟରେ ପହଞ୍ଚି ଉପସ୍ଥିତ ସମ୍ପର୍କୀୟ ଓ ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରି ମଧ୍ୟ ବିଫଳ ହୋଇଥିଲେ। ଶେଷରେ ସାମାଜିକ ଅନୁଷ୍ଠାନ ଗୋପବନ୍ଧୁ ଚାରିଟେବଲ ଟ୍ରଷ୍ଟକୁ ମୃତଦେହ ସତ୍କାର ପାଇଁ ସହଯୋଗ ଲୋଡ଼ିଥିଲେ। ସନ୍ତୋଷ ଦଳବେହେରା, ହାଡ଼ିଆ ପ୍ରଧାନ, ନାରାୟଣ ପ୍ରଧାନ, ତାରିଣୀ ସେଠୀ, ସୁଶାନ୍ତ ପ୍ରଧାନ, ରଞ୍ଜିତ ନାୟକ, ନାରାୟଣ ସାହୁ, ନୀର ସାହୁ, କାହ୍ନୁ ପ୍ରଧାନ, ମହେଶ୍ୱର ସାହୁ ପହଞ୍ଚି ଗ୍ରାମ ଶ୍ମଶାନରେ ମୃତଦେହ ସତ୍କାର କରିଥିଲେ।

# ନିଃସନ୍ତାନ, ମୋ କୋଳ ଖାଲିକରନି

**ଢେଙ୍କାନାଳ, ୧୫।୧ (ରତନ ନାୟାର)**



ଶିଶୁ ପୁତ୍ରକୁ ପାଇବା ପାଇଁ ପାଳିତ ଦମ୍ପତି ଜିଲାପାଳଙ୍କ କାର୍ଯ୍ୟାଳୟରେ ଆକୁଳ ନିବେଦନ କରୁଛନ୍ତି।

ଆମେ ନିଃସନ୍ତାନ, ଆମ ପୁଅକୁ ଫେରାଇଦିଅ, ମୋ କୋଳ ଖାଲିକରନି। ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ଗଡ଼ି ଗଡ଼ି ଏକ ଦମ୍ପତି ଜିଲାପାଳଙ୍କୁ ଏପରି କାକୁତିମିନତି ହେବା ଦୃଶ୍ୟ ଗୁରୁବାର ମଧ୍ୟାହ୍ନରେ ଦେଖିବାକୁ ମିଳିଛି। ସମ୍ପୃକ୍ତ ଦମ୍ପତି ଜଙ୍ଗଲରୁ ଶିଶୁପୁତ୍ରକୁ ଉଦ୍ଧାର କରି ମାସେ ପାଳିବା ପରେ ଶିଶୁ ସୁରକ୍ଷା ବିଭାଗ କର୍ମଚାରୀ ସେମାନଙ୍କଠାରୁ ଛୁଆଟିକୁ ନେଇ ଆସିଥିବାରୁ ଏହାର ପ୍ରତିବାଦ କରିବା ସହ ସମ୍ପୃକ୍ତ ଦମ୍ପତି ଓ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଆଗରେ ଧାରଣା ଦେଇଥିଲେ। ପାଳିତା ମା' କୋଳରୁ ଶିଶୁଟିକୁ ଆଇନ ଏପରି ଛଡ଼ାଇ ନେଇଥିବା ସାଧାରଣରେ ଆଲୋଚନା ହେଉଛି।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବାଛୁରିବାଙ୍କ ଗ୍ରାମର ଦଳିତ ସମ୍ପ୍ରଦାୟର ମୂଷା ନାଏକ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ନାଏକ ନିଃସନ୍ତାନ। ମୂଷା ପ୍ରତିଦିନ ଛେଳି ଚରାଇବା ପାଇଁ ଜଙ୍ଗଲକୁ ଯାଇଥାନ୍ତି। ୨୦୨୫ ଡିସେମ୍ବର ୯ରେ ସେ ଛେଳି ଚରାଇବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ଗୋଟିଏ ବୁଦାମୂଳରେ ଏକ ଶିଶୁପୁତ୍ର କାନ୍ଦୁଥିବା ଦେଖିଥିଲେ। ମୂଷା ଶିଶୁପୁତ୍ରଟିକୁ ଉଦ୍ଧାର କରି ପାଳିଥିଲେ। ଏପରିକି ତା'ର ଏକୋଇଶିଆ ମଧ୍ୟ କରିଥିଲେ। ଶିଶୁପୁତ୍ରର ନାମ ବିଷ୍ଣୁପ୍ରସାଦ ରଖିଥିଲେ। କିନ୍ତୁ ୧୩ ତାରିଖରେ ଢେଙ୍କାନାଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ସ୍ଥାନୀୟ ସରପଞ୍ଚ, ମୋଟଙ୍ଗା ଥାନା ପୋଲିସ, ଆଶା ଓ ଅଙ୍ଗନୱାଡି କର୍ମୀ ଏବଂ ଗ୍ରାମର କେତେଜଣ ଭଦ୍ରବ୍ୟକ୍ତି ମୂଷାଙ୍କ ଘରକୁ ସନ୍ଧ୍ୟାରେ ଆସି ଶିଶୁପୁତ୍ରକୁ ନେଇ ପଳାଇଥିଲେ। ଏ ସଂକ୍ରାନ୍ତରେ ମୂଷା ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଡିଓଙ୍କୁ ଅବଗତ କରାଇଥିଲେ। ପରେ ଉଭୟ ଦମ୍ପତି, ୱାର୍ଡ ମେମ୍ବର ଓ ଗ୍ରାମବାସୀ

## ଜିଲାପାଳଙ୍କ କାର୍ଯ୍ୟାଳୟରେ ଦମ୍ପତିଙ୍କ ସହ ଗ୍ରାମବାସୀଙ୍କ ଧାରଣା

ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ତୀବ୍ର ପ୍ରତିବାଦ କରିଥିଲେ। ଖବରପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର ପ୍ରମୁଖ ଘଟଣାସ୍ଥଳକୁ ଆସି ଉଭୟ ଦମ୍ପତି ଓ ଗ୍ରାମବାସୀଙ୍କୁ ପୋଲିସ ଉପସ୍ଥିତିରେ ବୁଝାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ଏପରିକି ଅଧିକାରୀମାନେ ସମ୍ପୃକ୍ତ ଦମ୍ପତି, ଗ୍ରାମବାସୀଙ୍କୁ ଧମକାଇବା ସହ ନିବୃତ୍ତ ନ ହେଲେ ଥାନାରେ ଷ୍ଟେଶନ ଡାଏରୀ କରିଛୁ, ବର୍ତ୍ତମାନ ମାମଲା ରୁଜୁ କରିବୁ ବୋଲି କହୁଥିବା ଦେଖାଯାଇଥିଲା। ଅଧିକାରୀମାନଙ୍କ ଏଭଳି ବ୍ୟବହାର ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା। ଫଳରେ ବାସନ୍ତୀ ନିଜ ବେକରେ ପିନ୍ଧିଥିବା ଲୁଗାକୁ ଗୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ପୋଲିସ ତାଙ୍କୁ ଧରିନେଇ ସେଥିରୁ ନିବୃତ୍ତ କରାଇଥିଲେ। ବହୁ ସମୟଧରି ଉତ୍ତେଜନା ଲାଗି ରହିଥିଲା। ଅପରାହ୍ନ ସାଢ଼େ ୩ଟାରେ ଜିଲାପାଳ ବାସନ୍ତୀଙ୍କ ସହ ଆଲୋଚନା କରିଥିଲେ। ତାଙ୍କୁ ଆଇନ ସମ୍ପର୍କରେ ବୁଝାଇବା ପରେ ମଧ୍ୟ ବାସନ୍ତୀ ତାଙ୍କ ଜିଦ୍‌ରେ ଅଟଳ ଥିଲେ। ପରେ ସ୍ଥିତି ଜଟିଳରୂପ ଧାରଣ କରିବାରୁ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୂଷା ଓ ବାସନ୍ତୀଙ୍କ ସହ କିଛି ଗ୍ରାମବାସୀଙ୍କୁ ଗାଡ଼ିରେ ଉଠାଇ ନେଇଥିଲା।

ଏ ସଂକ୍ରାନ୍ତରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ କହିଛନ୍ତି, ମୂଷା ବୁଦାମୂଳରୁ ଶିଶୁ ପୁତ୍ରଟିକୁ ଉଦ୍ଧାର କରିବା ପରେ ପୋଲିସକୁ ଜଣାଇବା କଥା। ଜଣେ ଚାହିଁଲେ ପାଇଥିବା ଶିଶୁପୁତ୍ରକୁ ପାଖରେ ରଖିପାରିବ ନାହିଁ। ଏଥିପାଇଁ ଆଇନ ରହିଛି। ଖବର ପାଇଲା ପରେ ଶିଶୁ ସୁରକ୍ଷା ବିଭାଗ, ଶିଶୁ ସୁରକ୍ଷା ସମିତି ଶିଶୁଟିକୁ ଉଦ୍ଧାର କରି ଆଣିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଥାନାରେ ଏକ ଷ୍ଟେଶନ ଡାଏରୀ ମଧ୍ୟ କରାଯାଇଛି। ନିୟମ ଅନୁଯାୟୀ ଶିଶୁଟିକୁ ଶିଶୁ ଗୃହରେ ରଖାଯିବା ସହ ତା'ର ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଉଛି। ଏହାପରେ ଶିଶୁଟିର ପରିଚୟ ପ୍ରଦାନ ପାଇଁ ବିଜ୍ଞାପନ ମଧ୍ୟ ପ୍ରକାଶ କରାଯିବ। ଏସବୁ ପରେ ଯଦି କେହି ଦାବିଦାର ନ ଆସିଲେ, ତେବେ ପୋଷ୍ୟ ସନ୍ତାନ ଆଇନ ମୁତାବକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଶିଶୁକୁ ପାଇ କାହାକୁ ନ ଜଣାଇ ଘରେ ପାଳିବା ଆଇନ ସମ୍ମତ ନୁହେଁ ବୋଲି ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ କହିଥିଲେ।

# ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ପରଲୋକ

**ଡେରାବିଶ, ୧୫।୧ (ବେବର୍ତ୍ତା ଅଜୟ ଦାସ)**

## ଡେରାବିଶ ଜନତାଙ୍କ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା ଜିଲା ଡେରାବିଶ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ଏହି ଖବର ଜଣାପଡିବା ପରେ ଡେରାବିଶ ବ୍ଲକ୍ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତଦେହ ବ୍ଲକ ଅଧୀନ ଚାନ୍ଦୋଳ ଫାଣ୍ଡି ଛକରେ ପହଞ୍ଚିବା ପରେ ଅପେକ୍ଷାରତ ଜନସାଧାରଣ ତାଙ୍କ ପ୍ରିୟ ନେତାଙ୍କୁ ଶେଷ ଦର୍ଶନ କରିବା ପାଇଁ ଭିଡ଼ ଜମାଇଥିଲେ। ପରେ ଏକ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତକୁ ନିଆଯାଇ ରାତିରେ ବ୍ଲକ୍ ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତର ଶଙ୍କରପୁରସ୍ଥିତ ତାଙ୍କ ବାସଭବନରେ ପହଞ୍ଚିଥିଲା। ପରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲ।

ସୂଚନାଯୋଗ୍ୟ, ରାଉତ କେବଳ ବ୍ଲକ ଅଞ୍ଚଳ ନୁହେଁ ସମଗ୍ର କେନ୍ଦ୍ରାପଡ଼ା ଜିଲାରେ ଜଣେ ବନ୍ଧୁବତ୍ସଳ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ୧୯୯୦ରୁ ୯୫ ପର୍ଯ୍ୟନ୍ତ ସେ ତତ୍କାଳୀନ ବରୀ-ଡେରାବିଶ ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇ ବହୁ ଲୋକାଭିମୁଖୀ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକ ଖବର ପାଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଓ ଦେବାଶିଷ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମହାନ୍ତି, ବରିଷ୍ଠ ବିଜେଡି ନେତା ରବି ସାମଲ, ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବ୍ଲକ୍ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣକରିବା ସହ ଶେଷ ଦର୍ଶନ କରିଥିଲେ। ତେବେ ରାଉତଙ୍କ ପରଲୋକରେ ବିଧାୟକ ପ୍ରତାପ କେଶରୀ ଦେବ, ଗଣେଶ୍ୱର ବେହେରା, ଅରବିନ୍ଦ ମହାପାତ୍ର, ଧ୍ରୁବ ସାହୁ, ଡେରାବିଶ କଲେଜ ପରିଚାଳନା କମିଟିର ପୂର୍ବତନ ସଭାପତି ଶରତ କୁମାର କର, ମାହାଙ୍ଗା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସିଂହ, ବରିଷ୍ଠ ବିଜେଡି ନେତା ହଳଧର ଦାଶ, ମହେନ୍ଦ୍ର କୁମାର ସିଂହ, ରାଜେଶ ପଣ୍ଡା, ସରୋଜକାନ୍ତ ନାୟକ, କ୍ରୀଡ଼ାବିତ ସାହାଜାନ୍ ଖାନ୍‌ଙ୍କ ସମେତ ଅଧ୍ୟାପକ ପ୍ରଭାକର ସାମଲ ଓ ଗୋଲଖ ଚନ୍ଦ୍ର ମହାଭୋଇ, ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ପୃଷ୍ଟି, କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପଣ୍ଡା, ତ୍ରିଲୋଚନ ରାଉତ, ଯୁବ ସଙ୍ଗଠକ ସତ୍ୟରଞ୍ଜନ ସାମଲ ଓ ଅଭିମନ୍ୟୁ ରାଉତ, ସାମାଜିକ କର୍ମୀ ନିଗମାନନ୍ଦ ସାହୁ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

**ଜାତୀୟ ଷ୍ଟାର୍ଟଅପ୍ ଦିବସ**

# ଦୃଢ଼ ଇକୋସିଷ୍ଟମ ଷ୍ଟାର୍ଟଅପ୍ ଲକ୍ଷ୍ୟ



ପ୍ରତିବର୍ଷ ଜାନୁଆରୀ ୧୬ରେ ପାଳନ ହୋଇଆସୁଛି ଜାତୀୟ ଷ୍ଟାର୍ଟଅପ୍ ଦିବସ। ଭାରତର ଉଦ୍ୟୋଗୀ ମନୋଭାବର ଜାତୀୟ ସ୍ୱୀକୃତି ସ୍ୱରୂପ ଏହି ଦିବସ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ। ଷ୍ଟାର୍ଟଅପ୍ ଇଣ୍ଡିଆ ଦ୍ୱିତୀୟ ଦଶନ୍ଧିରେ ପ୍ରବେଶ କରୁଥିବାରୁ ଚଳିତ ବର୍ଷର 'ଜାତୀୟ ଷ୍ଟାର୍ଟଅପ୍ ଦିବସ' କେବଳ ଅତୀତର ସଫଳତାକୁ ପାଳନ କରିବାର ଏକ ମୁହୂର୍ତ୍ତ ନୁହେଁ, ବରଂ ଏକ ଅଧିକ ସ୍ଥିର, ଅନ୍ତର୍ଭୁକ୍ତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଗଠନ ଦିଗରେ କାର୍ଯ୍ୟ ସକାଶେ ଏକ ଆହ୍ୱାନ। ଗତ ୧୦ ବର୍ଷର ଯାତ୍ରା ଏକ ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ର ଭାବରେ ଭାରତର ବଢ଼ୁଥିବା ଶକ୍ତିକୁ ପ୍ରତିଫଳିତ କରେ, ପରବର୍ତ୍ତୀ ପର୍ଯ୍ୟାୟ ଗଭୀର ପ୍ରଭାବ, ବ୍ୟାପକ ଅଂଶଗ୍ରହଣ ଏବଂ ସ୍ଥାୟୀ ବିଶ୍ୱ ନେତୃତ୍ୱ ଉପରେ ଲକ୍ଷ୍ୟ ରଖାଯାଇଛି। ସୂଚନାଯୋଗ୍ୟ, ଷ୍ଟାର୍ଟଅପ୍ ଇଣ୍ଡିଆ ଭାରତ ସରକାରଙ୍କର ଏକ ପ୍ରମୁଖ ପଦକ୍ଷେପ। ଯାହା ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଅଧୀନରେ ୨୦୧୬ ଜାନୁଆରୀ ୧୬ରେ ଦେଶବ୍ୟାପୀ ଏକ ଦୃଢ଼ ଏବଂ ଅନ୍ତର୍ଭୁକ୍ତ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଗଠନର ଦୃଷ୍ଟିକୋଣ ସହିତ ଆରମ୍ଭ କରାଯାଇଥିଲା।

# ମଙ୍ଗଳାଯୋଡ଼ି ବୁଲିଲେ ରାଜ୍ୟପାଳ




**ଟାଙ୍ଗୀ, ୧୫।୧ (ରଘୁନାଥ ସାହୁ)**

ଶୀତଦିନେ ନୀଳାମ୍ବୁ ଚିଲିକାରେ ରଙ୍ଗବେରଙ୍ଗ ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥାଏ। ଚିଲିକାର ନଳବଣ ଏବଂ ମଙ୍ଗଳାଯୋଡ଼ିଠାରେ ସର୍ବାଧିକ ପକ୍ଷୀ ଦେଖିବାକୁ ମିଳିଥାନ୍ତି। ଅକ୍ଟୋବରରୁ ଫେବୃଆରୀ ପର୍ଯ୍ୟନ୍ତ ଏଠାରେ ପକ୍ଷୀଙ୍କୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ। ଗୁରୁବାର ଅପରାହ୍ନରେ ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି ଏବଂ ତାଙ୍କ ସହଧର୍ମିଣୀ ଜୟଶ୍ରୀ କମ୍ଭମପାଟି ବିଦେଶାଗତ ପକ୍ଷୀଙ୍କୁ ଦେଖିବା ପାଇଁ ମଙ୍ଗଳାଯୋଡ଼ିଠାରେ ପହଞ୍ଚିଥିଲେ। ଖୋର୍ଦ୍ଧା ଜିଲାପାଳ ଅମ୍ରିତ୍ ଋତୁରାଜ, ଟାଙ୍ଗୀ ବିଡିଓ ରୁମାନା ଜାଫ୍ରି, ତହସିଲଦାର ନିଷ୍ଠା ମହାପାତ୍ର, ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଳାନ ନାୟକ ପ୍ରମୁଖ ଉପସ୍ଥିତ ରହି ଉଭୟଙ୍କୁ ସ୍ୱାଗତ ଜଣାଇଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ରାଜ୍ୟପାଳଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହାପରେ ରାଜ୍ୟପାଳ ଏବଂ ତାଙ୍କ ସହଧର୍ମିଣୀ ଡଙ୍ଗାରେ ବସି ଚିଲିକା ବୁଲି ବିଭିନ୍ନ ରଙ୍ଗବେରଙ୍ଗର ପକ୍ଷୀଙ୍କୁ ଦେଖି ଅତ୍ୟନ୍ତ ଖୁସି ହୋଇଥିଲେ। ପକ୍ଷୀମାନଙ୍କ ଖାଦ୍ୟ, ସେମାନଙ୍କର ଚିଲିକାରେ ରହଣି ସମ୍ପର୍କରେ ଗାଇଡ୍‌ଙ୍କଠାରୁ ପଚାରି ବୁଝିଥିଲେ। ଚିଲିକା କୂଳ ମଙ୍ଗଳାଯୋଡ଼ିରେ ଥିବା ଆର୍ଦ୍ରଭୂମି ସମ୍ପର୍କରେ ଜାଣି ଖୁସିବ୍ୟକ୍ତ କରିଥିଲେ। ରାଜ୍ୟପାଳଙ୍କ ଗସ୍ତ ସମୟରେ ସୁରକ୍ଷା ପାଇଁ ପୋଲିସ ପ୍ରଶାସନ ସହ ଅଗ୍ନିଶମ ବାହିନୀ ନିୟୋଜିତ ହୋଇଥିଲେ।

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା

-ରଟନ୍ତୀ କାଳିକା ପୂଜା

# ଆମେରିକାର ସାମ୍ରାଜ୍ୟବାଦ



ଜୟତି ଘୋଷ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରେ ଏବେ ବ୍ୟବସାୟିକ, ଭୂରାଜନୈତିକ ତଥା ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ପ୍ରଭୁତ୍ୱ ବିସ୍ତାର କରିବାର ପାଗଳାମି ପ୍ରକାଶ ପାଇଛି ଏବଂ ଏହା ପଛରେ ଏକ ରଣନୀତି ରହିଛି। ତାଙ୍କ ପ୍ରଶାସନ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଅପହରଣ କରିବା ଏବଂ ସେହି ଦେଶରେ ବୋଲକରା ଶାସନ ପ୍ରତିଷ୍ଠା କରି ସେଠାକାର ଗଚ୍ଛିତ ତେଲକୁ ନିୟନ୍ତ୍ରଣକୁ ନେବା ପାଇଁ ଜାରି ରଖିଥିବା ପଦକ୍ଷେପରୁ ଏହି ପାଗଳାମି ଅଧିକ ସ୍ପଷ୍ଟ ହୋଇଛି। କହିବାକୁ ଗଲେ ଟ୍ରମ୍ପ ପୂର୍ବତନ ରାଷ୍ଟ୍ରପତି ଜେମ୍ସ ମୋନରଏଙ୍କ ଦ୍ୱାରା ସୃଷ୍ଟି ହୋଇଥିବା 'ମୋନରୋଏ ଡକ୍ଟ୍ରିନ୍' ବା ସିଦ୍ଧାନ୍ତର ନାଁ ବଦଳାଇ ଏବେ 'ଡୋନ୍‌ରଏ ଡକ୍ଟ୍ରିନ୍' ଦେଇଛନ୍ତି। ଅତୀତର ସିଦ୍ଧାନ୍ତକୁ ପୁନଃ ପ୍ରବର୍ତ୍ତନ କରିବା ମୂଳରେ ତାଙ୍କ ବିଶ୍ୱାସ ରହିଛି ଯେ, ଆମେରିକାର ପ୍ରଭାବ ପରିସରଭୁକ୍ତ ଅଞ୍ଚଳରେ ପଦକ୍ଷେପ ନେଇପାରିବ। ଏହି ସମୟରେ ଗ୍ରୀନ୍‌ଲାଣ୍ଡ ସମେତ ଯେଉଁଠି ଉପଯୁକ୍ତ ମନେକରୁଛି, ଆମେରିକା ସେଠାରେ ତାହାର ରଣନୀତିକ ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ଚେଷ୍ଟା ଜାରି ରଖିଛି। ଏଭଳି ଦୃଷ୍ଟିକୋଣକୁ ଭାରତୀୟ ଅର୍ଥନୀତିଜ୍ଞ ପ୍ରଭାତ ପଟ୍ଟନାୟକ 'ଗ୍ୟାଙ୍ଗଷ୍ଟର ସାମ୍ରାଜ୍ୟବାଦ' ଭାବେ ବର୍ଣ୍ଣନା କରିଥିଲେ, ଯାହା ପୁଞ୍ଜିବାଦର ଉପନିବେଶୀୟ ଆଧାର ସହ ସମାନ। ଯେତେବେଳେ ଲୋକ ଓ ରାଜନୈତିକ ସଂସ୍ଥାଗୁଡ଼ିକ ମଧ୍ୟରେ ପଦାନୁକ୍ରମ କ୍ଷମତା ଥିଲା, ସେତେବେଳେ ଏଭଳି ଦୃଷ୍ଟିକୋଣ ପ୍ରକାଶ ପାଇଥିଲା।

ଯେତେବେଳେ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ଅଧିକ ଅସ୍ଥିର ଓ ଲକ୍ଷ୍ୟହୀନ ହେବା ଦେଖାଯାଇଛି, ସେତେବେଳେ ବିଶ୍ୱରେ ନିଜର ଲାଭ ପାଇଁ ପ୍ରମୁଖ ଶକ୍ତିଗୁଡ଼ିକ ଭାଗ ହୋଇ ଏକ ଅଧିକ ସ୍ଥାୟୀ ଓ ଗତିଶୀଳ ପୁଞ୍ଜିବାଦ ସୃଷ୍ଟି କରିପାରିବେ କି? ଯଦି ଇତିହାସକୁ ଦେଖାଯାଏ, ତେବେ ଏହାର ଉତ୍ତର ହେବ ନା। ବିଗତ ଦୁଇ ଶତାବ୍ଦୀରେ, ପ୍ରତିଯୋଗୀ ଦେଶଗୁଡ଼ିକ ମଧ୍ୟରେ ତୀବ୍ର ସଂଘର୍ଷର ସମୟ ଏବଂ ଗୋଟିଏ ପ୍ରଭାବଶାଳୀ ସୁପରପାୱାରର ଏକଚ୍ଛତ୍ରବାଦ ଭିତରେ ପୁଞ୍ଜିବାଦ ଦୋଦୁଲ୍ୟମାନ ସ୍ଥିତିରେ ରହିଛି। ଊନବିଂଶ ଶତାବ୍ଦୀରେ ବ୍ରିଟେନ ଏହି ଭୂମିକା ନିଭାଇଥିଲା, ଯାହା ତାହାର ୟୁରୋପୀୟ ପ୍ରତିପକ୍ଷଙ୍କ ତୁଳନାରେ ଏକ ବୃହତ୍ ଉପନିବେଶୀୟ ସାମ୍ରାଜ୍ୟ ଗଢ଼ିଥିଲା। ତେବେ ବିଂଶ ଶତାବ୍ଦୀର ମଧ୍ୟଭାଗରୁ ଆମେରିକା ଏହି ଭୂମିକାରେ ଅବତୀର୍ଣ୍ଣ ହୋଇଛି।

ଆଧିପତ୍ୟ ବିସ୍ତାର ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବରୁ ବୃହତ୍ ଆନ୍ତଃ ସାମ୍ରାଜ୍ୟବାଦୀ ସଂଘର୍ଷକୁ ସୀମିତ କରିଥିଲା। ଦେଶର ସମର୍ଥନରେ ଘରୋଇ ପୁଞ୍ଜି ଆର୍ଥିକ କ୍ଷେତ୍ରକୁ ନିୟନ୍ତ୍ରଣକୁ ନେବା ପାଇଁ ଏଭଳି ସଂଘର୍ଷ ଉଦ୍ଦିଷ୍ଟ ଥିଲା ବୋଲି ଭ୍ଲାଡିମିର ଲେଲିନ୍ ବର୍ଣ୍ଣନା କରିଥିଲେ। ବିଶେଷକରି ସ୍ଥିରତା ଅତ୍ୟଧିକ ସାମରିକ ଶକ୍ତି ଏବଂ ଭୂରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ଗଢ଼ାଯାଇଥିବା ନିୟମ ଓ ବ୍ୟବସ୍ଥାର ଏକ ଢାଞ୍ଚା ଉପରେ ନିର୍ଭର କରୁଥିଲା। ଏବେ ପ୍ରକାଶ ପାଇଥିବା ଆମେରିକାର ସାମ୍ରାଜ୍ୟବାଦ ପ୍ରବୃତ୍ତି ଅତି ବିସ୍ତାରବାଦୀ ଏବଂ କ୍ଷୟଶୀଳ। ଟ୍ରମ୍ପଙ୍କ ବୈଦେଶିକ ନୀତି ଯେଉଁ ଦୃଷ୍ଟିକୋଣ ଉପରେ ଆଧାରିତ ତାହା ହେଉଛି, ଏକଦା ଆମେରିକା ନେତୃତ୍ୱାଧୀନ ଜଗତୀକରଣ ଆମେରିକୀୟ ପୁଞ୍ଜି ବିଶେଷକରି ବିତ୍ତୀୟ ସ୍ୱାର୍ଥରେ କାମ କରୁଥିଲା। ହେଲେ ଚାଇନା ଭଳି ବିକାଶଶୀଳ ଦେଶର ଉତ୍‌ଥାନ ଯୋଗୁ ଏହାର ଲାଭ କମିଯାଇଛି। ଏହାର ସମାଧାନ ପାଇଁ ଟ୍ରମ୍ପଙ୍କୁ ଏବେ ସେନା ଏବଂ ବିତ୍ତୀୟ ଶକ୍ତି ଉପରେ ନିର୍ଭର କରିବାକୁ ପଡ଼ିଛି। ଏହା ମାଧ୍ୟମରେ ଆମେରିକାର ସମ୍ପୂର୍ଣ୍ଣ ପ୍ରଭୁତ୍ୱ ବଳୟରେ ଥିବା ଅଞ୍ଚଳଗୁଡ଼ିକର ବଜାର ଓ ସମ୍ବଳ ଉପରେ ସିଧାସଳଖ ନିୟନ୍ତ୍ରଣ ହାସଲ କରିବାକୁ ଆଗକୁ ଆସିଛନ୍ତି।



ଏପରକି ନିୟମ ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ଅଣଦେଖା କରୁଛନ୍ତି। ଏପରିକି ଗଣତନ୍ତ୍ର ଓ ମାନବ ଅଧିକାରକୁ ପ୍ରୋତ୍ସାହିତ କରୁଥିବା ବିଷୟରୁ ଦୂରେଇଯିବା; ସମ୍ବଳକୁ ଆୟତ୍ତ କରିବା ସକାଶେ ଶକ୍ତିର ଏକ ମଧ୍ୟଯୁଗୀୟ ସିଦ୍ଧାନ୍ତକୁ ଲଜ୍ଜାଜନକ ଭାବେ ପ୍ରଦର୍ଶନ କରାଯାଉଥିବା ଦେଖାଯାଉଛି। ଏପରିକି ଟ୍ରମ୍ପ କହନ୍ତି, ଏହି ରଣନୀତି ସଫଳ ହେବା ସମ୍ଭାବନା କମ୍। ଏହା ସ୍ପଷ୍ଟ ଭାବେ ଏବେ ଆମେରିକାର ଶ୍ରମିକ ଓ କ୍ଷୁଦ୍ର କମ୍ପାନୀଗୁଡ଼ିକ ପାଇଁ ବିପର୍ଯ୍ୟୟ ସୃଷ୍ଟି କରିଥିବାବେଳେ ଅସ୍ଥିରତା ବଢ଼ାଇଛି। ଆମେରିକାର ବୃହତ୍ କର୍ପୋରେଶନଗୁଡ଼ିକର ଦୀର୍ଘମିଆଦୀ ଲାଭ ହ୍ରାସ ହେଉଛି। ଭିନ୍ନ ଭିନ୍ନ କ୍ଷେତ୍ରରେ ଆର୍ଥିକ ସମ୍ବଳ ନିୟନ୍ତ୍ରଣରେ ନାହିଁ। ସୀମାକୁ ନେଇ ବିବାଦ ଲାଗିରହିଛି ଏବଂ ତାହାକୁ ନିୟନ୍ତ୍ରଣ କରିବା ଅପରିହାର୍ଯ୍ୟ ହୋଇଯାଇଛି। ଯେତେବେଳେ ଗୋଟିଏ ଦେଶ ପ୍ରତ୍ୟେକ କ୍ଷେତ୍ରରେ ତାହାର ପ୍ରାଧାନ୍ୟ ବିସ୍ତାର କରିବାକୁ ଚେଷ୍ଟା କରୁଛି, ସେତେବେଳେ ଯୁଦ୍ଧ ହେବାର ସମ୍ଭାବନା ଅଧିକ ଉପୁଜୁଛି।

ଏହା ନିଶ୍ଚିତ ଯେ, କର୍ପୋରେଟ୍ ଆମେରିକାର କେତେକ କ୍ଷେତ୍ର ଲାଭ ନେବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ଉଦାହରଣ ସ୍ୱରୂପ, ସେନା ସହ ଜଡ଼ିତଥିବା ଶିଳ୍ପକ୍ଷେତ୍ର ୟୁକ୍ରେନ୍ ଓ ମଧ୍ୟପ୍ରାଚ୍ୟ ଯୁଦ୍ଧରୁ ପ୍ରଚୁର ଲାଭ ପାଇଛି। ହେଲେ ଅନ୍ୟସବୁ ଲାଭ ଚାଲିଯିବ। ଆନ୍ତଃରାଷ୍ଟ୍ରୀୟ କର୍ପୋରେଶନଗୁଡ଼ିକ ନିର୍ଭର କରୁଥିବା ଯୋଗାଣ ଶୃଙ୍ଖଳଗୁଡ଼ିକ ବାଧାପ୍ରାପ୍ତ ହେବ। ଏହା ସହ ବୈଦେଶିକ ପୁଞ୍ଜି ପ୍ରବାହରେ ହ୍ରାସ ଘଟିବ। ସାରା ବିଶ୍ୱର ତଥ୍ୟ ଉପଲବ୍ଧତା ଉପରେ ବିଶ୍ୱାସ କରୁଥିବା ବୃହତ୍ ଟେକ୍ କମ୍ପାନୀଗୁଡ଼ିକ ସେମାନଙ୍କ ମୁଖ୍ୟ ବୈଦେଶିକ ମାର୍କେଟରୁ ବାହାରିଯିବେ। ଟ୍ରମ୍ପ ପ୍ରଶାସନ ଏହିସବୁ ବିପରୀତ ସ୍ଥିତିକୁ ନିୟନ୍ତ୍ରଣ କରିବା ସକାଶେ ବିଭିନ୍ନ ବ୍ୟବସାୟିକ ଅଂଶୀଦାରଙ୍କ ଉପରେ ପ୍ରାଧାନ୍ୟ ବଢ଼ାଇବା ପାଇଁ ନକାରାତ୍ମକ ପଦକ୍ଷେପ ସ୍ୱରୂପ ଟାରିଫ୍ ବୃଦ୍ଧି ଧମକ ଦେଇ ଚାଲିଛି। ହେଲେ ଟ୍ରମ୍ପଙ୍କ ଏଭଳି ଅସୁବିଧା ସୃଷ୍ଟିକାରୀ ପଦକ୍ଷେପ ସ୍ୱଳ୍ପ ସମୟ ପାଇଁ ଲାଭଦାୟକ ହେଲେ ମଧ୍ୟ ଦୀର୍ଘମିଆଦୀରେ ଗମ୍ଭୀର ପରିଣାମ ସୃଷ୍ଟି କରିବ। ଏହି ପରିପ୍ରେକ୍ଷୀରେ ଦୀର୍ଘଦିନରୁ ରହିଆସିଥିବା ମିତ୍ର ଦେଶଗୁଡ଼ିକ ସମେତ ଅନେକ ଦେଶ କେତେକ ନିର୍ଦ୍ଦିଷ୍ଟ ବିଷୟକୁ ନେଇ ନୂତନ ମେଣ୍ଟ ଗଠନ କରି ଆମେରିକା ଉପରେ ସେମାନଙ୍କ ନିର୍ଭରଶୀଳତା କମାଇବା ଲାଗି ଚାହିଁଲେଣି।

ଟ୍ରମ୍ପଙ୍କ ବ୍ୟାପକ ଆର୍ଥିକ କାର୍ଯ୍ୟକ୍ରମ ଦ୍ୱାରା ସମସ୍ୟାଗୁଡ଼ିକ ଆହୁରି ବୃଦ୍ଧି ପାଇଛି। ତାଙ୍କ ଆର୍ଥିକ କାର୍ଯ୍ୟକ୍ରମ ବିଶେଷକରି ଅକ୍ଷୟ ଶକ୍ତି ଟେକ୍‌ନୋଲୋଜି, ବୈଦ୍ୟୁତିକ ଯାନ ଏବଂ ବ୍ୟାଟେରି ଅଭାବ ବଦଳରେ ଜୀବାଶ୍ମ ଇନ୍ଧନକୁ ଲଗାତର ଗୁରୁତ୍ୱ ଦେଇଆସୁଛି। ପରିଣାମ ସ୍ୱରୂପ, ଦୀର୍ଘମିଆଦୀ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଆବଶ୍ୟକ ଗତିଶୀଳ ଅର୍ଥ ବ୍ୟବସ୍ଥାର ଅଭାବକୁ ଆମେରିକୀୟ କମ୍ପାନୀଗୁଡ଼ିକ ସାମ୍ନା କରୁଛନ୍ତି। ଆମେରିକାର ଆର୍ଥିକ ତ୍ରୁଟି ପରେ ମଧ୍ୟ ଲାଟିନ୍ ଆମେରିକାକୁ ତାହାର ପଛୁଆ ଅଞ୍ଚଳ ଭାବେ ଦେଖୁଛି, ଯାହାକୁ ନେଇ ଅଧିକ ପ୍ରତିରୋଧ ହେବାର ସମ୍ଭାବନା ରହିଛି। ସେନା ହସ୍ତକ୍ଷେପ କରି ଆମେରିକା ନିଜର ପ୍ରାଧାନ୍ୟ ବଢ଼ାଇବା, ସେନା ଏକଚ୍ଛତ୍ରବାଦ ଶାସନକୁ ସମର୍ଥନ କରିବା ଏବଂ କଟକଣା ଲଗାଇବାରେ ଏକ ଦୀର୍ଘ ଇତିହାସ ରହିଛି। ଏହି ପଦକ୍ଷେପ ସମୟ ଅନୁସାରେ ଠିକ୍ ନୁହେଁ। ଏହା ଲାଟିନ୍ ଆମେରିକାର ସବୁଆଡ଼େ ଅସମାନତା ଓ ଆର୍ଥିକ ଅସୁରକ୍ଷା ବଢ଼ାଉଛି। ଏହା ଆରମ୍ଭରୁ ସାମାଜିକ ଓ ରାଜନୈତିକ ଅସ୍ଥିରତା ସୃଷ୍ଟି କରିଆସିଛି। ଏହାର ପରିଣାମ ମଧ୍ୟ ଆମେରିକାରେ ଅନୁଭୂତ ହେବ। କିନ୍ତୁ ଅବଶିଷ୍ଟ ବିଶ୍ୱ ତାହାର ବାଟ ବଦଳାଇବା ଆବଶ୍ୟକ ଓ ଏଥିପାଇଁ ଟ୍ରମ୍ପଙ୍କ ଆଗାମୀ ପ୍ରଶାସନକୁ ଅପେକ୍ଷା କରିପାରିବ ନାହିଁ। ୟୁରୋପୀୟ ଦେଶଗୁଡ଼ିକ ସାବଧାନତା ଅବଲମ୍ବନ କରବା କିମ୍ବା କୌଣସି ପ୍ରତିକ୍ରିୟା ପ୍ରକାଶ କରିବା କିମ୍ବା ନିଜକୁ ଅଲଗା ଭାବେ ଦେଖିବା ବାସ୍ତବରେ ସମାଧାନର ପନ୍ଥା ନୁହେଁ। ଏବକାର ବୈଶ୍ୱିକ ଆହ୍ୱାନଗୁଡ଼ିକର ସମାଧାନ କରିବା ଜରୁରୀ। ଏ ଦୃଷ୍ଟିରୁ ଏହା ସ୍ପଷ୍ଟ ଯେ, ଟ୍ରମ୍ପଙ୍କ ଗ୍ୟାଙ୍ଗଷ୍ଟର ମାର୍କା ସାମ୍ରାଜ୍ୟବାଦକୁ ବିରୋଧ କରିବାକୁ ହେଲେ ଅନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ରହିଛି, ଯାହା ପାଇଁ ଆମେରିକାର ସହମତି ଲୋଡ଼ା ନାହିଁ। ସମ୍ମିଳିତ ପଦକ୍ଷେପର କୌଣସି ବିକଳ୍ପ ନାହିଁ। ଏକ ମାତ୍ର ବାଟ ହେଉଛି ଆମେରିକା ଦ୍ୱାରା ସୃଷ୍ଟି କରାଯାଉଥିବା ବିପଦର ମୁକାବିଲା କରିବାକୁ ହିଁ ପଡ଼ିବ।

**ଅର୍ଥନୀତି ପ୍ରାଧ୍ୟାପିକା,**
**ମାସାଚୁ୍ୟଟ୍‌ସ ଆମର୍ହଷ୍ଟ ବିଶ୍ୱବିଦ୍ୟାଳୟ**

## ଏଇ ଭାରତରେ

ନାଗା ଯୋଦ୍ଧା ଛାକେସାଙ୍କ ଜନଜାତି ଲୋକେ ଶିକାର ଛାଡ଼ିଦେଇ ପରିବେଶ ଓ ପ୍ରାଣୀଙ୍କ ସୁରକ୍ଷା ପାଇଁ ଏବେ କାମ କରୁଛନ୍ତି। ସେମାନେ ଇଣ୍ଡୋ-ବର୍ମା ବାୟୋଡାଇଭର୍ସିଟି ହଟ୍‌ସ୍ପଟରେ ଥିବା ଜେସାମି ଗାଁରେ ରହୁଛନ୍ତି। ଏହି ଜନଜାତିର ଲୋକ ଶିକାର କୌଶଳ ପାଇଁ ଜଣାଶୁଣା। ଏପରି କି ଶିକାର କୌଶଳର ପ୍ରତୀକ ଭାବେ ସେମାନେ ଘର ପ୍ରବେଶପଥରେ ପ୍ରାଣୀଙ୍କ ଖପୁରି ସାଇତି ରଖିଥା'ନ୍ତି। ଗାଁର ମୁଖ୍ୟ ପର୍ବ ହେଉଛି ଟ୍ରେକୁ ନେଗେ। ଏହି ପର୍ବରେ ଉକ୍ତ ଜନଜାତିର ଲୋକମାନେ ମୁଣ୍ଡରେ ମିସେସ୍ ହ୍ୟୁମ ପିଜାଣ୍ଟ ପକ୍ଷୀ ଲାଞ୍ଜର ପର ପିନ୍ଧିଥା'ନ୍ତି। ଉଲ୍ଲେଖନୀୟ, ଏହି ପକ୍ଷୀର ନାମକରଣ ବ୍ରିଟେନ୍ ପରିବେଶବିତ୍ ଆଲାନ ଅକ୍ଟୋଭିଆନ ହ୍ୟୁମ୍ସଙ୍କ ସ୍ତ୍ରୀ ମ୍ୟାରି ଆନ୍ନ ଗ୍ରୀଣ୍ଡଲ ହ୍ୟୁମ୍ସଙ୍କ ନାମାନୁସାରେ କରାଯାଇଛି। ହ୍ୟୁମ ପିଜାଣ୍ଟ ପକ୍ଷୀ ବିଲୁପ୍ତ ହୋଇଯିବା ଖବର ଜାଣିବା ପରେ ଜେସାମି ଗ୍ରାମ ପରିଷଦର ଅଧ୍ୟକ୍ଷ ନିଜୋତେ ମେକ୍ରିଶୁ ସର୍ବସମ୍ମତିକ୍ରମେ ପଦକ୍ଷେପ ନେଇଥିଲେ। ୨୦୧୮ରେ ସବୁ ପ୍ରାଣୀଙ୍କ ଶିକାର ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଏପରି କି ଟ୍ରେକୁ ନେଗି ପର୍ବରେ ମଧ୍ୟ ଶିକାର ବନ୍ଦ କରାଯାଇଛି। ଏବେ ଗ୍ରାମବାସୀ ଶିକାର ଛାଡ଼ି ପର୍ଯ୍ୟଟକ, ବନ୍ୟପ୍ରାଣୀ ଫଟୋଗ୍ରାଫର ଓ ବୈଜ୍ଞାନିକଙ୍କୁ ଜଙ୍ଗଲରେ ଗାଇଡ୍ କରୁଛନ୍ତି। ଛାକେସାଙ୍କ ଜନଜାତିଙ୍କ ଏଭଳି ପରିବର୍ତ୍ତନକାରୀ ପଦକ୍ଷେପ ଭାରତର ଅନ୍ୟସବୁ ଜଙ୍ଗଲରେ ରହୁଥିବା ଜନଜାତିଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୬ ଜାନୁଆରୀ ୧୯୭୭**

- ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ଆଣ୍ଡାମାନ ସମୁଦ୍ର ଓ ଭାରତ ମହାସାଗର ସମୁଦ୍ର ସୀମା ବୃଦ୍ଧି ସଂକ୍ରାନ୍ତୀୟ ଚୁକ୍ତି ସ୍ୱାକ୍ଷରିତ।
- ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ସାର୍ ଆଣ୍ଟୋନୀ ଇଭାନଙ୍କ ୭୯ ବର୍ଷରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | 7 | 9 | | | | 1 | 2 |
| | | | 3 | | | | 4 | |
| | | | 7 | | | | | |
| | | 9 | | | | | | |
| | 1 | | | | 8 | | 9 | 4 |
| 8 | | | 5 | | 4 | | | 6 |
| | 2 | 4 | | | | 6 | | |
| 1 | 3 | 6 | | | | 4 | | 7 |
| 5 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 4 | 6 | 8 | 9 | 3 | 1 | 5 |
| 1 | 8 | 9 | 3 | 2 | 5 | 4 | 6 | 7 |
| 5 | 6 | 3 | 4 | 7 | 1 | 2 | 9 | 8 |
| 3 | 9 | 8 | 2 | 1 | 4 | 7 | 5 | 6 |
| 4 | 5 | 6 | 9 | 3 | 7 | 8 | 2 | 1 |
| 2 | 1 | 7 | 8 | 5 | 6 | 9 | 4 | 3 |
| 9 | 7 | 5 | 1 | 4 | 8 | 6 | 3 | 2 |
| 8 | 4 | 2 | 5 | 6 | 3 | 1 | 7 | 9 |
| 6 | 3 | 1 | 7 | 9 | 2 | 5 | 8 | 4 |

ଗତକାଲିର ଉତ୍ତର

# ଗଣତନ୍ତ୍ରରେ ନୈତିକ ମୂଲ୍ୟବୋଧ



ଭଗବାନ ଦାଶ

ଗଣତନ୍ତ୍ର ଗଣଙ୍କର ଶାସନ। ଗଣତନ୍ତ୍ରରେ ସତ୍ତାଧାରୀଙ୍କର କାର୍ଯ୍ୟାବଳୀର ମୂଲ୍ୟାୟନ ଜନତାଙ୍କ ମାଧ୍ୟମରେ ପ୍ରତି ପାଞ୍ଚବର୍ଷରେ ଥରେ ହୁଏ। ତେଣୁ ଚଷା ହୁଡ଼ିଲେ ବରଷେ ପରି ଭୋଟର ହୁଡ଼ିଲେ ପାଞ୍ଚ ବରଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼େ। ସତ୍ତା ଦେଶାନୁକୂଳ ଥିଲେ ଗଣ ସେହି ସତ୍ତାକୁ ପୁନର ସ୍ଥାପିତ କରିଥାଆନ୍ତି। ମାଧ୍ୟମ ଥାଏ ପ୍ରତ୍ୟେକ ଗଣଙ୍କର ମୁକ୍ତ, ନିର୍ଭୀକ, ନିରପେକ୍ଷ ଗୋଟିଏ ଗୋଟିଏ ସ୍ୱାଧୀନଚେତା ଭୋଟ। କିନ୍ତୁ ଥରେ କ୍ଷମତା ଆସିଗଲେ ପାଞ୍ଚ ବର୍ଷ ଯାଏ ତାଙ୍କ ଶାସନ ଚାଲେ। ଯେ ହେତୁ ଭୋଟ ହିଁ ସତ୍ତା ଦେବାର ଏକମାତ୍ର ମାଧ୍ୟମ, ତେଣୁ ପ୍ରତ୍ୟେକ ଦଳ ଜନମତକୁ ଆକର୍ଷିତ କରିବାକୁ ବିଭିନ୍ନ ପନ୍ଥା ଆପଣେଇ ନିଅନ୍ତି। ସାମ, ଦାନ, ଦଣ୍ଡ, ଭେଦ ଯାହା ସ୍ଥାନ କାଳ ପାତ୍ର ନେଇ ଆବଶ୍ୟକ ପଡ଼େ ତାହାର ଉପଯୋଗ କରନ୍ତି। ସବୁଠୁଁ ବଡ଼ ଆକର୍ଷଣ ନିଆଯାଏ ସରକାରୀ ଦଳର ଶେଷ ସମୟର ଆକର୍ଷଣୀୟ ଅନୈତିକ ପଦକ୍ଷେପ। ଯାହା ସମୂହ ପାଇଁ ନ ହୋଇ ଉଦ୍ଦିଷ୍ଟ ଥାଏ ପ୍ରାୟତଃ ଗୋଟିଏ ବଡ଼ ଗୋଷ୍ଠୀ ପାଇଁ। ତାହା ପୁଣି ସରକାରୀ ତହବିଲରୁ ଏବଂ ସାମୟିକ। ଏହା ବସ୍ତୁତଃ କରିଥାଏ ସେହି ସରକାରୀ ଦଳ ଯିଏ ନିଜେ ଅନୁଭବ କରେ, ତା'ର ଶାସନ ସମୟରେ କରିଥିବା କାର୍ଯ୍ୟ ଲୋକଙ୍କୁ ଆକର୍ଷିତ କରିବାକୁ ଯଥେଷ୍ଟ ନୁହେଁ। ଅବହେଳିତ ଗୋଷ୍ଠୀଟି ତାଙ୍କ ପ୍ରତି କରାଯାଇଥିବା ସମସ୍ତ ଅବହେଳାକୁ ଭୁଲିଯାଇ ସାମ୍ପ୍ରତିକ ଅନୁଦାନ ଦ୍ୱାରା ପ୍ରଲୋଭିତ ହୋଇ ଅଧିକାଂଶ ଆକର୍ଷିତ ହୁଅନ୍ତି। ପକ୍ଷାନ୍ତରେ କିଣା ହୋଇ ଯାଆନ୍ତି କହିଲେ ଚଳେ। ଫଳରେ ସରକାରୀ ଦଳପ୍ରତି ଅହେତୁକ ଅନୁକମ୍ପା ଭୋଟ ମାଧ୍ୟମରେ ଅଜାଡି ଦିଅନ୍ତି। ଧରାଇ ଦିଅନ୍ତି ପୁନଶ୍ଚ ଶାସନ ଭାର।

ହଜିଯାଏ ନିଜର ବହୁଦିନରୁ ପ୍ରତୀକ୍ଷିତ ବିଚାରଧାରା। ସାମୟିକ ମନ ଭୁଲାଣିଆ ଅନୁଦାନ ଦ୍ୱାରା ପ୍ରଭାବିତ ହୁଏ। ଆଗରୁ ବିରୋଧ କରିବାର ନିଷ୍ପତ୍ତି ନେଇଥିବା ଲୋକଟି ସମର୍ଥନରେ ଭୋଟ ଦେବାକୁ ମନ ବଳାଏ। ଗଣତନ୍ତ୍ରର ପଦ୍ଧତି କ'ଣ ଏଇଆ! ଯେଉଁଥିରେ ସ୍ଥାୟୀ ଜନହିତକର ବ୍ୟବସ୍ଥା ନ କରି ସାମୟିକ ମନଭୁଲା ପଦକ୍ଷେପ ନେଇ ଭୋଟ ବଳରେ ସତ୍ତାକୁ ଆସିବା। କେରାଣ୍ଡି ଗୁଛି ଶେଉଳ ଧରିବା ପରି ମନେହୁଏ ଯାହାକି ମାଛ ତେଲରେ ମାଛ ଭାଜିଲା ପରି। ଏଥିରେ ଦେଶ ପାଏ କ'ଣ! ନା ହୁଏ ପ୍ରଗତି ନା ଆସେ ଆର୍ଥିକ ସୁଧାର। ସରକାର ଯଦି ଦେଶବାସୀଙ୍କୁ ଅର୍ଥନୀତିରେ ସମୃଦ୍ଧ କରିପାରନ୍ତେ, ତେବେ କ'ଣ ସାମୟିକ ଆକର୍ଷଣ ପାଇଁ ଭୋଟ ପୂର୍ବରୁ କିଛି ପ୍ରୋତ୍ସାହନ ଦେବାକୁ ପଡ଼ନ୍ତା କି ? ସ୍ୱାବଲମ୍ବୀ ହେଲେ ଲୋକେ ସ୍ୱାଧୀନମତ ପ୍ରଦାନ କରି ଗଣତନ୍ତ୍ରର ପ୍ରକୃତ ଶାସକ ବାଛି ପାରନ୍ତେ। କାମ କରିଥିବା ସତ୍ତାପ୍ରତି ଜନତା ଆକର୍ଷିତ ହୁଅନ୍ତେ। ଭୋଟ ଆଗରୁ କିଛି ହାତଗୁଞ୍ଜା କଥା ଚିନ୍ତାକୁ ଆସନ୍ତାନି। ଦଳୀୟ ଭାବନା କେତେ ଅନୁକୂଳ ତା'ର ପ୍ରଭାବ ଭୋଟରୁ ହିଁ ଜଣାପଡ଼ନ୍ତା ! ବର୍ତ୍ତମାନର ଗରିବୀ ଚିନ୍ତାଧାରା ବଦଳରେ ସମସ୍ତଙ୍କ ପାଇଁ କଲ୍ୟାଣକର ଯୋଜନା ଆସନ୍ତା। ଦେଶ କଥାରେ ନୁହେଁ କାର୍ଯ୍ୟରେ ପ୍ରଗତିଶୀଳ ହୁଅନ୍ତା। କିନ୍ତୁ ତାହା ଆମ ଦେଶରେ ଏ ପର୍ଯ୍ୟନ୍ତ ପରିକଳ୍ପନାରେ ସୀମିତ। ଭୋଟ ବେଳେ ବାଣ୍ଟିବା ଆଉ ଭୋଟ ପରେ ଅମଳ କରିବାର ଲକ୍ଷ୍ୟ ଏବର ଦଳୀୟ ଭାବନା।



ବାଣ୍ଟିକରି ଭୋଟପାଇବା ସହଜ ଏବଂ ସମ୍ଭବ ଯେ ପର୍ଯ୍ୟନ୍ତ ଲୋକମାନେ ବଣ୍ଟା ଧନ ପାଇବାକୁ ଚାତକ ପରି ଚାହିଁଥିବେ, ସେ ସରକାରୀ ସ୍ତରରୁ ହେଉ ବା ବେସରକାରୀ ଦଳରୁ। ବାଣ୍ଟିବା, ନେବେ କିଏ ? ଯାହାର ଢୋକେପିଇ ଦଣ୍ଡେଜିଇ ଯିବାର ମନୋଭାବ ଥିବ। ଏହା କେବଳ ଦେଶରେ ଶିକ୍ଷାର ପ୍ରସାର ନ ହେବା କିମ୍ବା ଆର୍ଥିକ ଦୁଃସ୍ଥତା ଲାଗିରହିବା ଫଳରେ ଦେଖାଯାଏ। ଯେତେ ଗରିବ ରହିବେ, ସେତେ ଭୋଟବେଳେ ପାଇବାକୁ ଅପେକ୍ଷା କରିବେ, ଆଉ କିଛି ଫୋପାଡ଼ି ଦେଇ ତାଙ୍କୁ ଅଳ୍ପକେ ସନ୍ତୁଷ୍ଟ କରି ଭୋଟ ହାତେଇ ହେବ। ଏଇ ତ ଆମ ଦେଶର ଗଣତନ୍ତ୍ର। ଏ ପ୍ରକାର ଅନ୍ତର୍ଦୃଷ୍ଟିରେ ଦେଶ ଆଗେଇବ କିପରି ? ଦିନୁ ଦିନ ଏପରି ଅବସ୍ଥା ହେଲାଣି ଯେ, ପ୍ରାୟ ପ୍ରତ୍ୟେକ ଦଳ ମତ ନିର୍ବିଶେଷରେ ନିଜର ସ୍ଥିତିପାଇଁ ବାଣ୍ଟିବାକୁ ବାଧ୍ୟ ହେଉଛନ୍ତି। ଏହା ପରୋକ୍ଷରେ ଭୋଟ କିଣା ନୁହେଁ ତ ଆଉ କ'ଣ ବୋଲି କୁହାଯାଇ ପାରେ। ଏଥିରୁ ସ୍ପଷ୍ଟ ଯେ ସରକାର ସବୁବେଳେ ଚାହିଁବେ, ଭୋଟରମାନେ ରୋଜଗାରକ୍ଷମ ନ ହୁଅନ୍ତୁ। ଅଭାବ ନ ଘୁଞ୍ଚୁ। ଗରିବୀ ଥାଉ ତା' ପୁଣି ଯେତେ ଅଧିକ ସେତେ ଭଲ। କାରଣ ସେତେ ଅଧିକଙ୍କୁ ଆପଣେଇ ହେବ। ଆଜିକାଲି ଗଣମାଧ୍ୟମ ଯେତେ ପ୍ରେରଣାଦାୟୀ ହେଲେ ମଧ୍ୟ ତାହା ସେ ପର୍ଯ୍ୟନ୍ତ ଭଲ ଯଦି କେହି କିଣିବାର ପ୍ରୟାସ ନ କରନ୍ତି। ନିରପେକ୍ଷ ନିର୍ଭୟ ଭୋଟ ଧାରା ଆପେ ଆପେ ପ୍ରତିଫଳିତ ହୁଅନ୍ତା। ବର୍ତ୍ତମାନ ଜିତିବାକୁ ଅଧିକ ଦାମ୍‌ରେ ଭୋଟ କିଣା ଯାଉଛି ବୋଲି ଅନୁଭବରେ ଆସୁଛି।

ସବୁଠୁ ବିଚିତ୍ର କଥା ହେଲା ଆମଦେଶରେ ଗାଁ ସାହି ମୁଖିଆଙ୍କ ପ୍ରଭାବ ବି କିଛି କମ୍ ନୁହେଁ। ଯେହେତୁ ସେମାନେ ସବୁବେଳେ ଲୋକଙ୍କ ସୁଖ ଦୁଃଖରେ ଥାନ୍ତି, ତାଙ୍କ ପ୍ରଭାବ ବହୁତ କିଛି ବଦଳାଇଦିଏ। ଯଦି କେହି ସାହସ ବାନ୍ଧନ୍ତି ନିଜ ମନ କହୁଥିବା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ, ବେଳେବେଳେ ସିଏ ଡରିଯାଏ। ସମୂହ କଥାରୁ ବାହାରିଗଲେ ସମାଜରେ ତା' ପାଇଁ ଚଳିବା ବହୁ କଷ୍ଟକର ହୋଇଥାଏ। ନିଜ ଇଚ୍ଛାକୁ ମାରି ଗୋଷ୍ଠୀଭାବନାରେ ହାତମିଳାଏ।

ନୀତିବାନ୍‌ର ନୀତି ହଜିଯାଏ। ଆଖି ବି ଦେଖୁଛି, ଲୋକ ଅପେକ୍ଷାରେ ଥା'ନ୍ତି କିପରି କେଉଁ ଦଳ ଆସିଲେ କେତେ କଞ୍ଚା ପଇସା ଦେବ। ଯଦି କିଛି ପଇସା ମିଳନ୍ତା ମୁଁ ଭୋଟଖଣ୍ଡିକ ସେଠି ଦେଇ ଆସନ୍ତି। ''ବୁଭୁକ୍ଷିତ କିଂ ନ କରୋତି ପାପଂ''ର ଅବସ୍ଥା ଆସିଯାଏ। ଏଇତ ଆମଦେଶର ଭୋଟ ବ୍ୟବସ୍ଥା। ଧନ୍ୟ ଆମର ନୈତିକ ମୂଲ୍ୟବୋଧ। ଧନ୍ୟ ଆମର ଗଣତାନ୍ତ୍ରିକ ପ୍ରକ୍ରିୟା। ଏଥିରେ ଦେଶର ପ୍ରଗତି ଆଶା ରଖିବା କେତେଦୂର ଯଥାର୍ଥ ତାହା ପାଠକଙ୍କ ବିଚାର୍ଯ୍ୟ।

**ଗୁଣ୍ଡିଚାବିହାର, ପୁରୀ**
**ମୋ: ୮୨୪୯୦୮୨୪୦୦**

# ପଣକିଆ ପାଠକର



ପ୍ରଣତି ଆଚାର୍ଯ୍ୟ ମିଶ୍ର

ପିଲାମାନେ ଏବେ ନିଜ ଆଙ୍ଗୁଠି ସ୍ପର୍ଶରେ ପର୍ବତ, ସମୁଦ୍ର, ଯୁଦ୍ଧ, ମହାମାରୀ, ପର୍ବପର୍ବାଣି ଏବଂ ଯାନିଯାତ୍ରା ସବୁକିଛି ଦେଖିପାରୁଛନ୍ତି। କିନ୍ତୁ ପ୍ରଶ୍ନ ହେଉଛି, ସେମାନେ କ'ଣ ପ୍ରକୃତରେ ଏହି ଦୁନିଆକୁ ବୁଝିପାରୁଛନ୍ତି ନା କେବଳ ଅବଲୋକନ କରୁଛନ୍ତି? ଏହି ପ୍ରଶ୍ନ ମଧ୍ୟରେ ଦୁଇଟି ନୂତନ ଅଭ୍ୟାସ ଦେଖାଯାଏ। ବିଛଣା ଛାଡ଼ିବାରେ ବିଳମ୍ବ ଏବଂ ସ୍କ୍ରୋଲିଂ ସଂସ୍କୃତି। ବିଶେଷଜ୍ଞଙ୍କ ମତରେ, ଯେତେବେଳେ ବିଛଣା ଶୋଇବା ପରିବର୍ତ୍ତେ ଜାଗ୍ରତ ରହିବା ଏବଂ ସ୍କ୍ରିନ୍ ଦେଖିବାର କେନ୍ଦ୍ର ହୋଇଯାଏ, ସେତେବେଳେ ମସ୍ତିଷ୍କ ସ୍ପଷ୍ଟ ସଙ୍କେତ ହରାଇଥାଏ। ଏହା ସିଧାସଳଖ ନିଦ ଗୁଣବତ୍ତା ଏବଂ ସ୍ମୃତି ଗଠନକୁ ପ୍ରଭାବିତ କରେ।

ଏହି ପରିସ୍ଥିତି ପିଲାଙ୍କ ମଧ୍ୟରେ ଅଧିକ ସମ୍ବେଦନଶୀଳ, ଯେଉଁମାନଙ୍କର ମସ୍ତିଷ୍କ ଏପର୍ଯ୍ୟନ୍ତ ବିକାଶଶୀଳ ଅବସ୍ଥାରେ। ମସ୍ତିଷ୍କ ଆଖି ମାଧ୍ୟମରେ ଆକୃତି, ରଙ୍ଗ, ଦୂରତା, ଦିଗ ଏବଂ ଗତିକୁ ଅନୁଭବ କରିବାର କ୍ଷମତା ରଖେ ଯାହାକୁ ଦୃଶ୍ୟ ପ୍ରକ୍ରିୟାକରଣ କୁହାଯାଏ। ଏହି କ୍ଷମତାଗୁଡ଼ିକ କେବଳ ପୁସ୍ତକ କିମ୍ବା ସ୍କ୍ରିନ୍ ମାଧ୍ୟମରେ ନୁହେଁ, ବରଂ ବାସ୍ତବ ଦୁନିଆର ଅଭିଜ୍ଞତା ମାଧ୍ୟମରେ ବିକଶିତ ହୁଏ। ଯେପରିକି ବାହାର ସ୍ଥାନ, ଖେଳକୁଦ , ଦୌଡ଼ିବା, ଅନ୍ୟ ସହ ବାର୍ତ୍ତାଳାପ ଏବଂ ଯେକୌଣସି ବସ୍ତୁ ସ୍ପର୍ଶକାତର ଧାରଣା। ବିଛଣାରେ ସ୍କ୍ରିନ୍‌କୁ ନିରନ୍ତର ଚାହିଁ ରହିବା ଅଭିଜ୍ଞତାକୁ ସଙ୍କୁଚିତ କରେ। ନ୍ୟୁରୋସାଇନ୍ସ ଗବେଷଣା ସୂଚାଇଦିଏ ଯେ ଏପରି ଏକକାଳୀନ ଦୃଶ୍ୟ ଅଭିଜ୍ଞତା ମସ୍ତିଷ୍କର ଏକାଗ୍ରତା ଏବଂ ଦକ୍ଷତାକୁ ଦୁର୍ବଳ କରିପାରେ। ଏହା ଶିକ୍ଷା ଏବଂ ବୋଧଗମ୍ୟତାକୁ ପ୍ରଭାବିତକରେ। ସୋସିଆଲ ମିଡିଆରେ ନକାରାତ୍ମକ, ଭୟଙ୍କର ଏବଂ କଷ୍ଟଦାୟକ ସୂଚନାର ଦର୍ଶନ ପିଲାଙ୍କ ମସ୍ତିଷ୍କ ବିକାଶ ସୀମିତ କରେ। ଅନ୍ତର୍ଜାତୀୟ ଅଧ୍ୟୟନ ଅନୁସାରେ ଏହି ଅଭ୍ୟାସ ଚିନ୍ତା, ଅବସାଦ ଏବଂ ମାନସିକ ଥକ୍କାପଣ ବୃଦ୍ଧିକରେ। ସମସ୍ୟା ହେଉଛି ଯେ ଅଧିକାଂଶ ଡିଜିଟାଲ ପ୍ଲାଟ୍‌ଫର୍ମ ପିଲାଙ୍କୁ ନିଷ୍ପତ୍ତି ନେବା ପରିବର୍ତ୍ତେ ସ୍କ୍ରୋଲିଂ କରିବା ପାଇଁ ଡିଜାଇନ କରାଯାଇଛି।

ସମୟ ଥିଲା ଯେତେବେଳେ ପରିବାରର ବୟସ୍କମାନେ ପିଲାଙ୍କୁ ଆକସ୍ମିକ ଭାବରେ କୁହନ୍ତି,ପଣକିଆ ପାଠକର। ଏହା କେବଳ ଏକ ଗଣିତ ବ୍ୟାୟାମ ନ ଥିଲା, ବରଂ ପିଲାର ମାନସିକ ଚପଳତା ପରୀକ୍ଷା କରିବାର ଏକ ଉପାୟ ଥିଲା। ବୈଜ୍ଞାନିକ ଦୃଷ୍ଟିରୁ, ଗୁଣନ ସାରଣୀ ମନେରଖିବା ଦ୍ୱାରା ମସ୍ତିଷ୍କର ସ୍ମୃତିଶକ୍ତି, ଦୃଶ୍ୟଶକ୍ତି ସକ୍ରିୟ ହୁଏ। ପିଲାକୁ ସଂଖ୍ୟାଗୁଡ଼ିକର ଏକ ଦୃଶ୍ୟ ପ୍ରତିଛବି ତିଆରିକରି କ୍ରମ ମନେରଖି ଏବଂ ବିରତି ବିନା ଠିକ୍ ଉତ୍ତର ଦେବାକୁ ହୁଏ। ନ୍ୟୁରୋସାଇନ୍ସ ପରାମର୍ଶ ଦିଏ ଯେ ଏପରି କାର୍ଯ୍ୟକଳାପ ଧ୍ୟାନ ଏବଂ ସ୍ମୃତି ପାଇଁ ଦାୟୀ ମସ୍ତିଷ୍କର ନିର୍ଦ୍ଦିଷ୍ଟ ଅଂଶଗୁଡ଼ିକୁ ସକ୍ରିୟକରେ। ହେଲେ ବର୍ତ୍ତମାନ ଉତ୍ତରଗୁଡ଼ିକ ସ୍କ୍ରିନ୍‌ରେ ସହଜରେ ଉପଲବ୍ଧ ହୁଏ। ଫଳସ୍ୱରୂପ ମସ୍ତିଷ୍କରେ ଆବଶ୍ୟକ ବ୍ୟାୟାମର ଅଭାବ ରହିଥାଏ। ବିଶ୍ୱର ଅନେକ ଦେଶ ଏହି ପରିବର୍ତ୍ତିତ ପରିସ୍ଥିତିକୁ ଗମ୍ଭୀରତାର ସହ ନେଇଛନ୍ତି। ଫ୍ରାନ୍ସ, ଡେନ୍‌ମାର୍କ ଏବଂ ନରୱେ ଭଳି ଦେଶରେ ପିଲାମାନଙ୍କ ସୋସିଆଲ ମିଡିଆ ବ୍ୟବହାର ଉପରେ କଠୋର ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରାଯାଇଛି। ଅଷ୍ଟ୍ରେଲିଆରେ ଷୋହଳ ବର୍ଷରୁ କମ୍ ବୟସର ପିଲାଙ୍କୁ ସୋସିଆଲ ମିଡିଆ ବ୍ୟବହାର କରିବାରୁ ନିଷେଧ କରାଯାଇଛି। ଅନେକ ୟୁରୋପୀୟ ସ୍କୁଲରେ ଡିଜିଟାଲ ପ୍ରଯୁକ୍ତିର ସନ୍ତୁଳିତ ବ୍ୟବହାରକୁ ପାଠ୍ୟକ୍ରମରେ ସାମିଲ କରାଯାଇଛି, ଯାହାଦ୍ୱାରା ପିଲାମାନେ ପ୍ରଯୁକ୍ତିବିଦ୍ୟା ଉପଯୁକ୍ତ ବ୍ୟବହାର କରିବା ଶିଖନ୍ତି ଏବଂ ଏହାର ଦାସ ହୋଇ ନ ଥାନ୍ତି। ହେଲେ ଭାରତରେ ଡିଜିଟାଲ ଉପକରଣଗୁଡ଼ିକୁ ଶିକ୍ଷା ଏବଂ ସୁଯୋଗର ଏକ ଉତ୍ସ ଭାବରେ ଦେଖାଯାଏ। ସହରାଞ୍ଚଳ ଘରଗୁଡ଼ିକରେ ମୋବାଇଲ ଫୋନ୍ ପିଲାଙ୍କ ଖେଳପଡ଼ିଆ ପାଲଟିଛି। ଛୋଟ ସହର ଏବଂ ଗାଁଗୁଡ଼ିକରେ ମଧ୍ୟ ଏହି ଧାରା ବୃଦ୍ଧିପାଉଛି। ଫଳସ୍ୱରୂପ ପିଲାଙ୍କର ଦୃଶ୍ୟ ଜଗତ ସୀମିତ ହୋଇଯାଉଛି। ଏହା ଉପରେ ଗୁରୁତ୍ୱାରୋପ କରିବା ଦରକାର ଯେ ସମସ୍ୟା ପ୍ରଯୁକ୍ତିବିଦ୍ୟା ନୁହେଁ, ବରଂ ଏହାର ଅସନ୍ତୁଳିତ ବ୍ୟବହାର। ସ୍କ୍ରିନ୍ ଶତ୍ରୁ ନୁହେଁ କିମ୍ବା ସମାଧାନ ନୁହେଁ ;କେବଳ ଏକ ମାଧ୍ୟମ। ପ୍ରଶ୍ନ ହେଉଛି ପିଲାମାନେ ସ୍କ୍ରିନ୍ ବାହାରେ ଖେଳିବା ଏବଂ ଚିନ୍ତାକରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ପାଉଛନ୍ତି କି? ଯଦି ନୁହେଁ, ତେବେ ସେମାନଙ୍କର ସ୍ମୃତି ଏବଂ ବୁଝାମଣା ଅସମ୍ପୂର୍ଣ୍ଣ ରହିବ। ପ୍ରତ୍ୟେକ ଘରେ ଏହା ସ୍ପଷ୍ଟହେବା ଉଚିତ ଯେ ବିଛଣା ଶୋଇବା ପାଇଁ ଏକ ସ୍ଥାନ, ଦିନର କାର୍ଯ୍ୟକଳାପର କେନ୍ଦ୍ର ନୁହେଁ। ପିଲାମାନଙ୍କ ସହ ବିଷୟବସ୍ତୁ ବାଛିବା ଏବଂ ସେମାନଙ୍କର ଡିଜିଟାଲ ଅଭିଜ୍ଞତା ବିଷୟରେ ଆଲୋଚନା କରିବା ଜରୁରୀ। ସ୍କୁଲଗୁଡ଼ିକୁ ମଧ୍ୟ ସେମାନଙ୍କର ଭୂମିକା ପୁନର୍ବିଚାର କରିବାକୁ ପଡ଼ିବ। ଡିଜିଟାଲ ସାକ୍ଷରତା କେବଳ ପ୍ରଯୁକ୍ତିବିଦ୍ୟା ବ୍ୟବହାର ନୁହେଁବରଂ ଏଥିରେ ପରିବେଷିତ ବିଷୟବସ୍ତୁ ପିଲାମାନଙ୍କ ମନକୁ କିପରି ପ୍ରଭାବିତକରେ ତାହା ବୁଝିବା ଜରୁରୀ।

**ନୟାଗଡ଼, ମୋ: ୯୪୩୭୬୪୨୯୪୭**

## ପାଠକ ଶ୍ରେଷ୍ଠ ବିଚାରକ

### ଏକକ ହେଲ୍ପଲାଇନ ନମ୍ବର ଜାରି ହେଉ

ମହାଶୟ,

କିଛିଦିନ ତଳେ ଖବରକାଗଜ ପୃଷ୍ଠା ଲେଉଟାଉଥିବା ବେଳେ ଗୋଟିଏ ଜାଗାରେ ଦୃଷ୍ଟି ଅଟକିଗଲା। କଥାଟି ହେଲା, ବିଭିନ୍ନ ପ୍ରକାର ସହାୟତା ପ୍ରଦାନ ଲାଗି ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଭିନ୍ନ ଭିନ୍ନ ହେଲ୍ପଲାଇନ ନମ୍ବର ଜାରି ହେବା। ଯେପରି ପୋଲିସ ହେଲ୍ପଲାଇନ- ୧୧୨, ମହିଳା ହେଲ୍ପଲାଇନ- ୧୮୧, ପୋଷଣ ହେଲ୍ପଲାଇନ- ୧୫୧୫, ଶିଶୁ ହେଲ୍ପଲାଇନ- ୧୦୯୮, ସୁଭଦ୍ରା ହେଲ୍ପଲାଇନ- ୧୪୬୭୮। କହିବାର ତାତ୍ପର୍ଯ୍ୟ, ଜଣେ ବ୍ୟକ୍ତିଙ୍କ ପକ୍ଷରେ ଏତେଗୁଡ଼ିଏ ନମ୍ବର ମନେରଖିବା ସହଜ ହୋଇ ନପାରେ। ପାସୋରି ଯିବାର ସମ୍ଭାବନା ବେଶି। ତେଣୁ ମହିଳା ଓ ଶିଶୁଙ୍କୁ ସହାୟତା ପ୍ରଦାନ ଲାଗି ବିଭାଗ ପକ୍ଷରୁ ଜାରି ହେଲ୍ପଲାଇନ ନମ୍ବର ଯେପରି ସହଜ, ସରଳ ଓ ସୁଗମ ହୁଏ, ସେଥିପାଇଁ ଗୋଟିଏ ନମ୍ବର ଜାରି କରାଗଲେ ଦରକାର ବେଳେ କାମରେ ଆସିପାରନ୍ତା। ଗୋଟିଏ ନମ୍ବର ଡାଏଲ କରି ବିଭିନ୍ନ ଉପ-ବିଭାଗ ଯଥା ପୋଷଣ ଲାଗି ୧, ଶିଶୁ ପାଇଁ ୨ ଇତ୍ୟାଦିର ବିଚାର କରାଯାଇପାରେ। ଏ ବିଷୟରେ ସରକାର ବିଚାର କରିବାକୁ ଅନୁରୋଧ।

**-ପ୍ରତାପ ନାୟକ, କଳିଙ୍ଗ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେତେ ଛନ୍ଦେ କେତେ ଗନ୍ଧେ
ଭରି ମୋର ହିୟା
ଜାଗିଲା ପରାଣପୁରେ
ଆଜି ପ୍ରାଣପ୍ରିୟା ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ତନେଇରା ପକ୍ଷରୁ ସିଜନ ସେଲ୍




## ବିଭିନ୍ନ ବୟନ, ପୋଷାକ ଉପରେ ରିହାତି ଘୋଷଣା

ଭୁବନେଶ୍ୱର,୧୫।୧(ଅନୁରାଧା ମହାରଣା)

ଟାଟା ପ୍ରଡକ୍ଟ ତନେଇରା ଏହାର ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ନୂଆ ଷ୍ଟୋରରେ ସିଜନ ସେଲ୍ ଆରମ୍ଭ କରିଛି। ଏହି ସେଲ୍‌ରେ ଗ୍ରାହକ ସ୍ୱତନ୍ତ୍ର ମୂଲ୍ୟରେ ସର୍ବୋତ୍ତମ ହସ୍ତତନ୍ତ ଶାଢ଼ି ଏବଂ ପୋଷାକ ମଧ୍ୟରୁ ନିଜ ମନ ପସନ୍ଦର ପ୍ରଡକ୍ଟ ପାଇପାରିବେ। ଏହି ଅବସରରେ ବଛା ବଛା ରେଞ୍ଜର ଶାଢ଼ି, କୁର୍ତ୍ତା ଏବଂ କୁର୍ତ୍ତା ସେଟ୍ ଉପରେ ଫ୍ଲାଟ୍ ୪୦% ରିହାତି ଉପଲବ୍ଧ। ଏଥିସହ ଦୈନନ୍ଦିନ ବ୍ୟବହାର, ଉତ୍ସବ ଏବଂ ସ୍ୱତନ୍ତ୍ର ଅବସର ପାଇଁ ଆକର୍ଷଣୀୟ ପୋଷାକ ପାଇପାରିବେ। ଗୁରୁବାର ଷ୍ଟୋରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ତନେଇରାର ବିଜ୍‌ନେସ୍ ମ୍ୟାନେଜର ସୁମିତ୍ ଘୋଷ, ଏବିଏମ୍ ନୀତୀଶ ପରାଶରୀ ଓ ବିଜ୍‌ନେସ୍ ଆସୋସିଏଟସ୍ ମାଣିକ ହଂସ ଯୋଗଦେଇ ସେଲ୍ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ବିଭିନ୍ନ ବର୍ଗର ଗ୍ରାହକଙ୍କ ଚାହିଦା ଅନୁସାରେ ବିବାହ, ଉତ୍ସବ, ପୂଜା, ୱାର୍କ ୱିଅର ଆଦି ଷ୍ଟୋରରେ ଉପଲବ୍ଧ କରାଯାଇଛି। ତନେଇରା ସର୍ବଦା ୫ଟି ମୁଖ୍ୟ ସ୍ତମ୍ଭ ଯଥା ବିଶ୍ୱାସ, ପ୍ରାମାଣିକତା, ଶୁଦ୍ଧତା, କାରିଗରି ଏବଂ ପ୍ରକୃତ କାରିଗରିକୁ ନେଇ ବ୍ରାଣ୍ଡର ପ୍ରତିଶ୍ରୁତିବଦ୍ଧତାକୁ ଗୁରୁତ୍ୱ ଦେଉଥିବା ମତ ପ୍ରକାଶ ପାଇଥିଲା। ଶାଢ଼ି ବ୍ୟତୀତ ଷ୍ଟୋରରେ ବ୍ଲାଉଜ୍ କୁର୍ତ୍ତା, ଅନ୍‌ଷ୍ଟିଚଡ୍ କୁର୍ତ୍ତା ସହ ବ୍ୟାପକ ରେଞ୍ଜର ରେଡି ଟୁ ୱିଅର ଆଉଟଫିଟ୍ ରହିଛି। ସମସ୍ତ ପୋଷାକ ଶୁଦ୍ଧ ଏବଂ ପ୍ରାକୃତିକ ଫାବ୍ରିକ୍‌ରେ ପ୍ରସ୍ତୁତ ।

# ବିଓବି କଟକ କ୍ଷେତ୍ର ପକ୍ଷରୁ ରାଜଭାଷା ସମ୍ମିଳନୀ

ଭୁବନେଶ୍ୱର,୧୫।୧ (ଅନୁରାଧା ମହାରଣା)

ବିଶ୍ୱ ହିନ୍ଦୀ ଦିବସ ଅବସରରେ ବ୍ୟାଙ୍କ ଅଫ୍ ବରୋଦା, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ରାଜଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଟକର ହିନ୍ଦୀ ଶିକ୍ଷକ ତାଲିମ ସଂସ୍ଥାର ଅଧ୍ୟକ୍ଷ ତଥା ହିନ୍ଦୀ ଏବଂ ଓଡ଼ିଆ ପ୍ରଫେସର ଡ.ସତ୍ୟନାରାୟଣ ପଣ୍ଡା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ସମ୍ମିଳନୀରେ କର୍ମଚାରୀମାନେ ନିଜ ନିଜର ପ୍ରସ୍ତୁତି ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ପଣ୍ଡା 'ହିନ୍ଦୀ ଭାଷା : ଆମର ସାଂସ୍କୃତିକ ପରିଚୟ' ଶୀର୍ଷକ ଏକ ସାରଗର୍ଭକ ମତାମତ ଦେଇଥିଲେ। ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପ୍ରଦୀପ କୁମାର ବେହେରା ଏବଂ ଉପ-କ୍ଷେତ୍ରୀୟ ମୁଖ୍ୟ ଗୌତମ ପାଲ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ଉଲ୍ଲେଖନୀୟ ଉପସ୍ଥାପନା ପ୍ରଦାନ କରିଥିବା କର୍ମଚାରୀମାନଙ୍କୁ ମୁଖ୍ୟ ଅତିଥି ଏବଂ ଅଧିକାରୀମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରିଶେଷରେ ମୁଖ୍ୟ ଅତିଥିଙ୍କୁ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଏକ ସ୍ମାରକୀ ପ୍ରଦାନ କରାଯାଇଥିଲା। ରାଜଭାଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୧.୧ ବିଲିୟନ ଆମେରିକୀୟ ଡଲାରର ଉଦ୍ୟୋଗ ହୋଇଛି ସୋନାଲିକା




ଭୁବନେଶ୍ୱର,୧୫।୧(ଅନୁରାଧା ମହାରଣା)

୩ଦଶନ୍ଧିପୂର୍ବେପଞ୍ଜାବର ହୋସିଆରପୁରରେ ଆରମ୍ଭ ହୋଇଥିବା ସୋନାଲିକା ଟ୍ରାକ୍ଟରି କମ୍ପାନୀ ୧.୧ ବିଲିୟନ ଆମେରିକୀୟ ଡଲାରର ବିଶ୍ୱ ଟ୍ରାକ୍ଟର ଉଦ୍ୟୋଗରେ ପରିଣତ ହୋଇଛି, ଯାହା ଫର୍ଚ୍ୟୁନ୍ ୫୦୦ ଭାରତର ସର୍ବବୃହତ୍ କମ୍ପାନୀ ତାଲିକାରେ ସ୍ଥାନ ପାଇଛି। ଏହା ବର୍ତ୍ତମାନ ଭାରତର ନମ୍ବର ୧ ଟ୍ରାକ୍ଟର ରପ୍ତାନି ବ୍ରାଣ୍ଡ, ଭାରତରେ ତୃତୀୟ ବୃହତ୍ତମ ଟ୍ରାକ୍ଟର ନିର୍ମାତା, ବିଶ୍ୱର ସର୍ବବୃହତ୍ ଟ୍ରାକ୍ଟର ବଜାର ଏବଂ ବିଶ୍ୱସ୍ତରରେ ୫ମ ବୃହତମ ଟ୍ରାକ୍ଟର ବ୍ରାଣ୍ଡ ଭାବରେ ଉଭା ହୋଇଛି। ସୋନାଲିକାର ଅଧ୍ୟକ୍ଷ ଏଲ୍.ଡି. ମିତ୍ତଲଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି କମ୍ପାନୀ 'ଜିତନେକା ଦମ୍' ଉପରେ ନିର୍ମିତ ହୋଇଥିଲା । ଉପସଭାପତି ଡ. ଏଏସ୍ ମିତ୍ତଲ ଏବଂ ପରିଚାଳନା ନିର୍ଦ୍ଦେଶକ ଡ. ଦୀପକ ମିତ୍ତଲଙ୍କ ସହ ସୋନାଲିକାରେ ଏକ କୃଷକ-ପ୍ରଥମ ପଦ୍ଧତି ଗ୍ରହଣ କରିଥିଲେ । ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ହୋସିଆରପୁର ପ୍ଲାଣ୍ଟର ପ୍ରାରମ୍ଭିକ ଉତ୍ପାଦନ କ୍ଷମତାକୁ ବାର୍ଷିକ ୫୦,୦୦୦ ଟ୍ରାକ୍ଟର ୟୁନିଟ୍‌ରୁ ୧ ଲକ୍ଷ ଟ୍ରାକ୍ଟର ୟୁନିଟ୍‌କୁ ବୃଦ୍ଧି କରିଛି। ବର୍ତ୍ତମାନ ୨୦-୧୨୦ ଏଚ୍‌ପିରେ ୨,୦୦୦ରୁ ଅଧିକ ମଡେଲ୍ ବିକଶିତ କରି ଘରୋଇ ଏବଂ ବିଶ୍ୱ ବଜାର ଉଭୟକୁ ପୂରଣ କରୁଛି।

# ଭି-ଗାର୍ଡ ଇଣ୍ଡକ୍ସନ କୁକ୍‌ଟପ୍‌କୁ ୫-ଷ୍ଟାର୍ ବିଇଇ ମାନ୍ୟତା

ଭୁବନେଶ୍ୱର,୧୫।୧(ଅନୁରାଧା ମହାରଣା)

ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ନିଜସ୍ୱ ଇଣ୍ଡକ୍ସନ କୁକ୍‌ଟପ୍ ମଡେଲ ଭିଆଇସିଓ୬ଭି୧, ଭାରତର ପ୍ରଥମ ୫ଷ୍ଟାର ଶକ୍ତି ସଞ୍ଚୟକାରୀ ଇଣ୍ଡକ୍ସନ କୁକଟପ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ) ପ୍ରାପ୍ତ କରିଛି। ଏହି ଭିଆଇସିଓ୬ଭି୧ ଇଣ୍ଡକ୍ସନ କୁକଟପ ଭି-ଗାର୍ଡର ପେରୁନ୍ଦୁରାଇସ୍ଥିତ ଅତ୍ୟାଧୁନିକ କାରଖାନାରେ ଡିଜାଇନ ଏବଂ ନିର୍ମିତ ହୋଇଛି। ଏହି ଭିଆଇସିଓ୬ଭି୧ ଇଣ୍ଡକ୍ସନ କୁକଟପ ସର୍ବାଧିକ ୧୬୦୦ୱାଟ ପାୱାର ଆଉଟପୁଟ୍ ପ୍ରଦାନ କରିଥାଏ। ୮ଟି ଶକ୍ତି ଏବଂ ଉତ୍ତାପସ୍ତର ସହିତ ୮ଟି ପ୍ରି-ସେଟ କୁକିଙ୍ଗମୋଡ଼ ଯାହାକି ଦୈନନ୍ଦିନ ରନ୍ଧନ ପ୍ରକ୍ରିୟାକୁ ବହୁମୁଖୀ ତଥା ଦକ୍ଷ କରିବାରେ ସକ୍ଷମ କରିଥାଏ। ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ମିଥୁନ ଚିତ୍ତିଲାପିଲ୍ଲୀ କହିଛନ୍ତି, ଏହି ସ୍ୱୀକୃତି ଆମର ନିଜସ୍ୱ ଡିଜାଇନ, ଉତ୍ପାଦନ ଶ୍ରେଷ୍ଠତା, ଗୁଣବତ୍ତା ଏବଂ ଶକ୍ତି-ସଞ୍ଚୟକାରୀ ନବସୃଜନ ଉପରେ ଥିବା ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ନୁଭୋକୋର ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା

ଯାଜପୁର,୧୫।୧(ହର୍ଷବର୍ଦ୍ଧନ ବେହେରା)

ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ଘୋଷଣା କରିଛି। କମ୍ପାନୀ ବଦରାଜ ସିମେଣ୍ଟ କାରଖାନାର ଉତ୍ପାଦନ କ୍ଷମତା ସମ୍ପ୍ରସାରଣ କାର୍ଯ୍ୟ ଜରି ରଖିଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଏହାର କ୍ଲିଙ୍କର ଓ ଗ୍ରାଇଣ୍ଡିଙ୍ଗ ୟୁନିଟର ପରିଚାଳନା କାର୍ଯ୍ୟ ପର୍ଯ୍ୟାୟକ୍ରମେ ଆରମ୍ଭ ହେବା ପାଇଁ ଯୋଜନା ରହିଛି। ନୁଭୋକୋର ମୋଟ ସିମେଣ୍ଟ ଉତ୍ପାଦନ କ୍ଷମତାକୁ ବାର୍ଷିକ ୩୫ ମିଲିୟନ ମେଟ୍ରିକ୍ ଟନ(ଏମ୍‌ଏମ୍‌ଟି)କୁ ବୃଦ୍ଧି କରିଛି। ଭାରତରେ ୫ମ ସର୍ବବୃହତ ସିମେଣ୍ଟ ଗ୍ରୁପ ହୋଇଛି। ଏହା ବାର୍ଷିକ ଆଧାରରେ ୭%ର ଅଭିବୃଦ୍ଧି ହୋଇଛି। ଏହି ୩ୟ ତ୍ରୈମାସିକରେ କମ୍ପାନୀର ମୋଟ ପରିଚାଳନାଗତ ରାଜସ୍ୱ ବାର୍ଷିକ ଆଧାରରେ ୧୨% ବୃଦ୍ଧି ହୋଇ ୨୭୦୧ କୋଟି ଟଙ୍କାରେ ପହଞ୍ଚିଛି। କମ୍ପାନୀ ଏହି ତ୍ରୈମାସିକ ସମୟରେ ବାର୍ଷିକ ଆଧାରରେ ୫୦% ବୃଦ୍ଧି ସହ ୩୮୬ କୋଟି ଟଙ୍କାର ଏବିଟଡା ହାସଲ କରିଛି। ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, ପ୍ରିମିୟମାଇଜେଶନ, ଖର୍ଚ୍ଚ ଓ ପରିଚାଳନା ଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ଦୀର୍ଘକାଳିନ ପ୍ରତିଯୋଗିତାମୂଳକ ଲାଭ ବଢ଼ିବ।

# ୱାଲ୍‌ଟିୟର ଡିଭିଜନରେ ହାଇଜେନିକ୍ ଟା,କଫି ବିକ୍ରୟ ବ୍ୟବସ୍ଥା

ଭୁବନେଶ୍ୱର,୧୫।୧(ଅନୁରାଧା ମହାରଣା)




ପୂର୍ବତଟ ରେଳପଥର ୱାଲ୍‌ଟିୟର ଡିଭିଜନର ମଣ୍ଡଳ ରେଳ ପ୍ରବନ୍ଧକ ଲଳିତ ବୋହରା ଟ୍ରେନ୍‌ଗୁଡ଼ିକରେ ଏକ ଅଭିନବ ଚା ଏବଂ କଫି ବିକ୍ରୟ ପଦକ୍ଷେପ ଆରମ୍ଭ କରିଛନ୍ତି। ଏହି ନୂତନ ବ୍ୟବସ୍ଥା (ଗ୍ୟାଜେଟ), ପ୍ରଥମ ଥର ପାଇଁ, ବିକ୍ରେତାଙ୍କ ପାଇଁ ସହଜ କାର୍ଯ୍ୟ ସୁନିଶ୍ଚିତ କରିବା ସହ ଯାତ୍ରୀମାନଙ୍କୁ ସ୍ୱାଦିଷ୍ଟ, ଗରମ ଏବଂ ଅଧିକ ପରିଷ୍କାର ପାନୀୟ ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ପାରମ୍ପରିକ ଭାବରେ ଚା ଏବଂ କଫି ହାତରେ ଧରି ଖୋଲା ବାଲ୍‌ଟି କିମ୍ବା କ୍ୟାନ୍‌ରେ ବହନ କରାଯାଉଥିଲା। ଏହା ଅଧିକାଂଶ ସମୟରେ ପରିଷ୍କାର ପରିଚ୍ଛନ୍ନତା ସମସ୍ୟା ସୃଷ୍ଟି କରୁଥିଲା। ନୂତନ ପଦକ୍ଷେପ ସ୍ୱରୂପ ବିକ୍ରେତାମାନେ ଏକ ସ୍ୱତନ୍ତ୍ର ଭାବରେ ଡିଜାଇନ କରାଯାଇଥିବା ପିନ୍ଧିବାଯୋଗ୍ୟ ଗ୍ୟାଜେଟ ସହିତ ସଜ୍ଜିତ ହୋଇଛନ୍ତି ଯେଉଁଥିରେ ଏକ ଇନ୍‌ସୁଲେଟେଡ୍ ଥର୍ମସ କଣ୍ଟେନର ଅଛି। ଚା ଏବଂ କଫି ପ୍ୟାକେଟଗୁଡ଼ିକୁ ଗୋଟିଏ ପକେଟରେ ସୁନ୍ଦର ଭାବରେ ସଂରକ୍ଷଣ କରି ରଖାଯାଉଛି। ଡିସ୍‌ପୋଜେବଲ କପ୍‌ଗୁଡ଼ିକୁ ଅନ୍ୟ ପକେଟରେ ରଖାଯାଏ, ଯାହା ବିକ୍ରେତାଙ୍କ ଉଭୟ ହାତକୁ ସୁଗମ ଗତି ଏବଂ ନିରାପଦ ସେବା ପାଇଁ ମୁକ୍ତ ରଖେ। ଯାତ୍ରୀଙ୍କ ସୁବିଧାକୁ ଆହୁରି ବୃଦ୍ଧି କରିବା ପାଇଁ, ଗ୍ୟାଜେଟରେ ଏକ କ୍ୟୁଆର୍ କୋଡ୍ ସଂଯୋଜିତ କରାଯାଇଛି, ଯାହା ଡିଜିଟାଲ ପେମେଣ୍ଟ ସୁବିଧା ପ୍ରଦାନ କରିଥାଏ। ଏ ଅବସରରେ ଲଳିତ ବୋହରା କହିଛନ୍ତି, ଏହି ପଦକ୍ଷେପ ଯାତ୍ରୀମାନଙ୍କୁ ସ୍ୱାଦିଷ୍ଟ ଏବଂ ଅଧିକ ସ୍ୱାସ୍ଥ୍ୟକର ପାନୀୟ ପ୍ରଦାନ କରି ସେମାନଙ୍କ ଧାରଣାକୁ ସକାରାତ୍ମକ ଭାବରେ ପ୍ରଭାବିତ କରିବ। ଏହି ଗ୍ୟାଜେଟର ଏରଗୋନୋମିକ ଡିଜାଇନ ବିକ୍ରେତାଙ୍କ ଉପରେ ଶାରୀରିକ ଭାର ମଧ୍ୟ ହ୍ରାସ କରିବା ସହିତ ସେମାନଙ୍କୁ ଗୋଟିଏ କୋଚସ୍‌ରୁ ଅନ୍ୟ କୋଚକୁ ସହଜରେ ଯିବାକୁ ସକ୍ଷମ କରିବ। ଏହି ପାଇଲଟ ପ୍ରୋଜେକ୍ଟ ଅଧୀନରେ, ପ୍ରତ୍ୟେକ ଇନ୍‌ସୁଲେଟେଡ୍ କ୍ୟାନ୍‌ର କ୍ଷମତା ୫ ଲିଟର ଏବଂ ଏହା ଏକ ସମୟରେ ପ୍ରାୟ ୩୫ ଜଣ ଯାତ୍ରୀଙ୍କୁ ସେବା ଯୋଗାଇପାରିବ। ଥରେ ପୁନଃ ପୂରଣ ହେବା ପରେ ବିକ୍ରେତା ଗୋଟିଏ ରାଉଣ୍ଡରେ ସୁବିଧାଜନକ ଭାବରେ ଏକ ସମ୍ପୂର୍ଣ୍ଣ କୋଚ ସେବା କରିପାରିବେ। ଏହି ଅନ୍ ବୋର୍ଡ ଭେଣ୍ଡିଂ ସିଷ୍ଟମର ସଫଳତା ଏବଂ ମତାମତ ଉପରେ ଆଧାରକରି ରେଳ ଡିଭିଜନ ଏହି ପଦକ୍ଷେପକୁ ପ୍ଲାଟ୍‌ଫର୍ମ ଭେଣ୍ଡିଂକୁ ମଧ୍ୟ ବିସ୍ତାର କରିବାକୁ ଯୋଜନା କରୁଛି।


भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha

Advertisement No. 23/2025-26 Date of Insertion-15.01.2026

**वॉक–इन–इंटरव्यू**

भा.कृ.अनु.प–केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **01(एक) यंग प्रोफेशनल–II पद** की भर्ती हेतु दिनांक **29.01.2026** को **पू.10.00** बजे चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट **http://www.cifa.nic.in** पर जाएं।

**WALK-IN INTERVIEW**

A Walk-in-Interview will be held on **29.01.2026 at ICAR-CIFA, Bhubaneswar** at 10.00 A.M. for **01 (One) no. of Young Professional-II at ICAR-CIFA, Bhubaneswar**, purely on contractual basis to work under the CRPVD project entitled *"Evaluation of efficacy of novel vaccine candidate against argulosis in carps: understanding mechanism of protection and its field evaluation"*. For further details please visit to ICAR-CIFA website: **http://www.cifa.nic.in**

मुख्य जाँचकर्ता / **Principal Investigator**



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
**OFFICE OF THE SENIOR GENERAL MANAGER, (PROJECTS) - I**
**OPTCL TECH TOWER, JANPATH, SAHEED NAGAR, BHUBANESWAR-751007**

**NOTIFICATION**

No. 104(6) Dated : 13.01.2026

In accordance with section-164 of Indian Electricity Act, 2003 and in exercise of the power conferred upon OPTCL vide departmental of Energy, Government of Odisha Order no: R&R-II-10/2006/2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is **Rs. 40 Crore (Approx)**. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the **Sr. GM (Project)-1, OPTCL, Bhubaneswar** within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect),EHT (Projects) Division, Balasore as mentioned against the work, on any working day during office hours.

**Name of the Work:-** 220KV DC line from proposed 220/33Kv GSS, Bhandaripokhari to proposed 400/220KV GIS Grid substation, Ramakrishnapur.

**Name of the Village in which the line will Pass :**
**Tahasil:** Bonth, **(a) R.I Circle:** Ganijanga, **Revenue Village:** Ramakrusnapur, Narayanapur, Belada, Noha, Alauti, Andhia, **(b)R.I Circle:** Biroli, **Revenue Village:** Raghunathapur, **(c)R.I Circle: Kenduapada, Revenue Village:** Saripal, Baradharia, Gobindapur, Gandagara, Tarago; **Tahasil:** Bhandaripokhari, **(a) R.I Circle:** Manjari Roda, **Revenue Village:** Bimbalbar, **(b)R.I Circle:** Bhandaripokhari, **Revenue Village:** Patuli, Nunapadi, Areikana, Juragaria, Naguan, Bahadalpur, **(c)R.I Circle:** Barikapur, **Revenue Village:** Mujurigaria.

**Perceived benefit that may accrue :** This will facilitate un-interrupted power supply to the domestic & industrial loads (Textile park) in & around Bhadrak and will connect Ramahrushnapur GSS, It will help in overall development of Bhadrak district in general.

**ER. SUNIL KUMAR DANDSENA**
FIPR-88/2025-26 **Sr. General Manager (Projects- I)**
/optcl.odisha /optcl_odisha



**PANCHAYAT SAMITI, RANGEILUNDA, KONISI**
No. i-473
NIB No. 483
**ANNEXURE - A**
**BID IDENTIFICATION No. 04/2025-26** Dated: 13.01.26
**LIST OF WORKS PUT TO ONLINE TENDER THROUGH e-Procurement**

| Sl. No. | Name of the Project | Estimate Cost put to Tender (In Rs.) | Earnest Money Deposit @ 1% of Tendered Value (in Rs.) | Classof Contractor | Cost of BID Document (Non-refundable) | Cover Type | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 2 | Construction of PAC's Office Building and Godown at Padmapur | 24,48,847.20 | 24488.00 | "B & C" Class | Rs.6,000.00 | Single Cover | 6th Calendar Months |

By the Order of Block Development Officer
Sd./- Panchayat Samiti, Rangeilunda
OIPR-



बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଭାରତ,
ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
ଇ-ମେଲ୍: sarcut@bankofbaroda.com

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- IV - A (ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଦଖଲରେ** ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍‌ସେସ୍, ଯଦି ଥାଏ | ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ସାଇ ଆଗ୍ରୋ ପ୍ରଡ଼କ୍ଟସ୍, ସ୍ୱତ୍ୱାଧିକାରିଣୀ: ଶ୍ରୀମତୀ ରେବତୀ ନାୟକ,** ସ୍ୱାମୀ: ଶ୍ରୀ ଶତ୍ରୁଘନ ନାୟକ / **ଗ୍ୟାରେଣ୍ଟିଦାତା: ଶ୍ରୀ ଶତ୍ରୁଘନ ନାୟକ,** ଉଭୟଙ୍କ ଠିକଣା ସା: ଦରଡ଼ା, ପୋ: ବୋରିକିନା, ଥାନା/ତହସିଲ: ବାଲିକୁଦା, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୧୦ | **ଶ୍ରୀମତୀ ରେବତୀ ନାୟକଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୭୭/୧, ୪୭୭/୧୬୧ ଏବଂ ୪୭୭/୧୬୨, ପ୍ଲଟ୍ ନଂ.: ୩୩୯, ୩୪୫, ୩୪୬, କ୍ଷେତ୍ର: ଏକର ୦.୨୬୦ ଡିସିମିଲି, ମୌଜା: ଦରଡ଼ା, ବୋରିକିନା, ଥାନା/ତହସିଲ: ବାଲିକୁଦା, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୧୦ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୧,୧୫,୯୦,୩୮୮/- + (ଲାଗୁ ହୋଇନଥିବା ପ୍ରଯୁଜ୍ୟ ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ଦେୟ ତା.୧୨.୦୭.୨୦୨୫ ସୁଦ୍ଧା ଟ.୩,୪୧,୮୧,୮୭୮.୪୨ + ଦେୟ ଏବଂ ଖର୍ଚ୍ଚ | ୦୪.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୩୬,୦୦,୦୦୦/- / ଟ.୩,୬୦,୦୦୦/- / ଟ.୧୫,୦୦୦/- | ସାଙ୍କେତିକ | ୩୧.୦୧.୨୦୨୬ (ପୂର୍ବାହ୍ନ ୧୦.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୨. | **ଋଣଗ୍ରହୀତା: ମେସର୍ସ ସେନାପତି ମୋଟର୍ସ, ସ୍ୱତ୍ୱାଧିକାରୀ: ସତ୍ୟଜିତ୍ ସେନାପତି,** ସା: ତାଳପଡା, ପୋ: ରାହାମା, ଜିଲ୍ଲା: ଜଗତ୍‌ସିଂହପୁର-୭୫୪୧୪୦ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ବିଦ୍ୟୁଲତା ସ୍ୱାଇଁ,** ସା.: ଉଦୟବଟ, ଥାନା: ପାରାଦୀପ, ଜିଲ୍ଲା: ଜଗତ୍‌ସିଂହପୁର-୭୫୪୧୪୦, **୨) ଶ୍ରୀମତୀ ଝିଲି ଗୋଛାୟତ, ୩) ଶ୍ରୀ ଅମୁଲ୍ୟ ସେନାପତି,** ଉଭୟଙ୍କ ଠିକଣା - ସା: ତାଳପଡା, ପୋ: ରାହାମା, ଜିଲ୍ଲା: ଜଗତ୍‌ସିଂହପୁର-୭୫୪୧୪୦ | **ଶ୍ରୀ ଅମୁଲ୍ୟ ସେନାପତିଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୨୯୨, ହାଲ ଖାତା ନଂ.: ୭୫୫/୪୧୧, ପ୍ଲଟ୍ ନଂ.: ୨୧୦୦, ହାଲ ପ୍ଲଟ୍ ନଂ.: ୨୧୦୦/୨୪୮୧, ମୌଜା: ତାଳପଡା, କ୍ଷେତ୍ର: ଏକର ୦.୧୯ଡିସିମିଲି, ପୋ.: ରାହାମା, ଥାନା/ଜିଲ୍ଲା: ଜଗତସିଂହପୁର | ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୫,୮୪,୨୫,୪୭୫/- + (ଲାଗୁ ହୋଇନଥିବା ପ୍ରଯୁଜ୍ୟ ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ଦେୟ ତା.୧୨.୦୭.୨୦୨୫ ସୁଦ୍ଧା ଟ.୧୦,୨୫,୧୬,୦୧୬.୨୧ + ଦେୟ ଏବଂ ଖର୍ଚ୍ଚ | ୦୪.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୫୫,୮୬,୦୦୦/- / ଟ.୫,୫୮,୬୦୦/- / ଟ.୫୦,୦୦୦/- | ଗଠନାତ୍ମକ | ୩୧.୦୧.୨୦୨୬ (ପୂର୍ବାହ୍ନ ୧୦.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୩. | **ଋଣଗ୍ରହୀତା: ମେସର୍ସ ସେନାପତି ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଗୀତାରାଣୀ ସେନାପତି,** ସା: ତାଳପଡା, ପୋ: ରାହାମା, ଥାନା: ତିର୍ତ୍ତୋଲ, ଜଗତ୍‌ସିଂହପୁର, ପିନ୍-୭୫୪୧୪୦ **/ଗ୍ୟାରେଣ୍ଟିଦାତା: ଶ୍ରୀ ବାଲୁଙ୍କେଶ୍ୱର ସେନାପତି,** ସା: ତାଳପଡା, ପୋ: ରାହାମା, ଥାନା: ତିର୍ତ୍ତୋଲ, ଜଗତ୍‌ସିଂହପୁର, ପିନ୍-୭୫୪୧୪୦ | **ଶ୍ରୀମତୀ ଗୀତାରାଣୀ ସେନାପତିଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ଖାତା ନଂ.: ୧୦, ପ୍ଲଟ୍ ନଂ.: ୨୦୭୨, ମୌଜା: ତାଳପଡା, କ୍ଷେତ୍ର: ଏକର ୦.୨୪ଡିସିମିଲି, ତହସିଲ: କୁଜଙ୍ଗ, ଥାନା/ଜିଲ୍ଲା: ଜଗତସିଂହପୁର | ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୧,୦୩,୬୪,୬୨୪.୩୨ + (ଲାଗୁ ହୋଇନଥିବା ପ୍ରଯୁଜ୍ୟ ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ଦେୟ ତା.୦୬.୦୭.୨୦୨୫ ସୁଦ୍ଧା ଟ.୨,୦୨,୯୪,୭୪୦.୦୪ + ଦେୟ ଏବଂ ଖର୍ଚ୍ଚ | ୦୪.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୭୦,୫୭,୦୦୦/- / ଟ.୭,୦୫,୭୦୦/- / ଟ.୫୦,୦୦୦/- | ଭୌତିକ | ୩୧.୦୧.୨୦୨୬ (ପୂର୍ବାହ୍ନ ୧୦.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୪. | **ଋଣଗ୍ରହୀତା: ମେସର୍ସ ସେନାପତି ଜୁଏଲର୍ସ,** ସା: ତାଳପଡା, ରାହାମା, ଥାନା: ତିର୍ତ୍ତୋଲ, ଜଗତ୍‌ସିଂହପୁର, ପିନ୍-୭୫୪୧୪୦ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ସତ୍ୟଜିତ ସେନାପତି, ୨) ଶ୍ରୀ ଅଜିତ କୁମାର ସେନାପତି, ୩) ଶ୍ରୀମତୀ ଝିଲି ଗୋଛାୟତ,** ସମସ୍ତଙ୍କ ଠିକଣା- ସା: ତାଳପଡା, ରାହାମା, ଥାନା: ତିର୍ତ୍ତୋଲ, ଜଗତ୍‌ସିଂହପୁର, ପିନ୍-୭୫୪୧୪୦ | **ଶ୍ରୀ ଅଜିତ କୁମାର ସେନାପତି ଏବଂ ଶ୍ରୀ ସତ୍ୟଜିତ ସେନାପତିଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୫୬, ପ୍ଲଟ୍ ନଂ.: ୨୦୯୯, ମୌଜା: ତାଳପଡା, କ୍ଷେତ୍ର: ଏକର ୦.୦୬ଡିସିମିଲି, ଥାନା: ତିର୍ତ୍ତୋଲ, ଥାନା/ଜିଲ୍ଲା: ଜଗତସିଂହପୁର | ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୧,୯୬,୯୯,୫୬୧.୯୪ + (ଲାଗୁ ହୋଇନଥିବା ପ୍ରଯୁଜ୍ୟ ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ଦେୟ ତା.୦୬.୦୭.୨୦୨୫ ସୁଦ୍ଧା ଟ.୩,୮୬,୫୩,୭୪୫.୪୭ + ଦେୟ ଏବଂ ଖର୍ଚ୍ଚ | ୦୪.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୩୭,୯୨,୦୦୦/- / ଟ.୩,୭୯,୨୦୦/- / ଟ.୧୫,୦୦୦/- | ସାଙ୍କେତିକ | ୩୧.୦୧.୨୦୨୬ (ପୂର୍ବାହ୍ନ ୧୦.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ :
**https://www.bankofbaroda.bank.in/e-auction.htm** and **https://baanknet.com** ଦେଖନ୍ତୁ ।
ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।

ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ: ତା.୦୪.୦୨.୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ

*ଅଧିକ ବିବରଣୀ ନିମନ୍ତେ ଏହି କୋଡ୍ କୁ ସ୍କାନ୍ କରନ୍ତୁ।*

ସ୍ଥାନ: କଟକ
ତାରିଖ: ୧୫.୦୧.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା



**Government of Odisha, e-Procurement Notice**
**INVITATION FOR BIDS (IFB)**
**Bid Identification No. C.C.E. Dkl. (R&B) 15/2025-26**
**Email Id: sedklpwd@gmail.com**

**Letter No. 83** **Dt.08.01.2026**

No. B-958: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for building works as detailed below:

1. Name of the work : Building work
2. No. of Works : 01 (One) No.
3. Estimated Cost : Rs.1.61 Crore (as given in Column No. 03 of Table)
4. Cost of Tender Paper : Rs.10,000.00
5. Class of Contractor : 'B' Class, & 'A' Class (as given in Column No. 07 of Table)
6. Period of Completion of Work : 07 (Seven) Calendar Months (as given in Column No. 08 of Table)
7. Date and time of availability of bid document in the website : From Dt.17.01.2026 to 5.00 P.M. of Dt.31.01.2026
8. Date of Opening of Bid : Dt.02.02.2026 at 11.00 A.M.

The bidders have to participate in ONLINE bidding only. Further details can be seen from the e-Procurement portal: **www.tendersodisha.gov.in**. Any addendum/ corrigendum/cancellation of tender can also be seen in the said website.

**Sd./- Chief Construction Engineer**
OIPR- **Dhenkanal (R&B) Circle, Dhenkanal**



**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର, ବି/୨ ପଶ୍ଚିମ,ସହୀଦ ନଗର, ଭୁବନେଶ୍ୱର - ୭୫୧୦୦୭,
ଫୋନ୍ ନଂ.: ୦୬୭୪-୨୫୪୦୦୩୨ / ୨୫୪୪୧୭୧, ଇ-ମେଲ୍ : 0815samd@iob.in

**ଡ଼ିମାଣ୍ଡ ନୋଟିସ୍**

ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩ର ଉପଧାରା (୨) ଅନୁଯାୟୀ ଋଣଗ୍ରହୀତା / ବନ୍ଧକଦାତା / ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍

୧) ନିମ୍ନସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୧୨) ସହିତ ରୁଲ ୩ ଅନୁସାରେ ପଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସାରଣୀରେ ଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଋଣଗ୍ରହୀତା/ବନ୍ଧକଦାତା/ଜାମିନଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରି ନିମ୍ନରେ ଦର୍ଶିତ ରାଶି ଉକ୍ତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପୈଠ କରିବାକୁ କହିଥିଲେ, ଯାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ। ଆକାଉଣ୍ଟର ଏନ୍‌ପିଏ ତାରିଖ: ନିମ୍ନରେ ପ୍ରଦତ୍ତ।

୨) କଥିତ ନୋଟିସ୍ ଗୁଡିକ ଡାକ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇ ପାରି ନଥିବା କାରଣରୁ କିମ୍ବା ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦ୍ୱାରା ପ୍ରାପ୍ତି ସ୍ୱୀକାର କରାଯାଇ ପାରିନଥିବା କାରଣରୁ ଫେରସ୍ତ ଆସିଛି। ତେଣୁ ବ୍ୟାଙ୍କ ଅଧିକ ସତର୍କତା ପାଇଁ ଏହି ଡିମାଣ୍ଡ ନୋଟିସ୍ ପ୍ରକାଶନ କରୁଅଛି। ଏହି କଥିତ ନୋଟିସ୍ ଗୁଡିକ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ଉପଲବ୍ଧ ଅଛି ଏବଂ କଥିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନେ ଯଦି ଚାହାଁନ୍ତି ଏହାର ନକଲଗୁଡିକ କୌଣସି ସାଧାରଣ କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଠାରୁ ସଂଗ୍ରହ କରିପାରିବେ।

୩) ଉପରୋକ୍ତ ଘଟଣାବଳୀ ପରିପେକ୍ଷୀରେ କଥିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନଦାରମାନଙ୍କୁ ପୁର୍ନବାର ନୋଟିସ୍ ଦିଆଯାଉଅଛିକି **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**କୁ ନିମ୍ନ ଦର୍ଶିତ ବକେୟା ରାଶି ସହିତ ଚୁକ୍ତିହାରରେ ଭବିଷ୍ୟତ ସୁଧ ସହିତ କଥିତ ଋଣ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚକ୍ରବୃଦ୍ଧି ସୁଧ ଏହି ନୋଟିସ୍ ପ୍ରକାଶନର ୬୦ଦିନ ମଧ୍ୟରେ ପୈଠ କରନ୍ତୁ। କଥିତ ଋଣ ପରିଶୋଧର ସୁରକ୍ଷା ନିମନ୍ତେ ସମ୍ପୃକ୍ତ ଋଣଗ୍ରହୀତାମାନଙ୍କ ଦ୍ୱାରା ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କରେ ନିମ୍ନଲିଖିତ ସମ୍ପତ୍ତି ବନ୍ଧକ ରଖାଯାଇଛି।

| ବ୍ରହ୍ମଗିରି ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତା / ବନ୍ଧକଦାତା / ଜାମିନଦାରମାନଙ୍କ ନାମ ଏବଂ ଠିକଣା | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | ନୋଟିସ୍ ତାରିଖ ସୁଦ୍ଧା ବକେୟା ଦେୟ * | ବନ୍ଧକ ସମ୍ପତ୍ତିର ସବିଶେଷ ବିବରଣୀ |
|---|---|---|---|
| ଋଣଗ୍ରହୀତା / ସହ-ଋଣଗ୍ରହୀତା / ବନ୍ଧକଦାତା : (୧) ଶ୍ରୀମତୀ **ରମାମଣୀ ଦଳେଇ,** ସ୍ୱା : ପ୍ରଶନ୍ନ କୁମାର ଦଳେଇ, ସା : ଗୋଲାପୁର, ପୋ : ନୂଆଗାଁ ବାଦଭୂଇଁ, ଥାନା : ବ୍ରହ୍ମଗିରି, ଜିଲ୍ଲା : ପୁରୀ, ଓଡିଶା - ୭୫୨୦୧୧ (୨) **ଶ୍ରୀ ପ୍ରଶନ୍ନ କୁମାର ଦଳେଇ,** ପି : ନଟବର ଦଳେଇ, ସା : ଗୋଲାପୁର, ପୋ : ନୂଆଗାଁ ବାଦଭୂଇଁ, ଥାନା : ବ୍ରହ୍ମଗିରି, ଜିଲ୍ଲା : ପୁରୀ, ଓଡିଶା - ୭୫୨୦୧୧ / **ଜାମିନଦାର : ଶ୍ରୀ ଶରତ କୁମାର ମହାନ୍ତି,** ପି : କେଳୁ ଚରଣ ମହାନ୍ତି, ସା : ଗୋଲାପୁର, ପୋ : ନୂଆଗାଁ ବାଦଭୂଇଁ, ଥାନା : ବ୍ରହ୍ମଗିରି, ଜିଲ୍ଲା : ପୁରୀ, ଓଡିଶା - ୭୫୨୦୧୧ | ୨୮.୦୯.୨୦୦୬ / ୨୩.୧୨.୨୦୨୫ | ତା ୨୮.୧୧.୨୦୨୫ ସୁଦ୍ଧା ଟ. ୪୦,୩୨,୭୯୯.୦୦ + ସେବାବଦ ପରବର୍ତ୍ତୀ ସୁଧ | ଶ୍ରୀମତୀ ରମାମଣୀ ଦଳେଇ, ସ୍ୱା : ଶ୍ରୀ ପ୍ରଶନ୍ନ କୁମାର ଦଳେଇଙ୍କ ନାମରେ ଥିବା ବାସପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୧୫, ଖାତା ନଂ .: ୧୦୫/୭, କ୍ଷେତ୍ର : ଏକର ୦.୨୬୫ ଡ଼ିସିମିଲି, ମୌଜା : ଦୁଆରସୁଣୀ, ଥାନା : ବ୍ରହ୍ମଗିରି (୨୨୬), ତହସିଲ : ବ୍ରହ୍ମଗିରି, ଏସ୍‌ଆରଓ : ବ୍ରହ୍ମଗିରି, ଜିଲ୍ଲା : ପୁରୀ, ଓଡ଼ିଶା। ଏହାର ଚାରିପାର୍ଶ୍ୱରେ ପୂର୍ବ : ମଙ୍ଗୁଳି ଦଳେଇ, ପଶ୍ଚିମ : ଯୁଧିଷ୍ଠିର ଦଳେଇ, ଉତ୍ତର : ଶ୍ରୀ ଖଲିଆ ଜେନା, ଦକ୍ଷିଣ : ସରକାରୀ ରାସ୍ତା |

*** ଉପରୋକ୍ତ ତାରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିହାରରେ ସହମତି କ୍ରମେ ପରବର୍ତ୍ତୀ ସୁଧ / ଚକ୍ରବୃଦ୍ଧି ସୁଧ ପ୍ରଦାନ କରିବାକୁ ହେବ।**

୪) ଯଦି କଥିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**କୁ ଉପର କଥିତ ବକେୟା ରାଶି ପୈଠ କରିବାରେ ବିଫଳ ହୁଅନ୍ତି, ତେବେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** ତରଫରୁ ସରଫେଶୀ ଆକ୍ଟର ଧାରା ୧୩(୪) ଏବଂ ନିୟମାନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ଏଥିପାଇଁ କଥିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନେ ସମସ୍ତ ଆଇନଗତ ଖର୍ଚ୍ଚ ଏବଂ ଫଳାଫଳ ନିମନ୍ତେ ସମ୍ପୂର୍ଣ୍ଣ ଦାୟୀ ରହିବେ।

୫) ପୁନଶ୍ଚ ଦୃଷ୍ଟି ଆକର୍ଷଣ କରାଯାଉଛି କି ଋଣଗ୍ରହୀତା/ବନ୍ଧକଦାତା/ଜାମିନଦାରମାନେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ।

୬) ସୁତରାଂ, ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନେ ସରଫେଶୀ ଆକ୍ଟ ଅନୁସାରେ ସୁରକ୍ଷିତ ସମ୍ପତ୍ତିକୁ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର ପୂର୍ବ ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ପ୍ରକାରରେ ହସ୍ତାନ୍ତରିତ କରିପାରିବେ ନାହିଁ। ଯଦି କୌଣସି ବ୍ୟକ୍ତି କଥିତ ଆକ୍ଟ କିମ୍ବା ନିୟମକୁ ଉଲଘଂନ କରନ୍ତି ତେବେ କଥିତ ଆକ୍ଟର ଧାରା ୨୯ ଅନୁସାରେ କାରାଦଣ୍ଡ ଏବଂ/ କିମ୍ବା ଜୋରିମାନା ଦେବାକୁ ବାଧ୍ୟ ହେବେ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୫.୦୧.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ଅଷ୍ଟ୍ରେଲିଆନ୍ ଓପନ ଟେନିସ୍

# କ୍ରମାଗତ ଟାଇଟଲରେ ରେକର୍ଡ



ମାର୍ଟିନା ହିଙ୍ଗିସ

ନୋଭାକ ଜୋକୋଭିଚ୍

ମାର୍ଗାରେଟ କୋର୍ଟ

ଷ୍ଟେଫି ଗ୍ରାଫ

**ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ଚଳିତ ମାସ ୧୮ରୁ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ମେଲବୋର୍ନ ପାର୍କରେ କ୍ରମାଗତ ଟାଇଟଲ ହାସଲ କରି ରେକର୍ଡର ଅଧିକାରୀ ଥିବା ଖେଳାଳିଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ୧୧୪ତମ ସଂସ୍କରଣ ଚଳିତ ମାସ ୧୮ରୁ ଆରମ୍ଭ ହେବାକୁ ଯାଉଛି। ମେଲବୋର୍ନ ପାର୍କରେ ଏହି ସମ୍ମାନଜନକ ପ୍ରତିଯୋଗିତା ଫେବୃଆରୀ ୧ ପର୍ଯ୍ୟନ୍ତ ଚାଲିବ। ମେଲବୋର୍ନ ପାର୍କର ଟାଣ ଖରା, ଦ୍ରୁତ ହାର୍ଡ କୋର୍ଟ ଖେଳାଳିଙ୍କ ଲାଗି ଖେଳିବା କଷ୍ଟସାଧ୍ୟ ହୋଇଥାଏ। ଏଥିରେ ସଫଳ ହେବାକୁ ହେଲେ ଖେଳାଳିଙ୍କୁ ଦକ୍ଷତା, ଧୈର୍ଯ୍ୟ ଓ ମାନସିକ ଦୃଢ଼ତାର ଆବଶ୍ୟକତା ରହିଥାଏ। ଏହା ସତ୍ତ୍ୱେ ଟୁର୍ନାମେଣ୍ଟ ଇତିହାସରେ କିଛି ହାତଗଣତି ଖେଳାଳି କ୍ରମାଗତ ଟାଇଟଲ ହାସଲ କରିବାରେ ସଫଳ ହୋଇଛନ୍ତି, ଯାହାକି ସେମାନଙ୍କୁ ଅନ୍ୟ ଖେଳାଳିଙ୍କଠାରୁ ଭିନ୍ନ ପରିଚୟ ପ୍ରଦାନ କରେ। ଏହି ତାଲିକାରେ ମାର୍ଗାରେଟ କୋର୍ଟ ଲଗାତର ୭ ଥର ଟାଇଟଲ ଜିତି ଶୀର୍ଷରେ ରହିଛନ୍ତି...

**ମାର୍ଗାରେଟ କୋର୍ଟ: (ଲଗାତର ୭ ଥର, ୧୯୬୦–୬୬)**

ଅଷ୍ଟ୍ରେଲିଆର କିମ୍ବଦନ୍ତୀ ମହିଳା ସିଙ୍ଗଲ୍ସ ଖେଳାଳି ମାର୍ଗାରେଟ କୋର୍ଟଙ୍କ ନାମରେ ଲଗାତର ସର୍ବାଧିକ ଥର ଅଷ୍ଟ୍ରେଲିଆନ ଓପନ ଜିତିବାର ରେକର୍ଡ ରହିଛି। ୧୯୬୦ରୁ ୧୯୬୬ ମଧ୍ୟରେ ସେ ଲଗାତର ୭ ଥର ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲେ। ଏହି ରେକର୍ଡ ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ବର୍ଗରେ ଆଜି ବି ଅତୁଟ ରହିଛି। ମାର୍ଗରେଟ ଅତ୍ୟଧିକ ଶାରୀରିକ ଶକ୍ତି, ଆକ୍ରମଣ କରିବାର ପ୍ରବୃତ୍ତି ଓ ଅବିଶ୍ୱସନୀୟ ବିଶ୍ୱାସ ବଳରେ ଏହି ହାର୍ଡକୋର୍ଟ ଟୁର୍ନାମେଣ୍ଟରେ ଆଧିପତ୍ୟ ବିସ୍ତାର କରିଥିଲେ। ସେହି ଯୁଗରେ ତାଙ୍କ ସମକକ୍ଷ ଖେଳାଳି ନ ଥିବା ବେଳେ ସେ ମ୍ୟାଚ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତିପକ୍ଷ ଖେଳାଳିଙ୍କ ଉପରେ ପ୍ରଭାବୀ ରହୁଥିଲେ। ତାଙ୍କର ରେକର୍ଡ ଲଗାତର ୭ ଥର ଟାଇଟଲ ଜିତିବା ଧାରା ଅଷ୍ଟ୍ରେଲିଆନ ଓପନରେ ଉତ୍କର୍ଷର ସର୍ବୋଚ୍ଚ ମାନଦଣ୍ଡ ହୋଇ ରହିଛି।

**ନୋଭାକ ଜୋକୋଭିଚ୍: (ଲଗାତର ୩ ଥର, ୨୦୧୯–୨୧)**

ସର୍ବୀୟାନ କିମ୍ବଦନ୍ତୀ ପୁରୁଷ ଟେନିସ ତାରକା ନୋଭାକ ଜୋକୋଭିଚ୍ ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ଲଗାତର ୩ ଥର ଅଷ୍ଟ୍ରେଲିଆନ ଓପନ ଜିତିଥିଲେ, ଯାହାକି ଓପନ ଏରାର ପୁରୁଷ ସିଙ୍ଗଲ୍ସରେ ସର୍ବକାଳୀନ ରେକର୍ଡ। କୋଭିଡ୍ ଟିକା ନ ନେବା କାରଣରୁ ୨୦୨୨ ସଂସ୍କରଣରେ ଖେଳି ପାରି ନ ଥିଲେ। ନ ହେଲେ ଏହି ଧାରା ହୁଏତ ଆହୁରି ଲମ୍ବିଥାନ୍ତା। ଏମିତି ଖୁବ୍ କମ୍ ଖେଳାଳି ରହିଛନ୍ତି, ଯେଉଁମାନେ ମେଲବୋର୍ନ ପାର୍କର ଅତ୍ୟଧିକ କଷ୍ଟକର ପରିସ୍ଥିତିରେ ଲଗାତର ଭଲ ପ୍ରଦର୍ଶନ କରିଆସୁଛନ୍ତି। ଜୋକୋଭିଚ୍ ନିରନ୍ତର ଡିଫେନ୍ସ, ଚମତ୍କାର ମୁଭମେଣ୍ଟ, ଠିକ୍ ବେସଲାଇନ ବଳରେ ପ୍ରତିପକ୍ଷ ଖେଳାଳିଙ୍କୁ ନିରାଶ କରିଥାନ୍ତି। ଚାପକୁ ହାତେଇବା ସହ ଲମ୍ବା ସମୟ ଖେଳିବା ଓ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ନିର୍ଣ୍ଣାୟକ ଶଟ୍ ଚୟନ ଦକ୍ଷତା ତାଙ୍କୁ ରଡ ଲାଭର ଆରେନାରେ ଗୋଟିଏ ସମୟରେ ଅପରାଜେୟ କରିଥିଲା। ଅଷ୍ଟ୍ରେଲିଆନ ଓପନ ଇତିହାସରେ ସବୁଠାରୁ ପ୍ରଭାବଶାଳୀ ପୁରୁଷ ଖେଳାଳି ଭାବେ ଏହା ଜୋକୋଭିଚ୍‌ଙ୍କ ଖ୍ୟାତିକୁ ଦର୍ଶାଉଛି।

**ମାର୍ଟିନା ହିଙ୍ଗିସ: (ଲଗାତର ୩ ଥର, ୧୯୯୭–୯୯)**

ମାର୍ଟିନା ହିଙ୍ଗିସ ୧୯୯୭ରୁ ୧୯୯୯ ପର୍ଯ୍ୟନ୍ତ ଲଗାତର ୩ ଥର ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଥିଲେ। ସେ ଅଧିକ ଶକ୍ତିଶାଳୀ ନ ଥିଲେ ମଧ୍ୟ ଚତୁରତାର ସହ ପ୍ରତିପକ୍ଷ ଖେଳାଳିଙ୍କୁ ହରାଉଥିଲେ। କୋର୍ଟକୁ ନେଇ ଅବିଶ୍ୱସନୀୟ ସଚେତନତା ଓ ବିବିଧିତାପୂର୍ଣ୍ଣ ଶଟ୍ ମାଧ୍ୟମରେ ସେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ସାମ୍ନାରେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଥିବା ସତ୍ତ୍ୱେ ହିଙ୍ଗିସ ନିରନ୍ତରତାର ସହ ଗେମ୍‌କୁ ନିୟନ୍ତ୍ରଣରେ ରଖୁଥିଲେ। ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ କୌଶଳପୂର୍ଣ୍ଣ ରଣ ଚାତୁରି ଓ ସ୍ଥିତିରୁ ଫାଇଦା ଉଠାଇବାର କ୍ଷମତା ତାଙ୍କୁ ଫାଇଦାରେ ରଖୁଥିଲା। ମେଲବୋର୍ନରେ ତାଙ୍କ ବିଜୟ ଧାରା ଶୀର୍ଷ ସ୍ତରରେ ସର୍ବୋତ୍କୃଷ୍ଟ ବୁଦ୍ଧିମତ୍ତାର ଏକ ଉଦାହରଣ।

**ଷ୍ଟେଫି ଗ୍ରାଫ: (ଲଗାତର ୩ ଥର, ୧୯୮୮–୯୦)**

ଜର୍ମାନୀର ଷ୍ଟେଫି ଗ୍ରାଫ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବା ବେଳେ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିବାରେ ହ୍ୟାଟ୍ରିକ କରିଥିଲେ। ସେ ମହିଳା ସିଙ୍ଗଲ୍ସ ଟେନିସ ଖେଳର ଚେହେରା ବଦଳାଇ ଦେଇଥିଲେ। ଶକ୍ତିଶାଳୀ ଫୋରହ୍ୟାଣ୍ଡ, ଜବରଦସ୍ତ ଗତି ଓ ନିରନ୍ତର ବେସଲାଇନ ଖେଳ ବଳରେ ସେ ୧୯୮୮ରୁ ୧୯୯୦ ପର୍ଯ୍ୟନ୍ତ ହାର୍ଡ କୋର୍ଟରେ ପ୍ରଧାନ୍ୟ ବିସ୍ତାର କରିଥିଲେ। ମ୍ୟାଚ୍ ଆରମ୍ଭରୁ ପଏଣ୍ଟକୁ ନିୟନ୍ତ୍ରଣ କରିବାର ଦକ୍ଷତା ଓ ଚାପ ପରିସ୍ଥିତିରେ ସ୍ଥିର ପ୍ରଦର୍ଶନ ମେଲବୋର୍ନରେ ତାଙ୍କର ହ୍ୟାଟ୍ରିକ ଟାଇଟଲ ପଛର ମୁଖ୍ୟ କାରଣ ଥିଲା। ରଡ ଲାଭର ଆରେନାରେ ଲଗାତର ୩ ଥର ଟାଇଟଲ ତାଙ୍କର ବିବିଧତା ଓ ମାନସିକ ଦୃଢ଼ତାକୁ ପ୍ରଦର୍ଶିତ କରୁଛି।

**ହ୍ୟାଟ୍ରିକ ଲକ୍ଷ୍ୟରେ ସିନର**

ଲଗାତର ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିବା ଟେନିସରେ ଏକ ବିରଳ ଉପଲବ୍ଧି। ଶାରୀରିକ ଦକ୍ଷତା, ଭିନ୍ନ ଖେଳିବା ଶୈଳୀ ଯୋଗୁ ଆଧୁନିକ ଯୁଗରେ କୌଣସି ଖେଳାଳିପାଇଁ ଲଗାତର ଆଧିପତ୍ୟ ବିସ୍ତାର କରିବା ପୂର୍ବ ଅପେକ୍ଷା ଅଧିକ କଷ୍ଟକର ହୋଇଯାଇଛି। ଅଷ୍ଟ୍ରେଲିଆନ ଓପନ ଆଗକୁ ଥିବା ବେଳେ ଏହି ରେକର୍ଡ ଜଣାଉଛି ଯେ, ମେଲବୋର୍ନରେ ଆଧିପତ୍ୟ ବିସ୍ତାର କରିବା ଲାଗି ଖେଳାଳିଙ୍କୁ କେଉଁ ଭଳି ଶୃଙ୍ଖଳା ଓ ନିରନ୍ତରତା ଆବଶ୍ୟକ ହୋଇଥାଏ। ଏଥର ଜାନିକ ସିନର ହ୍ୟାଟ୍ରିକ ଟାଇଟଲ ଲକ୍ଷ୍ୟରେ ରହିଛନ୍ତି।

---

# ରଙ୍ଗନାଥନ୍ ଫ୍ରାନ୍ସିସ୍

**ଭାରତୀୟ ହକିକୁ ଯେଉଁ ମହାନ୍ ଖେଳାଳିମାନେ ମହତ୍ତର ଅବଦାନ ଦେଇଛନ୍ତି ସେମାନଙ୍କୁ ମନେପକାଇବା ଅବସରରେ ''ହକି ଜଗତର ଉଜ୍ଜ୍ୱଳ ତାରକା'' ଭାଗ ୧ରେ ହକି ଯାଦୁକର ମେଜର ଧ୍ୟାନଚାନ୍ଦ, ୨ରେ ଲେସ୍‌ଲି କ୍ଲଡିୟସ୍ ଓ ଉଦ୍ଧାମ ସିଂ କୁଲର, ୩ରେ ରିଚାର୍ଡ ଜେମ୍‌ସ ଆଲେନ୍ ଓ ରଣଧୀର ସିଂ ଜେଣ୍ଟଲ, ୪ରେ କୁଅଁର ଦିଗ୍‌ବିଜୟ ସିଂ ବାବୁ ଓ ଭାଗ ୫ରେ ବଲ୍‌ବୀର ସିଂ ସିନିୟରଙ୍କ ସମ୍ପର୍କରେ ଆଲେଖ୍ୟ ପ୍ରକାଶିତ ହୋଇଛି। ସେହି କ୍ରମରେ ଏଥର ଷଷ୍ଠ ଭାଗରେ ରଙ୍ଗନାଥନ୍ ଫ୍ରାନ୍ସିସ୍...**



ଭାରତୀ ଭୂଷଣ ମିଶ୍ର

**ହକି ଜଗତର ଉଜ୍ଜ୍ୱଳ ତାରକା**
**(ଭାଗ–୬)**



ଭାରତର ଯେଉଁ ସାତଜଣ ମହାନ୍ ହକି ଖେଳାଳି ୩ଟି ଲେଖାଏ ଅଲିମ୍ପିକ ସ୍ୱର୍ଣ୍ଣପଦକ ହାସଲ କରିବାର ଗୌରବ ଅର୍ଜନ କରିଥିଲେ ସେମାନଙ୍କ ମଧ୍ୟରେ ରଙ୍ଗନାଥନ୍ ଫ୍ରାନ୍ସିସ୍ ଅନ୍ୟତମ। ତତ୍‌ସହିତ ଯେଉଁ ଦୁଇଜଣ ଗୋଲରକ୍ଷକ ଅଲିମ୍ପିକ୍ ହକିରେ ୩ଟି ଲେଖାଏ ସ୍ୱର୍ଣ୍ଣପଦକ ଲାଭ କରିଥିଲେ ସେମାନଙ୍କ ମଧ୍ୟରୁ ରଙ୍ଗନାଥନ୍ ଜଣେ। ଅନ୍ୟ ଜଣେ ହେଉଛନ୍ତି ପୂର୍ବରୁ ଆଲୋଚିତ ରିଚାର୍ଡ ଜେମ୍‌ସ ଆଲେନ୍।

ରଙ୍ଗନାଥନ୍‌ଙ୍କର ଜନ୍ମ ତତ୍କାଳୀନ ବ୍ରିଟିଶ ଶାସନାଧୀନ ବର୍ମାର ରେଙ୍ଗୁନ୍ (ଅଧୁନାତନ ୟାଙ୍ଗୁନ୍) ନଗରୀରେ ଏକ ହିନ୍ଦୁ ପରିବାରରେ ୧୯୨୦ ମାର୍ଚ୍ଚ ୧୫ ତାରିଖରେ। ତାଙ୍କର ଶିକ୍ଷା ସେହି ରେଙ୍ଗୁନ୍ ସହରରେ ହିଁ ସମାପ୍ତ ହୁଏ। ତାଙ୍କର ପୁରାନାମ ଥିଲା ରଙ୍ଗନାଥନ୍ ମୁଦାଲିୟର। ରଙ୍ଗନାଥନ୍‌ଙ୍କ ପରିବାର ଭାରତର ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ବର୍ମା ଛାଡ଼ି ଭାରତ ଚାଲିଆସିଲେ ଓ ତତ୍କାଳୀନ ମାଡ୍ରାସ ପ୍ରେସିଡେନ୍ସିରେ ବସବାସ କଲେ। କିଛି କାଳ ପରେ ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରି ନିଜର ନାମ ପରିବର୍ତ୍ତନ କଲେ ଓ ରଙ୍ଗନାଥନ୍ ଫ୍ରାନ୍ସିସ୍ ଭାବେ ପରିଚିତ ହେଲେ। ମାଡ୍ରାସରେ ରହଣି ସମୟରେ ହକି ଖେଳ ପ୍ରତି ସେ ଆକୃଷ୍ଟ ହୋଇ ସେଥିରେ ନିଜର ଭବିଷ୍ୟତ ଗଢ଼ିବା ପାଇଁ ନିଷ୍ପତ୍ତି ନେଇଥିଲେ। ଜଣେ ଦକ୍ଷ ଗୋଲ୍‌କିପର ଭାବେ ସେ ଅଳ୍ପଦିନ ମଧ୍ୟରେ ପରିଚିତ ହୋଇଗଲେ। ତାଙ୍କର କ୍ରୀଡ଼ା ନୈପୁଣ୍ୟକୁ ଭିତ୍ତିକରି ମାଡ୍ରାସ୍ ପୋଲିସରେ ସେ ନିଯୁକ୍ତ ହେଲେ।

ମାଡ୍ରାସ ପୋଲିସ ହକି ଦଳର ସେ ଥିଲେ ଜଣେ ନିୟମିତ ସଦସ୍ୟ ତଥା ଗୋଲ୍‌କିପର। ସର୍ବଭାରତୀୟ ପୋଲିସ କ୍ରୀଡ଼ା ଓ ଜାତୀୟ ହକି ପ୍ରତିଯୋଗିତାରେ ମାଡ୍ରାସ ତରଫରୁ ପ୍ରତିନିଧିତ୍ୱ କରିବା ଅବକାଶରେ ଜାତୀୟ ଚୟନ କର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କଲେ। ୧୯୪୭ରେ ଧ୍ୟାନଚାନ୍ଦଙ୍କ ନେତୃତ୍ୱରେ ଭାରତୀୟ ହକି ଦଳ ଯେତେବେଳେ ଆଫ୍ରିକା ଗସ୍ତରେ ଗଲା ସେତେବେଳେ ରଙ୍ଗନାଥନ୍ ଭାରତୀୟ ଦଳରେ ଗୋଲ୍‌କିପର ଭାବେ ସାମିଲ ହୋଇଥିଲେ। ଏହି ଗସ୍ତ ହିଁ ତାଙ୍କର ଭାଗ୍ୟ ବଦଳାଇ ଦେଲା। ତାଙ୍କର କ୍ରୀଡ଼ା ନୈପୁଣ୍ୟକୁ ବିଚାରକୁ ନେଇ ଭାରତୀୟ ହକି ମହାସଂଘ ୧୯୪୮ ଲଣ୍ଡନ ଅଲିମ୍ପିକ୍ସ ପାଇଁ ଭାରତୀୟ ହକି ଦଳରେ ତାଙ୍କୁ ସ୍ଥାନ ଦେଇଥିଲା। ସେତେବେଳେ ମୁଖ୍ୟ ଗୋଲ୍ କିପର ଥାଆନ୍ତି ଲିଓ ପିଣ୍ଟୋ। ଏଣୁ ରଙ୍ଗନାଥନ୍ ଦ୍ୱିତୀୟ ଗୋଲ୍ କିପର ଭାବେ ମନୋନୀତ ହେଲେ। ଏହି ଅଲିମ୍ପିକ୍‌ର ଫାଇନାଲରେ ଭାରତ ବ୍ରିଟେନକୁ ୪–୦ ଗୋଲ୍ ବ୍ୟବଧାନରେ ପରାସ୍ତ କରି ସ୍ୱର୍ଣ୍ଣପଦକ ବିଜୟୀ ହେଲା, ଯାହାକି ସ୍ୱାଧୀନ ଭାରତର ପ୍ରଥମ ଅଲିମ୍ପିକ ସ୍ୱର୍ଣ୍ଣପଦକ ହକିରେ।

ଏହା ପରେ ୧୯୫୨ରେ ଫିନ୍‌ଲାଣ୍ଡର ରାଜଧାନୀ ହେଲ୍‌ସିଙ୍କିରେ ଆୟୋଜିତ ହେଲା ପରବର୍ତ୍ତୀ ଅଲିମ୍ପିକ୍ କ୍ରୀଡ଼ା। ନିଜର କ୍ରୀଡ଼ା ଦକ୍ଷତା ଯୋଗୁ ରଙ୍ଗନାଥନ୍ ଏଥର ମଧ୍ୟ ଭାରତୀୟ ଦଳରେ ସାମିଲ ହେବାର ସୌଭାଗ୍ୟ ପାଇଲେ ମୁଖ୍ୟ ଗୋଲ୍ କିପର ଭାବେ। ଏହି ଅଲିମ୍ପିକ୍‌ର ସମସ୍ତ ମ୍ୟାଚ୍‌ରେ ସେ ଅପୂର୍ବ ଗୋଲ୍ ରକ୍ଷଣର ନମୁନା ପ୍ରଦର୍ଶନ କରିଥିଲେ। ତାଙ୍କର ବିଚକ୍ଷଣ ପୂର୍ବାନୁମାନ, ଶ୍ରୀଘ୍ର ସ୍ଥାନ ପରିବର୍ତ୍ତନ କରି ପୋଜିଶନ ନେବାରକଳା ଓ ଗୋଲ୍ ପୋଷ୍ଟ ମଧ୍ୟରେ ଭୟଶୂନ୍ୟ ମନୋଭାବ ପାଇଁ ସେ ସେତେବେଳେ ''ସିଂହମ୍'' ଭାବେ ପରିଚିତ ଥିଲେ। ଭାରତ ଏହି ଅଲିମ୍ପିକ୍‌ରେ ୩ଟି ମ୍ୟାଚ୍‌ରେ ୧୩ଟି ଗୋଲ୍ ଦେଇ ମାତ୍ର ୨ଟି ଗୋଲ୍ ବରଣ କରିଥିଲା। ଫାଇନାଲରେ ହଲାଣ୍ଡକୁ ୬–୧ ଗୋଲ୍‌ରେ ପରାସ୍ତ କରି ଭାରତ କ୍ରମାଗତ ପଞ୍ଚମ ସ୍ୱର୍ଣ୍ଣପଦକ ବିଜୟୀ ହେଲା କୁଅଁର ଦିଗ୍‌ବିଜୟ ସିଂ ''ବାବୁ''ଙ୍କ ଅଧିନାୟକତ୍ୱରେ।

୧୯୫୪ ମସିହାରେ ଭାରତୀୟ ହକି ମହାସଂଘ ନିଜର ଏକ ହକିଦଳ ତତ୍କାଳୀନ ମାଳୟ (ବର୍ତ୍ତମାନର ମାଲେସିଆ) ଓ ସିଙ୍ଗାପୁରକୁ ପ୍ରେରଣ କଲା କେତେଗୁଡ଼ିଏ ହକି ମ୍ୟାଚ ଖେଳିବା ପାଇଁ। ୧୯୫୪ ଫେବୃଆରୀ ୧୧ରୁ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଦୀର୍ଘ ୧ମାସ ମଧ୍ୟରେ ଭାରତ ମୋଟ ୧୬ଗୋଟି ମ୍ୟାଚ୍ ଖେଳିଲା। ଅବଶ୍ୟ ଏହି ୧୬ଟିରୁ ୩ଟି ମ୍ୟାଚ୍ ଅନ୍ତର୍ଜାତୀୟ ମାନ୍ୟତା ପାଇଥିଲା। ଭାରତୀୟ ଦଳ ଚମତ୍କାର କ୍ରୀଡ଼ା ନୈପୁଣ୍ୟ ଦେଖାଇ ସମସ୍ତ ମ୍ୟାଚ୍‌ରେ ବିଜୟ ହାସଲ କରିଥିଲା ଏବଂ ମୋଟ ୧୨୧ଟି ଗୋଲ୍ ଦେଇଥିଲା। ଦଳର ଅଧିନାୟକ ବଲ୍‌ବୀର ସିଂ ସିନିୟର ଏଥିରୁ ଏକାକୀ ୪୪ଟି ଗୋଲ୍ ଦେଇଥିଲେ। ତାଙ୍କ ବ୍ୟତୀତ ସୁଶାଇନାଥନ୍ ୨୫ଟି ଓ ଉପ–ଅଧିନାୟକ ରଣଧୀର ସିଂ ଜେଣ୍ଟଲ ୧୪ଟି ଗୋଲ ସ୍କୋର୍ କରିଥିଲେ। ଭାରତ ବିରୋଧରେ ସମଗ୍ର ଟୁର୍‌ରେ ମାତ୍ର ୭ଟି ଗୋଲ୍ ଦେଇପାରିଥିଲେ ପ୍ରତିପକ୍ଷ ଦଳ। ରଙ୍ଗନାଥନ୍ ଏହି ଗସ୍ତରେ ଅତି ଚମତ୍କାର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ ଓ ସମସ୍ତଙ୍କର ମନ ଜିଣି ନେଇଥିଲେ ନିଜର କ୍ଷେତ୍ରରକ୍ଷଣ ଶୈଳୀ ପାଇଁ।

ଏହାପରେ ୧୯୫୬ ମେଲ୍‌ବୋର୍ନ ଅଲିମ୍ପିକ୍ସରେ ବଲ୍‌ବୀର ସିଂ ସିନିୟରଙ୍କ ଅଧିନାୟକତ୍ୱରେ ୧୭ଜଣିଆ ଭାରତୀୟ ହକିଦଳ ଅଂଶଗ୍ରହଣ କଲେ। ରଙ୍ଗନାଥନ୍ ଫ୍ରାନ୍ସିସ୍ ମଧ୍ୟ ଶଙ୍କର ଲକ୍ଷ୍ମଣଙ୍କ ସହ ଦ୍ୱିତୀୟ ଗୋଲ୍ ରକ୍ଷକ ଭାବେ ଦଳରେ ସ୍ଥାନ ପାଇଥିଲେ। ପ୍ରାରମ୍ଭରୁ ଭାରତୀୟ ଦଳ ଅତ୍ୟନ୍ତ ଚମତ୍କାର ଢଙ୍ଗରେ ଖେଳିବା ଆରମ୍ଭ କରି ଆଫଗାନିସ୍ତାନକୁ ୧୪–୪ ଓ ଯୁକ୍ତରାଷ୍ଟ୍ର ଆମେରିକାକୁ ୧୬–୦ ଗୋଲ୍‌ରେ ପରାସ୍ତ କରିଥିଲା। ସେତେବେଳକୁ ଜର୍ମାନୀ ହକି ଦଳ ଏକ ଦୁର୍ଦ୍ଧର୍ଷ ଦଳ ଭାବେ ଉଭା ହୋଇଥାଏ। ସେମିଫାଇନାଲରେ ଭାରତ ୧–୦ ଗୋଲ୍‌ରେ ଜର୍ମାନୀକୁ ହରାଇ ଫାଇନାଲକୁ ଉନ୍ନୀତ ହେଲା। ଫାଇନାଲରେ ଭାରତର ମୁକାବିଲା ହେଲା ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହିତ। ଦ୍ୱିତୀୟାର୍ଦ୍ଧରେ ରଣଧୀର ସିଂ ଜେଣ୍ଟଲ ଏକ ଶର୍ଟକର୍ନର ହିଟ୍‌କୁ ଗୋଲ୍‌ରେ ପରିଣତ କରି ଭାରତୀୟ ଦଳକୁ ମହିମା ମଣ୍ଡିତ କଲେ ସ୍ୱର୍ଣ୍ଣପଦକ ସହିତ। ସମଗ୍ର ଟୁର୍ନାମେଣ୍ଟରେ ଭାରତୀୟ ଦଳ ୫ଟି ମ୍ୟାଚ୍‌ରେ ୩୮ଟି ଗୋଲ୍ ଦେଇ ଗୋଟିଏ ହେଲେ ଗୋଲ୍ ବରଣ କରି ନ ଥିଲା। ଏହିପରି ଭାବେ ଭାରତ ଅଲିମ୍ପିକ୍ ହକିରେ କ୍ରମାଗତ ୬ଷ୍ଠ ସ୍ୱର୍ଣ୍ଣପଦକ ହାସଲର କୃତିତ୍ୱ ଅର୍ଜନ କଲା। ଭାରତ ସ୍ୱାଧୀନତା ପୂର୍ବରୁ ଏବଂ ପରେ ସ୍ୱର୍ଣ୍ଣ ପଦକ ଜିତିବାରେ ହ୍ୟାଟ୍ରିକ କରିଥିଲା।

ଏହିକ୍ରମରେ ଦେଖିଲେ ରଙ୍ଗନାଥନ୍ ଫ୍ରାନ୍ସିସ ମଧ୍ୟ କ୍ରମାଗତ ୩ଗୋଟି ସ୍ୱର୍ଣ୍ଣପଦକ ବିଜୟୀ ହକି ଦଳର ସଦସ୍ୟଭାବେ ପରିଗଣିତ ହେଲେ। ତାଙ୍କର ଏହି କୃତୀ ପାଇଁ ସେ ଜଣେ ସର୍ବକାଳୀନ ଦକ୍ଷ କ୍ରୀଡ଼ାବିତ୍ ତଥା ଗୋଲ୍ ରକ୍ଷକ ଭାବେ ସମସ୍ତଙ୍କର ମନେ ରହିବେ। ନିଜର ଖେଳାଳି ଜୀବନର ଶୀର୍ଷ ସମୟରେ ସେ ହକିର ଜଣେ କୌଶଳୀ ଖେଳାଳି (Titan between the Posts) ଭାବେ ଖ୍ୟାତି ଅର୍ଜନ କରିଥିଲେ। ଯେତେବେଳେ ପ୍ରତିପକ୍ଷ ଦଳ ଭାରତୀୟ ରକ୍ଷଣ ଭାଗ ଉପରେ ଆକ୍ରମଣ କରିବାର ସେ ଦେଖୁଥିଲେ ସେତେବେଳେ ଗୋଲପୋଷ୍ଟ ଛାଡ଼ି ଆଗକୁ ଚାଲି ଆସି ରକ୍ଷାପଂକ୍ତି ସହିତ ସାମିଲ ହୋଇ ଆକ୍ରମଣକୁ ପ୍ରତିହତ କରୁଥିଲେ। ଏହା ତାଙ୍କର ନିର୍ଭୀକତାର ପରିଚାୟକ। ଖେଳାଳି ଜୀବନ ପରେ ସେ ମାଡ୍ରାସ ପୋଲିସ ଡିଭିଜନରେ ଜଣେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରି ୧୯୬୮ ମସିହାରେ ଅବସର ନେଲେ।

–ତାଙ୍କ ସ୍ମୃତିରେ ତାମିଲନାଡୁ ସରକାର ବିଦ୍ୟାଳୟଗୁଡ଼ିକ ମଧ୍ୟରେ ''ଇନ୍ସପେକ୍ଟର ଫ୍ରାନ୍ସିସ୍ ମେମୋରିଆଲ ହକି ଟୁର୍ନାମେଣ୍ଟ'' ଆୟୋଜନ କରିଥିଲେ।

–ଏପ୍ରିଲ ୨୦୧୯ରେ ସାଙ୍ଗୀତିକ କ୍ରୀଡ଼ା ନାଟକ ଚଳଚ୍ଚିତ୍ର ''ନାଟ୍‌ପେ ଥୁନାଇ'' ମୁକ୍ତିଲାଭ କଲା। ଏହାର କାହାଣୀ ରଙ୍ଗନାଥନ୍ ଫ୍ରାନ୍ସିସ୍‌ଙ୍କର ଜୀବନୀ ଉପରେ ଆଧାରିତ ବୋଲି କୁହାଯାଏ। ଅବଶ୍ୟ ଏଥିରେ ତାଙ୍କର ଚଳଚ୍ଚିତ୍ର ନାମ ଥିଲା ଅରଙ୍ଗନାଥନ୍।

ମାତ୍ର ୫୫ ବର୍ଷ ରେ ଏହି ମହାନ୍ ଖେଳାଳି ୧୯୭୫ ଡିସେମ୍ବର ୧ ତାରିଖରେ ପରଲୋକ ଗମନ କରିଥିଲେ।



୧୯୫୨ ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ବିଜୟୀ ଭାରତୀୟ ହକି ଦଳ

## ପ୍ରଦୂଷଣ

ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନରୁ
ଆଣ୍ଡର୍ସ ଆଣ୍ଟୋନସେନ
ଓହରିବା ପରେ କହୁଅଛି ଦିଲ୍ଲୀ
ରାଜଧାନୀ ପ୍ରଦୂଷଣ
ଚାଲିଯିବ କେବେ ପ୍ରାଣ
ଏୟାର କ୍ୱାଲିଟି ଇଣ୍ଡେକ୍ସ ରିଡିଙ୍ଗ
ତିନି ଚାରି ଆଠ ଗଣ।
ଦିଲ୍ଲୀ ଫିଲ୍ଡ ପ୍ଲେୟିଂ କଣ୍ଡିସନ ଗୁଡ୍
ଗୁଡ୍ ଭେନ୍ୟୁ ପରିବେଶ
କୀଡାମ୍ବି ଶ୍ରୀକାନ୍ତ କହଇ ପ୍ରତ୍ୟେକ
ଦେଶର ରହିଛି ଶ୍ୱାସ
ଯାଇଛି ମୁଁ ବହୁ ଦେଶ
ମାଲେସିଆର ଜ୍ୟାଦା
ସିଙ୍ଗାପୁରରେ କମ୍
ବହଇ ପବନ ବାସ।
ଜଳ, ମୃତ୍ତିକା, ପ୍ଲାଷ୍ଟିକ ଶବ୍ଦଠାରୁ ବାୟୁ
ପ୍ରଦୂଷଣ କରେ ମାଟି
ତିନି ଶହ ବାୟୁ ଗୁଣବତ୍ତାରେ ରହିଛି
ଆମ ତାଲଚେର ସିଟି
ଜାଗ ଦେଶ ବେଟା ବେଟି
ନିଜ ପରିବେଶ ନିଜେ ନ ରଖିଲେ
ପୃଥିବୀଟା ଯିବ ଫାଟି।

–ସୁବାସ ଚନ୍ଦ୍ର ପ୍ରଧାନ

## ବାଇକ୍ ଜବତ, ଜଣେ ଗିରଫ

ବଇଣ୍ଡା, (ପରିକ୍ଷିତ ସାହୁ): ଅନୁଗୋଳ ଜିଲା ହଣ୍ଡପା ଥାନା ପୋଲିସ ବୁଧବାର ହଣ୍ଡପା ଅଞ୍ଚଳରେ ଗାଡ଼ି ଯାଞ୍ଚ କରିବା ବେଳେ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ବନ୍ତଲା ଥାନା ତାଳଗଡ଼ ଗ୍ରାମର ଅରୁଣ ଦେହୁରୀଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ୍‌କୁ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## କେନାଲରୁ ବୃଦ୍ଧଙ୍କ ମୃତଦେହ ଜବତ

ବଅଁରପାଳ,୧୫।୧(ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ଥାନା ଅନ୍ତର୍ଗତ ଗୋତମରା ରେଙ୍ଗାଲି ଦକ୍ଷିଣ କେନାଲରେ ଜଣେ ବୃଦ୍ଧ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଗୁରୁବାର ପ୍ରାୟ ସାଢ଼େ ୪ଟାରେ ସ୍ଥାନୀୟ ଅଞ୍ଚଳ ଲୋକେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦମକଳ ବାହିନୀକୁ ସୂଚନା ଦେଇଥିଲା। ବଅଁରପାଳ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଗ୍ରାମ ସରପଞ୍ଚ ମଣ୍ଟୁ ବରାହ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିଲେ। ଦୀର୍ଘ ସମୟଧରି ଚିହ୍ନଟ ହୋଇ ନ ପାରିବାରୁ ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛି।

# ଭାଜପାରେ ମିଶିଲେ ଶତାଧିକ କର୍ମୀ



ନୂତନ କର୍ମୀମାନଙ୍କୁ ଭାଜପା ପକ୍ଷରୁ ସ୍ୱାଗତ କରାଯାଉଛି।

ଅନୁଗୋଳ,୧୫।୧ (ମାନସ ବିଶ୍ୱାଳ)

ଅନୁଗୋଳ ମିଶ୍ରପଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଅନୁଗୋଳ ନିର୍ବାଚନମଣ୍ଡଳୀ ଗିରାଙ୍ଗ ଗ୍ରାମର ବହୁ ମହିଳାପୁରୁଷ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିବା କହିଛନ୍ତି। ଏହି କର୍ମୀମାନଙ୍କୁ ବିଧାୟକ ପ୍ରଧାନ ସ୍ୱାଗତ କରିଥିଲେ। ଓକିଲ କାଳିଚରଣ କର, ଗିରାଙ୍ଗ ସରପଞ୍ଚ ଛବିରାଣୀ ଦେହୁରୀ, ସମିତି ସଭ୍ୟ ରଜନୀ ଦେହୁରୀ, ୱାର୍ଡ ମେମ୍ବର ସୁଫଳା ଗଡ଼ନାୟକ, ସୁମତି ପ୍ରଧାନ, ଡଲି ପ୍ରଧାନ, ରଞ୍ଜିତା ଭୋଇ, ସୁଜିତ ସାମଲ, ନିର୍ମଳ ସାହୁ, ସନ୍ତୋଷ ଗଡ଼ନାୟକ, ବିନୋଦ ନାଏକ, ରାହାସ ଗୋଛାୟତ, ପ୍ରିୟରଞ୍ଜନ ଦେହୁରୀ, ସଞ୍ଜୁକ୍ତା ଗଡ଼ନାଏକ, ରାହାସ ଗୋଛାୟତ, ଦୀପ୍ତିରଞ୍ଜନ ଦେହୁରୀ, ପବିତ୍ର ଦେହୁରୀ, ମଧୁସୂଦନ ସାହୁ, ସୁନୀଲ କୁମାର ନାୟକ, ସୁଜନ ସାହୁ, ରାଜା ଗୋଛାୟତ, ପ୍ରକାଶ ଦେହୁରୀ ଓ ମାନସ କର ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ

ପବିତ୍ରନଗର,୧୫।୧(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ପରାବିଲସ୍ଥିତ ପବିତ୍ରନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ନବନିର୍ମିତ ଶ୍ରେଣୀଗୃହର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍ ପୂର୍ବ କାର୍ଯ୍ୟବାହ ପ୍ରଭାସ କୁମାର ଧଳ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କବିତାରାଣୀ ପ୍ରଧାନ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧାକର ସାହୁ ଅଧକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ ବେହେରା, ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ, ଗୁରୁମା ସସ୍ମିତା ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଧାନମଣ୍ଡି ଉଦ୍‌ଘାଟନ କଲେ ବିଧାୟକ



ଖମାର,୧୫।୧ (ରଜନୀକାନ୍ତ ମହାରଣା)

ପାଲଲହଡ଼ା ଉପଖଣ୍ଡ ପରାଛାଟ ପଞ୍ଚାୟତରେ ନୂତନ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ, ତହସିଲଦାର ଆକାଂକ୍ଷା ମହାପାତ୍ର, ଅନୁଗୋଳ ଜିଲା ଯୋଗାଣ ଅଧିକାରୀ ଶରତ ଚନ୍ଦ୍ର ପାଣିଗ୍ରାହୀ, ସରପଞ୍ଚ ବବିତା ଘଟୁଆରୀ, ଯୋଗାଣ ଅଧିକାରୀ ସୁପ୍ରଭା ବେହେରା, ବ୍ଲକ ଉପାଧ୍ୟକ୍ଷ ମେଘନାଦ କିଷାନ, ବି.ସି. ବାସ୍କେ, ଖମାର ସମବାୟ ସଭାପତି ସରୋଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଅପହୃତ ଯୁବକ ଉଦ୍ଧାର, ଅଭିଯୁକ୍ତ ଜମି ବ୍ୟବସାୟୀ ଗିରଫ

ଅନୁଗୋଳ, ୧୫।୧ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସବ୍‌ରେଜିଷ୍ଟ୍ରି ଅଫିସ ପରିସରରୁ ଗୁରୁବାର ହୁଲୁରିସିଂହା ଗ୍ରାମର ପ୍ରଭାତ ପ୍ରଧାନଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ଅନୁଗୋଳ ପୋଲିସ ଏହାର ତଦନ୍ତ କରି ଅପହୃତ ଯୁବକଙ୍କୁ ଉଦ୍ଧାର କରିବା ସହ ଜମି ବ୍ୟବସାୟୀ ଅଭିଯୁକ୍ତ ପ୍ରଦ୍ୟୁମ୍ନ ନନ୍ଦଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ପ୍ରଭାତ କୌଣସି କାମରେ ସକାଳେ ସବ୍‌ରେଜିଷ୍ଟ୍ରି ଅଫିସ ଆସିଥିବା ବେଳେ ଅଭିଯୁକ୍ତ ନନ୍ଦ କେତେଜଣ ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ପ୍ରଭାତଙ୍କୁ ଅପହରଣ କରି ନେଇଯାଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ତୁରନ୍ତ ପଦକ୍ଷେପ ନେଇ ପ୍ରଭାତଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି। ତାଙ୍କୁ ନିସ୍ଠୁର ମାଡ଼ ମରାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ପୋଲିସ ପ୍ରକାଶ କରିଛି।

# ମହୀଧରପୁରକପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ସନ୍ତ୍ରିଛକ,୧୫।୧(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ମହୀଧରପୁର ଗ୍ରୀନ୍‌ହିଲ ପଡ଼ିଆରେ ଗୁରୁବାର ମହୀଧରପୁର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମହୀଧରପୁର କ୍ରିକେଟ କ୍ଲବ ଓ ମହୀଧରପୁର ଯୁବଗୋଷ୍ଠୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ହିନ୍ଦୋଳ ସହ ଦୁଦୁରକୋଟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ହିନ୍ଦୋଳ ବିଜୟଲାଭ କରିଥିଲା। ମୁଖ୍ୟ ଅତିଥି ଭାବେ ମହୀଧରପୁର ପୂର୍ବତନ ସରପଞ୍ଚ ବିନୋଦ କୁମାର ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାକେଶ ନାୟକ ଓ ଚନ୍ଦନ ଜେନା କାର୍ଯ୍ୟ ତୁଲାଇଥିଲେ। ପ୍ରଜିତ କୁମାର ଜେନା, ନିର୍ମଳ ଜେନା, ଶିବୁ ସାହୁ, ଶିବୁନ ବେହେରା, ଜୟନ୍ତ ଜେନା, ବଣ୍ଟି ସାହୁ, ଚିକୁନ ସାହୁ, ରୁଦ୍ର ଜେନା, ସୁମନ ସାହୁ, ଅଜୁ ସାହୁ, ଅନିରୁଦ୍ଧ ନାୟକ ପ୍ରମୁଖ ସହଯୋଗ କରିଥିଲେ।



# ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବିରେ ୧୯ରେ ଆନ୍ଦୋଳନ

ବଇଣ୍ଡା, ୧୫।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ଡାକ୍ତର ପଦବୀ ଖାଲି ପଡ଼ିଛି। ବାରମ୍ବାର ଅଭିଯୋଗ କଲେ ମଧ ଡାକ୍ତର ନିଯୁକ୍ତି କରାଯାଉ ନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବିଶେଷଜ୍ଞ ଡାକ୍ତର, ନର୍ସ, କର୍ମଚାରୀ, ଆନୁସଙ୍ଗିକ ଉପକରଣ, ଔଷଧ ଅଭାବରୁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ରୋଗୀମାନେ ବାଧ୍ୟହୋଇ ଅନୁଗୋଳ, ସମ୍ବଲପୁର ମେଡିକାଲକୁ ଯାଉଛନ୍ତି। ତେଣୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ବିଭିନ୍ନ ପ୍ରକାରର ପରୀକ୍ଷା ପାଇଁ ଆନୁସଙ୍ଗିକ ଉପକରଣ ଯୋଗାଣ, ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ କରିବା ଦାବିରେ ଆସନ୍ତା ୧୯ ତାରିଖରେ ବ୍ଲକ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ମଙ୍ଗଳବାର ଜୀବନଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ଜଇରାଟ ନିକଟରେ ଏକ ବୈଠକ କରାଯାଇଥିଲା। ଏଥିରେ ସାଙ୍ଗଠନିକ ସମ୍ପାଦକ ରମଣୀ ରଞ୍ଜନ ପ୍ରଧାନ, ପୀତାମ୍ବର ପ୍ରଧାନ, ତୀର୍ଥବାସୀ ଭୋଇ, ବାବାଜୀ ଚରଣ ପ୍ରଧାନ, ଯୋଗୀନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ବେହେରା, ସଚ୍ଚିଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କିଶୋରନଗର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବଇଣ୍ଡା,୧୫।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗରସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କିଶୋରନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ବିଶିଷ୍ଟ ଅତିଥି ଭାବେ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଦ୍ରୌପଦୀ ପଟେଲ, ସ୍ୱତନ୍ତ୍ର ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ରଫେସର ବିମଳ ଚରଣ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ କିଶୋରନଗର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମଣି ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଛାତ୍ରୀ ତଥା ଭାଷା ସାହିତ୍ୟର ଚାମ୍ପିୟନ ଭାବେ ରତ୍ନମଞ୍ଜରୀ ବାରିକ, ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ମନୀଷରାଜ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ଓ ଭୈରବ କୁମାର ଦେହୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବିନାୟକ ଦେହୁରୀ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପ୍ରମୋଦିନୀ ପ୍ରଧାନ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ଶିକ୍ଷକ ସୁଧୀର କୁମାରଦାର, ଜାଗ୍ରତ ସ୍ୱାଇଁ, ଭରତ ମୁଣ୍ଡା, ହେମନ୍ତ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର, ପଙ୍କଜିନୀ ସାହୁ, ହରିପ୍ରିୟା ମାଝୀ, ସନ୍ତୋଷିନୀ ମାଝୀ, ମଞ୍ଜୁ କଅଁର, ଶୁଭଲକ୍ଷ୍ମୀ ସାହୁ, ସଂଗ୍ରାମ କେଶରୀ ନାୟକ, ପ୍ରମୁଖ ଉପସ୍ଥିତ ଥିଲେ।


**DIRECTORATE OF MINES & GEOLOGY, STEEL AND MINES DEPARTMENT, GOVT. OF ODISHA, BHUBANESWAR**

Heads of Department Building, Unit-V, Pin-751001
Tel No. : 0674-2391537, Fax No. : 0674-2391684
E-mail ID : dir.mines@orissaminerals.gov.in/geology.ig@orissaminerals.gov.in

**No.PT1-DoMG-INVI-INVG-0020-2024-509/DoMG, Dt.12.01.2026**

**TENDER CALL NOTICE**

**No.G-45** : The Directorate of Mines & Geology, Odisha, Heads of Department Building, Unit-V, Bhubaneswar-751001, invites Sealed Tenders on behalf of the Governor of Odisha, in two bid system (Technical Bid and Price Bid) from reputed Firms/ Agencies/ Manufacturers or their authorized Distributors/C&F Agents/ reputed Dealers/ Suppliers/ EPM rate contract holders fulfilling the eligibility criteria to **"Supply, Installation & Training of Magnetometer (Two Units)"during the year 2025-26**.

The detail Tender / Tender Document shall be available in the Departmental Website **http://www.odishaminerals.gov.in**. There will be no manual sale of Tender document. Interested bidders are requested to download the Tender Document from the website **www.odishaminerals.gov.in** and shall have to submit the Tender along with a Tender Processing fee of **₹ 1,180.00 (Rupees one thousand one hundred and eighty) only i.e. (Basic Price ₹ 1,000.00 + ₹ 180.00 GST @18%) in shape of two separate e-Challans, as furnished at Para-3.2 of the Tender Document.**

A Pre Bid meeting shall be conducted on **22.01.2026 at 11.30 AM** in the Conference Hall of this Directorate of Mines & Geology, Odisha, Bhubaneswar, to clear up any confusion regarding tender details, scope of participation, solicitation of documents and any other specific matter if any.

**Corrigendum/ Addendum if required any or any other notice or correspondence related to this process shall be uploaded in the above website. Hence, interested Firms/ Agencies are requested to be in continuous touch with the above website, for further updates.**

The Director of Mines & Geology, Odisha, reserves the right to accept / reject any/ all Bids / Cancel the entire tender process at any stage without assigning any reason thereof.

**IMPORTANT DATES**
1. Date of Commencement of Process : 15.01.2026 / 10.00 A.M.
2. Pre-Bid Conference : 22.01.2026 / 11.30 A.M.
3. Closing date of Submission of Tender : 08.02.2026 / 5.30 P.M.
`4. Date of Opening of Tender : 10.02.2026 / 11.30 A.M.

OIPR- **Sd./- Director of Mines & Geology, Odisha, Bhubaneswar**



**कार्यपालक अभियन्ता का कार्यालय**
**लघु सिंचाई प्रमंडल, राँची**
कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची– 834001
ई–मेल – eemidran-cemr-jhr@nic.in, midranchi2018@gmail.com
फोन नं० – 0651–3512781

पत्रांक............/ राँची, दिनांक......./......./2026

**निविदा स्थागन सूचना**

प्रखण्ड– कांके अन्तर्गत मुख्यमंत्री सौर ऊर्जा चालित उद्‌वह सिंचाई योजना पतरातु का निर्माण कार्य का आमंत्रित ई० निविदा आमंत्रण सं०– WRD/MID/04/BD/(SLI)2025-26 जिसका PR 367551 Minor Irrigation (25-26)#D को अपरिहार्य कारणों से अगले आदेश तक स्थगित किया जाता हैं।

विश्वासभाजन
कार्यपालक अभियन्ता,
लघु सिंचाई प्रमंडल, राँची

PR 370653 (Minor Irrigation)25-26*D



**OFFICE OF THE NOTIFIED AREA COUNCIL, KHARIAR**

**"e" - Procurement Notice**
**Bid Reference No. KHR-01/2025-26**
**Tender Call Notice No.134/Dt.13.01.2026**

**No.C-2093** : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersodisha.gov.in**

1. Nature of work : Civil construction works as mentioned in website.
2. Estimated cost : Rs.3.39 Lakh to 16.10 lakh
3. Period of completion : As per DTCN
4. Date and time of availability of the documents in the portal : 10.00 A.M. of dt.15.01.2026 to 5.30 P.M. of dt.27.01.2026
5. Last date/time for receipt of Bids in the portal : Upto 5.30 P.M. of dt.27.01.2026
6. Offline Submission of Bid : 10 A.M. of dt.28.01.2026 to 5.30 P.M. of 30.01.2026
7. Online Opening of Bid : 11 A.M. of Dt.31.01.2026
8. Name and address of the Officer inviting Bid : Executive Officer, Khariar NAC, District - Nuapada

Further the details can be seen from the 'e' - Procurement Portal : **www.tendersodisha.gov.in**

OIPR- **Sd./- Executive Officer, NAC Khariar**



**युनियन बैंक ऑफ इंडिया Union Bank of India** (भारत सरकार का उपक्रम / A Government of India Undertaking)

**ମଧୁପାଟଣା ଶାଖା**
ଶ୍ରମିକ ଭବନ, ନିଶାମଣୀ ରେଷ୍ଟୁରାଣ୍ଟ ନିକଟ, କଟକ-୭୫୩୦୧୨, ଇ-ମେଲ୍: ubin0551422@unionbankofindia.bank

**ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି**

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**ର ଆର୍ଥିକ ସହାୟତା ନିମ୍ନଲିଖିତ ଗାଡିକୁ ପ୍ରଦାନ କରାଯାଇଥିଲା ଏବଂ ଋଣ ପ୍ରଦାନ କରିବାରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଖିଲାପ କରିଥିବାରୁ ଏହାକୁ ବ୍ୟାଙ୍କ ପକ୍ଷରୁ ଜବତ କରାଯାଇ ବିକ୍ରୟ ପାଇଁ ଉପଲବ୍ଧ ରହିଛି। କ୍ରୟ କରିବାକୁ ଚାହୁଁଥିବା ଆଗ୍ରହୀ ବ୍ୟକ୍ତି ଗାଡିର ଭୌତିକ ଯାଞ୍ଚ ଏବଂ ସବିଶେଷ ତଥ୍ୟ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଯୋଗାଯୋଗ କରିପାରିବେ। ଆଗ୍ରହୀ କ୍ରେତାମାନେ ପ୍ରସ୍ତାବ ସହ ଅମାନତ ରାଶି ନିମନ୍ତେ ଭରଣାଯୋଗ୍ୟ / ଫେରସ୍ତଯୋଗ୍ୟ **ଟ.୪୩,୦୦୦/- (ତେୟାଳିଶ ହଜାର ଟଙ୍କା ମାତ୍ର)**ର ପେ ଅର୍ଡର କିମ୍ବା ବ୍ୟାଙ୍କର୍ସ ଚେକ୍ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ସପକ୍ଷରେ ଏବଂ **କଟକ**କୁ ପୈଠ ଦର୍ଶାଇ ଦାଖଲ କରିବେ।

ଆଗ୍ରହୀ କ୍ରେତାମାନେ ସେମାନଙ୍କର ପ୍ରସ୍ତାବକୁ ମୁଦ ଲଫାପାରେ ରଖି ଲଫାପା ଉପରେ **"ଗାଡି ନଂ.: OD 05 BQ 5963** କ୍ରୟ ନିମନ୍ତେ କୋଟେସନ୍" ଉଲ୍ଲେଖ କରି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ **ତା.୧୯.୦୧.୨୦୨୬ରିଖ ଅପରାହ୍ନ ୪.୦୦ ଘଟିକା** ସୁଦ୍ଧା ପହଞ୍ଚାଇବା ଆବଶ୍ୟକ। ମୁଦ ପ୍ରସ୍ତାବଗୁଡିକ **ତା.୨୦.୦୧.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ସମୟରେ ଖୋଲାଯିବ ଏବଂ ପ୍ରସ୍ତାବ ଦାଖଲ କରିଥିବା ଆଗ୍ରହୀ କ୍ରେତାମାନେ ସେହି ସମୟରେ ଉପସ୍ଥିତ ରହିବା ଆବଶ୍ୟକ।

ସଫଳ କ୍ରେତା କୋଟେସନ୍ ଖୋଲାଯିବା ତାରିଖ ଠାରୁ **୧୦ (ଦଶ)**ଟି କାର୍ଯ୍ୟ ଦିବସ ମଧ୍ୟରେ ସମ୍ପୂର୍ଣ୍ଣ ମୂଲ୍ୟ ଦାଖଲ କରିବେ କିମ୍ବା ବ୍ୟାଙ୍କ ଦ୍ୱାରା ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ ଅନ୍ୟଥା ଅମାନତ ରାଶି ବାଜ୍ୟାପ୍ତି କରାଯିବ ଏବଂ ଗାଡିକୁ ପରେ ବିକ୍ରୟ କରାଯିବ।

ଗାଡିଟି **"ଯେଉଁଠାରେ ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ଗାଡି ବିକ୍ରୟ କରାଯିବ ନାହିଁ। ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

| କ୍ର. ନଂ. | ଗାଡ଼ିର ବିବରଣୀ | ପଞ୍ଜିକୃତ ନଂ. | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|
| ୧. | Maruti Suzuki Swift VXI 2023 | OD 05 BQ 5963 | ଟ.୪,୩୦,୦୦୦/- / ଟ.୪୩,୦୦୦/- |

ସ୍ଥାନ: କଟକ
ତାରିଖ: ୧୫.୦୧.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**OFFICE OF THE NOTIFIED AREA COUNCIL, KASHINAGAR, GAJAPATI**

Ph. & Fax No.: 06815-284215, e-Mail: kasinagarn.hud@nic.in
Letter No. 50/NAC Dated: 13.01.2026

**CORRIGENDUM TO BID REFERENCE No.: KNGR/NAC/04/2025-26**

No. C-2103: Remaining unaltered of all other terms and conditions, the following changes are hereby made to **Bid Reference No.: KNGR/NAC/04/2025-26** of the Executive Officer, NAC, Kashinagar by virtue of this.

| As per Tender Call Notice No. 01/NAC Dated: 01.01.2026 | As per Corrigendum |
|---|---|
| Sl. No. 04 of DTCN regarding deposit of Additional Performance Security (APS) amount as per mentioned in the Table format | The APS amount will be deposited as per the Office Memorandum issued by Works Department, Govt. of Odisha vide L. No. 173/W dated 03.01.2026. |
| 1. Date and time of availability of the documents in portal: 03.01.2026 from 10.00 A.M. to 16.01.2026 upto 5.00 P.M.<br>2. Submission of Tender Document by Speed Post/ Regd. Post: 19.01.2026 upto 5.00 P.M.<br>3. Bids received online shall be opened on: 20.01.2026 at 11.00 A.M. | 1. Date and time of availability of the documents in portal: 03.01.2026 from 10.00 A.M. to 22.01.2026 upto 5.00 P.M.<br>2. Submission of Tender Document by Speed Post/ Regd. Post: 27.01.2026 upto 5.00 P.M.<br>3. Bids received online shall be opened on: 28.01.2026 at 11.00 A.M. |

OIPR- **Sd./- Executive Officer, N.A.C., Kashinagar, Gajapati**



**OFFICE OF THE MUNICIPAL COUNCIL, TALCHER**

**'e' - Procurement Notice**
**Tender Reference No. TCRM-10/2025-26**
**Bid Identification No.2026_ORULB_124488**
**No.152/Dt.12.01.2026**

**No.C-2095** : Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. website i.e. **www.tendersorissa.gov.in**

1) Name of the Work : Civil work as mentioned in the website
2) No. of works : 1 No.
3) Eastimated Cost : Rs.60.39 lakhs
4) Period of Completion : As per DTCN
5) Date & time of availability of Bid document in the portal : Dt.13.01.2026 at 4.00 P.M.
6) Last date & time for receipt of Bid in the portal : Dt.27.01.2026 at 5.00 P.M.
7) Date of Opening (Technical bid) Bid : Dt.28.01.2026 at 11.00 A.M.
8) Name & Address of the Officer inviting the bid : Executive Officer, Talcher Municipality
9) The bidders have to participate in ONLINE bidding only.

Further details can be seen from the procurement portal i.e. www.tendersorissa.gov.in

OIPR- **Sd./- Executive Officer, Talcher Municipality**



**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Chowk, Ranchi-834001, Jharkhand.
Ph No.: +91-651-2225878; e-mail Id-; pdt.juidco@gmail.com
CIN: U45200JH2013SGC001752

**Project Name:** Construction of New Nagar Panchayat Office Building at Latehar under Latehar Nagar Panchayat.
**NIT No:** JUIDCO/NIT/OB LATEHAR/666
**PR No.:** 363037
**Tender ID:** 2025_UDD_105245_1

**Tender Cancellation Notice**

All bidders are hereby informed that tender having details as mentioned above regarding the project **"Construction of New Nagar Panchayat Office Building at Latehar under Latehar Nagar Panchayat"** has been cancelled as single responsive bid was received.

The bidders are requested to kindly wait for future communication regarding the tender.

Sd/-
**Project Director (Technical)**
**JUIDCO Ltd., Ranchi**

PR 370657 (Urban Development and Housing) 25-26 (D)



**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**HASDEO CANAL W/M DIVISION, JANJGIR**
**DISTT. JANJGIR-CHAMPA (C.G.)**
**e-PROCUREMENT TENDER NOTICE**
**eProcuremcnt Portal: https://eproc.cgstate.gov.in**

**Online Tenders are invited for the following works up to 02-02-2026 at 17:30 Hour**

| System Tender No. | NIT No. & Date | Name of Work | Probable Amount of Contract (Excluding G.S.T.) (In Lakhs) | Tender Call |
|---|---|---|---|---|
| 183697 | 60/SAC/ 2025-26 Dtd.14.01.2026 | RENEWAL OF B.T. ROAD AT C.E. OFFICE CAMPUS SAKRI & KUDUDAND COLONY, WHITE WASHING, DISTEMPERING AND PAINTING OF RESIDENCES OF SAKRI, KUDUDAND AND NUTAN COLONY BILASPUR. | 131.69 | Second Call |
| 183698 | 61/SAC/2025-26 Dtd.14.01.2026 | CONSTRUCTION OF REPAIR AND MAINTENANCE OF C.C. LINING, FALL AND EARTH WORK OF DONGAKOHROUD SUB BRANCH CANAL AT R.D. 1400 M. TO R.D. 11300 M. UNDER AKALTARA BRANCH CANAL OF HASDEO BANGO PROJECT IN JANJGIR CHAMPA DISTRICT. | 119.11 | Second Call |
| 183700 | 62/SAC/ 2025-26 Dtd.14.01.2026 | CONSTRUCTION OF REPAIR AND MAINTENANCE OF C.C. LINING, FALL AND EARTH WORK OF DONGAKOHROUD SUB BRANCH CANAL UNDER AKALTARA BRANCH CANAL AT R.D. 11300 M. TO 17880 M. OF HASDEO BANGO PROJECT IN JANJGIR CHAMPA DISTRICT. | 103.07 | Second Call |

**(Estimated cost of tender based on S.O.R dated 01-05-2025)**

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 21.01.2026 at 17:31 Hours. (IST) onwards**.

**NOTE :-** (1) All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
Other terms and condition of this tender visit WRD website **https://eproc.cgstate.gov.in** under Live Tender available.
(2) Estimated cost of tender based on S.O.R. dated 01-05-2025. (Revised 08-08-2025)
(3) The Tenderer has to include GST in his financial proposal.

**Sd./- EXECUTIVE ENGINEER**
**HASDEO CANAL W/M DIVISION, JANJGIR**
**DISTT. JANJGIR-CHAMPA (C.G)**

G-252606068/1



**वरीय पुलिस अधीक्षक, का कार्यालय,राँची**

ज्ञापांक–282/र0का0, राँची दिनांक :–10.01.2026

**अति आवश्यक सूचना**

एतद द्वारा सूचित किया जाता है कि राँची जिलाबल के निलंबित आ0/2871 जसदेव भगत पे0 सकलु भगत ग्राम–टांगरडीह पो0–नवाडीह थाना–डुमरी जिला गुमला दिनांक 16.01.16 को सात दिनों का क्षतिपूर्ति अवकाश उपभोग करने हेतु प्रस्थान किये थे, दिनांक 24.01.16 को कर्तव्य पर उपस्थित होना था, परन्तु ये दिनांक 21.02.18 तक अपने कर्तव्य पर उपस्थित नहीं हुए। उक्त आरोप में राँची जिला वि0कार्य0 सं0 49/20218 संचालित किया गया है। आरक्षी श्री भगत को घर के पता पर पुलिस पदाधिकारी भेजकर कर्तव्य पर उपस्थित होने एवं अपना बचाव स्पष्टीकरण समर्पित करने हेतु पत्र हस्तगत कराया गया है। पूर्व में भी कार्यालय ज्ञापांक 10662/र0का0 दिनांक 09.10.25 एवं 11666/र0का0 दिनांक 19.11.25 के द्वारा समाचार पत्र के माध्यम से सूचना दिया जा चुका है। उसके बावजूद भी न तो आप अपना बचाव स्पष्टीकरण समर्पित किये न ही अभी तक अपने कर्तव्य पर उपस्थित हुए हैं।

आपको अंतिम स्मार समाचार पत्र के माध्यम से सूचित किया जाता है कि 15 दिनों के अन्दर अपने कर्तव्य पर उपस्थित होंकर वृहद सजा के विरूद्ध स्पष्टीकरण समर्पित करें, अन्यथा संचालित वि0का0 में एकतरफा निर्णय ले लिया जायेगा।

वरीय पुलिस अधीक्षक,
राँची।

PR 370638 (Police)25-26*D



**PANCHAYAT SAMITI, CHATRAPUR**
**GANJAM, ODISHA, PIN-761020**

Letter No.295/CTPPS Date:13.1.26

**INVITATION FOR COMPETATIVE BIDDING**
**BID IDENTIFICATION NO.CTPPS-03/2025-26**
**No.i-476 TENDER ID**

01. Procurement Officer- Publisher/ Officer Inviting the Tender/Bids (OIT) : Block Development Officer Chatrapur
02. Name of the Works/ Packages : Individual Civil Construction works as published in the website
03. Nos. of Works : 02 Nos.
04. Estimated Cost (Without GST) : Rs.24,20,509.00 (each work)
05. Date & Time of availability of bid documents in the portal : From 11.00 Hours of Dtd.16.01.2026 To 17.00 Hours of Dtd.29.01.2026
06. Last date/time for receipt of bids in the portal (Submission of Technical Bids & Financial Bids) : 17.00 Hours of 29.01.2026
07. Date & Time of Opening of the Bids : 11.00 AM Hours of 30.01.2026 in Chamber of Block Development Officer (If any Holiday, Then the Tender will be Opened on next working day)

N.B.: Further more details can be seen in the DTCN available in the e-Procurement portal i.e. https://tendersorissa.gov.in.

OIPR- **Sd./- Block Development Officer, Chatrapur**

# ୪ ଦିନ ଚାଲିବ ଜିଲା ମହୋତ୍ସବ



ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**ଅନୁଗୋଳ,୧୫।୧(ମାନସ ବିଶ୍ୱାଳ)**

ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ହେବାକୁ ଥିବା ଅନୁଗୋଳ ଜିଲା ମହୋତ୍ସବ ନିମନ୍ତେ ଗୁରୁବାର ଅପରାହ୍ନରେ ପ୍ରସ୍ତୁତି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଜିଲା ମହୋତ୍ସବର ସଫଳ ଆୟୋଜନ ନିମନ୍ତେ ଏଥିରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଅନୁଗୋଳ ଷ୍ଟାଡିୟମଠାରେ ୪ ଦିନ ଧରି ଜିଲା ମହୋତ୍ସବ ଆୟୋଜନ କରାଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଜିଲା ମହୋତ୍ସବ ପୂର୍ବରୁ ମହାଳ ଶୋଭାଯାତ୍ରା ଆୟୋଜନ କରାଯିବା ନିମନ୍ତେ ସ୍ଥିର କରାଯାଇଥିଲା। ଜିଲା ମହୋତ୍ସବରେ ଜିଲାର କଳାକାରଙ୍କ ପ୍ରତିଭା ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯିବା ସହ କବିତା ପାଠୋତ୍ସବ, ଲେଖକ ସମ୍ମିଳନୀ, ଯୋଗ ପ୍ରାଣାୟାମ ଶିବିର, ଚିତ୍ରକଳା ପ୍ରଦର୍ଶନୀ ଓ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯିବ। ସେହିପରି ୭ ଦିନ ଧରି ପଲ୍ଲିଶ୍ରୀ ମେଳା, ହସ୍ତଶିଳ୍ପ ସହିତ ସ୍ୱଦେଶୀ ପଦାର୍ଥର ପ୍ରଦର୍ଶନୀ ପାଇଁ ସ୍ୱଦେଶୀ ମେଳାର ଆୟୋଜନ କରାଯିବ ବୋଲି ବୈଠକରେ ସ୍ଥିର କରାଗଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଓ ପ୍ରତାପ ପ୍ରତିମୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବବ୍ରତ ମହନ୍ତ, ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରହରି ପ୍ରଧାନ, ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ, ଓଡ଼ମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିମଳ ମଲ, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ, ଜିଲା ସଂସ୍କୃତି ପରିଷଦ ଓ ଜିଲା ମହୋତ୍ସବ କମିଟିର ସଦସ୍ୟାସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ଚୋରି ଅଭିଯୁକ୍ତ ଗିରଫ

**ବଇଣ୍ଡା,୧୫।୧(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଡେଙ୍ଗୁଳିପଧର ଗ୍ରାମର ସୁଭଦ୍ରା ସାହୁଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ମାମଲାରେ ପୋଲିସ ଡିଙ୍କେଶର ଗ୍ରାମରେ ଚଢ଼ାଉ କରି ବାଙ୍କୁ ପ୍ରଧାନଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ଘରୁ ଚୋରି ଗହଣା ଜବତ କରାଯାଇଥିବା ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡ଼ିଆ ସୂଚନା ଦେଇଛନ୍ତି। ଏସ୍‌ଡିପିଓ କହିଛନ୍ତି, ସୁଭଦ୍ରାଙ୍କ ଘରେ କେହି ନ ଥିବା ବେଳେ ବାଙ୍କୁ ଆଲମିରା ଭାଙ୍ଗି ଗହଣା ଚୋରି କରିଥିଲେ। ତାଙ୍କ ନିକଟରୁ ୨ଟି



ମଙ୍ଗଳସୂତ୍ର, ୩ ସୁନା ଚୁଡ଼ି, ୨ଟି ଲକେଟ, ଗୋଟିଏ ମୁଦି, ୨ଟି କାନ ଫୁଲ, ୨ ଟି ରୁପା ପାଉଁଜି, ଗୋଟିଏ ରୁପା ଲକେଟ, ବ୍ରେସଲେଟ, ୪ଟି ଗୋଡ଼ମୁଦି ସହ ଏକ ମୋବାଇଲ ଫୋନ ଜବତ କରାଯାଇଛି।

# ଟାଟା ସିଆରା କାର୍‌ର ବଜାର ପ୍ରବେଶ




ମୋନାଲିସା ମୋଟର୍ସରେ ଟାଟା ସିଆରା କାର୍‌ର ବଜାର ପ୍ରବେଶ କରାଯାଇଛି।

**ଅନୁଗୋଳ,୧୫।୧(ବିଶ୍ୱଶାନ୍ତନୁ ନାଥ)**

ଅନୁଗୋଳ ଜିଲା ନାଲକୋନଗର ମୋନାଲିସା ମୋଟର୍ସରେ ଗୁରୁବାର ସନ୍ଧ୍ୟାରେ ଟାଟା ସିଆରା କାର୍‌ର ବଜାର ପ୍ରବେଶ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମିତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ନୂଆ ସିଆରା କାର୍‌ର ଲଞ୍ଚ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ବିଆଇ, ଏସ୍‌ଏମ୍‌ଇ ଅନୁଗୋଳ ମୁଖ୍ୟ ପ୍ରବନ୍ଧକ ସୁବ୍ରତ କୁମାର ତ୍ରିପାଠୀ, ନାଲକୋ ଆରଡବ୍ଲ୍ୟୁ ମୁଖ୍ୟ ପ୍ରବନ୍ଧକଙ୍କ ସମେତ ପରିବହନ ବିଭାଗର ବହୁ ଅଧିକାରୀ ଯୋଗ ଦେଇଥିଲେ। ସମାରୋହରେ ମୋନାଲିସା ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ଅଶିନୀ କୁମାର ପାଣି ଯୋଗଦେଇ ସଂସ୍ଥାର ଗ୍ରାହକ ସେବା ଓ ଟାଟାର ଉତ୍ତମ ବୈଶିଷ୍ଟ୍ୟ ଯୋଗୁ ସିଆରା ମଡେଲ ଗ୍ରାହକମାନଙ୍କ ପ୍ରଥମ ପସନ୍ଦ ହୋଇପାରିବ ବୋଲି ଆଶା କରିଥିଲେ। ସିଆରାର ପାୱାର ଷ୍ଟିୟରିଂ, ଆଣ୍ଟିଲକ୍ ବ୍ରେକିଂ ସିଷ୍ଟମ, ଉତ୍ତମ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା, ଏୟାର ବ୍ୟାଗ, ଆରାମଦାୟକ ବସିବା ବ୍ୟବସ୍ଥା ଆଉ ଆକର୍ଷଣୀୟ ଗ୍ରାଫିକ୍ ଥିବା କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଥିଲା। ଭି.କେ. ରାକେଶ ମଞ୍ଚ ପରିଚାଳନା କରିଥିଲେ। ନାଲକୋ ଓ ଅନୁଗୋଳ ଅଞ୍ଚଳର ବହୁ ବ୍ୟବସାୟୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ତୁବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଅଁରପାଳ,୧୫।୧(ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ତୁବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସତ୍ୟଜିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଦିଲୀପ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସଂସାର କୁମାର ମାଝୀ, ତୁବେ ସରପଞ୍ଚ ଅନିଲ କୁମାର ପ୍ରଧାନ, ସିଆର୍‌ସିସି ଧୀରେନ କୁମାର ସାହୁ, ତୁବେ କୃଷି ସମବାୟ ସମିତି ସଭାପତି ସତ୍ୟବ୍ରତ ପ୍ରଧାନ, ସୁରେନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ତୁବେ ନାଗରୀମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ସବରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଅଭିଭାବିକ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଅଞ୍ଚଳବାସୀ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ସତ୍ୟଜିତ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କଟ୍‌ନିଛଟ୍‌ନି ପ୍ରତିବାଦରେ ସମିତିରେ ତାଲା



ସମବାୟ ସମିତିରେ ଚାଷୀମାନେ ତାଲା ପକାଇ ଦେଇଛନ୍ତି।

**ବନ୍ତଳା,୧୫।୧(ସୁଶିତ ସାହୁ)**

ଅନୁଗୋଳ ବ୍ଲକ ଗଡ଼ତରାସ ସେବା ସମବାୟ ସମିତିରେ ଗୁରୁବାର ଧାନମଣ୍ଡିରେ କଟନି ଛଟନିକୁ ନେଇ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଫଳରେ ଚାଷୀମାନେ ସମବାୟ ସମିତି ଫାଟକରେ ତାଲା ପକାଇ ଦେଇଥିଲେ। ସୂଚନା ଅନୁଯାୟୀ, ପ୍ରଥମ ଦିନରେ ସମିତିରେ ୩୫ଜଣ ଚାଷୀଙ୍କଠାରୁ ୮୦୦ କୁଇଣ୍ଟାଲ ଧାନ କିଣାଯିବା ନେଇ ଲକ୍ଷ୍ୟଧାର୍ଯ୍ୟ ସହ ଟୋକନ ଦିଆଯାଇଥିଲା। ହେଲେ ମିଲର କୁଇଣ୍ଟାଲ ପିଛା ୫ କିଲୋ ଧାନ କାଟିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପରେ ଚାଷୀମାନେ ସମବାୟ ସମିତି ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ଧାନକିଣା ବାଧାପ୍ରାପ୍ତ ହେବା ସହ ମିଲର ସମବାୟ ସମିତି ଛାଡ଼ି ଚାଲି ଯାଇଥିଲେ। ଧାନ ନ ଉଠିବା ପର୍ଯ୍ୟନ୍ତ ଚାଷୀଙ୍କ ଦ୍ୱାରା ଅଣାଯାଇଥିବା ଧାନ ସମିତିରେ ପଡ଼ିରହିବ ବୋଲି ଚାଷୀ ପରେନ ପଟ୍ଟନାୟକ, ବୀରବର ସାମଲ, କହ୍ନେଇ ସାମଲ, ମାନସ ସାମଲ, ସୁବୋଧ ରାଉତ, ଅଭୟ ମାଝୀ, ବନବାସ ମାଝୀ, ମହି ମାଝୀ, ଶମ୍ଭୁନାଥ ବେହେରା, ଟୁକୁନା ବେହେରା ପ୍ରମୁଖ କହିଛନ୍ତି।

# ଗୋଚର ଜମି ବିବାଦରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



**ଅନୁଗୋଳ,୧୫।୧ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସହର ଉପକଣ୍ଠସ୍ଥିତ ଛେଳିଆପଡ଼ା ଗ୍ରାମର ଖେଳପଡ଼ିଆ ନିକଟରେ ଥିବା ଗୋଚର ଜମିକୁ ନେଇ ଦେଖାଦେଇଥିବା ବିବାଦ ଥମୁନାହିଁ। ଉକ୍ତ ଗୋଚର ଜମିକୁ ବେଆଇନ ଭାବେ ବିକ୍ରି ଓ ରାସ୍ତା ପାଇଁ ବ୍ୟବହାର କରାଯାଇଥିବା ଅଭିଯୋଗ କରି ଶତାଧିକ ଲୋକ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହାର ନିରପେକ୍ଷ ତଦନ୍ତ ସହିତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାକୁ ନେଇ ମଧ୍ୟାହ୍ନରେ ଜିଲା କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଗୋଚର ଜମିର ସୀମା ତୁରନ୍ତ ମାପଚୁପ କରିବା ସହ ବେଆଇନ ଦଖଲ ଓ ଗଛ କାଟିବା ଘଟଣାରେ ଜଡ଼ିତ ଲୋକଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି କରିଥିଲେ।

# ପ୍ରଥମ ଦିନରେ କିଣାଗଲା ୭୬୫ କୁଇଣ୍ଟାଲ ଧାନ



**ଆଠମଲ୍ଲିକ,୧୫।୧(ଉଦୀପ୍ତ ପୁରୋହିତ)**

ଅନୁଗୋଳ ସହରସ୍ଥିତ କଇଁତ୍ରାଗଡ଼ ସେବା ସମବାୟ ସମିତି ତରଫରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ସେବା ସମବାୟ ସମିତି ସଭାପତି ଦିଲୀପ କୁମାର ସିଂ, ସମ୍ପାଦକ ଆଶୁତୋଷ ଗଡ଼ତିଆ, ତୁଷାରକାନ୍ତ ବାରିକ, ଚାଷୀ ସୌମେନ୍ଦ୍ର ସିଂ, ସୁବାସ ଚନ୍ଦ୍ର ଦାଶ, ସୁବାସ ଚନ୍ଦ୍ର ପ୍ରଧାନ, ସମ୍ବିତ ସାହୁ, ପ୍ରବୀଣ ଦେଓ, ଚାଷୀ ପ୍ରଭଞ୍ଜନ ମିଶ୍ର, ସବ୍ୟସାଚୀ ସିଂ, ଶିବାଶିଷ ରାଉତ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୭୬୫ କୁଇଣ୍ଟାଲ ଧାନ କିଣାଯାଇଥିଲା।

# ସେମିଫାଇନାଲ ମ୍ୟାଚ ଉଦ୍‌ଘାଟନ କଲେ ଏମ୍‌ପି



ମ୍ୟାଚ ପୂର୍ବରୁ ଖେଳାଳିଙ୍କ ସହ ଅତିଥିମାନେ।

**ଅନୁଗୋଳ,୧୫।୧(ମାନସ ବିଶ୍ୱାଳ)**

**ଶହୀଦ ବାଜି ରାଉତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଅନୁଗୋଳ ତୁରଙ୍ଗସ୍ଥିତ ଫୁଟ୍‌ବଲ ଗ୍ରାଉଣ୍ଡରେ ଚାଲିଥିବା ଶହୀଦ ବାଜି ରାଉତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ସେମିଫାଇନାଲ ମ୍ୟାଚ ଜିଟିଟିସି ତଳମୂଳ ଏବଂ ଚାନ୍ଦ କ୍ଲବ ଅନୁଗୋଳ ମଧ୍ୟରେ ଖେଳାଯାଇଥିଲା। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ସର୍ବ କନିଷ୍ଠ ଶହୀଦ ବାଜି ରାଉତଙ୍କୁ ଉଚିତ ସମ୍ମାନ ଦେବା ଉଦ୍ଦେଶ୍ୟରେ ଉକ୍ତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୪ ବର୍ଷ ହେଲା ଆୟୋଜିତ ହେଉଥିବାରୁ ଏମ୍‌ପି କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ରୋଜାଲିନ ଦାସ, ପ୍ରଶାନ୍ତ ଦାସ, ମହେଶ୍ୱର ଥମ୍ବ, ତୁରଙ୍ଗ ନାଏବ ସରପଞ୍ଚ ପ୍ରତିମା ବେହେରା, ବ୍ରଜବନ୍ଧୁ ସାହୁ, ପୂର୍ବତନ ସରପଞ୍ଚ ସନ୍ତୋଷ ଥମ୍ବ ପ୍ରମୁଖ ଯାଗ ଦେଇଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

**ବଇଣ୍ଡା, ୧୫।୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ। ଜିଲା ଖଣିଜ ପାଣ୍ଠିରୁ ମଞ୍ଜୁର ହୋଇଥିବା ବଇଣ୍ଡା କଲ୍ୟାଣମଣ୍ଡପ ପାଇଁ ୨୫ ଲକ୍ଷ, ନାକିଚି କଲ୍ୟାଣମଣ୍ଡପ ପାଇଁ ୨୫ ଲକ୍ଷ, ଲୁହାମୁଣ୍ଡାଠାରେ ଶିଳ୍ପ ଉଦ୍ୟାଗ ପାର୍କ ପାଇଁ ୧ କୋଟି, ବାମୁର ଗାନ୍ଧୀ ଭବନ ଉନ୍ନତି ପାଇଁ ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ କିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କାମ ହେବ ସେ ନେଇ ବିଧାୟକ ସମୀକ୍ଷା କରିଥିଲେ। ବିଭାଗୀୟ ଯନ୍ତ୍ରୀ ମନୋରଞ୍ଜନ ଦାସଙ୍କ ଉପସ୍ଥିତରେ କାର୍ଯ୍ୟଗୁଡ଼ିକ ସମୀକ୍ଷା କରିବା ସହ ଶୀଘ୍ର ଶେଷ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏହି ଅଞ୍ଚଳର ବିକାଶ ଉପରେ ଅଧିକ ଧ୍ୟାନ ଦିଆଯିବ ବୋଲି ବିଧାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୁହାମୁଣ୍ଡା ସରପଞ୍ଚ କୁମୁନ୍ଦ ଚନ୍ଦ୍ର ସାହୁ, ନୁନୁକାପଶି ପୂର୍ବତନ ସରପଞ୍ଚ ଜଳଧର ସାହୁ, ବିଜେଡି ନେତା ଅରୁଣ କୁମାର ସାହୁ, ପ୍ରକାଶ ଚନ୍ଦ୍ର ମିଶ୍ର, ଶଙ୍କର ଦାସଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି ବିଧାୟକ।

# ଆଙ୍କୁଲା କପ୍ ଉଦ୍‌ଘାଟିତ

**ଅନୁଗୋଳ,୧୫।୧(ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠ ସ୍ଥିତ ସୁସୁଡ଼ା ପଞ୍ଚାୟତ ପଡିଆରେ ଗୁରୁବାର ଆଙ୍କୁଲା କପ୍ ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚ ନୂଆଗାଁ ଓ ସବାଳଭଙ୍ଗା ମଧ୍ୟରେ ଖେଳାଯାଇଥିଲା। ଏଥିରେ ନୂଆଗାଁ ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଆଙ୍କୁଲା ଓ କାଣ୍ଡସର ମଧ୍ୟରେ ଖେଳାଯାଇଥିଲା ଏଥିରେ ଆଙ୍କୁଲା ଦଳ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ଓ ସାମାଜିକ କର୍ମୀ ପ୍ରବୋଧ ସ୍ୱାଇଁ, ସୁସୁଡ଼ା ନାଏବ ସରପଞ୍ଚ ସୁଷମା ନାଏକ ଓ ସାମାଜିକ କର୍ମୀ କାହ୍ନା ମହାପାତ୍ର ଯୋଗଦେଇଥିଲେ।

# ୭ମ ଦିନରେ ଶାନ୍ତିପୂର୍ଣ୍ଣ ଗଣଧାରଣା




ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

**ତାଳଚେର,୧୫।୧(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ସରକାରୀ ମେଡିକାଲ କଲେଜରେ ଆନ୍ତଃ ଓ ବାହ୍ୟ ରୋଗୀ ଚିକିତ୍ସା ଦାବି ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ୭ମ ଦିନରେ ପହଞ୍ଚିଛି। କମିଟି ପକ୍ଷରୁ କୁହାଯାଇଛି, ତାଳଚେରସ୍ଥିତ ପବିତ୍ର ମୋହନ ମେଡିକାଲ କଲେଜରେ ସମସ୍ତ ସୁବିଧା ଥାଇ ମଧ୍ୟ ରୋଗୀ ସେବା ଆରମ୍ଭ କରାଯାଉ ନାହିଁ। ଏ ନେଇ କମିଟି ପକ୍ଷରୁ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଛି। ଏହି ଗଣଧାରଣାରେ କମିଟିର କାର୍ଯ୍ୟକାରୀ ସଭାପତି ଅଭୟ କୁମାର ପାଣି, ସାଧାରଣ ସମ୍ପାଦକ ବିଜୟ କୁମାର ପ୍ରଧାନ, ଶ୍ରମିକ ନେତା ସୁଲେଖ ସେଠୀ, ପୂର୍ବତନ ନଗରପାଳ କେଶବ ଭୂତିଆ, ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷା ଶୋଭାଗିନୀ ଦେବୀ, ଆଇନଜୀବୀ ଅନୁକୂଳ ମହାନ୍ତି, ରାହାସ ଜେନା, ଉତ୍କଳ ସିଂ, ସୁବାସ ରାଉତ, ବିନୋଦ ଲାଲ, ସବିତା ସିଂ, ଚିନ୍ତାମଣି ମହାପାତ୍ର, ପ୍ରଦୀପ କୁମାର ଶତପଥୀ, ହରିହର ଦାସ, ବିଜୟ ମିଶ୍ର, ସନ୍ତୋଷ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ତୁରନ୍ତ ରୋଗୀ ସେବା ଆରମ୍ଭ ନ ହେଲେ ଆଗାମୀ ଦିନରେ ବିଧାନସଭା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଜାତୀୟ ସଡ଼କ ଆଇନ ସମ୍ପର୍କରେ ସଚେତନତା

**ଆଠମଲ୍ଲିକ,୧୫।୧(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଆଠମଲ୍ଲିକରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସହର ପରିକ୍ରମା ସଡ଼କ ସୁରକ୍ଷା ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ପ୍ରଧାନଶିକ୍ଷକ ସୁନୀଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡିଏସ୍‌ପି ରମାକାନ୍ତ ନାୟକ, ଏଆର୍‌ଟିଓ ତାପସ ରଞ୍ଜନ ମୁନା, ଜୁନିଅର ଏମ୍‌ଭିଆଇ ସନ୍ଧ୍ୟାରାଣୀ ନାୟକ, ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡ଼ିଆ, ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀ, ଆଠମଲ୍ଲିକ ବସ୍ ମାଲିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ବିକାଶ ମିଶ୍ର, ଉପସଭାପତି ସଞ୍ଜୀବ କୁମାର ପ୍ରଧାନ, ପଞ୍ଚାନନ ମିଶ୍ର, ବୁଦ୍ଧଦେବ ସାମଲ, ଦେବୀ ପ୍ରସାଦ ବସନ୍ତରା, ରଞ୍ଜିତ କୁମାର ବେହେରା, ଏଏସ୍‌ଆଇ ନେପାଳ ପଟ୍ଟା, ଏଏସ୍‌ଆଇ ମନୋଜ କୁମାର ସାହୁ, ଶିଶିର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରଦୀପ ସେଠୀ, ଶିକ୍ଷକ ବିକାଶ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ରଙ୍କ ବିକାଶ ଉପରେ ଆଲୋକପାତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ସନ୍ତ୍ରିଛକ,୧୫।୧(ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅନ୍ତର୍ଗତ ତଳମୂଳ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତଥା ଗୋଷ୍ଠୀ ଶିକ୍ଷାଧିକାରୀ ମାନସ ରଞ୍ଜନ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ସ୍ଥାନୀୟ ସରପଞ୍ଚ ସୋନାଲି ମହାପାତ୍ର, ସମିତି ସଭ୍ୟା ଅମ୍ରିତା ଜେନା, ପଞ୍ଚସଖା ଶିକ୍ଷାସେତୁ ସଭାପତି ଶ୍ରୀଧର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯଶୋବନ୍ତୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଖୋଲା ଯାଇଥିବା ଷ୍ଟଲଗୁଡ଼ିକ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନେ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ। ଏହି ଅବସରରେ ଶିକ୍ଷା ବିଭାଗ ଅଧିକାରୀ, ସ୍ଥାନୀୟ ପ୍ରଶାସନ, ପୋଲିସ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ଅତିଥିମାନେ ପିଏମଶ୍ରୀ ଯୋଜନା ମାଧ୍ୟମରେ ବିଦ୍ୟାଳୟର ଆଧୁନିକୀକରଣ ଓ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ମମତାରାଣୀ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଦେଢ଼ମାସ ପରେ ବନ୍ଧାହେଲେ ଅଭିଯୁକ୍ତ ପାଇପ୍ ମିସ୍ତ୍ରି

**ନାଲ୍କୋ କ୍ୱାର୍ଟର୍ସରେ ମହିଳାଙ୍କୁ ହତ୍ୟା ମାମଲା**

■ପ୍ରେମ ନିବେଦନ କରି ବିଫଳ ହେବାରୁ ଓଢ଼ଣିରେ ତଣ୍ଟି ଚିପି ଦେଇଥିଲେ

■ଗଠନ ହୋଇଥିଲା 'ଅପରେଶନ ସାଇଲେଣ୍ଟ କୋବ୍ରା' ଟିମ୍

■ପଦାରେ ପଡ଼ିଲା ନାଲ୍କୋ କଲୋନି ସୁରକ୍ଷା ବ୍ୟବସ୍ଥା


ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।



ଜବତ ହୋଇଥିବା ସୁନାଗହଣା।

**ଅନୁଗୋଳ, ୧୫।୧ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲ୍ଲା ନାଲ୍କୋ କଲୋନିର ଏକ କ୍ୱାର୍ଟର୍ସରେ ଗତ ଡିସେମ୍ବର ୧ରେ ଜଣେ ମହିଳାଙ୍କୁ ହତ୍ୟା କରାଯିବା ମାମଲାରେ ନାଲ୍କୋ ଥାନା ପୋଲିସ ଅନୁଗୋଳ ବାରସିଂହା ଗାଁର ପାଇପ୍ ମିସ୍ତ୍ରି ତପନ କୁମାର ସାହୁଙ୍କୁ ଗିରଫ କରିଛି। ମହିଳାଙ୍କୁ ଏକତରଫା ପ୍ରେମ କରୁଥିବା ତପନ ପ୍ରେମ ନିବେଦନ କରି ବିଫଳ ହେବାରୁ ଓଢ଼ଣିରେ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ ବୋଲି ଗୁରୁବାର ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍ପି ରାହୁଲ ଜୈନ ସୂଚନା ଦେଇଛନ୍ତି। ଅଭିଯୁକ୍ତ ତପନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ତେବେ ଏହି ହତ୍ୟାକାଣ୍ଡ ନାଲ୍କୋ କଲୋନିର ସୁରକ୍ଷା ବ୍ୟବସ୍ଥାରେ ଥିବା ଦୁର୍ବଳତାକୁ ପଦାରେ ପକାଇ ଦେଇଛି।

ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ନାଲ୍କୋ କଲୋନି କ୍ୱାର୍ଟର୍ସ ନମ୍ବର ବି-୨୦୦୧ରେ କର୍ମଚାରୀ କାର୍ତ୍ତିକ ଚନ୍ଦ୍ର ପ୍ରଧାନ ଓ ତାଙ୍କ ସ୍ତ୍ରୀ ମଧୁସ୍ମିତା ପ୍ରଧାନ (୩୭) ରହୁଥିଲେ। ଅଭିଯୁକ୍ତ ତପନ ନାଲ୍କୋ କଲୋନିରେ ଠିକାରେ ପାଣି ପାଇପ୍ ମିସ୍ତ୍ରି ଭାବେ କାମ କରୁଥିବାରୁ ପୂର୍ବରୁ ମଧୁସ୍ମିତାଙ୍କ ଘରକୁ ଯାଇ ପାଇପ୍ ମରାମତି କରିଥିଲେ। ତେବେ ମଧୁସ୍ମିତାଙ୍କୁ ଦେଖିବା ପରେ ଅଭିଯୁକ୍ତ ତାଙ୍କୁ ଏକତରଫା ପ୍ରେମ କରିଥିଲେ। ଡିସେମ୍ବର ୧ରେ କାର୍ତ୍ତିକ ଡ୍ୟୁଟିକୁ ଯିବା ପରେ ଅଭିଯୁକ୍ତ ତପନ ମଧୁସ୍ମିତାଙ୍କ ଘରକୁ ଯାଇ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ଅଭିଯୁକ୍ତଙ୍କ ଏପରି ବ୍ୟବହାରରେ ମଧୁସ୍ମିତା ଡରିଯିବା ସହ ତୀବ୍ର ପ୍ରତିବାଦ କରିଥିଲେ। ସ୍ୱାମୀ ଓ ପୋଲିସକୁ ଜଣାଇବାକୁ ଧମକ ଦେଇଥିଲେ। ଧରାପଡ଼ିଯିବା ଭୟରେ ଅଭିଯୁକ୍ତ ଓଢ଼ଣି ଆଣି ମଧୁସ୍ମିତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ତେବେ ହତ୍ୟାକାଣ୍ଡକୁ ଚୋରି ସହ ଯୋଡ଼ିବାକୁ ସୁନା ମଙ୍ଗଳସୂତ୍ର ଓ କାନଫୁଲ ନେଇ ପଳାଇ ଯାଇଥିଲେ। ତଦନ୍ତ ବେଳେ ପୋଲିସ କଲୋନିରେ ଲାଗିଥିବା ସିସିଟିଭିର ଫୁଟେଜ, ମୋବାଇଲ ତଥ୍ୟ ସଂଗ୍ରହ କରିଥିଲା। 'ଅପରେଶନ ସାଇଲେଣ୍ଟ କୋବ୍ରା' ନାମରେ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ଗିରଫ ପରେ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନିଆଯାଇ ସିନ୍ ରିକ୍ରିଏଶନ କରାଯାଇଛି। ଚୋରି ହୋଇଥିବା ସୁନା ମଧ୍ୟ ଜବତ କରାଯାଇଛି। ନାଲ୍କୋ କଲୋନିର ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଥିବାରୁ ତାହାର ପୁନଃସମୀକ୍ଷା କରାଯିବ। ନାଲ୍କୋ କଲୋନିରେ ଠିକା କର୍ମଚାରୀଙ୍କ ଚଳାଚଳ, ସିସିଟିଭି ସୁରକ୍ଷାକୁ ଆହୁରି କଡ଼ା କରାଯିବ ବୋଲି ଏସ୍ପି କହିଛନ୍ତି।

# ଯୁବତୀଙ୍କ ଘର ଆଗରେ ଯୁବକଙ୍କ ଝୁଲନ୍ତା ମୃତଦେହ

**ରାଜଗାଙ୍ଗପୁର, ୧୫।୧ (ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବ୍ଲକରେ ଗୁରୁବାର ଯୁବତୀଙ୍କ ଘର ଆଗରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତ ଯୁବକ ହେଲେ ରାଣିବନ୍ଧ ତଳପଡ଼ା ଅଞ୍ଚଳର ବିକାଶ ମହାନନ୍ଦିଆ (୨୫)। ଏନେଇ ରାଜଗାଙ୍ଗପୁର ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ଯୁବକ ଜଣକ ନିଜେ ପ୍ରାଣ ହରାଇଛନ୍ତି କି ତାଙ୍କୁ କେହି ହତ୍ୟାକରି ଝୁଲାଇ ଦେଇଛନ୍ତି, ସେନେଇ ପୋଲିସ ଅଧିକ ଖୋଳତାଡ଼ କରୁଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୪ବର୍ଷ ହେଲା ବିକାଶ ଜଣେ ଯୁବତୀଙ୍କ ସହିତ ବନ୍ଧୁତା ସମ୍ପର୍କ ରଖିଥିଲେ। ପରେ ବିକାଶ ଉକ୍ତ ଯୁବତୀଙ୍କୁ ଭଲପାଇ ବସିଥିଲେ। ଏପରି କି ତାଙ୍କୁ ବିବାହ ପାଇଁ ପ୍ରସ୍ତାବ ମଧ୍ୟ ଦେଇଥିଲେ। ହେଲେ ଯୁବତୀ ଜଣକ ବିବାହ ପ୍ରସ୍ତାବକୁ ମନା କରିଦେଇଥିଲେ। ଏହାସତ୍ତ୍ୱେ ବିକାଶ ତାଙ୍କୁ ବିବାହ ପାଇଁ ଜଦ୍ ଧରିଥିଲେ। ବୁଧବାର ରାତିରେ ବିକାଶ ଉକ୍ତ ଯୁବତୀଙ୍କ ଘର ପାଖକୁ ଆସିଥିଲେ। ଗୁରୁବାର ସକାଳେ ବିକାଶଙ୍କ ଝୁଲନ୍ତା ମୃତଦେହ ଦେଖି ଗ୍ରାମବାସୀ ରାଜଗାଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଅପେରା ମଞ୍ଚରେ ଅଶ୍ଳୀଳ ନୃତ୍ୟ: ନିଶା ମହାରଣାଙ୍କ ବିରୋଧରେ ମାମଲା


ପୋଲିସ ହେପାଜତରେ ଗିରଫ ୨ ଆୟୋଜକ।


ନିଶା ମହାରଣା

■୨ ଆୟୋଜକ କୋର୍ଟ ଚାଲାଣ

■ନିଶାଙ୍କୁ ଖୋଜିବା ପାଇଁ ଭୁବନେଶ୍ୱର ଗଲା ବଲାଙ୍ଗୀର ପୋଲିସ

**ବଲାଙ୍ଗୀର, ୧୫।୧ (ବୀରେନ୍ଦ୍ର କୁମାର ଖାଙ୍କର)**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟି ଗ୍ରାମର ଏକ ଅପେରା ମଞ୍ଚରେ ଅଭଦ୍ର ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିବା ଅଭିଯୋଗରେ ଚର୍ଚ୍ଚିତ ଆଇଟମ୍ ଗାର୍ଲ ନିଶା ମହାରଣା ଓ ଅନ୍ୟମାନଙ୍କ ବିରୋଧରେ ପୋଲିସ ନିଜଆଡୁ ମାମଲା (ନଂ.୨୯/୨୬) ରୁଜୁ କରିଛି। ଏହି ଅଶ୍ଳୀଳ ନୃତ୍ୟ ଆୟୋଜନ କରିଥିବା ଆୟୋଜକ କମିଟି ସଭାପତି ସୁରେନ୍ଦ୍ର ନାଗ ଏବଂ ସମ୍ପାଦକ ରାଧେଶ୍ୟାମ ମେହେରଙ୍କୁ ପୋଲିସ ଗୁରୁବାର ଗିରଫ କରିଥିଲା ପରେ ସେମାନଙ୍କୁ ଜାମିନ ମିଳିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଗତ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଚନ୍ଦନଭାଟି ଗ୍ରାମରେ ସାଇଜୁଡ଼ା ଏସ୍ଏସ୍ପି ତରଫରୁ 'ଅପେରା ଦୁର୍ଗା ମନ୍ଦିର' ନାଁରେ ଅପେରା ଆୟୋଜନ କରାଯାଇଥିଲା। ଉକ୍ତ ଅପେରା ମଞ୍ଚରେ ଗତ ୧୨ ତାରିଖ ରାତିରେ ଆୟୋଜକମାନେ ନିଶା ମହାରଣାଙ୍କୁ ନେଇ ଅଶ୍ଳୀଳ ନୃତ୍ୟ ଆୟୋଜନ କରିଥିଲେ। ଏଥିପାଇଁ ସେମାନେ ଟିକେଟ ବାବଦରୁ ଲୋକଙ୍କଠାରୁ ମୋଟା ଅଙ୍କର ଅର୍ଥ ସଂଗ୍ରହ କରିଥିଲେ। ଉକ୍ତ ଅପେରା ମଞ୍ଚରେ ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟର ଭିଡିଓ ଭାଇରାଲ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପୋଲିସ ତଦନ୍ତ ଆରମ୍ଭ କରିବା ପରେ ଚନ୍ଦନଭାଟିର ଅପେରା ଆୟୋଜକ କମିଟି ସଭାପତି ସୁରେନ୍ଦ୍ର ନାଗ, ସମ୍ପାଦକ ରାଧେଶ୍ୟାମ ମେହେର ଓ ଅପେରା ମ୍ୟାନେଜର ଶଙ୍କର ସେନାପତି ଅର୍ଥ ଉପାର୍ଜନ ପାଇଁ ଏଭଳି ଅଶ୍ଳୀଳ ନୃତ୍ୟର ଆୟୋଜନ କରିଥିବା ଜାଣିବାକୁ ପାଇଥିଲା। ଏପରି କି ସେମାନେ ନିଶାଙ୍କୁ ଅଶ୍ଳୀଳ ନୃତ୍ୟ ପରିବେଷଣ କରିବାକୁ ଅନୁମତି ଦେଇଥିଲେ। ଫଳରେ ନିଶା ଅପେରା ମଞ୍ଚରେ ଅତ୍ୟନ୍ତ ଆପତ୍ତିଜନକ ଅଶ୍ଳୀଳ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ପାଇଁ ଉଚ୍ଚ ଦରରେ ଟିକେଟ ମଧ୍ୟ ବିକ୍ରି ହୋଇଥିଲା। ଏନେଇ ଖବର ପାଇବା ପରେ ପୋଲିସ ଆୟୋଜକ, ଆଇଟମ୍ ଗାର୍ଲ ଏବଂ ଅନ୍ୟମାନଙ୍କ ନାଁରେ ମାମଲା ରୁଜୁ କରିଛି। ବିଏନ୍ଏସ୍ ଦଫା ସେକ୍ସନ ୨୯୬/୪୯/୩(୫) ଏବଂ ସେକ୍ସନ ୬ ଏବଂ ୭ ଦିନ ଇଣ୍ଡିସେଣ୍ଟ ରିପ୍ରେଜେଣ୍ଟେସନ୍ ଅଫ୍ ଓମେନ୍ (ପ୍ରୋହିବିସନ) ଆକ୍ଟ ୧୯୮୮ରେ ଏହି ମାମଲା ରୁଜୁ ହୋଇଛି। ସୁରେନ୍ଦ୍ର ଓ ରାଧେଶ୍ୟାମଙ୍କୁ ଗିରଫ କରାଯାଇଥିବାବେଳେ ନିଶା ମହାରଣାଙ୍କୁ ଗିରଫ କରିବା ପାଇଁ ପୋଲିସର ଏକ ଟିମ୍ ଭୁବନେଶ୍ୱର ଅଭିମୁଖେ ଯାଇଥିବା ଜଣାପଡ଼ିଛି। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ସଦର ଏସ୍ଡିପିଓ ସରୋଜ ଉପାଧ୍ୟାୟ କହିଛନ୍ତି, ଅପେରାରେ ଅଶ୍ଳୀଳ ନୃତ୍ୟ ଆୟୋଜନ ଏବଂ ପରିବେଷଣ ଅଭିଯୋଗରେ ମାମଲା ରୁଜୁ କରାଯାଇ ୨ଜଣଙ୍କୁ ଗିରଫ କରାଯାଇଛି। ନିଶା ମହାରଣାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଯୁବକଙ୍କୁ ଗୋଡ଼ାଇ ଖଣ୍ଡାରେ ହାଣିଲେ

**ଗୁରୁତରଙ୍କୁ ବିଶାଖାପାଟଣା ସ୍ଥାନାନ୍ତର, ସ୍କୁଟିରୁ ମିଳିଲା ଖଣ୍ଡା**

**ବ୍ରହ୍ମପୁର, ୧୫।୧ (ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ପୋଲିସ ଜିଲ୍ଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସ୍ଷ୍ଟାଣ୍ଡ କାଳୀମନ୍ଦିର ନିକଟରେ ଗୁରୁବାର ସକାଳେ ଜଣେ ଯୁବକଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି। ଦୁଇଟି ବାଇକ୍‌ରେ ୬ ଜଣ ଯୁବକ ଆସି ବଡ଼ବଜାର ଥାନା ଅନ୍ତର୍ଗତ ଧାନମେରା ସାହିର ଅମିତ୍ ମୁଖୀ(୩୮)ଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଛନ୍ତି। ତାଙ୍କ ଗୋଡ, ପେଟ ଓ ଦୁଇ ହାତରେ ୮ରୁ ୧୦ ଖଣ୍ଡା ଚୋଟ ପଡ଼ିଛି। ଗୁରୁତର ଅବସ୍ଥାରେ ଅମିତ୍ଙ୍କୁ ପ୍ରଥମେ ଏମ୍କେସିଜି ମେଡିକାଲ ଓ ସେଠାରୁ ଅଧିକ ଚିକିତ୍ସା ପାଇଁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଖବରପାଇ ଏସ୍ପି ଡା. ସର୍ବଣା ବିବେକ ଏମ. ଏମ୍କେସିଜି ମେଡିକାଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଅମିତ୍ଙ୍କ ସାହି ଲୋକଙ୍କୁ ବୁଝାଶୁଝା କରିଛନ୍ତି। ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି। ପୂର୍ବରୁ ଏକ ଆକ୍ରମଣ ଘଟଣାର ଅଭିଯୁକ୍ତ ଥିବା ଅମିତ୍ ଜାମିନରେ ଥିବା ବେଳେ ତାଙ୍କ ଉପରେ ଆକ୍ରମଣ ହୋଇଛି। ତାଙ୍କ ସ୍କୁଟିରୁ ଏକ ଖଣ୍ଡା ଜବତ ହୋଇଛି। ନିଜ ଜୀବନ ପ୍ରତି ବିପଦ ଥିବା ଭାବି ସେ ଖଣ୍ଡା ରଖିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, ଅମିତ୍ ବ୍ରହ୍ମପୁର ମହାନଗର ନିଗମର ଅଳିଆ ଆବର୍ଜନା ଉଠାଇବା କାମର ତଦାରଖ ପାଇଁ ସୁପରଭାଇଜର ଥିଲେ। ଗୁରୁବାର ସକାଳେ ନୂଆ ବସ୍ଷ୍ଟାଣ୍ଡ ନିକଟରେ ଗଦା ହୋଇଥିବା ଆବର୍ଜନା ହଟାଇବା ପାଇଁ ସେ ତଦାରଖ କରୁଥିଲେ। କେତେଜଣ ସଫେଇ କର୍ମଚାରୀ କାମରେ ନିୟୋଜିତ ହୋଇଥିଲେ। ଏହି ସମୟରେ ୨ଟି ବାଇକ୍‌ରେ ୬ଜଣ ଆସି ଅମିତ୍ଙ୍କୁ ଗୋଡ଼ାଇ ଖଣ୍ଡାରେ ଚୋଟ ପକାଇ ଚାଲିଥିଲେ। ଏହା ଦେଖି ସେଠାରେ କାମ କରୁଥିବା ଲୋକମାନେ ଜୀବନ ବିକଳରେ ଦୌଡ଼ି ପଳାଇଥିଲେ। ଅମିତ୍ ତଳେ ପଡ଼ି ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଏମ୍କେସିଜି ମେଡିକାଲକୁ ନେଇଥିଲେ। ଏ ନେଇ ଅମିତ୍ଙ୍କ ସ୍ତ୍ରୀ ତୁଳସୀ ମୁଖୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୨୨/୨୬ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଛି।

# ବାପାଙ୍କ ପେନ୍ସନ ଆକାଉଣ୍ଟରେ ନେଉଥିଲେ ଟଙ୍କା

**ନକଲି ଡାକ୍ତର ଗିରଫ ଘଟଣା**

**ଭୁବନେଶ୍ୱର, ୧୫।୧ (ସତ୍ୟଜିତ ରାଉତ)**

ଭୁବନେଶ୍ୱର ପାହାଳ ପୋଲିସ ଦ୍ୱାରା ଗିରଫ ନକଲି ଡାକ୍ତରଙ୍କ କାରନାମାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସେ ହେଲେ କେନ୍ଦୁଝର ଜିଲ୍ଲା ତଣ୍ଟ୍ୟା ଅଞ୍ଚଳର ରଞ୍ଜୀବ କୁମାର ପ୍ରଧାନ(୪୦)। ରଞ୍ଜୀବ ଏବେ ଜେଲରେ ଥିବାବେଳେ ପୋଲିସ ତାଙ୍କ ଅପରାଧ ପୃଷ୍ଠଭୂମି ବିଷୟରେ ଅଧିକ ଯାଞ୍ଚ ଚଳାଇଛି। ତେବେ ଠକେଇ ଟଙ୍କା ନେବାକୁ ରଞ୍ଜୀବ ନିଜ ବ୍ୟାଙ୍କ ଆକାଉଣ୍ଟ ବଦଳରେ ବାପାଙ୍କ ପେନ୍ସନ ଆକାଉଣ୍ଟ ବ୍ୟବହାର କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ନିଜ ପ୍ରକୃତ ପରିଚୟ ଲୁଚାଇବାକୁ ସେ ଏପରି କରିଥିଲେ। ଗିରଫ ବେଳେ ଉକ୍ତ ପେନ୍ସନ ଆକାଉଣ୍ଟରେ ମାତ୍ର ୫୬୫ ଟଙ୍କା ରହିଥିବାରୁ ଠକେଇ ଟଙ୍କାକୁ ଉଠାଇ ରଞ୍ଜୀବ ଖର୍ଚ୍ଚ କରିଦେଇଥିବା ଜଣାପଡ଼ିଛି। ତେବେ ଅଭିଯୁକ୍ତ ରଞ୍ଜୀବଙ୍କ କଳାକାରନାମା ବିଷୟରେ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ତାଙ୍କ ବିରୋଧରେ ଆଗକୁ ଠକେଇ ଅଭିଯୋଗ ବଢ଼ିବ ବୋଲି ଆଶଙ୍କା କରାଯାଉଛି।

# ମହିଳାଙ୍କୁ ପଥରରେ ଛେଚି ହତ୍ୟା


ଘଟଣାସ୍ଥଳରେ ପୋଲିସ ଅନୁସନ୍ଧାନ କରୁଛି।

**କାରଣ ଖୋଜୁଛି ପୋଲିସ**

**ସୁନ୍ଦରଗଡ଼, ୧୫।୧ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ଶଙ୍କରା ଗଡଡ଼ପଡ଼ାରେ ଗୁରୁବାର ଜଣେ ଆଦିବାସୀ ମହିଳାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ମୃତା ଗଡଡ଼ପଡ଼ାର ଗୁରୁବାରୀ ମାଝୀ(୬୫)। ଏନେଇ ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା(ନଂ. ୨୮/୨୦୨୬) ରୁଜୁ କରି ଘଟଣାର ତଦନ୍ତ କରୁଛି।

ଗଡଡ଼ପଡ଼ା ପୋଖରୀ ହୁଡ଼ାରେ ସକାଳେ ଜଣେ ମହିଳାଙ୍କ କ୍ଷତାକ୍ତ ମୃତଦେହ ଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଟାଉନ ଥାନା ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲା। ମୃତଦେହ ନିକଟରେ ଏକ ରକ୍ତଲଗା ପଥର ପୋଲିସ ଜବତ କରିଛି। ମହିଳାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପଠାଯାଇଛି। ଗୁରୁବାରୀଙ୍କୁ କିଏ ଓ କାହିଁକି ହତ୍ୟାକଲେ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ସଦର ଏସ୍ଡିପିଓ ନିର୍ମଳ କୁମାର ମହାପାତ୍ର ସୂଚନା ଦେଇଛନ୍ତି।


ଇଣ୍ଡିଆନ୍ ବ୍ୟାଙ୍କ Indian Bank | ଇଲାହାବାଦ ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ଉକ୍ତ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଶହୀଦ ପାର୍କ ବାଲେଶ୍ୱର ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ମାନସ ରଞ୍ଜନ ମହାନ୍ତି,** ପିତା: ୰ ନରେନ୍ଦ୍ରନାଥ ମହାନ୍ତି / **ଜାମିନ୍‌ଦାର: ଶ୍ରୀମତୀ ଅମିତା ରାଣୀ ମାଇତି,** ସ୍ୱାମୀ: ଶ୍ରୀ ମାନସ ରଞ୍ଜନ ମହାନ୍ତି, ଉଭୟଙ୍କ ଠିକଣା- ସା: ଶଙ୍ଖୁଆ, ପୋ: ପଣସା, ଶିବ ମନ୍ଦିର ନିକଟ, ପଣସା, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୮୦ | ୧୬.୧୦.୨୦୨୫ ସୁଦ୍ଧା ଟ.୪୯,୨୭,୬୨୪.୦୦ ଏବଂ ସେବାବଦ ସୁଧ | ୧୬.୧୦.୨୦୨୫ / ୦୫.୦୧.୨୦୨୬ | **(୧) ଶ୍ରୀ ମାନସ ରଞ୍ଜନ ମହାନ୍ତିଙ୍କ** ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଲ ଖାତା ନଂ.: ୬୫୮/୯୮୯, ହାଲ ପ୍ଲଟ୍ ନଂ.: ୧୧୮୧/୨୯୬୪, କ୍ଷେତ୍ର: ଏକର୦.୧୦ ଡିସିମିଲି, ମୌଜା: ସୋମନାଥପୁର, ତହସିଲ: ରେମୁଣା, ପୋ/ଥାନା: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୧୧୯୨, ପୂର୍ବ: ରାସ୍ତା, ପଶ୍ଚିମ: ବି. ସାହୁ, **(୨) ବାସନ୍ତୀ ସାହୁଙ୍କ** ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୫୮/୧୦୬୧, ପ୍ଲଟ୍ ନଂ.: ୧୧୮୧/୩୦୫୯, କ୍ଷେତ୍ର: ଏକର୦.୨୮୦ ଡିସିମିଲି, ମୌଜା: ସୋମନାଥପୁର, ତହସିଲ: ରେମୁଣା, ପୋ/ଥାନା: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଏସ୍. ଏନ୍. ପତି, ଦକ୍ଷିଣ: ରାସ୍ତା, ପୂର୍ବ: ସରକାରୀ ଜମି, ପଶ୍ଚିମ: ନିଜସ୍ୱ, **(୩) ଶ୍ରୀ ମାନସ ରଞ୍ଜନ ମହାନ୍ତିଙ୍କ** ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପୁରୁଣା ଖାତା ନଂ.: ୨୫୬/୬୩୨, ନୂଆ ଖାତା ନଂ.: ୨୫୬/୯୩୦, ହାଲ ପ୍ଲଟ୍ ନଂ.: ୬୮୩, କ୍ଷେତ୍ର: ଏକର୦.୦୪୫ ଡିସିମିଲି ଏବଂ ହାଲ ପ୍ଲଟ୍ ନଂ.: ୬୮୪/୮୬୩, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ମୌଜା: ଶୋଭାରାମପୁର, ତହସିଲ: ବାଲେଶ୍ୱର, ପୋ/ଥାନା: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୬୮୪, ପୂର୍ବ: ପ୍ଲଟ୍ ନଂ. ୬୮୧ ଏବଂ ୬୭୯, ପଶ୍ଚିମ: ପ୍ଲଟ୍ ନଂ. ୬୮୪ |
| **ପରିଖୀ ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀମତୀ ମିନତି ହାତୀ,** ସ୍ୱାମୀ: ପୂର୍ଣ୍ଣ ଚନ୍ଦ୍ର ହାତୀ, ସା/ପୋ: ପରିଖୀ, ଥାନା ଏବଂ ବ୍ଲକ୍: ବାଲେଶ୍ୱର ସଦର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୨୫ | ୧୬.୧୦.୨୦୨୫ ସୁଦ୍ଧା ଟ.୧୪,୫୫,୩୮୯.୦୦ ଏବଂ ସେବାବଦ ସୁଧ | ୧୬.୧୦.୨୦୨୫ / ୦୫.୦୧.୨୦୨୬ | **ଶ୍ରୀମତୀ ମିନତି ହାତୀ,** ସ୍ୱାମୀ: ପୂର୍ଣ୍ଣ ଚନ୍ଦ୍ର ହାତୀଙ୍କ ନାମରେ ଥିବା ଘରବାରି (ହୋମଷ୍ଟେଡ) ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୫୫/୯, ପ୍ଲଟ୍ ନଂ.: ୧୬୧୩, କ୍ଷେତ୍ର: ଏକର୦.୦୬ ଡିସିମିଲି, ମୌଜା: ପରିଖୀ, ଥାନା: ବାଲେଶ୍ୱର ସଦର, ଥାନା ନଂ. ୧୦୨, ତହସିଲ: ବାଲେଶ୍ୱର ସଦର, ଜିଲ୍ଲା: ବାଲେଶ୍ୱର, ଏହାର ଚାରିପାର୍ଶ୍ୱରେ- ପୂର୍ବ: ପାଣି ନାଳ, ପଶ୍ଚିମ: ପ୍ଲଟ୍ ନଂ. ୧୬୧୦ ଏବଂ ସନ୍ଦୀପ ହାତୀ, ଉତ୍ତର: ଅନନ୍ତ ମାଇତି, ଦକ୍ଷିଣ: ପ୍ଲଟ୍ ନଂ. ୧୬୦୯ ଏବଂ ସଞ୍ଜୀବ କୁମାର ହାତୀ |

**ସ୍ଥାନ: କଟକ, ତାରିଖ: ୧୫.୦୧.୨୦୨୬**
ସ୍ୱା/- **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**



**ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.**
ପଞ୍ଜୀକୃତ ନଂ.: ବିଏଲ୍/୪୪, ସ୍ଥାପିତ-୧୯୪୫, ଆର୍.ବି.ଆଇ.
ଏଲ୍ଆଇସି ନଂ.: ୟୁବିଡି. (ଓଆର୍ଆଇ) ୦୦୦୪ପି/୦୯-୧୦
ସା: ବିବେକାନନ୍ଦ ମାର୍ଗ, ପୋ/ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧
ଫୋନ୍: ୦୬୭୮୨-୨୬୩୦୪୪, ଇମେଲ: contact@blscub.com, www.blscub.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.**ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ଦ୍ୱାରା ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ସୂଚିତ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛ" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମର ତାରିଖ ଏବଂ ସମୟ: ୧୮.୦୨.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣକର୍ତ୍ତା / ଗ୍ୟାରେଣ୍ଟରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ / ସାଙ୍କେତିକ ଦଖଲ ତାରିଖ / ନିଲାମ ଆଇଡ଼ି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି/ ବିଡ୍ ବୃଦ୍ଧି ପରିମାଣ / ଅମାନତ ରାଶି ଜମାର ଅନ୍ତିମ ତାରିଖ |
|---|---|---|---|---|
| ୧. | ଋଣଗ୍ରହୀତା: ଦାମୋଦର ଜୀଉ ମେଡ଼ିକାଲ **ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଗୌତମ କୁମାର ଦାସ,** ପିତା: ୰ ଗୌର ଚୈତନ୍ୟ ଦାସ, ସା/ପୋ: ସୁନହଟ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୦୨ / **ଗ୍ୟାରେଣ୍ଟରମାନେ: ୧) ଶ୍ରୀମତୀ ସୁପ୍ରଭା ଦାସ,** ସ୍ୱାମୀ: ଗୌତମ କୁମାର ଦାସ, **୨) ଶ୍ରୀ ଉତ୍ତମ କୁମାର ଦାସ,** ପିତା: ୰ ଗୌର ଚୈତନ୍ୟ ଦାସ, ଉଭୟଙ୍କ ଠିକଣା- ସା/ପୋ: ସୁନହଟ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୦୨ | **ଗୌତମ କୁମାର ଦାସଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସୁନହଟ, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୫୮୪/୧୪୭୩, ୟୁନିଟ୍ ନଂ.-୩୦, ପ୍ଲଟ୍ ନଂ.: ୬୩୬, କ୍ଷେତ୍ର: ଏକର୦.୧୫୪ ଡିସିମିଲି, କିସମ: ଘରବାରି (ତିନି), ଏହାର ଚାରିପାର୍ଶ୍ୱରେ- ଉତ୍ତର: ପୋଖରୀ, ଦକ୍ଷିଣ: ଖାଲି ଜମି, ପୂର୍ବ: ଖାଲି ଜମି, ପଶ୍ଚିମ: ଖାଲି ଜମି, ବ୍ୟାଙ୍କକୁ ଜଣାଥିବା ଏନକମ୍ବ୍ରାନ୍ସେସ୍‌ର ସବିଶେଷ ତଥ୍ୟ: ନାହିଁ | ୩୧.୧୨.୨୦୨୫ ସୁଦ୍ଧା ସୁଧ ସହିତ ଟ.୧୯,୭୯,୯୯୬/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁଷଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ, ଦେୟ ଇତ୍ୟାଦି / ଡିମାଣ୍ଡ ନୋଟିସ୍ ତାରିଖ: ୦୪.୦୧.୨୦୧୮ / ସାଙ୍କେତିକ ଦଖଲ ତାରିଖ: ୧୯.୦୮.୨୦୨୨ / ନିଲାମ ଆଇଡ଼ି: ୩୫୪୪୨୬ | ସଂରକ୍ଷିତ ମୂଲ୍ୟ: ଟ.୨୩,୦୦,୦୦୦/- / ଅମାନତ ଜମା ରାଶି: ଟ.୨,୩୦,୦୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/- / ଅମାନତ ରାଶି ଜମାର ଅନ୍ତିମ ତାରିଖ: ୧୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କିମ୍ବା ତା'ପୂର୍ବରୁ |
| ୨. | ଋଣଗ୍ରହୀତା: **ପ୍ରିନ୍ସ ଅପ୍ଟିକ୍ସ, ସ୍ୱତ୍ତ୍ୱାଧିକାରୀ: ସେକ୍ ଆଲ୍ଲାଉଦ୍ଦିନ,** ପିତା: ସେକ୍ ସଲାଉଦ୍ଦିନ, ସା: ମାଣିଖମ୍ବ, ପୋ: ମୋତିଗଞ୍ଜ, ଥାନା: ଟାଉନ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୦୩ / **ଗ୍ୟାରେଣ୍ଟରମାନେ: ୧) ବାସେଦା ବିବି,** ସ୍ୱାମୀ: ସେକ୍ ଆଲ୍ଲାଉଦ୍ଦିନ, ସା: ମାଣିଖମ୍ବ, ପୋ: ମୋତିଗଞ୍ଜ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୦୩, **୨) ସେକ୍ ସରାଫତ,** ପିତା: ସେକ୍ ରହେମତ, ସା/ପୋ: ସୁନହଟ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୦୨ | **ସେକ୍ ଆଲ୍ଲାଉଦ୍ଦିନଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଶ୍ରୀକୋଣା, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୪୭୮/୨୭୯୩, ୟୁନିଟ୍ ନଂ.-୧୦୪, ପ୍ଲଟ୍ ନଂ.: ୨୧୦୫/୯୯୯୦, କ୍ଷେତ୍ର: ଏକର୦.୦୮୦ ଡିସିମିଲି, କିସମ: ଘରବାରି (ଏକ), ଏହାର ଚାରିପାର୍ଶ୍ୱରେ- ଉତ୍ତର: ସର୍ବସାଧାରଣ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୨୧୦୫ (ଅଂଶ), ପୂର୍ବ: ପ୍ଲଟ୍ ନଂ. ୨୧୦୫ (ଅଂଶ), ପଶ୍ଚିମ: ପ୍ଲଟ୍ ନଂ. ୨୧୦୫ (ଅଂଶ), ବ୍ୟାଙ୍କକୁ ଜଣାଥିବା ଏନକମ୍ବ୍ରାନ୍ସେସ୍‌ର ସବିଶେଷ ତଥ୍ୟ: ନାହିଁ | ୩୧.୧୨.୨୦୨୫ ସୁଦ୍ଧା ସୁଧ ସହିତ ଟ.୫,୬୬,୨୨୫/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁଷଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ, ଦେୟ ଇତ୍ୟାଦି / ଡିମାଣ୍ଡ ନୋଟିସ୍ ତାରିଖ: ୧୦.୦୪.୨୦୨୪ / ସାଙ୍କେତିକ ଦଖଲ ତାରିଖ: ୦୬.୦୭.୨୦୨୪ / ନିଲାମ ଆଇଡ଼ି: ୩୫୪୪୨୮ | ସଂରକ୍ଷିତ ମୂଲ୍ୟ: ଟ.୬,୦୦,୦୦୦/- / ଅମାନତ ଜମା ରାଶି: ଟ.୬୦,୦୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/- / ଅମାନତ ରାଶି ଜମାର ଅନ୍ତିମ ତାରିଖ: ୧୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କିମ୍ବା ତା'ପୂର୍ବରୁ |
| ୩. | ଋଣଗ୍ରହୀତା: **ସୁରେନ୍ଦ୍ର ମାଝୀ,** ପିତା: ବଳଭଦ୍ର ମାଝୀ, ସା/ପୋ: ପୁରୁଣାବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୦୨ / **ଗ୍ୟାରେଣ୍ଟରମାନେ: ୧) ଶ୍ରୀମତୀ ମିନତୀ ମାଝୀ,** ସ୍ୱାମୀ: ସୁରେନ୍ଦ୍ର ମାଝୀ, **୨) ଶ୍ରୀ ରାକେଶ ମାଝୀ,** ପିତା: ସୁରେନ୍ଦ୍ର ମାଝୀ, ଉଭୟଙ୍କ ଠିକଣା- ସା/ପୋ: ପୁରୁଣାବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୦୨ | **ଶ୍ରୀମତୀ ମିନତୀ ମାଝୀ,** ସ୍ୱାମୀ: ସୁରେନ୍ଦ୍ର ମାଝୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପୁରୁଣାବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୧୦୫/୯୧, ୟୁନିଟ୍ ନଂ.-୩୧, ପ୍ଲଟ୍ ନଂ.: ୧୧୧୬/୨୪୮୧, କ୍ଷେତ୍ର: ଏକର୦.୦୨୦ ଡିସିମିଲି, କିସମ: ଘରବାରି (ତିନି), ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୧୧୧୬, ପୂର୍ବ: ପ୍ଲଟ୍ ନଂ. ୧୧୧୪, ପଶ୍ଚିମ: ପ୍ଲଟ୍ ନଂ. ୧୧୧୬, ବ୍ୟାଙ୍କକୁ ଜଣାଥିବା ଏନକମ୍ବ୍ରାନ୍ସେସ୍‌ର ସବିଶେଷ ତଥ୍ୟ: ନାହିଁ | ୩୧.୧୨.୨୦୨୫ ସୁଦ୍ଧା ସୁଧ ସହିତ ଟ.୪,୪୦,୬୧୩/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁଷଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ, ଦେୟ ଇତ୍ୟାଦି / ଡିମାଣ୍ଡ ନୋଟିସ୍ ତାରିଖ: ୧୬.୦୯.୨୦୨୨ / ସାଙ୍କେତିକ ଦଖଲ ତାରିଖ: ୧୧.୦୮.୨୦୨୩ / ନିଲାମ ଆଇଡ଼ି: ୩୫୪୪୨୫ | ସଂରକ୍ଷିତ ମୂଲ୍ୟ: ଟ.୭,୬୦,୦୦୦/- / ଅମାନତ ଜମା ରାଶି: ଟ.୭୬,୦୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/- / ଅମାନତ ରାଶି ଜମାର ଅନ୍ତିମ ତାରିଖ: ୧୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କିମ୍ବା ତା'ପୂର୍ବରୁ |
| ୪. | ଋଣଗ୍ରହୀତା: **ଜ୍ୟୋତି ପ୍ରକାଶ ମଳିକ,** ପିତା: ଯୋଗେନ୍ଦ୍ର ମଳିକ, ସା: ସୁନହଟ (ମସଜିଦ ଲେନ୍), ପୋ: ସୁନହଟ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୦୨ / **ଗ୍ୟାରେଣ୍ଟରମାନେ: ୧) ରତ୍ନମଣି ମଳିକ,** ସ୍ୱାମୀ: ଯୋଗେନ୍ଦ୍ର ମଳିକ, **୨) ଯୋଗେନ୍ଦ୍ର ମଳିକ,** ପିତା: ବୈକୁଣ୍ଠ ମଳିକ, ଉଭୟଙ୍କ ଠିକଣା- ସା/ପୋ: ସୁନହଟ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୦୨ | **ରତ୍ନମଣି ମଳିକ,** ସ୍ୱାମୀ: ଯୋଗେନ୍ଦ୍ର ମଳିକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସୁନହଟ, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୫୮୪/୧୩୨୩, ୟୁନିଟ୍ ନଂ.-୩୦, ପ୍ଲଟ୍ ନଂ.: ୩୭୩/୫୨୭୩, କ୍ଷେତ୍ର: ଏକର୦.୦୨୮ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୦+୫୦, ଦକ୍ଷିଣ: ୬୦ ଲିଙ୍କ୍, ପୂର୍ବ: ୪୦+୩୦ ଲିଙ୍କ୍, ପଶ୍ଚିମ: ୭୦ ଲିଙ୍କ୍, ବ୍ୟାଙ୍କକୁ ଜଣାଥିବା ଏନକମ୍ବ୍ରାନ୍ସେସ୍‌ର ସବିଶେଷ ତଥ୍ୟ: ନାହିଁ | ୩୧.୧୨.୨୦୨୫ ସୁଦ୍ଧା ସୁଧ ସହିତ ଟ.୬,୯୨,୬୦୦/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁଷଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ, ଦେୟ ଇତ୍ୟାଦି / ଡିମାଣ୍ଡ ନୋଟିସ୍ ତାରିଖ: ୨୭.୦୧.୨୦୨୧ / ସାଙ୍କେତିକ ଦଖଲ ତାରିଖ: ୨୬.୧୧.୨୦୨୧ / ନିଲାମ ଆଇଡ଼ି: ୩୫୪୩୭୧ | ସଂରକ୍ଷିତ ମୂଲ୍ୟ: ଟ.୭,୫୦,୦୦୦/- / ଅମାନତ ଜମା ରାଶି: ଟ.୭୫,୦୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/- / ଅମାନତ ରାଶି ଜମାର ଅନ୍ତିମ ତାରିଖ: ୧୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କିମ୍ବା ତା'ପୂର୍ବରୁ |
| ୫. | ଋଣଗ୍ରହୀତା: **ରାଇମଣି ମୁର୍ମୁ,** ସ୍ୱାମୀ: ମହେଶ୍ୱର ମୁର୍ମୁ, ସା: ବେଗୁନିଆ, ପୋ: ହରିପୁର, ଥାନା: ସହଦେବଖୁଣ୍ଟା, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୦୧ / **ଗ୍ୟାରେଣ୍ଟରମାନେ: ୧) ଶ୍ରୀ ଅଜୟ କୁମାର ଦାସ,** ପିତା: ଶ୍ରୀ ରବୀନ୍ଦ୍ର ଦାସ, **୨) ଶ୍ରୀ ଜଗବନ୍ଧୁ ଆଚାର୍ଯ୍ୟ,** ପିତା: ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ, ଉଭୟଙ୍କ ଠିକଣା- ସା/ପୋ: ସହଦେବଖୁଣ୍ଟା, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୦୦୧ | **ରାଇମଣି ମୁର୍ମୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବେଗୁନିଆ, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୪୧/୮୦୩, ୟୁନିଟ୍ ନଂ.- ୧୨୫, ପ୍ଲଟ୍ ନଂ.: ୫୧୪/୬୮୯, କ୍ଷେତ୍ର: ଏକର୦.୦୨୦ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଭଗବାନ ଦାସ, ଦକ୍ଷିଣ: ରାସ୍ତା, ପୂର୍ବ: ସମାଇ ମୁର୍ମୁ, ପଶ୍ଚିମ: ଶ୍ରୀହରି ଦାସ, ବ୍ୟାଙ୍କକୁ ଜଣାଥିବା ଏନକମ୍ବ୍ରାନ୍ସେସ୍‌ର ସବିଶେଷ ତଥ୍ୟ: ନାହିଁ | ୩୧.୧୨.୨୦୨୫ ସୁଦ୍ଧା ସୁଧ ସହିତ ଟ.୨,୩୧,୮୧୦/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁଷଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ, ଦେୟ ଇତ୍ୟାଦି / ଡିମାଣ୍ଡ ନୋଟିସ୍ ତାରିଖ: ୨୯.୧୨.୨୦୨୪ / ସାଙ୍କେତିକ ଦଖଲ ତାରିଖ: ୦୫.୦୪.୨୦୨୫ / ନିଲାମ ଆଇଡ଼ି: ୩୫୪୪୨୭ | ସଂରକ୍ଷିତ ମୂଲ୍ୟ: ଟ.୬,୫୦,୦୦୦/- / ଅମାନତ ଜମା ରାଶି: ଟ.୬୫,୦୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/- / ଅମାନତ ରାଶି ଜମାର ଅନ୍ତିମ ତାରିଖ: ୧୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କିମ୍ବା ତା'ପୂର୍ବରୁ |

**ସମ୍ପତ୍ତି ତନଖି ତାରିଖ ଏବଂ ସମୟ: ୧୧.୦୨.୨୦୨୬ ରୁ ୧୨.୦୨.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ଘଟିକା**

ଉପରୋକ୍ତ ସମସ୍ତ ସମ୍ପତ୍ତି ବ୍ୟାଙ୍କର ଭୌତିକ ଦଖଲରେ ଅଛି

ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ଦୟାକରି ସେବା ପ୍ରଦାନକାରୀ **M/s e-Procurement echnologies Limited-Auction Tiger** ଦ୍ୱାରା ପ୍ରଦାନ କରାଯାଇଥିବା ଲିଙ୍କ୍ **https://sarfaesi.auctiontiger.net** ଦେଖନ୍ତୁ। ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ମୌଳିକ ଶ୍ରୀମଲୀ: ୯୧୭୩୫୮୨୭୨୨-୦୭୯-୩୫୨୬୭୫୧୫/୧୬, ବିଡ୍‌ର ସହାୟତା ନିମନ୍ତେ- ୯୨୬୫୫୬୨୮୨୧/୮୧୮-୦୭୯୬୮୧୩୬୮୪୨/୩୭, ଇମେଲ ଆଇଡ଼ି: **maulik.shrimali@auctiontiger.net** ଏବଂ **support@auctiontiger.net**

**ସ୍ଥାନ: ବାଲେଶ୍ୱର**
**ତାରିଖ: ୧୫.୦୧.୨୦୨୬**
ସ୍ୱା/- **କ୍ଷମତାପ୍ରାପ୍ତ ଅଧିକାରୀ**
**ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.**

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଆୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୮ ମାସରେ ୮ ପ୍ରତିଶତ ଖର୍ଚ୍ଚ

## କେନ୍ଦ୍ରୀୟ ଯୋଜନା ଅର୍ଥ ଖର୍ଚ୍ଚ କରିପାରୁନି ପ୍ରାଣିସମ୍ପଦ ବିଭାଗ

ଭୁବନେଶ୍ୱର,୧୫।୧ (ରବିନାରାୟଣ ଜେନା)

କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା(ସିଏସ୍ଏସ୍) ହେଉ କିମ୍ବା କେନ୍ଦ୍ରୀୟ ସ୍ୱତନ୍ତ୍ର ସହାୟତା(ସିଏସ୍ଏ)ଯୋଜନାରେ କିଭଳି ରାଜ୍ୟକୁ ଅଧିକରୁ ଅଧିକ ଅର୍ଥ ଆସିବ ତାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟାନ୍ୟ ମନ୍ତ୍ରୀଗଣ ଗୁରୁତ୍ୱ ଦେଉଛନ୍ତି। ଏହାକୁ ନେଇ କେନ୍ଦ୍ର ଉପରେ ବିଭିନ୍ନ ସମୟରେ ପତ୍ର ଲେଖି ଚାପ ସୃଷ୍ଟି କରୁଛନ୍ତି। ଏପରିକିଛିଦିନ ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତା ରାମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୦୨୬-୨୭ ଆର୍ଥିକବର୍ଷ ଲାଗି ପ୍ରାକ୍ ବଜେଟ ପ୍ରସ୍ତୁତି ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ଅର୍ଥ ପରିମାଣ ବଢ଼ାଇବା ଲାଗି କେତେକ ପ୍ରସ୍ତାବ ଉପରେ ଗୁରୁତ୍ୱ ଦେଇଛନ୍ତି। ହେଲେ ରାଜ୍ୟର କେତେକ ବିଭାଗ ଏହି ଅର୍ଥକୁ ଠିକଣା ବାଟରେ ଖର୍ଚ୍ଚ କରିପାରୁ ନାହାନ୍ତି। ଫଳରେ ରାଜ୍ୟ ସରକାର ରାଜ୍ୟକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଯେଉଁ ଆଭିମୁଖ୍ୟ ରଖିଛନ୍ତି ତାହା କେତେଦୂର ସାଧିତ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗୁରୁବାର ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକର ବିବରଣୀ ଅନୁଯାୟୀ, ରାଜ୍ୟ ପ୍ରାଣୀସମ୍ପଦ ବିଭାଗ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅର୍ଥରୁ ମାତ୍ର ୮.୩୫ ପ୍ରତିଶତ ଟଙ୍କା ଖର୍ଚ୍ଚ କରିଥିବା ଜଣାଯାଇଛି। ଏହାକୁ ନେଇ ମୁଖ୍ୟସଚିବ ଅସନ୍ତୋଷ ପ୍ରକାଶ କରିବା ସହିତ ଏହା କିଭଳି ତ୍ୱରାନ୍ୱିତ ହୋଇପାରିବ ସେନେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ ବଶିଷ୍ଠଙ୍କୁ ତାଗିଦ କରିଛନ୍ତି।

ବୈଠକର ସୂଚନା ଅନୁଯାୟୀ, ୨୦୨୫-୨୬ ବର୍ଷରେ କେବଳ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ୧୫୫.୩୬କୋଟି ଟଙ୍କା ବ୍ୟୟଅଟକଳ କରାଯାଇଥିଲା। ସେଥିମଧ୍ୟରୁ ବିଭାଗ ପକ୍ଷରୁ ୧୫.୮୧କୋଟି ଟଙ୍କା ଅନୁଦାନ ହୋଇଥିବାବେଳେ ୧୨.୭୯କୋଟି ଟଙ୍କା ଉଠିଥିଲା। ଡିସେମ୍ବର ୩୧ ତାରିଖ ସୁଦ୍ଧା ବିଭାଗ ଏହି ଯୋଜନାରେ ୮.୩୫ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛି ବୋଲି ବୈଠକରେ ଜଣାଇଥିଲା। ତେବେ ରାଜ୍ୟ ଯୋଜନାରେ ପ୍ରାଣୀସମ୍ପଦ ବିଭାଗ ଭଲ ପ୍ରଦର୍ଶନ କରିଛି। ୭୭୧.୨୦କୋଟି ଟଙ୍କା ବ୍ୟୟ ଅଟକଳ ମଧ୍ୟରୁ ୯୦.୯୮ପ୍ରତିଶତ ଖର୍ଚ୍ଚ କରିପାରିଛି। ଅନ୍ୟପକ୍ଷରେ ମତ୍ସ୍ୟ ସମ୍ପଦ ବିଭାଗ ଉଭୟ କେନ୍ଦ୍ର ଓ ରାଜସ୍ୱ ଯୋଜନାରେ ଯଥାକ୍ରମେ ୬୪.୬୩% ଏବଂ ୩୪.୧୮ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଥିବା ଜଣାଯାଇଛି। ବିଭାଗ ପକ୍ଷରୁ ଚଳିତବର୍ଷ ଲାଗି କାର୍ଯ୍ୟକ୍ରମ ବାବଦରେ ୧୬୫୫.୨୯କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବାବେଳେ ଡିସେମ୍ବର ଶେଷ ସୁଦ୍ଧା ୬୨.୪୬ପ୍ରତିଶତ ଖର୍ଚ୍ଚ ହୋଇଛି। ଅନ୍ୟପକ୍ଷରେ ପ୍ରଶାସନିକ ଖର୍ଚ୍ଚ ବାବଦକୁ ୬୧୫.୪୯କୋଟି ଟଙ୍କା ମଧ୍ୟରୁ ୭୩.୨୮ପ୍ରତିଶତ ଖର୍ଚ୍ଚ ହୋଇଛି। ସମୁଦାୟ ୨୨୭୦.୭୯କୋଟି ଟଙ୍କା ମଧ୍ୟରୁ ୧୪୮୪.୯୨ପ୍ରତିଶତ ଅର୍ଥ ଖର୍ଚ୍ଚ ବିଭାଗ କରିବାକୁ ସକ୍ଷମ ହୋଇଛି।

# ଗଛରେ ପିଟିହେଲା ବାଇକ୍,୨ ମୃତ

ଖଲ୍ଲିକୋଟ,୧୫।୧(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ମୁକୁନ୍ଦପୁର ଛକରେ ଗୁରୁବାର ଭାରସାମ୍ୟ ହରାଇ ଏକ ବାଇକ୍ ରାସ୍ତାକଡ଼ରେ ଥିବା ଗଛରେ ପିଟି ହେବାରୁ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଖଲ୍ଲିକୋଟ ଥାନା କେଶପୁର ପାଟଣା ସାହିର ଶୁଭମ୍ ସାହୁ ଓ ଅମିତ୍ ସାହୁ। ସୂଚନାନୁଯାୟୀ, ସନ୍ଧ୍ୟା ପ୍ରାୟ ୫ଟାରେ ଶୁଭମ୍ ଓ ଅମିତ୍ ଏକ ବାଇକ୍‌ରେ ସାନଘାଟି ପଟୁ ଖଲ୍ଲିକୋଟ ଆସୁଥିଲେ। ମୁକୁନ୍ଦପୁର ଛକରେ ଭାରସାମ୍ୟ ହରାଇବାରୁ ବାଇକ୍‌ଟି ରାସ୍ତାକଡ଼ ଗଛରେ ଧକ୍କା ହୋଇଥିଲା। ଫଳରେ ଶୁଭମ୍ ଓ ଅମିତ୍ ଗଛରେ ପିଟିହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଖଲ୍ଲିକୋଟ ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

# ନିପା ଭାଇରସ୍‌କୁ ନେଇ ଭୟଭୀତ ହୁଅନ୍ତୁ ନାହିଁ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୫।୧ (ବନ୍ଦନା ସେଠୀ)

ପଶ୍ଚିମବଙ୍ଗରେ ନିପା ଭାଇରସ୍ ଆତଙ୍କ ଦେଖିବାକୁ ମିଳିଛି। ୨ଜଣ ସ୍ୱାସ୍ଥ୍ୟକର୍ମୀଙ୍କଠାରେ ଏହି ଭୂତାଣୁ ଚିହ୍ନଟ ହୋଇଛି। ତେବେ ପଡୋଶୀ ରାଜ୍ୟ ହୋଇଥିବାରୁ ଏବେ ଓଡ଼ିଶାରେ ଏହାକୁ ନେଇ ଭୟ ବଢ଼ିଛି। ହେଲେ ଓଡ଼ିଶାକୁ ନିପା ଭାଇରସ୍ ବ୍ୟାପିନି, ତେଣୁ ଭୟଭୀତ ନ ହେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, କେନ୍ଦ୍ର ସରକାର ଏ ଯାଏ ଏନେଇ କୌଣସି ନିର୍ଦ୍ଦେଶନାମା ଜାରି କରି ନାହାନ୍ତି। ୨୦୨୩ରେ ଯାହା ମାର୍ଗଦର୍ଶିକା ଆସିଥିଲା, ତାହା ପାଳନ କରାଯାଉଛି। କେନ୍ଦ୍ର ନିର୍ଦ୍ଦେଶ ନ ଦେବା ଯାଏ ଓଡ଼ିଶାରେ କୌଣସି ଅସୁବିଧା ହେବାର ନାହିଁ। ଭାରତ ସରକାରଙ୍କ ଏକ ଟିମ୍ ପଶ୍ଚିମବଙ୍ଗ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଏହା ଉପରେ ପଦକ୍ଷେପ ନେଉଛନ୍ତି। ଓଡ଼ିଶା ସରକାର ମଧ୍ୟ କେନ୍ଦ୍ର ସହ ଯୋଗାଯୋଗରେ ଅଛନ୍ତି। ପଶ୍ଚିମବଙ୍ଗରେ ମାତ୍ର ଦୁଇଟି ମାମଲା ଆସିଥିବାବେଳେ ଏହା ବ୍ୟାପିବାର ଖବର ଆସିନାହିଁ। ତେଣୁ ଓଡ଼ିଶାରେ ବର୍ତ୍ତମାନ ନିପାକୁ ନେଇ କୌଣସି ଭୟ କରିବାର ଆବଶ୍ୟକତା ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



**ଆୟୁଷ ଅଂଶୁମାନ ପାଢ଼ୀ (ପ୍ରିନ୍ସ)**
ଲୋଧାଚୂଆ, ରଣପୁର, ନୟାଗଡ଼
ଆଜି ତୋର ୧୩ତମ ଜନ୍ମଦିନ ଶୁଭ ଅବସରରେ ଆମ୍ଭେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଜୀବନ ସୁଖମୟ, ଦୀର୍ଘାୟୁ ଓ ଚଲାପଥ କୁସୁମିତ ହେଉ।
-:ଶୁଭେଚ୍ଛା ସହ :-
ଜେଜେ, ଜେଜେମା', ବାବା, ମାମା, ବଡବାବା, ବଡମାମା, ମାମୁ, ମାଈଁ, ଅଜା, ଆଇ ଓ ପରିବାରବର୍ଗ।
ଧ-୨୩୬


# ବିଜିୟୁ, ଗୁଗଲ୍ ଡେଭଲପର ପକ୍ଷରୁ 'ଜେନ୍-ଏଆଇ ହାକାଥନ୍'

ଭୁବନେଶ୍ୱର,୧୫।୧ (ଅନୁରାଧା ମହାରଣା)

- ଆଇଆଇଆଇଟି ଭୁବନେଶ୍ୱରର ଟିମ୍ ପ୍ରଥମ
- ସିଜିୟୁ ପ୍ରଥମ ରନର ଅପ୍, ବିଜିୟୁ ଦ୍ୱିତୀୟ ରନରଅପ୍

ବିର୍ଲା ଗ୍ରୁପ୍‌ର ପ୍ରମୁଖ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି (ବିଜିୟୁ) କ୍ୟାମ୍ପସରେ ଗୁଗଲ୍ ଡେଭଲପର୍ ଗ୍ରୁପ୍ (ଜିଡିଜି) ସହଯୋଗରେ 'ନେକ୍ସଟ୍ ମାଇଣ୍ଡ ୧୨ ଜେନ୍-ଏଆଇ ହାକାଥନ୍' ଅନୁଷ୍ଠିତ ହୋଇଯାଇଛି। ଏହି ୧୨ ଘଣ୍ଟିଆ ନବୋନ୍ମେଷମୂଳକ ହାକାଥନ୍‌ରେ ଓଡ଼ିଶାର ବିଭିନ୍ନ ୟୁନିଭର୍ସିଟି ଓ ଶିକ୍ଷା ପ୍ରତିଷ୍ଠାନର ପ୍ରତିଭାଶାଳୀ ଛାତ୍ର ଡେଭଲପରମାନେ ଅଂଶଗ୍ରହଣ କରିଥିଲେ। ଏଥିରେ 'ଏଡ୍‌ଟେକ୍' ଏବଂ 'ଫିନ୍‌ଟେକ୍' ନାମକ ଦୁଇଟି ମୁଖ୍ୟ ଶ୍ରେଣୀ ଥିଲା, ଯେଉଁଥିରେ ଅଂଶଗ୍ରହଣକାରୀମାନେ ଜେମିନାଇ ଓ ଗୁଗଲ୍ କ୍ଲାଉଡ୍ ସହିତ ଆଧୁନିକ ଗୁଗଲ୍ ପ୍ରଯୁକ୍ତି ବ୍ୟବହାର କରି ବାସ୍ତବ ଜଗତରେ ପ୍ରୟୋଗଯୋଗ୍ୟ ଓ ବିସ୍ତାରଯୋଗ୍ୟ ସମାଧାନ ପ୍ରସ୍ତୁତି କରିଥିଲେ। ୨୦ଟି ଟିମ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ପ୍ରଯୁକ୍ତିବିଦ୍ୟା ଦକ୍ଷତା ଓ ସୃଜନଶୀଳତାର ପ୍ରଦର୍ଶନ କରିଥିବାବେଳେ ଆଇଆଇଆଇଟି ଭୁବନେଶ୍ୱର ଟିମ୍ ପ୍ରଥମ ସ୍ଥାନ ଅଧିକାର କରି ଟ୍ରଫି ସହିତ ୨୫,୦୦୦ ଟଙ୍କା ନଗଦ ପୁରସ୍କାର ପାଇଥିଲା। ସେହିପରି ସିଭି ରମଣ ଗ୍ଲୋବାଲ୍ ୟୁନିଭର୍ସିଟି (ସିଜିୟୁ) ପ୍ରଥମ ରନର ଅପ୍ ହୋଇ ୧୫୦୦୦ ଟଙ୍କା ଏବଂ ବିଜିୟୁ ଦ୍ୱିତୀୟ ରନରଅପ୍ ଭାବେ ୧୦,୦୦୦ ଟଙ୍କା ପୁରସ୍କାର ରାଶି ପାଇଛି। କାର୍ଯ୍ୟକ୍ରମର ବିଚାରକ ମଣ୍ଡଳୀରେ ବାଇଟ୍ ଆଇକ୍ୟୁ ଆନାଲିଟିକ୍ସର ସିଇଓ ଆର୍ଯ୍ୟ ବେଦବ୍ରତ, ଏଫ୍ଏକ୍ସୟୁଏଭିର ନିର୍ଦ୍ଦେଶକ ଶୁଭମ୍ ଆଚାର୍ଯ୍ୟ, ଉବଲ୍‌ର ସିଇଓ ଆକାଶ ଜୟସ୍ୱାଲ୍ ଏବଂ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍‌ର ସିନିୟର କନ୍‌ସଲଟାଣ୍ଟ ସ୍ମୃତି ରଞ୍ଜନ ଧଳ ଯୋଗଦେଇଥିଲେ। ଏହି ଅବସରରେ ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନୀ କହିଛନ୍ତି, 'ଅନୁଭୂତିମୂଳକ ଶିକ୍ଷା ପ୍ରଣାଳୀ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପରିବର୍ତ୍ତିତ ଭବିଷ୍ୟତ ପାଇଁ ଯୁବ ନବୋନ୍ମେଷକମାନଙ୍କୁ ପ୍ରସ୍ତୁତ କରିବାରେ ବହୁ ଗୁରୁତ୍ୱ ବହନ କରୁଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଡିନ୍ ପ୍ରଫେସର ସଞ୍ଜୟ କୁଅଁର କହିଲେ, ନେକ୍ସଟ୍ ମାଇଣ୍ଡ ୧୨ ଜେନ-ଏଆଇ ହାକାଥନ୍ କ୍ଲାସରୁମ୍ ଶିକ୍ଷାକୁ ବାସ୍ତବ ଜଗତ ସହିତ ଯୋଡ଼ିଥାଏ। ଏପରି ପଦକ୍ଷେପ ଛାତ୍ରୀଛାତ୍ରଙ୍କୁ ସହଯୋଗ, ସୃଜନଶୀଳତା ଓ ନବୋନ୍ମେଷ ପାଇଁ ପ୍ରେରଣା ଦେବା ସହ ଅନୁଭୂତିକୁ ବ୍ୟବହାରିକ ସମାଧାନରେ ପରିଣତ କରିବାର ସୁଯୋଗ ପ୍ରଦାନ କରିଥାଏ।

# ଟାଙ୍ଗିଆ ଚୋଟରେ ୨ ଗୁରୁତର: ବାପ ପୁଅ ଗିରଫ

ଛେଣ୍ଡିପଦା,୧୫।୧(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମା' କୁ ଅସଦାଚରଣ ହେଉଥିବା ଦେଖି ଟାଙ୍ଗିଆରେ ଆକ୍ରମଣ କରିବା ଅଭିଯୋଗରେ ବାପ ପୁଅଙ୍କୁ ଗିରଫ କରିଛି ଛେଣ୍ଡିପଦା ପୋଲିସ। ଗିରଫ ଅଭିଯୁକ୍ତ ହେଲେ କମ୍ପସଲା ଗାଁର ପ୍ରଦୀପ ନାଏକ (୪୫)ଓ ତାଙ୍କ ପୁଅ ଶଙ୍କର ନାଏକ(୨୦)।

ସୂଚନା ଅନୁଯାୟୀ, ବୁଧବାର ରାତି ୮ଟା ବେଳେ ପ୍ରଦୀପଙ୍କ ଘରକୁ ଦେଶୀ ମଦ ପିଇବାକୁ ଗାଁର ଚେଣ୍ଟୁ ମୁଖି ଓ ସୁରଜ ମୁଖି ଯାଇଥିଲେ। ପ୍ରଦୀପଙ୍କ ସ୍ତ୍ରୀ ସେମାନଙ୍କୁ ମଦ ଦେବାକୁ ମନା କରିବାରୁ ଚେଣ୍ଟୁ ଓ ସୁରଜ ତାଙ୍କୁ ଅସଭ୍ୟ ଭାଷାରେ ଗାଳି କରିବା ସହ ଅସଦାଚରଣ କରିଥିଲେ। ଏହାଦେଖି ଶଙ୍କର ଓ ବାପା ପ୍ରଦୀପ ଏକ ଟାଙ୍ଗିଆ ନେଇ ଚେଣ୍ଟୁ ଓ ସୁରଜଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଉଭୟ ଗୁରୁତର ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘଟଣାସ୍ଥଳରେ ପଡ଼ିଥିଲେ। ଖବର ପାଇ ପୋଲିସ ଗୁରୁତର ଆହତଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ଓ କଟକ ସ୍ଥାନାନ୍ତର କରିଛି। ଏନେଇ ସୁରଜଙ୍କ ଭାଇ ବାବୁଲି ମୁଖି ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଛେଣ୍ଡିପଦା ଥାନା କେସ୍ ନଂ ୨୦/୨୬ରେ ଏକ ମାମଲା ରୁଜୁ କରିବା ସହ ଟାଙ୍ଗିଆରେ ଆକ୍ରମଣ ଅଭିଯୋଗରେ ପୋଲିସ ପ୍ରଦୀପ ଓ ଶଙ୍କରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।


# Classified Everyday

0674-2580101, 9692975378




REAL ESTATE

SALE

Semi- Commercial Land for Sale at ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614. D-3115

READY TO MOVE 3BHK DUPLEX BUNGALOW, 3 ATTACHED TOILETS, PARKING. BOTANDA, SUNDARAPADA, BHUBANESUAR. RANGING RS 1.25CR. CONTACT: 9861125539/ 9040521173. D-76088

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




All types of physiotherapy and massage. Contact: 9556924059/ 7656969134. D-3075

LOST

I, Jogeswar Garnaik, S/o.- Late Bholeswar Garnaik, resident of Vill.- Khajurijora, P.S.- Thaurgarh, Dist.- Angul, Odisha declare that original sale deed vide document No.- 2918/1999 of Plot No.- 301 of Mouza- Sipasurubali, Khata No.- 57, Tahasil- Puri Sadar, Dist.- Puri have been lost in somewhere. If anyone finds it kindly contact to my address. D-76886

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Pallavi Ghosh have lost Original B.Tech Degree Certificate year 2012 with Regd. No.- 0801303071 near Sisupalgarh, BBSR. Founder Please contact on 9439301777. D-76888

AFFIDAVIT

I, Soumya Ranjan Das, S/o.- Tapas Kumar Das, R/o.- Pradhanpara, Ward No.- 27, P.O.- Budharaja, P.S.- Ainthapali, District- Sambalpur declare by this affidavit No.- 37, dated 15.01.2026 that now onwards my father shall be known as **Tapas Kumar Das** instead of Tapas Ku Das for all future purposes. D-3116

I, Helina Sahoo, D/o.- Tapan Kumar Sahoo (father) and Jhilirani Sahoo (mother), R/o.- Malipada, Fatak, P.O.- Budharaja, P.S.- Town, Dist.- Sambalpur- 768004, declare by this affidavit No.- 162, Dtd.- 15.01.2026 that now onwards my mother shall be known as **Jhilirani Sahoo** instead of Jhili Sahoo for all future purposes. D-3117

I, SASMITA PRUSTY spouse of Tanmaya Kumar Prusty resident of Plot No. 255- P, Fishery Lane 1, Chintamaniswar, Bhubaneswar, ODISHA have changed my name from SASMITA NAYAK to SASMITA PRUSTY vide affidavit dtd.- 12.01.2026 before Executive Magistrate, Bhubaneswar. D-235

By virtue of an affidavit sworn before Executive Magistrate, Bhubaneswar, dated- 15.01.2026, I, Smita Pattanayak, W/o.- Mr. Anil Kumar Pattanayak, Resident of Plot No.- 12/2373/2940, Gadamahavir Road, Garage Chak, Sisupalgarh, P.S.- Shree Lingaraj, Bhubaneswar- 751002, Dist.- Khordha, Odisha decalre that I have changed my name from Smita Behera to Smita Pattanayak. Henceforth, I shall be known as Smita Pattanayak for all purposes.
Smita Pattanayak D-3121

By virtue of an affidavit before the Executive Magistrate, Bhubaneswar vide No.- 6 dtd.- 15.01.26, I, Mohanty Sanjana Suresh, D/o.- Suresh Kumar Mohanty, At/P.O.- Bangida, P.S./Dist.- Khordha, Odisha, PIN- 752056 have changed my name from Sanjana Sureshkumar Mohanty to Mohanty Sanjana Suresh. Henceforth, I shall be known as Mohanty Sanjana Suresh for all purposes. D-75858

By virtue of an affidavit sworn before the Notary Public, Nuapada, affidavit No. 24, dated- 13.01.26, I, Kavya Agrawal, D/o.- Mohan Lal Sitani, W/o.- Rytham Agrawal, R/o.- Khariar Road, Dist.- Nuapada, Odisha declare that after marriage I have changed my name from Kavya Sitani to Kavya Agrawal. Henceforth, I shall be known as KAVYA AGRAWAL for all purpose.
Kavya Agrawal D-3120

By virtue of an affidavit sworn before Executive Magistrate, Ganjam, dated- 29.05.2025, I, Sushila Pradhan, W/o.- Raghu Pradhan, Resident of At- Puintola Sana Sahi, P.O./P.S/Dist.- Ganjam, Odisha- 761026 declare that I have changed my name from Budhi Pradhan to Sushila Pradhan. Henceforth, I shall be known as Sushila Pradhan for all purposes.
Sushila Pradhan D-3119


By virtue of an affidavit sworn before the Executive Magistrate, Angul, Odisha on dated 07.01.2026 having bearing No. 99, I, Babita Sahu, Vill.- Madhapur, P.O.- Dhokuta, P.S.- Bantala, District- Angul declare that my actual name is Babita Sahu. Babita Sahu may be use for all official dealings. I shall be known as Babita Sahu for all purposes.
Sd./- Babita Sahu D-3118

**ପାଠକଙ୍କ ପାଇଁ ସୂଚନା:-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶ୍ୟାମସୁନ୍ଦର ଭୋଇ**
ନୟାପଲ୍ଲୀ,ଭୋଇ ସାହି ଭୁବନେଶ୍ୱର
ଆବିର୍ଭାବ- ୧୫।୦୩।୧୯୬୨
ତିରୋଧାନ- ୧୬।୦୧।୨୦୨୫
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଇତି ହତଭାଗ୍ୟ ପୁତ୍ର- ସିମାଞ୍ଚଳ, ଶୋକାତୁର ବନ୍ଧୁବାନ୍ଧବ ଓ ପରିବାରବର୍ଗ (ସ୍ତ୍ରୀ- ମନୋରମା), (କନ୍ୟା- ଜ୍ୟୋତି, ପପି), (ଜ୍ୱାଇଁ- ବିସ୍ମୟ), (ନାତୁଣୀ- ହୋମୀ)
ଧ-୭୬୦୮୯

**ନବମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ ପ୍ରଫେସର, ଡଃ. କୃଷ୍ଣ କୁମାର ମହାନ୍ତି**
ଆବିର୍ଭାବ : ୨୧.୦୩.୧୯୪୦
ତିରୋଧାନ : ୨୫.୦୧.୨୦୧୭
ନୈନଂ ଛନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା କରୁଛୁ।
-: ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ :-
ବନ୍ଧୁ ଓ ପରିବାରବର୍ଗ
D- 3111

**ଏକାଦଶାହ ଉପଲକ୍ଷେ**



**ସ୍ୱ ଗଙ୍ଗାଧର ପରିଡ଼ା**
ଆବିର୍ଭାବ- ୦୧।୦୩।୧୯୪୮
ତିରୋଧାନ- ୦୬।୦୧।୨୦୨୬
ବାପା, ତୁମ ଅବର୍ତ୍ତମାନରେ ଆମ ଜୀବନରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ମୋହମାୟା ଭରା ଅନ୍ଧକାର ସଂସାରରେ ତୁମର ନୀତି, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନୁଶାସନ ଓ ଆଶୀର୍ବାଦ ଆମ ପାଇଁ ପଥପ୍ରଦର୍ଶକ ହେଉ।
-:ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ:-
ପତ୍ନୀ, ପୁତ୍ର ତଥା ପରିବାର ଓ ଆତ୍ମୀୟସ୍ୱଜନ।
D- 3121

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ....**



**ସ୍ୱ ସନ୍ଧ୍ୟାରାଣୀ ମିଶ୍ର**
ସ୍ୱାମୀ : ସ୍ୱ ମହେନ୍ଦ୍ର ମିଶ୍ର
ଆବିର୍ଭାବ : ୦୭.୦୭.୧୯୪୦
ତିରୋଧାନ : ୦୭.୦୧.୨୦୨୬
ବୋଉ ତୁମେ ଯିବାର ଦଶଦିନ ହୋଇଗଲାଣି । ଖାଲି ମାଆ ହିସାବରେ ନୁହେଁ ଜଣେ ଶୁଭାକାଂକ୍ଷୀ ଓ ଶୁଭଚିନ୍ତକ ଭାବରେ ଆମ ଜୀବନରେ ଆପଣଙ୍କ ସାହାଯ୍ୟ ଆମ ପାଇଁ ଅବିସ୍ମରଣୀୟ । ତାହା ଆମେ କେବେ ଭୁଲି ପାରିବୁ ନାହିଁ । ପ୍ରତ୍ୟେକ ମୁହୂର୍ତ୍ତରେ ତୁମେ ମନେ ପଡ଼ିବ । ତୁମେ ଯେଉଁଠି ବି ଥାଅ ଭଲରେ ଥାଅ ଓ ଆମମାନଙ୍କୁ ଆଶୀର୍ବାଦ କରୁଥାଅ ଜଗନ୍ନାଥ ତୁମକୁ ଆଶ୍ରିତ କରିଥାଆନ୍ତୁ ।
ଶ୍ରଦ୍ଧାଞ୍ଜଳି ସହ
ହତଭାଗ୍ୟ ପୁତ୍ର - ସୌମେନ୍ଦ୍ର ମିଶ୍ର
ବୋହୂ, କନ୍ୟା,ଜ୍ୱାଇଁ, ନାତି, ନାତୁଣୀ, ଅଣନାତି, ଅଣନାତୁଣୀ, ବନ୍ଧୁ ବାନ୍ଧବ ଓ ପରିବାରବର୍ଗ
D- 3111

**ଏକାଦଶାହ ଉପଲକ୍ଷେ**



**ସ୍ୱ ଅଞ୍ଜଳି ମହାନ୍ତି**
ପ୍ଲଟ ନଂ. ୩୮୪୫/୧୧, ପରିଜାତ ବ୍ୟାଙ୍କ କଲୋନି, ପାଣ୍ଡ୍ରା ରୋଡ, ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ:ତା୨୯.୦୧.୧୯୫୪
ତିରୋଧାନ:ତା୦୬.୦୧.୨୦୨୬
ଆପଣଙ୍କ ସ୍ନେହ,ଶ୍ରଦ୍ଧା, ଭଲପାଇବା ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ଠାରେ ପ୍ରାର୍ଥନା।
-: ଶ୍ରଦ୍ଧାଞ୍ଜଳି ସହ :-
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
D- 3111

**ଶତାୟୁ ମାତାଙ୍କୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଇନ୍ଦୁମଣି ଦେଇ**
ପୁରୀ ସହର, ବାସେଳି ସାହି
ଆବିର୍ଭାବ- ୦୧।୦୯।୧୯୨୫
ତିରୋଧାନ- ୦୬।୦୧।୨୦୨୬
ଶତାଧିକ ବର୍ଷ ଜୀବନର ଗାଥା,
ମା' ଇନ୍ଦୁମଣି ଥିଲେ ସ୍ନେହର ପରିଭାଷା।
ଦେହ ନାହିଁ ଆଜି, ଆଶୀର୍ବାଦ ରହିଲା,
ଭଗବାନଙ୍କ କୋଳେ ଆତ୍ମା ଶାନ୍ତି ପାଇଲା।
ଆପଣଙ୍କ ପ୍ରଫୁଲ୍ଲ ଚନ୍ଦ୍ର ସାହୁ (ନାତି), କୁନି, ମାମିନା, ଜ୍ୟୋତ୍ସ୍ନା, ଝିଅ, ବାପି, ନାତି, ନାତୁଣୀ, ଅଣନାତି, ଅଣନାତୁଣୀ ସହିତ ପରିବାରବର୍ଗ।
D- 3114

# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ଷ୍ଟ୍ରବେରି ଚାଷ

ଭୁବନ, ୧୫।୧ (ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ବ୍ଲକର ମହୁଲପାଳ କଣପାଳ ପଞ୍ଚାୟତରେ ଷ୍ଟ୍ରବେରି ଚାଷ କରି ମହିଳା ଚାଷୀମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଭୁବନ ବ୍ଲକ ପ୍ରଶାସନ ଓ କୃଷି, ଉଦ୍ୟାନ ବିଭାଗ ସହଯୋଗରେ ମହିଳାମାନେ ଏହି ଅଞ୍ଚଳରେ ଷ୍ଟ୍ରବେରି ଚାଷ କରି ବେଶ ଲାଭବାନ ହୋଇଛନ୍ତି । ଭୁବନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆୟୁଷୀ ମହାପାତ୍ର ସୁଭଦ୍ରା ଯୋଜନାରେ ସରକାରୀ ସହାୟତା ପାଉଥିବା ମହିଳାମାନଙ୍କୁ ଏହି ପ୍ରେରଣା ଦେବା ସହିତ ଚାଷ ସହ ସଂଯୋଗ ଥିବା ବିଭାଗକୁ ସାମିଲ କରି ପ୍ରୟାସ ଆରମ୍ଭ କରିଥିଲେ। ଭୁବନ ବ୍ଲକର ମହୁଲପାଳ ପଞ୍ଚାୟତ କଣପାଳ ଗ୍ରାମର ମା' ଚର୍ଚ୍ଚିକା ସ୍ୱୟଂସହାୟକ ଗୋଷ୍ଠୀ ଓ ଶହୀଦ ବୀର ବାଜି ରାଉତ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନଙ୍କୁ ଏହି ଚାଷ କରିବା ପାଇଁ ପ୍ରେରଣା ଦେଇଥିଲେ। ଚାଷ ପାଇଁ ହିମାଞ୍ଚଳ ପ୍ରଦେଶରୁ ଚାରା ଅଣାଯାଇଥିଲା । ମହିଳାମାନେ ଏହି ଚାଷ କରିବା ପାଇଁ ଋଣ କରି ଚାଷ ଆରମ୍ଭ କରିଥିଲେ ମଧ୍ୟ କାଳେ କ୍ଷତିହେବ ସେ ନେଇ ମନରେ ସନ୍ଦେହ ଥିଲା। ଏହି ଚାଷ ନଭେମ୍ବର ମାସରୁ ଆରମ୍ଭ ହୋଇଥିଲା। ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ମହିଳାମାନେ ସୁଚାରୁ ରୂପେ ଚାଷ କରି ୨ମାସ ହେବ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଷ୍ଟ୍ରବେରି ବିକ୍ରି କରିସାରିଲେଣି । ଆଗାମୀ ଦିନରେ ଲକ୍ଷାଧିକ ଟଙ୍କାର ଷ୍ଟ୍ରବେରୀ ଆମଦାନୀ ହେବ ବୋଲି ଚାଷୀମାନେ ଆଶାପ୍ରକାଶ କରିଛନ୍ତି । ଅଧିକ ଚାଷ କରିବା ସହିତ ବିଭିନ୍ନ ଫଳ ଚାଷ କରି ବ୍ଲକର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ବିଡିଓ ମହାପାତ୍ର ସଚେତନ କରାଇଥିଲେ। ସେଥିରେ କୃଷି ଓ ଉଦ୍ୟାନ ବିଭାଗର କର୍ମକର୍ତ୍ତା ପାର୍ବତୀ ବରିଆ ଓ ବ୍ଲକ ପ୍ରୋଜେକ୍ଟ ଅଫିସର ସୁଚିତ୍ରା ମହାପାତ୍ରଙ୍କ ସମେତ ମହୁଲପାଳ ପଞ୍ଚାୟତ ଏମବିକେ ଲିପିକା ପରିଡ଼ା ପହଞ୍ଚି ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଏହାପରେ ବିଭିନ୍ନ ଦାମୀ ପିଜୁଳି ଚାଷ କରିବେ ବୋଲି ମହିଳାମାନେ ବିଡିଓଙ୍କ ସହ ଆଲୋଚନା କରିଛନ୍ତି।

# ବ୍ୟାସକବିଙ୍କ ଜନ୍ମବାର୍ଷିକୀ ପାଳିତ


ଢେଙ୍କାନାଳ, ୧୫।୧ (ରତନ ନାୟାର)



ଫକୀର ମୋହନ ସ୍ମୃତି ସାଧନା ଏବଂ ଜିଲା ପାଠାଗାର ପରିସରରେ ଢେଙ୍କାନାଳରେ ସାହିତ୍ୟିକ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜନ୍ମବାର୍ଷିକୀ ବୁଧବାର ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ତରଫରୁ ଉପ ବିଭାଗୀୟ ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ଶ୍ରୀନିବାସ ରାଉତ, ଜିଲା ଲେଖକ ସଂଘର ତରଫରୁ ବସନ୍ତ କୁମାର ପଟ୍ଟନାୟକ, ହୃଦାନନ୍ଦ ଦ୍ୱିବେଦୀ, ଭିକାରୀ ଚରଣ ରାଉତ, ଦୀପ୍ତିଶ ପଟ୍ଟନାୟକ, ଅଞ୍ଜନ କୁମାର ସାହୁ, ମାନସ କର, ଉପାସନା ସାମଲ, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ବୈଜୟନ୍ତୀ ପଟ୍ଟନାୟକ, ବିପିନ ଶତପଥୀ, ବୈକୁଣ୍ଠ ବିହାରୀ ସ୍ୱାଇଁ ଓ ଜ୍ୟୋତିର୍ମୟୀ ନାଥ ଯୋଗଦେଇ ଫକୀର ମୋହନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଧୁନିକ ଓଡ଼ିଆ ସାହିତ୍ୟର ମୂଳଦୁଆ ସ୍ଥାପନ କରିବାରେ ଫକୀର ମୋହନ ସେନାପତିଙ୍କ ଅଗ୍ରଣୀ ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଆଧୁନିକ ଓଡ଼ିଆ ସାହିତ୍ୟର ଜନକ ଭାବରେ ବିବେଚିତ ଫକୀର ମୋହନ ସେନାପତି ସଂସ୍କୃତ ମହାକାବ୍ୟ ମହାଭାରତ, ରାମାୟଣ ଏବଂ ଭଗବଦ ଗୀତାକୁ ସରଳ ଏବଂ ସୁଗମ ଓଡ଼ିଆ ପଦ୍ୟରେ ଅନୁବାଦ କରିଥିଲେ । ଯାହାଦ୍ୱାରା ଶାସ୍ତ୍ରୀୟ ଜ୍ଞାନକୁ ଜନସାଧାରଣଙ୍କ ନିକଟତର କରି ଓଡ଼ିଆ ପରିଚୟ ଏବଂ ଜାତୀୟତାବାଦକୁ ସୁଦୃଢ଼ କରିଥିଲା । ଫକୀର ମୋହନ ସେନାପତି ତାଙ୍କ କର୍ମମୟ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଢେଙ୍କାନାଳରେ ବିତାଇଥିଲେ । ଯେଉଁଠାରେ ସେ ମହାଭାରତକୁ ଓଡ଼ିଆ ଭାଷାରେ ଅନୁବାଦ କରିବାର ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ ବୋଲି ଅତିଥି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

# ଭଗୀରଥ ସାଗରରେ ବିଦେଶାଗତ ପକ୍ଷୀ

ଢେଙ୍କାନାଳ, ୧୫।୧ (ରତନ ନାୟାର)



ଢେଙ୍କାନାଳ ସହରର ମଧ୍ୟସ୍ଥଳରେ ୧୦ ଏକରରୁ ଊର୍ଦ୍ଧ୍ୱ ସ୍ଥାନରେ ରହିଛି ଢେଙ୍କାନାଳର ପ୍ରତୀଥଯଶା ମହାରାଜା ଭଗୀରଥ ମହିନ୍ଦ୍ରବାହାଦୁରଙ୍କ ନାମରେ ନାମିତ ଭଗୀରଥ ସାଗର ବା ନୂଆପୋଖରୀ। ଏହି ପୁଷ୍କରିଣୀକୁ ସଂପ୍ରତି ବିଦେଶାଗତ ଶୀତଦିନିଆ ପକ୍ଷୀଙ୍କ କଳରବରେ ମୁଖରିତ ହୋଇଉଠିଛି । ଶହଶହ ସଂଖ୍ୟାରେ ହଂସରାଳି ପ୍ରଜାତିର ପକ୍ଷୀ ଏଠାରେ ଜଳକ୍ରୀଡା କରୁଛନ୍ତି । କିନ୍ତୁ ଦୁଃଖର କଥା ଗତ ଦୁଇବର୍ଷ ଧରି ଏହି ପୁଷ୍କରିଣୀର ପୁନରୁଦ୍ଧାର ଓ ଖନନ କାର୍ଯ୍ୟ ପୌରସଂସ୍ଥା ଦ୍ୱାରା ଶେଷ ହୋଇପାରିନାହିଁ । ଏବେ ବି ପୁଷ୍କରିଣୀ ମଧ୍ୟରେ ଠାଏଁ ଠାଏଁ ମାଟିଗଦା ହୋଇରହିଛି। ସମାନ ପତନରେ ମାଟି ଖନନ ହୋଇନାହିଁ । ପୁଷ୍କରିଣୀ ଚାରିପଟେ ପକ୍କା ରାସ୍ତା ରହିଛି। ଏହା ଏଭଳି ଏକ ପୁଷ୍କରିଣୀ ଯାହାର ମଧ୍ୟ ଭାଗରେ ଚନ୍ଦନ ମନ୍ଦିର ରହିଛି। ଏହା ସଂଲଗ୍ନରେ ଶ୍ରୀ ସିଦ୍ଧ ବଳରାମଙ୍କ ଭବ୍ୟ ପ୍ରତିକୃତି ନିର୍ମାଣ କରାଯାଇ ୪୫୦ବର୍ଷ ତଳେ ପ୍ରଭୁଙ୍କର ଢେଙ୍କାନାଳ ଆଗମନ ସମ୍ବନ୍ଧୀୟ କାହାଣୀ ଉପରେ ଏକ ଲେଜର୍ ଲାଇଟ୍ ଶୋ କରିବା ପାଇଁ ପୌରସଂସ୍ଥାର ଦୃଷ୍ଟି ଆକର୍ଷଣ କରାଯାଉଛି। ଢେଙ୍କାନାଳ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଅଶୋକ ନନ୍ଦ ଓ ଏହାର ସଭ୍ୟବୃନ୍ଦ ଆଶାପ୍ରକଟ କରିବା ସହ ଏଥିପାଇଁ ଦାବି କରିଛନ୍ତି । ପୁଷ୍କରିଣୀ କୂଳରୁ ଚନ୍ଦନ ମନ୍ଦିର ଯାଏଁ ଏକ ଷ୍ଟିଲ୍ ସେତୁ ନିର୍ମାଣ କରାଗଲେ ଗ୍ରୀଷ୍ମକାଳରେ ଏହା ଅଧିକ ଉପଭୋଗ୍ୟ ହୋଇପାରନ୍ତା ।

# କପିଳାସ ପୀଠରୁ ଶୁଭାରମ୍ଭ ହେଲା ମଗ୍‌ଜି ଦିବସ

ଢେଙ୍କାନାଳ, ୧୫।୧ (ରତନ ନାୟାର)



ଢେଙ୍କାନାଳ ମଗଜି ପ୍ରେମୀଙ୍କ ଦ୍ୱାରା କପିଳାସ ଶ୍ରୀଶ୍ରୀ ଚନ୍ଦ୍ରଶେଖରଙ୍କ ପୀଠରୁ ବୁଧବାର ପୂର୍ବାହ୍ନରେ ପୂଜାର୍ଚ୍ଚନା ସହିତ ମଗଜି ବଣ୍ଟନ କରାଯାଇ ବିଶ୍ୱ ମଗଜି ଦିବସ ପାଳନର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଢେଙ୍କାନାଳ ମିଠା ଦୋକାନୀ ସଂଘ ଓ ଜନସାଧାରଣ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଭାବେ ଓୟୁଏଟିର କୁଳପତି ପ୍ରଫେସର୍ ଡ. ପ୍ରଭାତ କୁମାର ରାଉଳ ଯୋଗଦେଇ ମଗ୍‌ଜି ମିଠା ଓ ଏହାର ସ୍ୱାଦ ନିଆରା । ଏହି ଦିବସକୁ ଏକ ଆଧ୍ୟାତ୍ମିକ ପରିବେଶରେ ପାଳନ କରାଯାଇ ସାଧୁବାଦ ଜଣାଇବା ସହିତ ପ୍ରସାର ପ୍ରଚାର ଦିଗରେ ସମସ୍ତ ପ୍ରକାରର ସହଯୋଗ କରିବେ ବୋଲି ମତ ରଖିଥିଲେ। ଆଇଏଏସ୍ ପ୍ରୋବେଶନର ଭଗତ ସାମଲ କଲ୍ୟାଣରାଓ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ଡ. ଦିବ୍ୟସୁନ୍ଦର କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦିବସକୁ ଲୋକାଭିମୁଖୀ କରିବା ପାଇଁ ଜିଲା ପ୍ରଶାସନ ଏବଂ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ମଗଜି ସପ୍ତାହ' ପାଳନ ହେବା ୨୦ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, କାର୍ଯ୍ୟାଳୟରେ ପ୍ରଚାର ଓ ପ୍ରସାର କରାଯିବାକୁ ସ୍ଥିର ହୋଇଛି। ଇଂ. ସୌମ୍ୟବ୍ରତ ସାହୁଙ୍କ ଆବାହକତ୍ୱରେ ଢେଙ୍କାନାଳ ମିଠା ଦୋକାନୀ ସଂଘର ସଭାପତି ଜୟପ୍ରକାଶ ସାହୁ, ହୃଷୀକେଶ ସାହୁ, ବଳରାମ ସାହୁ, ପ୍ରସିତ କୁମାର ସାହୁ, ସୋମନାଥ ସାହୁ, ଶିବାନନ୍ଦ ସାହୁ, ଶଶିକାନ୍ତ, ମନୋଜ ସାହୁ, ଯଶୋବନ୍ତ ସାହୁ, ଜ୍ୟୋତିରାମ ସିଂ, ପ୍ରଦୀପ ବେହେରା ଓ ସଦସ୍ୟମାନେ ସହଯୋଗ କରିଥିଲେ । । ଶେଷରେ ସମ୍ପାଦକ ଜିତେଶ କୋଟାକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରୁଣା ଅମାଙ୍ଗ ସିଦ୍ଧ ରାମଚଣ୍ଡୀ ପୀଠରେ ମକର ମେଳା

ଗଁଦିଆ, ୧୫।୧ (ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଖଣ୍ଡବନ୍ଧ ପଞ୍ଚାୟତର ପୁରୁଣା ଅମାଙ୍ଗସ୍ଥିତ ଶ୍ରୀଶ୍ରୀ ସିଦ୍ଧ ରାମଚଣ୍ଡୀ ପୀଠରେ ମକର ମେଳା ଅନୁଷ୍ଠିତ ହେଉଛି। କିମ୍ବଦନ୍ତୀ ରହିଛି ଯେ ଜଣେ ଗୋପାଳ ମଇଁଷି ସହ ନଦୀପାର ହେବା ସମୟରେ ସିଦ୍ଧ ରାମଚଣ୍ଡୀଙ୍କ ନିକଟରେ ମାନସିକ କରିଥିଲେ। ମାତ୍ର କୌଣସି କାରଣରୁ ମା'ଙ୍କ ନିକଟରେ ସେହି ଗୋପାଳ ଓ ମଇଁଷି ପାଷାଣ ପାଲଟି ଯାଇଥିଲେ, ଯାହା ଆଜିବି ମନ୍ଦିରର ଐତିହ୍ୟ ସହ ଜଡିତ ରହିଛି ବୋଲି ପୁରୁଖା ଲୋକମାନେ କୁହନ୍ତି । ୧୯୬୯ରେ ଗୋପାଳପୁରର ବ୍ରଜ ମାଝିଙ୍କୁ ମା' ସ୍ୱପ୍ନରେ ଦର୍ଶନ ଦେଇଥିଲେ। ଏହାପରେ ପୁରୁଣା ଅମାଙ୍ଗ ଗ୍ରାମର ୧୨ଜଣ ବିଶିଷ୍ଟ ବ୍ୟକ୍ତି ଶିବଚରଣ ଦାସ, ଭିକାରୀଚରଣ ଜେନା, ନନ୍ଦକିଶୋର ପ୍ରଧାନ, କୃଷ୍ଣଚନ୍ଦ୍ର ଓଝା, କ୍ଷେତ୍ରବାସୀ ପ୍ରଧାନ, ଦୁର୍ଯ୍ୟୋଧନ ମଲ, ବାବାଜୀ ରାଉତ ପ୍ରମୁଖ ବ୍ୟକ୍ତିଙ୍କ ଉଦ୍ୟମରେ ବଣବୁଦା ଓ ବିଲମାଳ ମଧ୍ୟରୁ ଜାରାଜୀର୍ଣ୍ଣ ମା'ଙ୍କ ମନ୍ଦିରକୁ ଉଦ୍ଧାର କରିଥିଲେ। ସେହି ଦିନଠାରୁ ପ୍ରତିବର୍ଷ ମକର ସଂକ୍ରାନ୍ତି ତିଥିରେ ମକର ମେଳା ଆୟୋଜିତ ହୋଇଆସୁଛି। ମା' ସିଦ୍ଧ ରାମଚଣ୍ଡୀ ପୂଜା ପ୍ରତିଷ୍ଠାନର ସଭାପତି ବିବେକାନନ୍ଦ ପତିଙ୍କ ସୂଚନା ଅନୁସାରେ ଚଳିତବର୍ଷର କାର୍ଯ୍ୟକ୍ରମ ୫ଦିନ ବ୍ୟାପୀ ମା'ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ପ୍ରତ୍ୟେକ ଦିନ ହୋମଯଜ୍ଞ ଅନୁଷ୍ଠିତ ହେଉଛି।



ଶ୍ରୀଶ୍ରୀ ସିଦ୍ଧ ରାମଚଣ୍ଡୀ ପୀଠରେ ହୋମଯଜ୍ଞ ଚାଲିଛି।

# ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞର ପୂର୍ଣ୍ଣାହୁତି

ଓଡ଼ାପଡ଼ା, ୧୫।୧ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ନାଧରା ସ୍ଥିତ ମା' ସିଦ୍ଧ ରାମଚଣ୍ଡୀ ପୀଠରେ ୧୧ ତାରିଖରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ ବୁଧବାର ପୂର୍ଣ୍ଣାହୁତି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ସଦସ୍ୟ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ମୋଟଙ୍ଗା ଥାନା ଆଇଆଇସି ଦୀପକ କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ସହ କଳସ ଯାତ୍ରା ସମାପନ ହୋଇଥିଲା। ଏହି ଅବସରରେ ଗୋ କନେକଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମକର ମେଳା ଆରମ୍ଭ ହୋଇଛି। ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିଧାୟିକା ସୀମାରାଣି ନାୟକ, ଏମ୍‌ପି ରୁଦ୍ରନାରାୟଣ ପାଣି, ଢେଙ୍କାନାଳ ପୌର ପରିଷଦ ଅଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ସମେତ ଶତାଧିକ ଭକ୍ତ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ଏହି ମେଳା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ମନ୍ଦିରର ଚିଣ୍ଡୁ ବାବା ରାସ୍ତାର ଉନ୍ନତୀକରଣ ସରକାରଙ୍କ ଦ୍ୱାରା କିଭଳି ହୋଇପାରିବ ସେ ନେଇ ପ୍ରସ୍ତାବ ରଖାଯାଇଥିଲା। ମଞ୍ଜୁଲତା ସାହୁ, ଦେବାଶିଷ ମହାନ୍ତି, ତପନ ମହାପାତ୍ର, ଜ୍ୟୋତି ଶଙ୍କର ନାୟକ, ରଞ୍ଜିତ ନାୟକ, ସୁଲେଖ ସାହୁ, ସମୀର ସାହୁ, ସଞ୍ଜୟ ନାଏକ, ପ୍ରଦ୍ୟୁତ ବିଶ୍ୱାଳଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ୍ ହୋଇଥିଲେ।



ମା' ରାମଚଣ୍ଡିଙ୍କୁ ଦର୍ଶନ କରୁଛନ୍ତି ଢେଙ୍କାନାଳ ପୌରପରିଷଦ ଅଧ୍ୟକ୍ଷା।

# ପିଇବା ପାଣି ପାଇବାରୁ ଡେଙ୍ଗବୋରେଇ ଗ୍ରାମବାସୀ ବଞ୍ଚିତ



ପିଇବା ପାଣିରୁ ବଞ୍ଚିତ ଡେଙ୍ଗବୋରେଇ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଢେଙ୍କାନାଳ, ୧୫।୧ (ରତନ ନାୟାର)

**ମହିଳାମାନେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଦ୍ୱାରସ୍ଥ ହେଲେ**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ା ଗ୍ରାମପଞ୍ଚାୟତର ଡେଙ୍ଗବୋରେଇ ଗ୍ରାମବାସୀ ଶୀତଦିନେ ମଧ୍ୟ ପିଇବା ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି । ପାଣି ପାଇଁ ଗ୍ରାମର ମହିଳାମାନେ ଏକାଠି ହୋଇ ଗୁରୁବାର ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗରୁ ଜଣାପଡିଛି ଯେ, ଗ୍ରାମରେ ଥିବା ପମ୍ପ ହାଉସରେ ଦୁଇଟି ବୋରୱେଲ ଥିଲେ ମଧ୍ୟ ଆବଶ୍ୟକ ମୁତାବକ ପାଣି ଟାଙ୍କିରେ ଭରି ହେଉନାହିଁ । ପମ୍ପ ଚାଲୁଛି, କିନ୍ତୁ ବୋରୱେଲ ଭିତର ପାଣି ଶୁଖିଯିବା ଫଳରେ ପମ୍ପ ମଧ୍ୟ ବନ୍ଦ ହୋଇଯାଉଛି। ତେଣୁ ତୁରନ୍ତ ଓପନ ବୋରୱେଲ ମାଧ୍ୟମରେ ପାଣି ଯୋଗାଇଦେବା ପାଇଁ ଗ୍ରାମର ମହିଳାମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମର ନାଏବ ସରପଞ୍ଚ ବ୍ରଜବନ୍ଧୁ ରାଉତ, ୱାର୍ଡମେମ୍ବର ଗୀତାଞ୍ଜଳି ପ୍ରଧାନ, ସମିତି ସଭ୍ୟା ଜୟଶ୍ରୀ ଦାସ, ଦିଲୀପ କୁମାର ଦାସଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ଲିଖିତ ଭାବେ ଜଣାଇଥିଲେ। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ସତ୍ୟଜିତ ସାହୁ କହିଛନ୍ତି, ଅଭିଯୋଗ ପାଇଛୁ। ଗ୍ରାମରେ ଥିବା ନଳକୂଅରେ ଦୁଇ ତିନିଦିନ ମଧ୍ୟରେ ଆଇରନ ରିମୁଭାଲ ପ୍ଲାଣ୍ଟ ଲଗାଇଦେବୁ, ଯାହାଫଳରେ ଆଉ ଲୁହାଗୁଣ୍ଡ ପାଣି ବାହାରିବ ନାହିଁ ।

# ଦେଓପଡ଼ା ସରସ୍ୱତୀ ଶିକ୍ଷାମନ୍ଦିରର ବାର୍ଷିକ କ୍ରୀଡ଼ା



ଦେଓପଡା ସରସ୍ୱତୀ ଶିକ୍ଷାମନ୍ଦିରର ବାର୍ଷିକ କ୍ରୀଡାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

ଢେଙ୍କାନାଳ, ୧୫।୧ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ୍ ଦେଓପଡ଼ା ଗ୍ରାମସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରର ୧୬ତମ ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡା. ଶାନ୍ତି ଭୂଷଣ ପଣ୍ଡା ଯୋଗଦେଇ ପିଲାମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ବିଭିନ୍ନ ପ୍ରକାର କ୍ରୀଡା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ଇଂ ସୌମ୍ୟବ୍ରତ ସାହୁ, ମନୋଜ ଦାସ ଓ ବିଜୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିକ୍ଷୟିତ୍ରୀ ବର୍ଷାରାଣୀ ମହାରଣା, ସୌମ୍ୟା ମହାନ୍ତି, ପ୍ରଭାତୀ କର, ମିଲି ଖୁଣ୍ଟିଆ ଓ ମଧୁସ୍ମିତା ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସଂସ୍କୃତ ଉନ୍ମୁଖୀ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଢେଙ୍କାନାଳ, ୧୫।୧ (ରତନ ନାୟାର)




ସଂସ୍କୃତ ଉନ୍ମୁଖୀ ଉଦ୍‌ଯାପନୀ କାର୍ଯ୍ୟକ୍ରମରେର ଯୋଗଦେଇଥିବା ଅତିଥିବୃନ୍ଦ।

ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ପରିସରରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସହଯୋଗରେ ସଂସ୍କୃତ ଅଧ୍ୟୟନ କେନ୍ଦ୍ର ଓ ଏନ୍‌ଏସି ବିଭାଗର ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ଦୁଇଦିନ ଧରି ସଂସ୍କୃତ ଉନ୍ମୁଖୀ କାର୍ଯ୍ୟକ୍ରମ-୨୦୨୬ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସଂସ୍କୃତ ବିଭାଗ ମୁଖ୍ୟ ଉଦ୍ଧବ ମଲ୍ଲିକଙ୍କ ଆବାହକତ୍ୱରେ ଓ ସଂସ୍କୃତ ସମ୍ଭାଷଣ ଶିକ୍ଷକ ଅରିନ୍ଦମ ପାତ୍ରଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷ ଡ. ଶକୁନ୍ତଳା ଜେନାଙ୍କ ପୌରୋହିତ୍ୟରେ, ପ୍ରଶାସନିକ ମୁଖ୍ୟ ଭୁବନେଶ୍ୱର ମୁଦୁଲିଙ୍କ ସହଯୋଗରେ, ସତ୍ୟନାରାୟଣ ଦ୍ୱିବେଦୀଙ୍କ ବଳିଷ୍ଠ ସଭା ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆଞ୍ଚଳିକ ନିର୍ଦ୍ଦେଶକ ଡ. ରଞ୍ଜିତ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଭାରତୀୟ ଜ୍ଞାନ ପରମ୍ପରାରେ ସଂସ୍କୃତ ଭାଷାର ମହତ୍ତ୍ୱ ଓ ନିଯୁକ୍ତି କ୍ଷେତ୍ରରେ ସଂସ୍କୃତ ଭାଷା ପ୍ରମୁଖ ଭୂମିକା ନିର୍ବାହ କରୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଡ. ନିର୍ମଳ ସୁନ୍ଦର ମିଶ୍ର ସଂସ୍କୃତ ଭାଷା ସମସ୍ତ ଜ୍ଞାନ ବିଜ୍ଞାନର ଭିତ୍ତିଭୂମି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବରେ ବିକାଶ ରଞ୍ଜନ ରଣା, ଆଇକ୍ୟୁଏସି ପ୍ରମୁଖ ଡ. ଶିଶିର କୁମାର ସେଠୀ, ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର, ଅଧ୍ୟାପକ ରମାକାନ୍ତ ସା ଏବଂ ଆଦର୍ଶ ବିଦ୍ୟାଳୟ ବଲାଙ୍ଗୀରରୁ ସଂସ୍କୃତ ଶିକ୍ଷକ ଡ.ମାନସ ରଞ୍ଜନ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତ ପ୍ରଦର୍ଶନୀ ହୋଇଥିଲା। ସଂସ୍କୃତ ନାଟକ, ସଂସ୍କୃତ ଗୀତ, ସଂସ୍କୃତ ରିଲ୍ସ ଏବଂ ସଂସ୍କୃତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଅର୍ଚ୍ଚନା ବେହେରା, ଅଧ୍ୟାପକ ନେତ୍ରାନନ୍ଦ ମହାରଣା ଓ ଦେବସ୍ମିତା ପାଲୋର ପରିଚାଳନା କରିଥିଲେ ।

# ବୀରବେନ୍ଦୁ ସ୍ମାରକୀ କ୍ରିକେଟ: ଝାଡ଼ଖଣ୍ଡ ବିଜୟୀ

ପରଜଙ୍ଗ, ୧୫।୧ (ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ମିନି ଷ୍ଟାଡିୟମଠାରେ ଉର୍ଜା ଟ୍ରଷ୍ଟ ଏବଂ ପରଜଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବୀରବେନ୍ଦୁ ସ୍ମାରକୀ ଦ୍ୱିତୀୟ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ୟୁନିୟନ ସ୍ପୋର୍ଟିଂ କ୍ରିକେଟ କ୍ଲବ ଝାଡ଼ଖଣ୍ଡ ସହ ଆଲଫା ସ୍ପୋର୍ଟିଂ କ୍ରିକେଟ କ୍ଲବ ବ୍ରହ୍ମପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ମଧୁସୂଦନ ସାହୁ ଏବଂ ମୁଖ୍ୟବକ୍ତା ଭାବେ ବିଦ୍ୟୁତ ବିଭାଗ ବାଣିଜ୍ୟ ବିଭାଗ ଯନ୍ତ୍ରୀ ଜିତେନ୍ଦ୍ର କୁମାର ମହାରଣା, ଯୁବ ସାମାଜିକ କର୍ମୀ ସରୋଜକାନ୍ତ ବେହେରା ଯୋଗଦାନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପିସିସିର ପୂର୍ବତନ ଖେଳାଳି ମନୋରଞ୍ଜନ ବିଶ୍ୱାଳ, ଉର୍ଜା ଟ୍ରଷ୍ଟର ଅଧ୍ୟକ୍ଷ ଦୀପକ ଗୋଛୟତ, ସଦସ୍ୟ ହରିଶଚନ୍ଦ୍ର ବେହେରା, ବଦ୍ରି ନାରାୟଣ ଦଳବେହେରା ଯୋଗଦାନ କରିଥିଲେ। ଦୁଇ ଦଳର ଖେଳାଳିମାନଙ୍କ ସହ କରମର୍ଦ୍ଦନ କରି ମୁଖ୍ୟ ଅତିଥି ବୋଲିଙ୍ଗ ଓ ବ୍ୟାଟିଂ କରି କ୍ରୀଡ଼ାର ଶୁଭାରମ୍ଭ କରିଥିଲେ । ଆଲଫା ସ୍ପୋର୍ଟିଂ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ସମସ୍ତ ଉଇକେଟ ହରାଇ ୨୦ ଓଭରରେ ୧୨୮ ରନ ସଂଗ୍ରହ କରିଥିଲା । ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଏବଂ ଜିଏମଆଇରନ ପ୍ଲାଣ୍ଟର ଭିପି ଇନଫ୍ରାଷ୍ଟ୍ରକଚର ମ୍ୟାନେଜର ସୁଶିଲ ଚୌଧୁରୀ ପହଞ୍ଚିଥିଲେ। ଅତିଥିମାନେ ଦୁଇ ଦଳର ଖେଳାଳିମାନଙ୍କ ସହ କରମର୍ଦ୍ଦନ କରିଥିଲେ। ଝାଡ଼ଖଣ୍ଡ ବ୍ୟାଟିଂ କରି ୩ ଉଇକେଟ ହରାଇ ୧୭.୫ ଓଭରରେ ୧୩୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। କ୍ରୀଡା ପରିଚାଳନା ଅଭିଷେକ ସାହୁ ଓ ଆଶୁତୋଷ ପାଣି କରିଥିବା ବେଳେ ଧାରା ବିବରଣୀ ପ୍ରେମାନନ୍ଦ ମହାନ୍ତ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ଓ ବେଷ୍ଟ ବ୍ୟାଟ୍ସମ୍ୟାନ ସ୍ପୋର୍ଟିଂ ୟୁନିୟନର ନିତୀନ କୁମାର ପାଇଥିବା ବେଳେ ବେଷ୍ଟ ବୋଲର ଭାବେ ସୁରବୀର ଚନ୍ଦ୍ରଙ୍କୁ ମିଳିଥିଲା ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୬/୨୦୨୬ | Bhubaneswar, Friday, January 16/ 2026




# ବିଜୟରୁ ଭାରତର ଅଭିଯାନ

**ବୁଲାୱାୟୋ,୧୫।୧**

୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ୧୬ତମ ସଂସ୍କରଣ ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ଭାରତ ୬ ଉଇକେଟରେ ଦୁର୍ବଳ ଆମେରିକାକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଡିଏଲ୍‌ଏସ୍ ମେଥଡରେ ଆମେରିକା ଦ୍ୱାରା ଧାର୍ଯ୍ୟ ୯୬ ରନର ଟାର୍ଗେଟକୁ ଭାରତ ୧୭.୨ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ମ୍ୟାଚ୍‌ରେ ୫ ଉଇକେଟ ସଫଳତା ପାଇଥିବା ହେନିଲ ପଟେଲଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଭାରତୀୟ ଦଳ ଆସନ୍ତା ୧୭ ତାରିଖରେ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଆମେରିକା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୫.୨ ଓଭରରେ ୧୦୭ ରନରେ ଅଲଆଉଟ୍ ହୋଇଯାଇଥିଲା।



ହେନିଲ ପଟେଲ

ଦଳ ପାଇଁ ନୀତୀଶ ସୁଦିନି ୩୬ (୪ ଚୌକା), ଆଦନିତ ଝାମ୍ବ ୧୮, ସାହିଲ ଗର୍ଗ ୧୬ ଓ ଅର୍ଜୁନ ମହେଶ (୧୬)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ଭାରତ ପାଇଁ ହେନିଲ ପଟେଲ ୫ ଉଇକେଟ ସଫଳତା ହାସଲ କରିଥିଲେ। ଅନ୍ୟମାନଙ୍କ

**୧୯ ବର୍ଷରୁ କମ୍ ବିଶ୍ୱକପ୍**

**ହେନିଲଙ୍କୁ ୫ ଉଇକେଟ**

ମଧ୍ୟରେ ଦୀପେଶ ଦେବେନ୍ଦ୍ରନ, ଆର୍‌ଏସ୍ ଅମ୍ବ୍ରିଶ, ଖିଲାନ ପଟେଲ ଓ ବୈଭବ ସୂର୍ଯ୍ୟବଂଶୀ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଭାରତ ଆରମ୍ଭରୁ ଷ୍ଟାର ଓପନର ସୂର୍ଯ୍ୟବଂଶୀ(୨)ଙ୍କ ଉଇକେଟ ହରାଇଥିଲା। ଦଳ ୪ ଓଭରରେ ୧ ଉଇକେଟ ହରାଇ ୨୧ ରନ କରିଥିବା ବେଳେ ବର୍ଷା ମ୍ୟାଚ୍‌ରେ ବାଧକ ସାଜିଥିଲା। ଏଥିଯୋଗୁ ଡିଏଲ୍‌ଏସ୍ ମେଥଡରେ ଭାରତ ଆଗରେ ୩୭ ଓଭରରେ ୯୬ ରନର ଟାର୍ଗେଟ ରଖାଯାଇଥିଲା। ଏହି ଟାର୍ଗେଟକୁ ଭାରତ ୧୭.୨ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଦଳ ପାଇଁ ଅଭିଜ୍ଞାନ କୁଣ୍ଡୁ ୪୨ (୫ ଚୌକା ଓ ୧ ଛକା) ଓ କନିଷ୍କ ଚୌହାନ ୧୦ ରନ କରି ଅପରାଜିତ ରହିଥିବା ବେଳେ ଅଧିନାୟକ ଆୟୁଷ ମାହତ୍ରେ ୧୯, ବିହାନ ମଲହୋତ୍ରା ୧୮, ବେଦାନ୍ତ ତ୍ରିବେଦୀ ୨ ରନ କରି ଆଉଟ୍ ହୋଇଥିଲେ। ଆମେରିକା ପକ୍ଷରୁ ରିତଭିକ ଆପିଡି ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆମେରିକା: ୩୫.୨ ଓଭରରେ ୧୦୭/ଅଲଆଉଟ୍ (ନୀତୀଶ ସୁଦିନି-୩୬, ହେନିଲ ପଟେଲ-୫/୧୬)। ଭାରତ: ୧୭.୨ ଓଭରରେ ୯୯/୪ (ଅଭିଜ୍ଞାନ କୁଣ୍ଡୁ-୪୨*), ଆୟୁଷ ମାହତ୍ରେ-୧୯, ରିତଭିକ ଆପିଡି-୨/୨୪।

# କିଟ୍‌ରେ ଚେସ୍ ସମ୍ମିଳନୀ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୫ ।୧(ଅନାଦି କର)**

ଦୁଇ ଦିନ ଧରି କିଟ୍‌ରେ ଚାଲିଥିବା ସାମାଜିକ ଏବଂ ଶିକ୍ଷାଗତ ଚେସ୍ (ସୋସିଆଲ ଆଣ୍ଡ୍ ଏଜୁକେସନାଲ ଚେସ୍) ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ (ଏଫଆଇଡିଇ)ର ଉପସଭାପତି ତଥା ଭାରତୀୟ ଗ୍ରାଣ୍ଡ ମାଷ୍ଟର ବିଶ୍ୱନାଥନ ଆନନ୍ଦ ବୁଧବାର ଉଦ୍‌ଘାଟନ କରିଥିଲେ। ଆଜି ଉଦ୍‌ଯାପନୀ ଉତ୍ସବରେ ଫିଡେ ସଭାପତି ଆର୍କାଡି ଭୋର୍କୋଭିଚ ପ୍ରକାଶ କରିଥିଲେ ଯେ, ଯୁବ ଖେଳାଳିଙ୍କୁ ଚେସ ପାଇଁ ଦିନକୁ ଅତି କମରେ ଚାରି ଘଣ୍ଟା ଦେବା ଦରକାର। ଯଦ୍ଦ୍ୱାରା ପିଲାମାନେ ଧୈର୍ଯ୍ୟଶୀଳ ହେବା ସହ ସେମାନଙ୍କ ମଧ୍ୟରେ ନିଷ୍ପତ୍ତି ନେବାର ଦକ୍ଷତା ଓ ଦାୟିତ୍ୱବୋଧ ସୃଷ୍ଟି ହୋଇଥାଏ। ସମାଜର ସମସ୍ତ ବର୍ଗରେ ଚେସକୁ ପହଞ୍ଚାଇବାର ଆବଶ୍ୟକତା ରହିଛି। ଯାହା ଫଳରେ ଏହାର ଲାଭ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିବ। ଏହି ଅବସରରେ ଫିଡେ ଉପ-ସଭାପତି ଓ ଲାଟଭିଆର ପୂର୍ବତନ ଅର୍ଥମନ୍ତ୍ରୀ ଡାନା ରେଜିନିସ, ଫିଡେର ଏଜୁକେସନାଲ ଚେସ କମିଶନ ମୁଖ୍ୟ ଜେରି ନାଶ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ପରେ ଭୋର୍କୋଭିଚଙ୍କ ସମେତ ଅନ୍ୟ ଅତିଥିମାନେ କିସ୍ କ୍ୟାମ୍ପସ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

## ୧୭ରୁ ଜାତୀୟ ଦୃଷ୍ଟି ବାଧିତ ମହିଳା ଟି୨୦

**ଭୁବନେଶ୍ୱର,୧୫।୧(ଅନାଦି କର):** କ୍ରିକେଟ ଆସୋସିଏଶନ ଫର ଦି ବ୍ଲାଇଣ୍ଡ ଇନ ଇଣ୍ଡିଆ (କାବି) ସହ କ୍ରିକେଟ ଆସୋସିଏଶନ ଫର ଦି ଭିଜୁଆଲ ଇମ୍ପାରେଡ ଇନ ଓଡ଼ିଶା (କାଭି) ପକ୍ଷରୁ ଆସନ୍ତା ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଜାତୀୟ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଏହି ପ୍ରତିଯୋଗିତାରେ ଭାଗ ନେଉଥିବା ୧୮ ଦଳକୁ ୫ ପୁଲରେ ବିଭକ୍ତ କରାଯାଇଛି। ଓଡ଼ିଶା ଗ୍ରୁପ୍-ସି'ରେ ଆନ୍ଧ୍ର ପ୍ରଦେଶ, ବିହାର, ଚଣ୍ଡିଗଡ଼ ସହ ସ୍ଥାନ ପାଇଛି।

# ଫାଇନାଲରେ ବିଦର୍ଭ

**ବିଜୟ ହଜାରେ ଟ୍ରଫି**

**ବେଙ୍ଗାଲୁରୁ,୧୫।୧**

ଅମନ ମୋଖାଡେଙ୍କ ଶତକ ବଳରେ ବିଦର୍ଭ ୬ ଉଇକେଟରେ କର୍ନାଟକକୁ ପରାସ୍ତ କରି ଚଳିତ ବିଜୟ ହଜାରେ ଟ୍ରଫି ଦିନିକିଆ ଘରୋଇ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କର୍ନାଟକ ୪୯.୪ ଓଭରରେ ୨୮୦ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ କରୁନ ନାୟର ୭୬ (୮ ଚୌକା, ୧ ଛକା) ଓ କ୍ରିଷ୍ଟାନ ଶ୍ରିଜିଥ ୫୪ (୭ ଚୌକା), ଶ୍ରେୟସ ଗୋପାଳ ୩୬ (୪ ଚୌକା) ରନ କରିଥିଲେ। ବିଦର୍ଭ ପାଇଁ ଦର୍ଶନ ନାଲକଣ୍ଡେ ୫ ଉଇକେଟ ହାସଲ କରିଥିଲେ। ଜବାବରେ ବିଦର୍ଭ ୪୬.୨ ଓଭରରେ ୪ ଉଇକେଟ ହରାଇ ୨୮୪ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପାଇଁ ଅମନ ମୋଖାଡେ ୧୩୮ (୧୨ ଚୌକା ଓ ୨ ଛକା) ରନ ଆଉଟ୍ ହୋଇଥିବା ବେଳେ ରବିକୁମାର ସମର୍ଥ ୭୬ (୭ ଚୌକା) ରନ କରି ଅପରାଜିତ ରହିଥିଲେ।

# ପରିବର୍ତ୍ତିତ ଆଇଏସ୍‌ଏଲ୍‌କୁ ଏଏଫ୍‌ସିର ସ୍ୱୀକୃତି

**ନୂଆଦିଲ୍ଲୀ,୧୫।୧**

ଆସନ୍ତା ଫେବୃଆରୀ ୧୪ ତାରିଖରୁ ଆରମ୍ଭ ହେବାକୁ ଥିବା ପରିବର୍ତ୍ତିତ ଇଣ୍ଡିଆନ ସୁପର ଲିଗ୍(ଆଇଏସ୍‌ଏଲ୍) ଓ ଆଇ-ଲିଗ୍‌କୁ ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ସ୍ୱୀକୃତି ପ୍ରଦାନ କରିଛି। ହେଲେ ଦେଶର ଟପ୍ ଦୁଇ ଲିଗ୍‌ର ଚାମ୍ପିୟନ ଦଳକୁ ଏସିଆନ ଚାମ୍ପିୟନ୍ସ ଲିଗ୍ (ଏସିଏଲ୍) ୨ରେ ସିଧାସଳଖ ସ୍ଥାନ ମିଳିବ ନାହିଁ। ହେଲେ ଉଭୟ ଦଳ ପରୋକ୍ଷ ଭାବେ ଜୋନାଲ କ୍ୱାଲିଫାୟର ଜରିଆରେ ଏସିଏଲ୍-୨ ଲାଗି ଯୋଗ୍ୟତା ହାସଲ କରିପାରିବେ। ଏ ନେଇ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ଗୁରୁବାର କୁହାଯାଇଛି।

ବିଳମ୍ବିତ ସିଜନ କାରଣରୁ କ୍ଲବଗୁଡ଼ିକ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍-୨ରେ ଖେଳିବା ଲାଗି ଯୋଗ୍ୟ ହେବା ପାଇଁ ଗୋଟିଏ ସିଜନରେ ବାଧ୍ୟତାମୂଳକ ୨୪ ମ୍ୟାଚ୍ ଖେଳିପାରିବେ ନାହିଁ। ପ୍ରାୟତଃ କ୍ଲବ ଏହି ସିଜନରେ ମୋଟ ଉପରେ ୧୬ ମ୍ୟାଚ୍ ଖେଳିବେ। ପ୍ରତ୍ୟେକ ଦଳ ଆଇଏସ୍‌ଏଲ୍‌ରେ ୧୩ ଓ ସୁପର କପ୍‌ରେ ଅତିକମ୍‌ରେ ୩ ମ୍ୟାଚ୍ ଖେଳିବେ।

ନିୟମ ଅନୁଯାୟୀ ଯଦି କୌଣସି ସଦସ୍ୟ ଆସୋସିଏଶନ ଯୋଗ୍ୟ ହେବା ପାଇଁ ଧାର୍ଯ୍ୟ ମାନଦଣ୍ଡ ପୂରଣ ନ କରିପାରନ୍ତି, ତେବେ ଏଏଫ୍‌ସି କ୍ଲବ ପ୍ରତିଯୋଗିତା ଲାଗି ଉକ୍ତ ସଦସ୍ୟ ଆସୋସିଏଶନକୁ ପରୋକ୍ଷରେ ସ୍ଲଟ୍ ଆବଣ୍ଟିତ କରାଯାଇପାରିବ। ଏଭଳି କ୍ଷେତ୍ରରେ ଉକ୍ତ ସଦସ୍ୟ ଲାଗି ରଖାଯାଇଥିବା ସିଧାସଳଖ ସ୍ଲଟ ପରୋକ୍ଷ ସ୍ଲଟରେ ପରିବର୍ତ୍ତିତ ହେବ ବୋଲି ଏଆଇଏଫ୍‌ଏଫ୍‌କୁ ଏଏଫ୍‌ସି ପକ୍ଷରୁ ପଠାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି।

୨୦୨୫-୨୬ ଆଇଏସ୍‌ଏଲ୍ ସିଜନ ଫେବୃଆରୀ ୧୪ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ସମସ୍ତ ୧୪ କ୍ଲବ ଏଥିରେ ଅଂଶଗ୍ରହଣ କରିବେ ବୋଲି ସ୍ପଷ୍ଟ କରିଛନ୍ତି। ଏହି ଛୋଟିଆ ସିଜନରେ ମୋଟ ୯୧ ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ଦଳ ପରସ୍ପର ସହ ଗୋଟିଏ ଲିଗ୍ ମ୍ୟାଚ୍ ଖେଳିବେ। ଏହି ହିସାବରେ ପ୍ରତ୍ୟେକ ଦଳ ଲିଗ୍‌ରେ ୧୩ଟି ଲେଖାଏ ମ୍ୟାଚ୍ ଖେଳିବେ। ପୂର୍ବରୁ ଏଏଫ୍‌ସିକୁ ସର୍ବନିମ୍ନ ୨୪ ମ୍ୟାଚ୍ ନିୟମରେ କୋହଳ କରିବା ଲାଗି ଆଇଏସ୍‌ଏଲ୍ କ୍ଲବଗୁଡ଼ିକ ଏଆଇଏଫ୍‌ଏଫ୍ ନିକଟରେ ଅନୁରୋଧ କରିଥିଲେ।

# ଆଜିଠାରୁ ରାଜ୍ୟ ଲନ୍‌ବଲ ପ୍ରତିଯୋଗିତା

**ଭୁବନେଶ୍ୱର,୧୫।୧(ଅନାଦି କର)**

ବଲାଙ୍ଗୀରର ରାଜେନ୍ଦ୍ର ନାରାୟଣ ସିଂ ଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ନବ ନିର୍ମିତ ଲନ୍‌ବଲ କୋର୍ଟରେ ଶୁକ୍ରବାରଠାରୁ ତୃତୀୟ ରାଜ୍ୟ ଲନବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଅବସରରେ ଅନ୍ତର୍ଜାତୀୟ ସ୍ତରର କୋର୍ଟ ମଧ୍ୟ ଲୋକାର୍ପିତ ହେବ। ୧୭ ଜିଲାରୁ ପ୍ରାୟ ୩୦୦ ଖେଳାଳି ଏଥିରେ ଭାଗ ନେବେ। ଏହି ପ୍ରତିଯୋଗିତା ଲାଗି ଭୁବନେଶ୍ୱରରୁ ଉଭୟ ଖୋର୍ଦ୍ଧା ଓ ଭୁବନେଶ୍ୱର ଦଳ ଯାତ୍ରା କରିଛନ୍ତି। ଖୋର୍ଦ୍ଧା ଜିଲା ଦଳ: ପୁରୁଷ- ପ୍ରଶାନ୍ତ ମଲ୍ଲିକ, ରାକେଶ କୁମାର ମହାନ୍ତି, ଆଶୀର୍ବାଦ ପାତ୍ର, ଡି ସୋହମ, ଓମ୍ ପ୍ରକାଶ ମହାନ୍ତି, ସତ୍ୟନାରାୟଣ ସାମଲ। ମହିଳା: ରଶ୍ମିତା ଭୋଇ, ଆକାଂକ୍ଷା ପ୍ରିୟଦର୍ଶିନୀ, ନିହାରିକା ପାତ୍ର, ଅଳକା କୁମାର, ଏମ୍ ଅମୃତା, ଅଙ୍କିତା ରଥ, ପିଙ୍କି ଦାସ, ରାଣୀ ବେହେରା। ଭୁବନେଶ୍ୱର ଦଳ: ପୁରୁଷ- ରାଜକିଶୋର ସାମଲ, ଅରୋଦୀପ ଖଟୁଆ, ଦୀପକ କୁମାର ଦାସ, ଅଙ୍କିତା ମହାନ୍ତି, ସର୍ବେଶ୍ୱର ଦଳବେହେରା, ବିଶ୍ୱବେଦାନ୍ତ ନାୟକ। ମହିଳା: ସ୍ୱାତିଶ୍ରୀୟା ଜେନା, ଭାରତୀ ପ୍ରଧାନ, ସିମ୍ରନ ନାୟକ, ଲକ୍ଷ୍ମୀରାଣୀ ହେମ୍ବ୍ରମ, ଦେବୀଦୁର୍ଗା ବିଶ୍ୱାଳ, ମିତାଲି ଦାସ, ସାମସନ ବେଗମ, ସୌମ୍ୟାଶ୍ରୀ ଦଳେଇ।

# ସମ୍ବଲପୁର 'ଏ', ଢେଙ୍କାନାଳ, ରାଉରକେଲା ବିଜୟୀ



ଜେମ୍ସ ଲିମା



ଅଗ୍ନିରିଶ ସାହୁ


ଅଂଶୁମାନ ପଟ୍ଟନାୟକ


କାର୍ତ୍ତିକ ପାଣ୍ଡେ

**ଓସିଏ ଆନ୍ତଃ ଜିଲା ସ୍କୁଲ କ୍ରିକେଟ**

**ଭୁବନେଶ୍ୱର, ୧୫।୧ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ସମ୍ବଲପୁର 'ଏ', ଖୋର୍ଦ୍ଧା, ଢେଙ୍କାନାଳ, କଟକ'ଏ', ରାଉରକେଲା, ପୁରୀ ଦଳ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। କୁରାଙ୍ଗ ଶାସନ ଗ୍ରାଉଣ୍ଡରେ ଝାରସୁଗୁଡ଼ା ବିପକ୍ଷରେ ସମ୍ବଲପୁର 'ଏ' ୨୬ ରନରେ ବିଜୟ ଲାଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର'ଏ' ଯୁବରାଜ ସିଂଙ୍କ ୫୧ ରନ ସହାୟତାରେ ୩୭.୪ ଓଭରରେ ୧୩୪ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଝାରସୁଗୁଡ଼ା ଶ୍ରୀୟାଂଶ ପାଢ଼ିଙ୍କ ୭୯ରନ ସହାୟତାରେ ୩୮ଓଭରରେ ୧୦୮ରନ କରି ଅଲଆଉଟ ହୋଇଯାଇଥିଲା। ମ୍ୟାଚରେ ଚମତ୍କାର ବୋଲିଂ କରିଥିବା ବିଜୟୀ ଦଳର କାର୍ତ୍ତିକ ପାଣ୍ଡେ (୧୦-୦-୨୩-୫) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖୋର୍ଦ୍ଧାସ୍ଥିତ ବିଜେବି ସ୍କୁଲ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଖୋର୍ଦ୍ଧା ୫ଉଇକେଟରେ ବରଗଡ଼କୁ ହରାଇ ଦେଇଛି। ମ୍ୟାଚରେ ବରଗଡ଼ ୪୦.୨ ଓଭରରେ ୮୮ରନ କରିଥିବା ବେଳେ ଖୋର୍ଦ୍ଧା୨୧.୩ଓଭରରେ ୫ଉଇକେଟରେ ୮୯ ରନ କରି ମ୍ୟାଚ ଜିତିନେଇଥିଲା। ଖୋର୍ଦ୍ଧା ବୋଲର ସ୍ୱୟମ ମହାନ୍ତି (୧୦-୪-୧୫-୪) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅଡ଼ଶପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଢେଙ୍କାନାଳ ୪ଉଇକେଟରେ ଗଜପତିକୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଗଜପତି ଜେମ୍ସ ଲିମାଙ୍କ ଅପରାଜିତ ୯୮ରନ (୧୩୧ବଲ୍) ସହାୟତାରେ ୪୫ ଓଭରରେ ୧୭୫/୭ ସ୍କୋର କରିଥିଲା। ଜବାବରେ ଢେଙ୍କାନାଳ ଯଶରାଜ ପଟ୍ଟନାୟକଙ୍କ ୬୯ ରନ ସହାତାରେ ୪୨.୫ ଓଭରରେ ୬ ଉଇକେଟ ବିନିମୟରେ ୧୭୬ ରନ କରି ମ୍ୟାଚ ଜିତିନେଇଥିଲା। ବିଜୟୀ ଦଳର ବୋଲର କୁଶାନ୍ତ ବେହେରା (୯-୫-୧୪-୨) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅଡ଼ଶପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ମାଲକାନଗିରି ବିପକ୍ଷରେ କଟକ 'ଏ' ୧୯୭ ରନରେ ବିପୁଳ ବିଜୟ ହାସଲ କରିଛି। କଟକ 'ଏ' ପ୍ରଥମେ ବ୍ୟାଟିଂ କରି ୪୬.୫ ଓଭରରେ ୨୭୦ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ମାଲକାନଗିରି ୨୬.୪ ଓଭରରେ ମାତ୍ର ୭୩ ରନ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ଅଂଶୁମାନ ପଟ୍ଟନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୧୮ ବଲ୍‌ରୁ ୩୭ ରନ କରିଥିବା ବେଳେ ୩୨ ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ସୋଆ ଗ୍ରାଉଣ୍ଡରେ ରାଉରକେଲା ୫୩ ରନରେ ଦେଓଗଡ଼କୁ ପରାସ୍ତ କରିଛି। ରାଉରକେଲା ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୩୧ ଓଭରରେ ୧୪୮ରନ କରି ଅଲଆଉଟ ହୋଇଯାଇଥିଲା। ଦେଓଗଡ଼ ୪୫.୪ ଓଭରରେ ମାତ୍ର ୯୫ ରନ କରି ଅଲଆଉଟ ହୋଇଯାଇଥିଲା। ରାଉରକେଲାର ଶୁଭ୍ରାଂଶୁ ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୫୩ ବଲ୍‌ରେ ୪୨ ରନ କରିବା ସହ ୧୪ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ଗଡିରାଉତ ପାଟଣା ଗ୍ରାଉଣ୍ଡରେ କିଟ୍ ବିପକ୍ଷରେ ପୁରୀ ୧୭୮ରନରେ ବୃହତ୍ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୩୨.୫ ଓଭରରେ ୨୧୭ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ କିଟ୍ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋ୧୪.୨ ଓଭରରେ ମାତ୍ର ୩୯ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ପୁରୀ ବୋଲର ଅଗ୍ନିରିଶ ସାହୁ (୭-୨-୧୦-୫) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ